# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୭/୨୦୨୩ (୨୦ ପୃଷ୍ଠା) | Bhubaneswar, Monday, August 7/2023 | Page 20 | ₹ 7.00

୪୯ଶ ଭାଗ ୨୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 253 | ମୂଲ୍ୟ ₹୭/-



A subsidiary of Adani Total Private Limited

adani | TotalEnergies

Dhamra LNG

# NAVIGATING TOWARDS A GREENER FUTURE

Natural Gas plays a key role in meeting India's targets to reduce carbon intensity.

We are proud to start operations at our world-class Liquefied Natural Gas (LNG) Import Terminal at Dhamra Port, Odisha.

- 1st LNG terminal in East India
- Peak capacity of 6.5 million tons per annum, adding over 15% to India's LNG import capacity
- Access to pan-India market via the national gas grid
- Potential primary source of natural gas for over 35% of the Indian population

This terminal, a result of a strategic alliance between Adani and TotalEnergies of France, will accelerate a clean-energy-led industrial revolution in the East.




dltpl.adani-total.in

*Image used for representation purposes only.

**ସଂକ୍ଷେପରେ**

## ବୋଟ୍ ଦୁର୍ଘଟଣା: ୮ ମୃତ

**ଢାକା,୬।୮(ପି.ଟି.):** ବାଂଲାଦେଶରେ ପଦ୍ମା ନଦୀର ଏକ ଶାଖାରେ ୪୬ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବୋଟ୍ ବାଲି ବୋଝେଇ ବୋଟ୍‌ରେ ଧକ୍କା ଲାଗିବାରୁ ୩ ପିଲାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ମୁନସୀଗଞ୍ଜ ଜିଲାରେ ଶନିବାର ରାତିରେ ଏହି ଦୁର୍ଘଟଣା ଘଟିଛି। ଏପର୍ଯ୍ୟନ୍ତ ୮ ମୃତଦେହ ନଦୀରୁ ବାହାର କରାଯାଇଥିବା ଅଗ୍ନିଶମ ଅଧିକାରୀ କାଇସ୍ ଅହମଦ କହିଛନ୍ତି। ମୁନ୍‌ସିଗଞ୍ଜ ଏସ୍‌ପିଙ୍କ କହିବା ଅନୁଯାୟୀ ଯାତ୍ରୀମାନେ ବୋଟ୍‌ରେ ବଣଭୋଜି କରିବାକୁ ଯାଇଥିଲେ। ସେମାନେ ଘରକୁ ଫେରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅଧିକାଂଶ ପହଁରି କୂଳକୁ ପଳାଇଆସିଥିଲେ। ବୋଟ୍‌ଗୁଡ଼ିକରେ ଅତ୍ୟଧିକ ଯାତ୍ରୀ ଏବଂ ନିକୃଷ୍ଟ ସୁରକ୍ଷା ମାନ ଯୋଗୁ ବାଂଲାଦେଶରେ ପ୍ରତିବର୍ଷ ଦୁର୍ଘଟଣାରେ ବହୁ ଲୋକଙ୍କ ପ୍ରାଣ ଯାଉଛି।

## ଇମ୍ରାନ୍‌ଙ୍କ ନୂଆ ଠିକଣା ଆଡିଆଲା ଜେଲ

**ଇସ୍‌ଲାମାବାଦ,୬।୮(ପି.ଟି.):** ତାଷାଖାନା ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ରାଓ୍ୱଲପିଣ୍ଡିର ଆଡିଆଲା ଜେଲରେ ରଖିବା ପାଇଁ ଇସ୍‌ଲାମାବାଦର ଏକ ଅଦାଲତ ରବିବାର ନିର୍ଦ୍ଦେଶ ଦେଇଛନ୍ତି।



ଶନିବାର ଇମ୍ରାନ୍‌ଙ୍କୁ ଗିରଫ କରାଯିବା ପରେ କଡ଼ା ସୁରକ୍ଷା ମଧ୍ୟରେ ଥିବା ଆଟୋକ୍ ଜେଲରେ ରଖାଯାଇଥିଲା। କୋର୍ଟ ଇମ୍ରାନ୍‌ଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ପରେ ତାଙ୍କୁ ଲାହୋର ବାସଭବନରୁ ଗିରଫ କରାଯାଇଥିଲା। ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ହୁମାୟୁନ୍ ଦିଲୱାର ଶନିବାର ତେହରିକ-ଇ-ଇନ୍‌ସାଫ ଅଧ୍ୟକ୍ଷଙ୍କୁ ଗିରଫ କରିବା ଲାଗି ଇସ୍‌ଲାମାବାଦ ପୋଲିସ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ପଞ୍ଜାବ ପୋଲିସ ତାଙ୍କୁ ଗିରଫ କରିଥିଲା। ଆଟୋକ ଜେଲରେ ଥିବା ଇମ୍ରାନଙ୍କୁ ଗ୍ରହଣ କରିବା ପାଇଁ ଅଦାଲତ ଆଡିଆଲା ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ୱାମୀ ଲାଞ୍ଚ ନେଇ ଧରାପଡ଼ିବାରୁ ବିଦାହେଲେ ମେୟର

**ଜୟପୁର,୬।୮:** ସ୍ୱାମୀ ଲାଞ୍ଚ ନେଉଥିବାବେଳେ ଧରାପଡ଼ିବାରୁ ତାଙ୍କ ସ୍ତ୍ରୀ ମୁନେଶ ଗୁର୍ଜାରଙ୍କୁ ରାଜସ୍ଥାନ ସରକାର ଜୟପୁର ହେରିଟେଜ୍ ମ୍ୟୁନିସିପାଲ କର୍ପୋରେଶନ୍‌ର ମେୟର ପଦରୁ ବିଦା କରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ଜମି ଲିଜ୍ କରାଇଦେବା ପାଇଁ ମେୟରଙ୍କ ସ୍ୱାମୀ ସୁଶୀଲ ଗୁର୍ଜାର ଶନିବାର ୨ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଦୁର୍ନୀତି ନିବାରଣ ବିଭାଗ ତାଙ୍କୁ ଧରିଥିଲା। ତାଙ୍କୁ ୨୩ ନମ୍ବର ଓ୍ୱାର୍ଡର ସଭ୍ୟ ପଦରୁ ମଧ୍ୟ ନିଲମ୍ବନ କରାଯାଇଛି। ସୁଶୀଲ ଘରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ମେୟର ଘର ଭିତରେ ଥିଲେ। ତାଙ୍କ ଘରେ ଚଢ଼ାଉ କରାଯାଇ ୪୦ ଲକ୍ଷ ଟଙ୍କା ଜବତ ହୋଇଛି। ତେଣୁ ଲାଞ୍ଚ କାରବାରରେ ମେୟର ସମ୍ପୃକ୍ତ ଥିବା ଏବଂ ସେ ତଦନ୍ତକୁ ପ୍ରଭାବିତ କରିବା ଆଶଙ୍କା ଥିବାରୁ ତାଙ୍କୁ ବହିଷ୍କାର କରାଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି। ଦୁର୍ନୀତି ନିବାରଣ ବିଭାଗ ସୁଶୀଲଙ୍କ ସମେତ ଅନ୍ୟ ୨ ଜଣଙ୍କୁ ଗିରଫ କରି ଜେରା କରୁଛି।


ମୁନେଶ ଗୁର୍ଜାର

# ଉଚ୍ଛୁଳୁଛି ସୀମାପାରର ପ୍ରେମ

## ସରହଦରେ କଟକଣା ସତ୍ତ୍ୱେ ସମ୍ପର୍କରେ ଡେଣା ଯୋଡୁଛି ଟେକ୍ନୋଲୋଜି





### ପାକିସ୍ତାନୀ ଝିଅ ଅମୀନାଙ୍କୁ ମିଳିଲାନି ଭାରତୀୟ ଭିଜା। ଭିଡିଓ କଲିଂରେ ଯୋଧପୁରର ଅରବାଜଙ୍କୁ ବାହାହେଲେ।

**ପୂର୍ବରୁ କେବଳ ସିନେମାରେ ଦେଖିବାକୁ ମିଳୁଥିଲା। କିନ୍ତୁ ପ୍ରଯୁକ୍ତିର ପ୍ରଗତି ଏବେ ଦରିଆପାରି ପ୍ରେମରେ ଡେଣା ଯୋଡ଼ିଦେଲା। ପାକିସ୍ତାନର ସୀମା ହାଇଦର ହୁଅନ୍ତୁ କି ଭାରତର ଅଞ୍ଜୁ ଥୋମାସ୍ ସୀମାପାର ସମ୍ପର୍କ ଗଢ଼ି ଚର୍ଚ୍ଚା ସାଉଣ୍ଟୁଛନ୍ତି। କେବଳ ଅଞ୍ଜୁ ନୁହନ୍ତି, ଚିଲିର ନିକୋଲି ଅନାରା ଗୁଲସାଲୋସ୍, ମେକ୍ସିକୋର ରୋସା ଓ ଚାଇନାର ଗାଓ ଫେଙ୍ଗ୍ ନାମ୍ନୀ ଯୁବତୀମାନେ ମଧ୍ୟ ପ୍ରେମ ପାଇଁ ନିଜ ଦେଶ ଛାଡ଼ି ଗତ ଜୁନ୍-ଜୁଲାଇରେ ପାକିସ୍ତାନରେ ପହଞ୍ଚିଛନ୍ତି। ଏହିସବୁ ପ୍ରେମ ସମ୍ପର୍କର ଜରିଆ ପାଲଟିଛି ସାମାଜିକ ଗଣମାଧ୍ୟମ। ତମାମ ପ୍ରତିକୂଳ ପରିସ୍ଥିତି ଓ ଆହ୍ୱାନ ସତ୍ତ୍ୱେ ଏହି ଯୋଡ଼ିମାନଙ୍କ ଅଭୂତପୂର୍ବ ଅନ୍‌ଲାଇନ୍ ସମ୍ବନ୍ଧ ସେମାନଙ୍କ ଧୈର୍ଯ୍ୟ, ସାହସ ଓ ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଦେଇଛି।**

ନୂଆଦିଲ୍ଲୀ/ମୁମ୍ବାଇ/ ଇସ୍‌ଲାମାବାଦ,୬।୮
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ପାକିସ୍ତାନର ସୀମା ହାଇଦର ନୋଏଡାର ପବ୍‌ଜି ବନ୍ଧୁ ସଚିନ ମୀନାଙ୍କୁ ବିବାହ କରିବା ପାଇଁ ନିଜ ୪ ପିଲାଙ୍କ ସହ ଭାରତରେ ପ୍ରବେଶ କରିବା ପରଠୁ ସୀମାପାର ପ୍ରେମକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଏଭଳି ଲଗାମବିହୀନ ପ୍ରେମର ନୂଆ କାହାଣୀ ପ୍ରତ୍ୟହ ଶୁଣିବାକୁ ମିଳୁଛି। ବିଶେଷକରି ସାମାଜିକ ଗଣମାଧ୍ୟମ ଏପରି ସମ୍ପର୍କର ଜରିଆ ପାଲଟିଛି, ଯାହାର ସଦ୍ୟ ଦୃଷ୍ଟାନ୍ତ ସାଜିଛି ଆଉ ଜଣେ ପାକିସ୍ତାନୀ ମହିଳା ଓ ଭାରତୀୟଙ୍କ ଅନ୍‌ଲାଇନ୍ ବିବାହ। କରାଚୀର ଅମୀନା ଭିଜା ନ ପାଇବାରୁ ରାଜସ୍ଥାନର ଯୋଧପୁର ବାସିନ୍ଦା ଅରବାଜ ଖାନ୍‌ଙ୍କୁ ଅନ୍‌ଲାଇନ ବିବାହ କରିଛନ୍ତି।

ଅମୀନା ଭିଜା ପାଇଁ ଆବେଦନ କରିବେ। ମୁଁ ପାକିସ୍ତାନରେ ବିବାହ କରିନାହିଁ। କାରଣ ଏହାକୁ ସ୍ୱୀକୃତି ମିଳିବ ନାହିଁ। ତେଣୁ ସେ ଭାରତରେ ପହଞ୍ଚିବା ପରେ ଆମେ ପୁନର୍ବିବାହ କରିବୁ ବୋଲି ବୁଧବାର ଯୋଧପୁରର ଓ୍ୱାଲ ସମାଜ ଭବନରେ ନିଜ ସମ୍ପର୍କୀୟଙ୍କ ଗହଣରେ ଅନ୍‌ଲାଇନ ମ୍ୟାରେଜ ପରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅରବାଜ କହିଛନ୍ତି। ଓ୍ୱାଲ ଭବନରେ ଭର୍ଚୁଆଲି କେବଳ 'ନିକାହ' ହୋଇନାହିଁ, ବରଂ ଅରବାଜଙ୍କ ପରିବାର ଉତ୍ସବ ମନାଇ ତାଙ୍କୁ ବିବାହର ସବୁ ରୀତିନୀତି ଅନୁସରଣ କରାଇଛନ୍ତି। ଅରବାଜ ବରଯାତ୍ରୀଙ୍କ ସହ ଓ୍ୱାଲ ଭବନରେ ପହଞ୍ଚିଥିବାବେଳେ ଅମୀନା ପାକିସ୍ତାନରୁ ଭିଡିଓ ଲିଙ୍କ୍‌ରେ ଉପସ୍ଥିତ ଥିଲେ। ଯୋଧପୁର କାଜି ଏହି ଯୋଡ଼ିଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରାଇବା ପରେ ପ୍ରମାଣପତ୍ର ପ୍ରଦାନ ପୂର୍ବକ ଏକ ସୁଖୀ ଦାମ୍ପତ୍ୟ ଜୀବନ କାମନା କରିଛନ୍ତି। ଅରବାଜ ଏନେଇ ଆହୁରି କହିଛନ୍ତି, ଏହା ଏକ ଆରେଞ୍ଜ ମ୍ୟାରେଜ। ପାକିସ୍ତାନରେ ଥିବା ସମ୍ପର୍କୀୟମାନେ ଏଥିପାଇଁ ପ୍ରଥମେ କଥା ପକାଇଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ସମ୍ପର୍କ ଭଲ ନ ଥିବାରୁ ଆଜିକାଲି ଭିଜା କଟକଣା ବଢ଼ିବାରେ ଲାଗିଛି। ତେଣୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଭିଜା ବିବାହ ଚାଲିଛି। ଅମୀନା ଭିଜା ପାଇ ଖୁବ୍‌ଶୀଘ୍ର ଭାରତ ଆସିବେ ବୋଲି ଆଶାବାଦୀ। ଅମୀନା-ଅରବାଜଙ୍କ ନିରାଡମ୍ବର ବିବାହ ତମାମ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏକାଠି ହେବା ପାଇଁ ଉଭୟଙ୍କଠାରେ ଥିବା ଦୃଢ଼ତାକୁ ଦର୍ଶାଉଛି। ଏହା ପୂର୍ବରୁ ମଧ୍ୟ ଅରବାଜଙ୍କ ପରିବାରର ଜଣେ ସଦସ୍ୟ ଅନ୍ୟ ଜଣେ ପାକିସ୍ତାନୀ ଝିଅଙ୍କୁ ବିବାହ କରିଥିଲେ। ଏହି ପୂର୍ବ ସମ୍ପର୍କ ଦୁହିଁଙ୍କୁ ସାତ ଜନମର ସାଥୀ ହେବାରେ ସହାୟକ ହୋଇଥିଲା।



### ସଚିନଙ୍କ ସ୍ତ୍ରୀ ସୀମା ହାଇଦରଙ୍କୁ ଭାରତରେ ମିଳିଲାଣି ଚାକିରି ଓ ଫିଲ୍ମରେ ଅଭିନୟ ଅଫର୍।

କିଛିଦିନ ହେଲା ପାକିସ୍ତାନୀ ଝିଅ ସୀମା ହାଇଦର ଓ ନୋଏଡା ପୁଅ ସଚିନ ମୀନାଙ୍କ ପ୍ରେମ କାହାଣୀ ଇଣ୍ଟରନେଟ୍‌ରେ ସେନ୍‌ସେଶନ୍ ପାଲଟିଛି। ସିନ୍ଧ ପ୍ରଦେଶର ସୀମା ପୂର୍ବରୁ ଗୁଲାମ ହାଇଦରଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କର ୪ ସନ୍ତାନସନ୍ତତି ଅଛନ୍ତି। ୨୦୧୯ରେ ଅନ୍‌ଲାଇନ ମୋବାଇଲ ଗେମ୍ ପବ୍‌ଜି ଜରିଆରେ ସଚିନଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ସମ୍ପର୍କରେ ନିବିଡ଼ତା ବଢ଼ିବା ପରେ ଦୁହେଁ ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ମେ'ରେ ସୀମା ଦୁବାଇ ଓ ନେପାଳ ଦେଇ ବେଆଇନ ଭାବେ ଭାରତରେ ଅନୁପ୍ରବେଶ କରିଥିଲେ। ସେ ଏବେ ସଚିନଙ୍କ ସହ ରହୁଛନ୍ତି। କିଏ ତାଙ୍କୁ ପାକିସ୍ତାନୀ ଗୋଇନ୍ଦା ଏଜେଣ୍ଟ କହୁଛନ୍ତି ତ ପୁଣି କିଏ ଗୁପ୍ତଚର ଆଖ୍ୟା ଦେଉଛନ୍ତି। ଭାରତରେ ସୀମାଙ୍କୁ ନେଇ ନାନା ଚର୍ଚ୍ଚା ଲାଗିରହିଥିବାବେଳେ ତାଙ୍କୁ ଉଚ୍ଚ ବେତନର ଚାକିରି ଓ ଫିଲ୍ମରେ ଅଭିନୟ ପାଇଁ ମଧ୍ୟ ଅଫର ମିଳିସାରିଲାଣି। ଏହି ଲଭ୍ ଷ୍ଟୋରି କେବଳ ଭାରତ କି ପାକିସ୍ତାନ ନୁହେଁ, ବରଂ ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ହଟଚମଟ ସୃଷ୍ଟି କରିଛି।

ସୀମା ଓ ସଚିନଙ୍କ କାହାଣୀ ସାମ୍ନାକୁ ଆସିବାର କିଛିଦିନ ପରେ ଆଉ ଏକ ରିଭର୍ସ ଷ୍ଟୋରି ଦେଖିବାକୁ ମିଳିଛି। ମଧ୍ୟପ୍ରଦେଶର ଗ୍ୱାଲିଅର ନିକଟସ୍ଥ ବଉନା ଗ୍ରାମ ବାସିନ୍ଦା ଗୟା ପ୍ରସାଦ ଥୋମାସଙ୍କ ଝିଅ ଅଞ୍ଜୁ କିଛିବର୍ଷ ପୂର୍ବେ ରାଜସ୍ଥାନର ଅଲଓ୍ୱର ବାସିନ୍ଦା ଅରବିନ୍ଦ କୁମାରଙ୍କୁ ବିବାହ କରିଥିଲେ। ଅଲଓ୍ୱରର ଭିଓ୍ୱାଡିରେ ସେ ଡେଟା ଏଣ୍ଟ୍ରି ଅପରେଟର ଭାବେ କାମ କରୁଥିଲେ। ପାକିସ୍ତାନର ଜଣେ ଯୁବକଙ୍କ ସହ ଫେସ୍‌ବୁକ୍‌ରେ ତାଙ୍କ ୨-୩ ବର୍ଷର ବନ୍ଧୁତା ପରବର୍ତ୍ତୀ ସମୟରେ ପ୍ରେମରେ ପରବର୍ତ୍ତିତ ହୋଇଥିଲା। ଗତ ଜୁଲାଇ ୨୧ରେ ୩୫ ବର୍ଷୀୟା ଅଞ୍ଜୁ ନିଜର ଜଣେ ସାଙ୍ଗଙ୍କୁ ଭେଟିବା ପାଇଁ ଜୟପୁର ଯିବା ବାହାନାରେ ପାକିସ୍ତାନରେ ପହଞ୍ଚିଥିଲେ। ସେଠାରେ ସେ ଇସ୍‌ଲାମ୍ ଗ୍ରହଣ କରିଥିବା କୁହାଯାଉଛି। ଖାଇବର-ପାଖ୍‌ତୁନ୍‌ଖ୍ୱା ପ୍ରଦେଶର ୨୯ ବର୍ଷୀୟ ସ୍କୁଲ ଶିକ୍ଷକ ନସରୁଲ୍ଲାଙ୍କୁ ସେ ବିବାହ କରି ଫାତିମା ପାଲଟିଛନ୍ତି। ସୀମା ହାଇଦର ବିନା ଦସ୍ତାବିଜରେ ଭାରତରେ ଅନୁପ୍ରବେଶ କରିଥିବାବେଳେ ଅଞ୍ଜୁ ବୈଧ ଭିଜା ପାଇବା ପରେ ସେଠାକୁ ଯାଇଛନ୍ତି। ତାଙ୍କୁ ସେଠାରେ ଭିଜା ଅବଧି ବୃଦ୍ଧି ଓ ପାକିସ୍ତାନୀ ନାଗରିକତ୍ୱ ମିଳିପାରେ। ଏପଟେ ଅଞ୍ଜୁ-ଅରବିନ୍ଦଙ୍କ ୧୩ ବର୍ଷୀୟା ଝିଅ ଓ ୫ ବର୍ଷୀୟ ପୁଅ ମା'ଙ୍କୁ ଝୁରି କାନ୍ଦୁଥିବାବେଳେ ବାପା ଗୟାପ୍ରସାଦଙ୍କୁ ପରିବାର ଚଳାଇବା ପାଇଁ ନିଜ ଗାଁରେ ଆଉ କାମ ମିଳୁନାହିଁ। ଲୋକେ ତାଙ୍କ ପରିବାରକୁ ଏକପ୍ରକାର ବାସନ୍ଦ କରିଦେଇଛନ୍ତି। ତେବେ ଏଭଳି କାହାଣୀ ଭାରତ-ପାକିସ୍ତାନରେ ସୀମିତ ହୋଇ ରହିନାହିଁ, ପଡ଼ୋଶୀ ଶ୍ରୀଲଙ୍କାରୁ ମଧ୍ୟ ଜଣେ ୨୫ ବର୍ଷୀୟା ଯୁବତୀ ସମାନ କାରଣକୁ ନେଇ ଦେଶ ଛାଡ଼ିଛନ୍ତି। ଭାରତରେ ରହିବା ସକାଶେ ନାଗରିକତ୍ୱ ପାଇବା ପାଇଁ ସେ ଆବେଦନ କରିଛନ୍ତି। ୨୦୧୭ରେ ଶ୍ରୀଲଙ୍କାର ଶିବକୁମାରୀ ଭିଗ୍ନେଶ୍ୱରୀ ଓ ଆନ୍ଧ୍ର ପ୍ରଦେଶ ଚିତ୍ତୋର ଜିଲାସ୍ଥିତ ଆରିମାକୁଲାପଲ୍ଲୀର ରାଜମିସ୍ତ୍ରି ଲକ୍ଷ୍ମଣଙ୍କ ମଧ୍ୟରେ ଫେସ୍‌ବୁକରେ ବନ୍ଧୁତା ହୋଇଥିଲା। ୬ ବର୍ଷର ବନ୍ଧୁତା ଭିତରେ କେତେବେଳେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା, ଉଭୟେ ଜାଣିପାରି ନ ଥିଲେ। ଶିବକୁମାରୀ ଏକ ଟୁରିଷ୍ଟ ଭିଜା ବଳରେ ଗତ ଜୁଲାଇ ୮ରେ ଭାରତ ଆସିବା ପରେ ୨୦ ତାରିଖରେ ଲକ୍ଷ୍ମଣଙ୍କୁ ବିବାହ କରିଛନ୍ତି। ତାଙ୍କ ଭିଜା ଅବଧି ଅଗଷ୍ଟ ୧୫ରେ ଶେଷ ହୋଇଥିବାରୁ ଏହି ଦମ୍ପତି ଦୀର୍ଘ ଅବଧିର ଭିଜା ପାଇଁ ଆବେଦନ କରିଛନ୍ତି। ଶିବକୁମାରୀ ଭବିଷ୍ୟତରେ ଭାରତର ନାଗରିକତ୍ୱ ପାଇବା ନେଇ ଆଶାବାଦୀ ଥିବାବେଳେ କୌଣସି ଆଇନଗତ ଅସୁବିଧାକୁ ଏଡ଼ାଇବା ପାଇଁ ବିବାହ ପଞ୍ଜୀକରଣ କରିବାକୁ ପୋଲିସ ସେମାନଙ୍କୁ ପରାମର୍ଶ ଦେଇଛି। ସ୍ଥାନୀୟ କର୍ତ୍ତୃପକ୍ଷ ଶିବକୁମାରୀଙ୍କୁ ଅଗଷ୍ଟ ୧୫ ପୂର୍ବରୁ ଭାରତ ଛାଡ଼ିବାକୁ କହିଛନ୍ତି।



### ବଲିଉଡ୍‌ରେ ଦରିଆପାରି ପ୍ରେମ କାହାଣୀ

ଭାରତ-ପାକିସ୍ତାନ ସୀମାପାର ପ୍ରେମର ମନ୍ତ୍ରମୁଗ୍ଧ କାହାଣୀକୁ ନେଇ ଅନେକ ବଲିଉଡ୍ ଫିଲ୍ମ ଗତିଶୀଳ ହୋଇଛି। ୨୦୦୦ରେ ମୁକ୍ତିଲାଭ କରିଥିବା ରେଫ୍ୟୁଜି, ୨୦୦୧ର ଗଦର: ଏକ୍ ପ୍ରେମ କଥା, ୨୦୦୪ର ବୀର-ଜାରା, ୨୦୧୯ର ହୀନା, ୨୦୧୨ର ଏକ୍ ଥା ଟାଇଗର, ୨୦୧୮ର ରାଜି କ୍ରସ୍‌ବର୍ଡର ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ। ଆଉ କିଛି ଦିନ ପରେ ସନି ଦେଓଲ ଓ ଅମୀଷା ପଟେଲଙ୍କ ଗଦର-୨ ରିଲିଜ୍ ହେବ। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ବଢ଼ିଚାଲିଥିବା ଦରିଆପାରି ପ୍ରେମ ବିବାହକୁ ଦେଖିଲେ ମନେହେଉଛି ଯେମିତି ପ୍ରେମୀଯୁଗଳ ଭାବପ୍ରବଣତାରେ ନିଜକୁ ବୁଡ଼ାଇ ସବୁକିଛି ତ୍ୟାଗ ପାଇଁ ପ୍ରସ୍ତୁତ। ଭୂରାଜନୈତିକ କଟକଣାକୁ ବେଖାତିର କରି ପ୍ରତିରୋଧ ଉପରେ ବିଜୟ ହାସଲ କରିଥିବା ସିନେମା ପରଦାର ଚରିତ୍ରଗୁଡ଼ିକ ସତେଯେମିତି ପରଦାରୁ ବାସ୍ତବ ଜୀବନକୁ ଓହ୍ଲାଇଆସିଛନ୍ତି। ଏନେଇ ଗଦର-୨ ଅଭିନେତା ସନି ଦେଓଲ କହିଛନ୍ତି, ଆଜିର ଅତ୍ୟାଧୁନିକ ଟେକ୍ନୋଲୋଜି ଯୁଗରେ ସବୁକିଛି ସମ୍ଭବ ହେଉଛି। ଲୋକେ ଅନ୍ୟମାନଙ୍କୁ ବଞ୍ଚିବାକୁ ଦେବା ଉଚିତ। ଭୁଲ୍ କରନ୍ତୁ କି ଠିକ୍, ଏହା ସେମାନଙ୍କ ବ୍ୟକ୍ତିଗତ ବ୍ୟାପାର।


ଖାଇବର-ପାଖ୍‌ତୁନ୍‌ଖ୍ୱାର ୨୯ ବର୍ଷୀୟ ସ୍କୁଲ ଶିକ୍ଷକ ନସରୁଲ୍ଲାଙ୍କୁ ବିବାହ କରି ଫାତିମା ପାଲଟିଛନ୍ତି ଗ୍ୱାଲିଅରର ଅଞ୍ଜୁ।

## ମଣିପୁରର ୫ ପୋଲିସ ନିଲମ୍ବିତ

**ମହିଳାଙ୍କୁ ଉଲଗ୍ନ ପରେଡ୍ ଘଟଣା**

ଇମ୍ଫାଲ,୬।୮(ପି.ଟି.)

ମଣିପୁର ହିଂସାକାଣ୍ଡ ବେଳେ ମେ' ୪ରେ ୨ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇବା ଘଟଣାରେ ସମ୍ପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ୫ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଜୁଲାଇ ୧୯ରେ ଉଲଗ୍ନ ପରେଡ୍‌ର ଭିଡିଓ ସାମ୍ନାକୁ ଆସିବା ପରେ ଥୋଉବାଲ ଜିଲା ନୋଙ୍ଗପୋକ୍ ସେକ୍‌ମାଇ ଥାନାର ଭାରପ୍ରାପ୍ତ ଅଫିସର ଓ ଅନ୍ୟ ୪ ଜଣଙ୍କୁ ନିଲମ୍ବନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ସେମାନଙ୍କୁ ପୁନଃ ଅବସ୍ଥାପିତ କରିବା ଲାଗି ଦାବିକରି ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟର ଲୋକମାନେ ବିକ୍ଷୋଭ ଜାରି ରଖିବା ସତ୍ତ୍ୱେ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇ ନାହିଁ। ଗତ ୩ ତାରିଖରେ ବିଷ୍ଣୁପୁରରୁ ଅସ୍ତ୍ରଶସ୍ତ୍ର ଲୁଟ୍ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପୋଲିସ ଆଇଜିଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ମେ' ୩ରୁ ହିଂସାକାଣ୍ଡ ଲାଗିରହିଥିବାବେଳେ ଏହାକୁ ବନ୍ଦ କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ଉଦ୍ୟମ ଜାରି ରହିଛି। ସେନା, ଆସାମ ରାଇଫଲ୍ସର ଯବାନମାନଙ୍କ ସହଯୋଗରେ ପୋଲିସ ରାଜ୍ୟକୁ ପର୍ଯ୍ୟାପ୍ତ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇପାରିଥିବା କହିଛି।

## ଓ୍ୱାଶିଂଟନରେ ଗୁଳି: ୩ ମୃତ

ଓ୍ୱାଶିଂଟନ,୬।୮

ଆମେରିକା ରାଜଧାନୀ ଓ୍ୱାଶିଂଟନ ଡିସିର ରାସ୍ତାରେ ଗୁଳିକାଣ୍ଡ ଘଟି ଜଣେ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ହୋଇଛି। ଶନିବାର ରାତିରେ ହୋଇଥିବା ଏହି ଗୁଳିକାଣ୍ଡରେ ଅନ୍ୟ ୨ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗୁଡ୍‌ହୋପ୍ ରୋଡ୍ ସାଉଥଇଷ୍ଟର ୧୬୦୦ ବ୍ଲକ୍‌ରେ ଗୁଳିକାଣ୍ଡ ହୋଇ ଘଟଣାସ୍ଥଳରେ ୩ ଜଣ ପ୍ରାଣ ହରାଇଥିଲେ ବୋଲି ଓ୍ୱାଶିଂଟନ ଡିସି ମେଟ୍ରୋପଲିଟାନ୍ ପୋଲିସ କହିଛି।

## ନିଜକୁ ଶିବଙ୍କ ଅବତାର କହି ୮୫ ବର୍ଷୀୟାଙ୍କୁ ହତ୍ୟାକଲେ ବୃଦ୍ଧ

ଉଦୟପୁର,୬।୮

ରାଜସ୍ଥାନର ଉଦୟପୁରରେ ଜଣେ ୬୦ ବର୍ଷୀୟ ବ୍ୟକ୍ତି କ୍ୟାମେରା ସାମ୍ନାରେ ଜଣେ ୮୫ ବର୍ଷୀୟା ବୃଦ୍ଧାଙ୍କୁ ଛତାରେ ଆକ୍ରମଣ କରି ମାରିଦେଇଛନ୍ତି। ସେଠାରେ କେତେଜଣ ଉପସ୍ଥିତ ଥିଲେ ମଧ୍ୟ ସେମାନେ ବୃଦ୍ଧା କଳକୀବାଈ ଗମେତିଙ୍କୁ ଆକ୍ରମଣରୁ ବଞ୍ଚାଇବା ପରିବର୍ତ୍ତେ ଘଟଣାର ଭିଡିଓ ପ୍ରସ୍ତୁତ କରିଥିଲେ। ଅପରାଧରେ ସମ୍ପୃକ୍ତି ନେଇ ପୋଲିସ ୪ ଜଣଙ୍କୁ ଅଟକ ରଖିଛି। ଆକ୍ରମଣକାରୀ ପ୍ରତାପ ସିଂ ନିଶାଗ୍ରସ୍ତ ଥିଲେ ଓ ତାଙ୍କର ମତିଭ୍ରମ ହୋଇଥିଲା ବୋଲି ପୋଲିସ କହିଛି। ଜଣେ ବ୍ୟକ୍ତି ପ୍ରତାପଙ୍କୁ ଅଟକାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପ୍ରତାପ ମଦ ନିଶାରେ ନିଜକୁ ଭଗବାନ ଶିବଙ୍କ ଅବତାର କହିବା ସହ ସେ ବୃଦ୍ଧାଙ୍କୁ ମାରିଦେବା ପରେ ପୁନର୍ଜୀବନ ଦେବେ ବୋଲି କହିଥିଲେ।

## ପାକିସ୍ତାନରେ ଟ୍ରେନ୍ ଦୁର୍ଘଟଣା: ୩୩ ମୃତ

କରାଚୀ,୬।୮

ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ରବିବାର ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ୩୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୮୦ ଜଣ ଆହତ ହୋଇଛନ୍ତି। କରାଚୀରୁ ରାଓ୍ୱଲପିଣ୍ଡି ଯାଉଥିବା ହାଜରା ଏକ୍ସପ୍ରେସ୍ ଟ୍ରେନ୍ ସିନ୍ଧ୍ ପ୍ରଦେଶ ନଓ୍ୱାବଶାହ ଜିଲାର ସର୍‌ହରି ଷ୍ଟେଶନରେ ଲାଇନ୍‌ଚ୍ୟୁତ ହୋଇଥିଲା। କ୍ଷତିଗ୍ରସ୍ତ ବଗିରୁ ମୃତାହତମାନଙ୍କୁ ବାହାର କରାଯାଇଥିବାବେଳେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମୁଦାୟ ୧୦ ବଗି ଲାଇନଚ୍ୟୁତ ହୋଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟରେ ଶତାଧିକ ପୋଲିସ କର୍ମଚାରୀଙ୍କ ସମେତ ସେନା ଯବାନଙ୍କୁ ସାମିଲ କରାଯାଇଛି। ଟ୍ରେନ୍ ଲାଇନଚ୍ୟୁତ ହେବାର ପ୍ରକୃତ କାରଣ ଜଣାପଡ଼ିନାହିଁ। କେହି ଜାଣିଶୁଣି ଏଭଳି କରିଛି କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଛି ବୋଲି ରେଳ ଓ ବିମାନ ଚଳାଚଳ ମନ୍ତ୍ରୀ ଖାଓ୍ୱାଜା ସାଦ୍ ରଫିକ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।


ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

## କୁକୁଡ଼ା ଚୋରି ସନ୍ଦେହରେ ୨ ନାବାଳକଙ୍କୁ ପରିସ୍ରା ପିଆଇଲେ

**ଗୁପ୍ତାଙ୍ଗରେ ଘଷିଲେ କଞ୍ଚାଲଙ୍କା**

ଲକ୍ଷ୍ନୌ,୬।୮

ଉତ୍ତରପ୍ରଦେଶର ସିଦ୍ଧାର୍ଥନଗର ଜିଲାରେ ୨ ଜଣ ନାବାଳକଙ୍କ ପ୍ରତି ଅତି ଅମାନୁଷିକ କାର୍ଯ୍ୟ କରାଯାଇଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏକ ଫାର୍ମରୁ କୁକୁଡ଼ା ଚୋରି ସନ୍ଦେହରେ ୨ ନାବାଳକଙ୍କୁ ଫାର୍ମ ମାଲିକ ଓ ଅନ୍ୟମାନେ ଧରିନେଇ ମାଡ଼ ମାରିବା ସହ ପରିସ୍ରା ପିଆଇଥିଲେ। ଏହା ପରେ ସେମାନଙ୍କ ହାତ ପଛପଟୁ ବାନ୍ଧି ମୁହଁମାଡ଼ି ତଳେ ଶୁଆଇଦେଇ ଗୁପ୍ତାଙ୍ଗରେ କଞ୍ଚାଲଙ୍କା ଘଷିଥିଲେ ଓ ହଳଦିଆ ରଙ୍ଗର ଏକ ତରଳ ପଦାର୍ଥ ସେମାନଙ୍କ ଦେହରେ ଇଞ୍ଜେକ୍ସନ ଦେଇଥିଲେ। ଭିଡିଓ ଭାଇରାଲ ହେବା ପରେ ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅନ୍ୟ ୨ ଜଣଙ୍କୁ ଖୋଜୁଛି। ଜିଲାର କେତେଜଣ କଲେଜ ପିଲାଙ୍କ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଏହି ଭିଡିଓ ଭାଇରାଲ ହୋଇଥିଲା। ଏହି ଗ୍ରୁପ୍‌ରେ ଥିବା ଜଣେ କନ୍‌ଷ୍ଟେବଲ ଏ ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କୁ ଜଣାଇବା ପରେ ସାଇବର ୟୁନିଟ୍ ନେତୃତ୍ୱରେ ପୋଲିସ ଟିମ୍ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଭିଡିଓ ଦେଖାଇବା ପରେ କୁକୁଡ଼ା ଫାର୍ମ ମାଲିକ ମହମ୍ମଦ ସୁଦ୍ ଘଟଣାକୁ ସ୍ୱୀକାର କରିଥିଲେ। ଗତ ଗୁରୁବାର ସେ ଗ୍ରାହକଙ୍କୁ କୁକୁଡ଼ା ବିକୁଥିବାବେଳେ ୧୦ ଓ ୧୪ ବର୍ଷର ଦୁଇଜଣ ପିଲା ତାଙ୍କ ଫାର୍ମରେ ଚୋରି କରିବାକୁ ପଶିଥିଲେ ବୋଲି କହିଛନ୍ତି। ଫାର୍ମର ଲୋକମାନେ ସେମାନଙ୍କୁ ଗୋଡ଼ାଇ ଧରିଥିଲେ। ସେମାନଙ୍କୁ ଆମେ ଉପଯୁକ୍ତ ଶିକ୍ଷା ଦେବାକୁ ଚାହିଁଥିଲୁ ବୋଲି ସୁଦ୍ ପୋଲିସକୁ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୭/୨୦୨୩ Bhubaneswar, Monday, August 7/2023


सत्यमेव जयते
राजस्थान सरकार

# ଜନ ଭାବନାକୁ ଦିଆଗଲା ସମ୍ମାନ

# 50 ଜିଲ୍ଲା ବିଶିଷ୍ଟ ହେଲା ରାଜସ୍ଥାନ

**ନୂଆ ଜିଲ୍ଲା**

- ଅନୁପଗଡ଼
- ବାଲୋତରା
- ବ୍ୟାବର
- ଡିଗ
- ଡିଡ୍‌ୱାନା-କୁଚାମନ
- ଦୁଦୁ
- ଗଙ୍ଗାପୁର ସିଟି
- ଜୟପୁର ଗ୍ରାମୀଣ
- ଯୋଧପୁର ଗ୍ରାମୀଣ
- କେକଡ଼ି
- କୋଟପୁତଲୀ-ବହରୋଡ଼
- ଖୈରଥଲ-ତିଜାରା
- ନୀମ୍ କା ଥାନା
- ଫଲୌଦୀ
- ସଲୁମ୍ବର
- ସାଞ୍ଚୌର
- ଶାହପୁରା

**ନୂଆ ଡିଭିଜନ**

- ସିକର
- ବାଂସୱାଡ଼ା
- ପାଲି






"ଭୌଗୋଳିକ ଦୃଷ୍ଟିରୁ ସବୁଠାରୁ ବଡ଼ ରାଜ୍ୟ ହୋଇଥିବା କାରଣରୁ ବହୁକାଳ ଧରି ରାଜସ୍ଥାନରେ ପ୍ରଶାସନିକ ସୁଦୃଢ଼ୀକରଣର ଆବଶ୍ୟକତା ଅନୁଭୂତ ହୋଇଆସୁଥିଲା । ବଡ଼ ଜିଲ୍ଲା ଓ ବଡ଼ ଡିଭିଜନ ଥିବା କାରଣରୁ ସେବା ଯୋଗାଣ କଷ୍ଟକର ହେଉଥିଲା ଏବଂ ଜନସାଧାରଣଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ଯିବାଆସିବା ପାଇଁ ବହୁତ ସମୟ ଲାଗୁଥିଲା ।

**ଏବେ ନୂଆ ଜିଲ୍ଲା ଏବଂ ନୂଆ ଡିଭିଜନ ଗଠନ ହେବା କାରଣରୁ ସମୟ ଏବଂ ସମ୍ବଳ ଉଭୟର ସଞ୍ଚୟ ହେବ ଏବଂ କାମକୁ ନୂଆ ବେଗ ମିଳିବ ତଥା ନୂଆ ସୁଯୋଗ ସୃଷ୍ଟି ହେବ ।**

ଆଜି ସମସ୍ତ ନବସୃଜିତ ଜିଲ୍ଲାଗୁଡ଼ିକର ସ୍ଥାପନା ଦିବସକୁ ବିଧିପୂର୍ବକ ହର୍ଷୋଲ୍ଲାସରେ ପାଳନ କରାଯାଉଛି । ସମସ୍ତ ରାଜ୍ୟବାସୀଙ୍କୁ ଏହି ଐତିହାସିକ ଅବସର ଉପଲକ୍ଷେ ଶୁଭକାମନା ଜଣାଉଛି ।

– ଅଶୋକ ଗେହଲଟ, ମୁଖ୍ୟମନ୍ତ୍ରୀ, ରାଜସ୍ଥାନ

## ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ଅଶୋକ ଗେହଲଟଙ୍କ

### ସହିତ ଜିଲ୍ଲା ସ୍ଥାପନା କାର୍ଯ୍ୟକ୍ରମରେ ଲାଇଭ୍ ଯୋଡ଼ିହୁଅନ୍ତୁ ମଧ୍ୟାହ୍ନ ୧୨ ଘଟିକାରେ

LIVE ପ୍ରସାରଣ ଦେଖିବା ପାଇଁ

ସ୍କାନ୍ କରନ୍ତୁ

ଲଗ୍ ଅନ୍ କରନ୍ତୁ

@AshokGehlot.Rajasthan

राजस्थान संवाद

## ରାଜସ୍ୱ ବିଭାଗ, ରାଜସ୍ଥାନ

**ଆଜିର ମନ୍ତବ୍ୟ**

"ଦୁର୍ଭାଗ୍ୟର ବିଷୟ, ଆମ ଦେଶରେ ଏବେବି ବିରୋଧୀ ଦଳ ନା କିଛି କରୁଛନ୍ତି, ନା ଅନ୍ୟମାନଙ୍କୁ କରିବାକୁ ଦେଉଛନ୍ତି। ସେମାନେ ଏଭଳି ମନୋବୃତ୍ତିରେ ରହିଯାଇଛନ୍ତି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖର ବଳଦ ମଇକି,**
**ପଖାଳ ଭାତ ଦହିକି,**
**ଖଣ୍ଡ ନଡ଼ିଆ ଖଇକି,**
**କାନକୋଳି କଣ୍ଟା ପହିକି।**

ସାଧାରଣତଃ ଖର ବଳଦ ଭଲ ମଇ ଟାଣେ ବୋଲି ଜଣାଯାଇଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଯେମିତି ପଖାଳ ଭାତକୁ ଦହି ଖୁବ୍ ସୁଆଦିଆ ଲାଗେ ଠିକ୍ ସେମିତି ଖଣ୍ଡ ନଡ଼ିଆ ସହ ଖଇ ଓ ମୁଢ଼ି ଖାଇବାକୁ ଖୁବ୍ ଭଲ ଲାଗେ। ସେହିପରି ପହିକି କାନକୋଳି କଣ୍ଟା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଲି ମୁକୁଳା ଫେରଫାର୍;**
**ଦୋହରି ପଇସା ଅଣ୍ଟାରେ ମାର।**

ଚାକ ଚିକ୍କଣ, ବାହାରକୁ ବଡ଼ ଲୋକର ଆଡ଼ା। ଠାଣି ମାଣି। ଉପୁରି ପଇସା ଅଣ୍ଟାରେ ଖୋସି ବଡ଼ଲୋକି ଦେଖେଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିଲମ୍ବିତ ସିଭିଲ୍ ସପ୍ଲାଇ ଇନ୍ସପେକ୍ଟରଙ୍କ ସମେତ ୨ ଗିରଫ

**ଏସ୍‌ବିଆଇରେ ୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ଠକେଇ**

- **ପୂର୍ବରୁ ଗିରଫ ହୋଇଥିଲେ ଡେପୁଟି ମ୍ୟାନେଜର**
- **ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ଇଓଡବ୍ଲ୍ୟୁ**
- **ରିଜିଓନାଲ୍ ମ୍ୟାନେଜର ଦେଇଥିଲେ ଏତଲା**

ଭୁବନେଶ୍ୱର,୬।୮ (ସତ୍ୟଜିତ୍ ରାଉତ)

ଜାଲ୍ ଦସ୍ତାବିଜ୍ ଜରିଆରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଫୁଲବାଣୀ ଶାଖାରୁ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଇଓଡବ୍ଲ୍ୟୁ ଆଉ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱର ନୟାପଲ୍ଲୀରେ ରହୁଥିବା ନିଲମ୍ବିତ ସିଭିଲ୍ ସପ୍ଲାଇ ଇନ୍ସପେକ୍ଟର ସମରେଶ ରଞ୍ଜନ ଦାସ ଓ ବାଲିଅନ୍ତା ଥାନା ଅନ୍ତର୍ଗତ ନହରକଣ୍ଟାସ୍ଥିତ ସ୍ମୃତି ମଲ୍ଟିପର୍ପୋଜ୍ କୋ-ଅପ୍‌ରେଟିଭ୍ ସୋସାଇଟି ଲିଃର ସେକ୍ରେଟାରି ହେମନ୍ତ ପଣ୍ଡା। ଅଭିଯୁକ୍ତଦ୍ୱୟଙ୍କୁ ରବିବାର ଫୁଲବାଣୀ ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗତ ଏପ୍ରିଲରେ ଫୁଲବାଣୀ ଏସ୍‌ବିଆଇ ଶାଖାର ପୂର୍ବତନ ଡେପୁଟି ମ୍ୟାନେଜର ତଥା ଫିଲ୍ଡ ଅଫିସର ଆଶୁତୋଷ ଆଚାର୍ଯ୍ୟ ଗିରଫ ହୋଇ ଜେଲରେ ଅଛନ୍ତି। ତେବେ ଏହି ଠକେଇରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ ଚଳାଇଛି। ସୂଚନା ଅନୁଯାୟୀ, ଆଶୁତୋଷ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ୨୦୨୧ରୁ ୨୦୨୨ ମଧ୍ୟରେ ବ୍ୟାଙ୍କ ନିୟମକୁ ଉଲ୍ଲଂଘନ କରି ଠକେଇ କରିଥିଲେ। ସେ ଜାଲ୍ ଦସ୍ତାବିଜ ଜରିଆରେ ଚାକିରି କରି ନ ଥିବା ବିଭିନ୍ନ ଲୋକଙ୍କ ନାଁରେ ୫୯ଟି ଏକ୍ସପ୍ରେସ କ୍ରେଡିଟ୍ ଲୋନ୍ କରିଥିଲେ, ଯାହାର ପରିମାଣ ୬ କୋଟି ୭୭ ଲକ୍ଷ ୩୦ ହଜାର ଟଙ୍କା ଥିଲା। ସେହିପରି ସେ ଜାଲ୍ କାଗଜପତ୍ର ଜରିଆରେ ବିଭିନ୍ନ ଲୋକଙ୍କ ନାଁରେ ୨୬ଟି ପେନସନ୍ ଲୋନ୍ କରିଥିଲେ। ଏହି ଋଣଗୁଡ଼ିକର ପରିମାଣ ୯୯ ଲକ୍ଷ ୮୨ ହଜାର ୭୯୫ ଟଙ୍କା ଥିଲା। ଏପରିକି ଅଭିଯୁକ୍ତ ଆଶୁତୋଷ ତାଙ୍କ ମୃତ ବାପା, ମା' ଓ ଶ୍ୱଶୁରଙ୍କ ନାଁରେ ମଧ୍ୟ ପେନ୍‌ସନ୍ ଲୋନ୍ କରିଥିଲେ। ଅଡିଟ୍‌ବେଳେ ଏହି ଠକେଇ ସଂକ୍ରାନ୍ତରେ ଜଣାପଡ଼ିବା ପରେ ଏସ୍‌ବିଆଇ ରିଜିଓନାଲ ମ୍ୟାନେଜର ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ମାର୍ଚ୍ଚ ୩ରେ ଏକ ମାମଲା (ନଂ.୧୪/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତବେଳେ ଜଣାପଡ଼ିଛି, ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ଉକ୍ତ ଠକେଇ ଟଙ୍କାରୁ ଅଭିଯୁକ୍ତ ହେମନ୍ତ ସମ୍ପାଦକ ଥିବା ସ୍ମୃତି ମଲ୍ଟିପର୍ପୋଜ୍ ଆକାଉଣ୍ଟକୁ ଆସିଛି। ପରେ ଏଥିରୁ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସମରେଶଙ୍କ ଆକାଉଣ୍ଟକୁ ଯାଇଥିଲା। ଏଭଳି ଏକାଧିକ ଲୋକଙ୍କ ପାଖକୁ ମଧ୍ୟ ଏହି ଠକେଇ ଟଙ୍କା ଯାଇଥିବା ଇଓଡବ୍ଲ୍ୟୁ ତଦନ୍ତବେଳେ ଜାଣିବାକୁ ପାଇଛି।

# ଭାରତୀୟ ରେଳରେ ଯୋଡ଼ି ହେଲା ନୂଆ ଅଧ୍ୟାୟ : ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୬।୮ (ଅଭିଜିତ ଦାସ)









**୫୦୮ ଷ୍ଟେଶନ ରୂପାନ୍ତରଣ ପାଇଁ ଶିଳାନ୍ୟାସ**

- **ଓଡ଼ିଶାର ୨୫ ଷ୍ଟେଶନର ପୁନର୍ବିକାଶ ହେବ**
- **୨୦୩୦ ସୁଦ୍ଧା ବିଶ୍ୱର ଏକ ନମ୍ବର ସ୍ଥାନରେ ରହିବ ଭାରତର ରେଳ ନେଟ୍‌ୱର୍କ**
- **୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ପୁନଃବିକାଶ କାମ ସରିବ:ଅଶ୍ୱିନୀ ବୈଷ୍ଣବ**
- **ବିରୋଧୀଙ୍କୁ ଟାର୍ଗେଟ କଲେ ମୋଦି**

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ସାମିଲ ହୋଇଥିବା ଦେଶର ୧୩୦୯ ରେଳ ଷ୍ଟେଶନ ମଧ୍ୟରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୫୦୮ ଷ୍ଟେଶନର ରୂପାନ୍ତରଣ ହେବ। ରବିବାର ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂରେ ଏକକାଳୀନ ସମସ୍ତ ଷ୍ଟେଶନର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ରେଳ ଇତିହାସରେ ନୂଆ ଅଧ୍ୟାୟ ଯୋଡି ହୋଇଛି। ଅମୃତକାଳ ଆରମ୍ଭରେ ଏହି ଐତିହାସିକ କାର୍ଯ୍ୟ ପାଇଁ ରେଳ ମନ୍ତ୍ରଣାଳୟକୁ ପ୍ରଶଂସା କରୁଛି ଏବଂ ସମସ୍ତ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୫୦୮ ଷ୍ଟେଶନର ପୁନର୍ବିକାଶ କରାଯିବ। ଏସବୁ ଷ୍ଟେଶନରେ ଅତ୍ୟାଧୁନିକ ବ୍ୟବସ୍ଥା ସହ ଯାତ୍ରୀଙ୍କ ଲାଗି ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବ। ଭାରତ କେବଳ ୯ ବର୍ଷ ମଧ୍ୟରେ ଦକ୍ଷିଣ ଆଫ୍ରିକା, ୟୁକ୍ରେନ, ସ୍ୱିଡେନ, ବ୍ରିଟେନ ଭଳି ଦେଶର ରେଳ ନେଟ୍‌ୱାର୍କ ଭଳି ଟ୍ରାକ ନିର୍ମାଣ କରିଛି। ଚଳିତ ବର୍ଷ ରେଲ୍‌ୱେକୁ ୨.୫ ଲକ୍ଷ କୋଟିରୁ ଅଧିକ ବଜେଟ ଦିଆଯାଇଛି, ଯାହାକି ୨୦୧୪ ମସିହା ତୁଳନାରେ ପାଞ୍ଚ ଗୁଣା ଅଧିକ ରହିଛି। ସେହିପରି ୧୦ ହଜାରରୁ ଊର୍ଦ୍ଧ୍ୱ ରେଳ ଓଭରବ୍ରିଜ୍ ନିର୍ମାଣ କରାଯାଇଥିବାବେଳେ ଏହି ସମୟ ମଧ୍ୟରେ ଟ୍ରେନ୍‌ରେ ବାୟୋ ଟଏଲେଟ୍ ୨୮ ଗୁଣା ବୃଦ୍ଧି ପାଇଛି। ଆଗକୁ ଅନେକ ରେଳ ଷ୍ଟେଶନରେ ମାଗଣା ଇଣ୍ଟରନେଟ ସେବା ଯୋଗାଇ ଦିଆଯିବ। ୨୦୩୦ ସୁଦ୍ଧା ଦେଶରେ ଭାରତୀୟ ରେଳ ନେଟ୍‌ୱର୍କ ବିଶ୍ୱରେ ଏକ ନମ୍ବରରେ ସ୍ଥାନ ପାଇବ।

ସେହିପରି ବିରୋଧୀଙ୍କୁ କଡା ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି, ବିରୋଧୀଙ୍କ କାମ ହେଲା କେବଳ ବିରୋଧ କରିବା। ଭଲ କାମରେ ବି ସେମାନେ ବିରୋଧ କରନ୍ତି। ବିରୋଧୀ ନୂଆ ସଂସଦ ନିର୍ମାଣରେ ବିରୋଧ କରିଥିଲେ। ଏପରି କି ଦୀର୍ଘବର୍ଷ ଶାସନରେ ଶହୀଦଙ୍କ ଜାତୀୟ ଯୁଦ୍ଧ ସ୍ମାରକୀ ନିର୍ମାଣ କରି ନ ଥିଲେ। କିନ୍ତୁ ଭାଜପା ସରକାର ଗତ ୯ ବର୍ଷ ଧରି ବିନା ରାଜନୀତିରେ ଲୋକଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛି ବୋଲି ମୋଦି କହିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଲେ, ସମସ୍ତ ଷ୍ଟେଶନର ମାଷ୍ଟର ପ୍ଲାନିଂ ହୋଇସାରିଥିବାବେଳେ ପୁନର୍ବିକାଶ କାର୍ଯ୍ୟ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି।

ଏପଟେ ଓଡ଼ିଶାରେ ମଧ୍ୟ ବିଭିନ୍ନ ରେଳ ଷ୍ଟେଶନରେ ସ୍ୱତନ୍ତ୍ର ଶିଳାନ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସମ୍ବଲପୁରର ହୀରାକୁଦ୍ ରେଳ ଷ୍ଟେଶନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ବିମାନବନ୍ଦର ଭଳି ଦେଶରେ ରେଳ ଷ୍ଟେଶନକୁ ଅତ୍ୟାଧୁନିକ ଷ୍ଟେଶନରେ ପରିଣତ କରିବା ପୂର୍ବରୁ କେବେ କଳ୍ପନା କରାଯାଇପାରି ନ ଥିଲା। ଏହା କେବଳ ମୋଦିଜୀ ହିଁ ଚିନ୍ତା କରିପାରନ୍ତି। ଆଜି ମୋଦି ସରକାରରେ ନୂଆ ରେଳ ଚଳାଚଳ, ରେଳ ଲାଇନ୍ ସହ ଯାତ୍ରୀ ସୁବିଧାକୁ ଗୁରୁତ୍ୱ ଦେଇ ଅତ୍ୟାଧୁନିକ ରେଳ ଷ୍ଟେଶନ କରିବାର କଳ୍ପନାକୁ ବାସ୍ତବରେ ସାକାର କରାଯାଇଛି। ସେହିପରି ପୂର୍ବତଟ ରେଳପଥ ପକ୍ଷରୁ ୩ଟି ଷ୍ଟେଶନରେ ଶିଳାନ୍ୟାସ କାର୍ଯ୍ୟକ୍ରମ ହୋଇଥିଲା। ଖୋର୍ଦ୍ଧା ଷ୍ଟେଶନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସମେତ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ସେହିପରି ଲିଙ୍ଗରାଜ ଷ୍ଟେଶନରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ।

ସୂଚନଯୋଗ୍ୟ, ୫୦୮ ଷ୍ଟେଶନର ପୁନର୍ବିକାଶ ପାଇଁ ବିଭାଗ ପକ୍ଷରୁ ୨୫ ହଜାର କୋଟି ବ୍ୟୟ ଅଟକଳ ରଖାଯାଇଛି। ତେବେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ସାମିଲ ହୋଇଥିବା ପୂର୍ବତଟ ରେଳପଥର ୫୭ ରେଳ ଷ୍ଟେଶନ ମଧ୍ୟରୁ ଏବେ ଓଡ଼ିଶାର ୨୫ ଷ୍ଟେଶନର ନବୀକରଣ କରାଯିବ। ଏଥିପାଇଁ ମୋଟ ୫୩୧.୮କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପାରମ୍ଭିକ ପର୍ଯ୍ୟାୟରେ ଓଡ଼ିଶାର ୨୫ଟି ଷ୍ଟେଶନ ମଧ୍ୟରେ ସାକ୍ଷୀଗୋପାଳ, ମଞ୍ଚେଶ୍ୱର, ଢେଙ୍କାନାଳ, ଛତ୍ରପୁର, ଅନୁଗୋଳ, ମେରାମଣ୍ଡଳି , ବାଲୁଗାଁ, ଲିଙ୍ଗରାଜ ଷ୍ଟେଶନ ରୋଡ୍, ତାଳଚେର ରୋଡ୍, ଖୋର୍ଦ୍ଧା ରୋଡ୍, କଣ୍ଟାବାଞ୍ଜି, ବରଗଡ ରୋଡ୍, ହୀରାକୁଦ, ରେଢାଖୋଲ, ବରପାଲି , ମୁନିଗୁଡା , ବଲାଙ୍ଗୀର , ହରିଶଙ୍କର ରୋଡ୍, ଭବାନୀପାଟଣା, ଖରିଆର୍ ରୋଡ୍ , ଦାମନଯୋଡି, ବଡବିଲ , ରାଜଗାଙ୍ଗପୁର , ବାରିପଦା ଓ ଜଳେଶ୍ୱର ଷ୍ଟେଶନକୁ ରଖାଯାଇଛି।

# ୨୪ ଜିଲ୍ଲାରେ ୬.୨୪ ଲକ୍ଷ ଲୋକ ପ୍ରଭାବିତ

**ବର୍ଷା-ବନ୍ୟା ବିପ୍ରାତ**

- **୨,୮୯୩ ଘର ନଷ୍ଟ, ୨ ମୃତ**
- **ପ୍ରମୁଖ ନଦୀରେ ବନ୍ୟାଜଳ ହ୍ରାସ ପାଉଛି**

ଭୁବନେଶ୍ୱର,୬।୮ (ଅନିଲ ଦାସ)

ଲଗାଣ ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅନେକ କ୍ଷୟକ୍ଷତି ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ ପ୍ରାଥମିକ ଆକଳନ ଅନୁଯାୟୀ, ରାଜ୍ୟର ୨୪ ଜିଲ୍ଲା ଅନ୍ତର୍ଗତ ୨୫୩ ବ୍ଲକ ଅଧୀନ ୧୧,୯୭୩ ଗାଁ ଓ ୨୬ଟି ପୌରାଞ୍ଚଳ ଅନ୍ତର୍ଗତ ୧୦୧ଟି ୱାର୍ଡର ମୋଟ ୬ ଲକ୍ଷ ୨୪ ହଜାର ୫୬୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ମୋଟ ୫୩,୪୮୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଚଳିତ ବନ୍ୟାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବର୍ଷା ଓ ବନ୍ୟା ଯୋଗୁ ୨,୮୯୩ କଚ୍ଚାଘର ଭାଙ୍ଗି ଯାଇଛି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ୧୬ ଜିଲ୍ଲାରେ ୧୩ ଓଡ୍ରାଫ୍, ୮ଟି ଏନ୍‌ଡିଆରଏଫ୍ ଓ ୮୫ ଅଗ୍ନିଶମ ବାହିନୀ ଟିମ୍ ମୁତୟନ କରିଛନ୍ତି। ବିଭିନ୍ନ ନଦୀରେ ସୃଷ୍ଟି ହୋଇଥିବା ଘାଇକୁ ମରାମତି ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଉଛି।

ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷା ହ୍ରାସ ପାଇଛି। ରାଜ୍ୟରେ ହାରାହାରି ୪.୪ ମିମି. ବର୍ଷା ରେକର୍ଡ କରାଯାଇଛି। ମହାନଦୀ, ବୁଢ଼ାବଳଙ୍ଗ ନଦୀକୁ ଛାଡ଼ି ଅନ୍ୟ ସମସ୍ତ ନଦୀର ଜଳ ପତ୍ତନ ହ୍ରାସ ପାଇବାରେ ଲାଗିଛି। ବର୍ଷା କମିଥିବାରୁ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୯୫ ଫୁଟ୍ ଥିବାବେଳେ ଜଳଭଣ୍ଡାର ଭିତରକୁ ୩ ଲକ୍ଷ ୪୧ ହଜାର ୫୦୫ କ୍ୟୁସେକ ଜଳ ପ୍ରବେଶ କରୁଛି। ୨୦ଟି ଗେଟ୍ ଦେଇ ସମପରିମାଣ ଜଳ ନିଷ୍କାସିତ ହେଉଛି। କଟକର ନରାଜଠାରେ ମହାନଦୀର ଜଳସ୍ତର ୨୪.୩୮ ଫୁଟ୍ ରହିଛି। ସେଠାରେ ବିପଦସଙ୍କେତ ସ୍ତର ୨୬.୪୧ଫୁଟ୍ ରହିଛି। ଗେଟ ଖୋଲା ରହିଥିବାରୁ ଜଳ ସ୍ତର ବୃଦ୍ଧି ପାଉଛି।

ଉପରମୁଣ୍ଡରେ ବର୍ଷା ନ ଥିବାରୁ ହୀରାକୁଦର ଜଳସ୍ତର କମିବାରେ ଲାଗିଛି। ହୀରାକୁଦ ଯୋଗୁ ବନ୍ୟାର କୌଣସି ଆଶଙ୍କା ନାହିଁ। ସୋମବାର ସୁଦ୍ଧା ସ୍ଥିତି ଆହୁରି ସ୍ୱାଭାବିକ ହୋଇଯିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହୀରାକୁଦ ଭିତରକୁ ଅଧିକ ପାଣି ଆସୁ ନ ଥିବାରୁ ଆଉ ଗେଟ ଖୋଲାଯିବାର କୌଣସି ଯୋଜନା ନଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ଲଗାଣ ବର୍ଷା ଯୋଗୁ ରାଜ୍ୟର ୧୦ଟି ଜିଲ୍ଲା ବରଗଡ଼, ବଲାଙ୍ଗିର, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲ୍ଲାର ମୋଟ ୭୯ଟି ବ୍ଲକ ଅଧୀନ ୨୬୯ଟି ପଞ୍ଚାୟତର ୪୭୩ଟି ଗାଁ ଏବଂ ୧୪ଟି ପୌରାଞ୍ଚଳର ୫୬ଟି ୱାର୍ଡ ପ୍ରଭାବିତ ହୋଇଛି। ପ୍ରାୟ ୨୮୦୪ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବର୍ଷା ବିପ୍ରାତରେ ଏସବୁ ଜିଲ୍ଲାର ମୋଟ ୮୯୦ ଘର ନଷ୍ଟ ହେବା ସହ ୧୧,୭୩୦ ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି।

ସେହିପରି ବର୍ଷା ଓ ବନ୍ୟା ଯୋଗୁ ଅନୁଗୋଳ, ବୌଦ୍ଧ, କେନ୍ଦୁଝର, ସମ୍ବଲପୁର, ସୋନପୁର, ବାଲେଶ୍ୱର, ଯାଜପୁର, ଭଦ୍ରକ, ନୟାଗଡ଼, କଟକ, କେନ୍ଦ୍ରାପଡ଼ା, ପୁରୀ, ଜଗତ୍‌ସିଂହପୁର ଏବଂ ଖୋର୍ଦ୍ଧା ଜିଲ୍ଲାର ମୋଟ ୭୪ଟି ବ୍ଲକ ଅଧୀନ ୪୪୯ଟି ପଞ୍ଚାୟତର ୧୫୦୦ ଗାଁ ଏବଂ ୧୨ଟି ପୌରାଞ୍ଚଳ ଅନ୍ତର୍ଗତ ୪୫ଟି ୱାର୍ଡର ମୋଟ ୬ ଲକ୍ଷ ୧୨ ହଜାର ୮୩୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏସବୁ ଜିଲ୍ଲାର ୫୦,୬୮୧ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଓ ୨୩୫ଟି ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇଛି। ବର୍ଷା ଓ ବନ୍ୟା ଯୋଗୁ ଏହି ୧୪ଟି ଜିଲ୍ଲାରେ ମୋଟ ୨୦୦୩ ଘର ନଷ୍ଟ ହୋଇଛି । ଚଳିତବର୍ଷ ବନ୍ୟାରେ ପ୍ରଥମ ମୃତ୍ୟୁ ଘଟଣାରେ କେନ୍ଦୁଝର ଜିଲ୍ଲାରେ ଜଣେ ଓ ଯାଜପୁର ଜିଲ୍ଲାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି ।

## ବନ୍ୟାପାଣିରେ ବୁଡ଼ି ଯୁବକ ମୃତ

ହାଟଡ଼ିହୀ,୬।୮ (ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ଚୋରଗଡ଼ିଆ ଗ୍ରାମରେ ବନ୍ୟାପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଶଙ୍କର୍ଷଣ ସାହୁଙ୍କ ପୁଅ ଉପେନ୍ଦ୍ର (୪୦)। ଶନିବାର ରାତିରେ ସେ ଗାଁ ନିକଟସ୍ଥ ନାଳକୁ ଶୌଚ ହେବାକୁ ଯାଇଥିଲା ବେଳେ ପାଣିରେ ଭାସି ଯାଇଥିଲେ। ବିଳମ୍ବ ହେବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ପରେ ନାଳରେ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନନ୍ଦିପଦା ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୬/୨୩)ରେ ରୁଜୁ ହୋଇଛି।

## ଡ. ସଂଘମିତ୍ରା ମିଶ୍ର ପାଇବେ 'ସରଳା ଦେବୀ ପୁରସ୍କାର'

ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)

ସାହିତ୍ୟ ସମାଲୋଚିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ରଙ୍କୁ ଚଳିତ ବର୍ଷର 'ସରଳା ଦେବୀ' ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ତାଙ୍କୁ ୧୦ହଜାର ନଗଦ ଟଙ୍କା, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବ ବୋଲି ସରଳା ଦେବୀ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଅଗଷ୍ଟ ୯ରେ ସରଳା ଦେବୀଙ୍କ ୧୨୦ତମ ଜନ୍ମଦିବସ ତଥା ଅଗଷ୍ଟ କ୍ରାନ୍ତି ଦିବସରେ ସୂଚନା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅର୍ଥ କମିଶନର ପୂର୍ବତନ ଅଧ୍ୟକ୍ଷ ତଥା ସାହିତ୍ୟିକ ଡ. ରବିନାରାୟଣ ସେନାପତି ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଟ୍ରଷ୍ଟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ସୂଚନା ଦେଇଛନ୍ତି।

## ଅରୁଆ କଲେ ଏଫ୍‌ସିଆଇ ନେବ ବଳକା ଚାଉଳ

ଭୁବନେଶ୍ୱର,୬।୮ (ଅନିଲ ଦାସ)

**ବଳକା ଉଷୁନା ଚାଉଳ ପ୍ରସଙ୍ଗ**

ଇଥାନଲ ଉତ୍ପାଦନ ପାଇଁ ଅରୁଆ ଚାଉଳ ଆବଶ୍ୟକ। ଏହି ଚାଉଳ ଯୋଗାଡ଼ରେ ଲାଗିଛି ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଥିବା ଇଥାନଲ କାରଖାନାକୁ ଅରୁଆ ଚାଉଳ ଯୋଗାଣ କରିବାକୁ ଏଫ୍‌ସିଆଇ ଓଡ଼ିଶାରୁ ଆସନ୍ତା ଅକ୍ଟୋବର ମଧ୍ୟରେ ୨.୫ ଲକ୍ଷ ମେଟ୍ରିକ ଟନ୍ ଅରୁଆ ଚାଉଳ ସଂଗ୍ରହ କରିବ। ଏ ନେଇ ନିକଟରେ ଓଡ଼ିଶାରେ ଥିବା ସମ୍ବଲପୁର, ଟିଟିଲାଗଡ଼, ଜୟପୁର, ବ୍ରହ୍ମପୁର, କଟକ, ବାଲେଶ୍ୱର ଏବଂ ଭୁବନେଶ୍ୱର ଏଫ୍‌ସିଆଇ ଶାଖାର ଡିଭିଜନାଲ ମ୍ୟାନେଜରଙ୍କୁ ଏଫ୍‌ସିଆଇ ଚିଠି ଲେଖିଛି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ମଧ୍ୟ ଏଫ୍‌ସିଆଇ ଚିଠି ଲେଖିଛି। ତେବେ ଏଠି କଥା ଉଠୁଛି ଯେ, ଓଡ଼ିଶାରେ ଅରୁଆ ଚାଉଳ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ରାଜ୍ୟରେ ଯେଉଁ ଚାଉଳ ମିଲ୍ ରହିଛି, ସେ ସବୁ ଉଷୁନା ଚାଉଳ ପ୍ରସ୍ତୁତ କରୁଛନ୍ତି। ଅରୁଆ ଚାଉଳ କରିବାକୁ ହେଲେ ମିଲରମାନଙ୍କୁ ଆହୁରି ୧୦ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହା ସମୟସାପେକ୍ଷ ଓ ବ୍ୟୟବହୁଳ ହୋଇଥିବାରୁ ମିଲର ମଧ୍ୟ ଅମଙ୍ଗ ହେଉଛନ୍ତି। ରାଜ୍ୟର ବଳକା ଉଷୁନା ଚାଉଳକୁ ନେଇ ରାଜ୍ୟ ସରକାର ଚିନ୍ତାରେ ପଡ଼ିଛନ୍ତି। ରାଜ୍ୟରେ ୨୦୨୨-୨୩ ଆର୍ଥିକ ବର୍ଷରେ ଖରିଫ ଋତୁରେ ୪୪ ଲକ୍ଷ ଟନ ଉଷୁନା ଚାଉଳ ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୨୪ ଲକ୍ଷ ମେଟ୍ରିକ ଟନ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାରେ ପ୍ରଦାନ କରାଯାଉଛି। ପ୍ରାୟ ୨୦ ଲକ୍ଷ ମେଟ୍ରିକ ଟନ ଚାଉଳ ବଳକା ରହିଯାଉଛି। ଏହି ଚାଉଳକୁ ଏଫ୍‌ସିଆଇ ନେଉ ନ ଥିବାରୁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**ବୃଷ**
ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମ କ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ।

**ମିଥୁନ**
ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଖଳ ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ଘର ପାଇଁ ନିଜେ ହଇରାଣରେ ପଡିପାରନ୍ତି। ଠିକାଦାରମାନେ କୌଶଳରେ କାର୍ଯ୍ୟ ହାସଲ କରିନେବେ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିପାରନ୍ତି। କର୍ମହେତୁକ କ୍ଳାନ୍ତି ଅନୁଭବ କରିବେ।

**କର୍କଟ**
ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସନ୍ତାନ ହେତୁକ ପୀଡା ଅନୁଭବ କରିବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଯାନବାହନରେ ଆଘାତ ଲାଗିପାରେ। ପାରିବାରିକ ଖର୍ଚ୍ଚ ବୃଦ୍ଧିରୁ ଚିନ୍ତିତ ହେବେ।

**ସିଂହ**
କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କର୍ମକ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। କର୍ମ କ୍ଷେତ୍ରରେ ସହକର୍ମୀ ଅସହଯୋଗ କରିପାରନ୍ତି।

**କନ୍ୟା**
ଦୁର୍ଭାବନା ବଢ଼ିଚାଲିବ, ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି ଓ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ।

**ତୁଳା**
ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ବୁଦ୍ଧିଜୀବୀମାନଙ୍କ ପାଇଁ ଦିନଟି ଭଲରେ କଟିବ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା କରି ସଫଳ ହେବେ। ବନ୍ଧୁ ଜଣେ କେହି ଅପେକ୍ଷା କରିବାକୁ କହି ଆସି ନ ପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିବ।

**ବିଛା**
ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠାକ୍ ହୋଇଯିବ। ପୁରାଣ ପଠନ ସାଙ୍ଗକୁ ଧର୍ମ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ।

**ଧନୁ**
ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଯୋଜନାଗୁଡ଼ିକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ସନ୍ତାନଙ୍କ ପାଠପଢ଼ାକୁ ନେଇ କିଛିମାତ୍ରାରେ ଚିନ୍ତିତ ହୋଇପାରନ୍ତି।

**ମକର**
ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେଉଁ କାମ ଲାଗି ଦୀର୍ଘଦିନ ଧରି ଅପେକ୍ଷା କରିଥିଲେ ଆଜି ତାହା ହୋଇପାରେ।

**କୁମ୍ଭ**
ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କେତେକ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ମିଳିତ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। କର୍ମକ୍ଷେତ୍ରରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ।

**ମୀନ**
ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ପଡ଼ୋଶୀ କେହି ମିଥ୍ୟା ଅଭିଯୋଗ ଆଣିପାରନ୍ତି। ଆଜି ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ସପ୍ତମୀ ସୋମବାର, ଅଗଷ୍ଟ ୭ ତାରିଖ, ଜାତୀୟ ହସ୍ତତନ୍ତ ଦିବସ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୭ ଗତେ, ଘ.୦୭।୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୦ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୭/୨୦୨୩ | Bhubaneswar, Monday, August 7/2023 | ପୃଷ୍ଠା-୧




## ମୁସୋଭିକ ପ୍ଲେୟର୍ ଅଫ୍ ଦି ମ୍ୟାଚ୍

ଫିଫା ମହିଳା ବିଶ୍ୱକପର ଆମେରିକା ବିପକ୍ଷ ମ୍ୟାଚରେ ସୁଇଡେନ୍ ଗୋଲକିପର ଜେକିରା ମୁସୋଭିକ ୧୧ଟି ଗୋଲ୍ ସେଭ୍ କରିବା ସହିତ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଛନ୍ତି।

୧୬ ୧୩

## ମା' ହେଲେ ଇଲିଆନା

ନିକଟରେ ଅଭିନେତ୍ରୀ ଇଲିଆନା ଡି କ୍ରୁଜ୍ ମା' ହୋଇଥିବା ନେଇ ସୋସିଆଲ ମିଡିଆରେ ଫଟୋ ଶେୟାର କରି ସୂଚନା ଦେଇଛନ୍ତି।









ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ 'ମେଟଲ ମିଟ୍ -୨୦୨୩'ର ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେରେ ସିନିୟର ଚାମ୍ପିୟନ ଏମ୍ସ ଭୁବନେଶ୍ୱର ପ୍ରତିଯୋଗୀଙ୍କୁ ଓଏମ୍ସି ସିଏସ୍ଆର୍ କନ୍ସଲଟାଣ୍ଟ ରାଧେଶ୍ୟାମ ଭୋଳ ଏବଂ ଜୁନିୟର ଚାମ୍ପିୟନ ସିଡିଏସ୍ଥିତ ଡିଏଭି ସ୍କୁଲର ପ୍ରତିଯୋଗୀଙ୍କୁ ନାଲ୍କୋ ଜେନେରାଲ ମ୍ୟାନେଜର ଆଶୁତୋଷ ରଥ ଓ ଆଦିତ୍ୟ ବିର୍ଲାର ଏଭିପି ଡ.ବିଭୁଦତ୍ତ ମହାପାତ୍ର ୧ଲକ୍ଷ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରୁଛନ୍ତି । ନିକଟରେ ଅଛନ୍ତି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ କୁଇଜ୍ ମାଷ୍ଟର ଅଜୟ ପୁନିଆ। (ଫଟୋ-ବିକାଶ ନାୟକ)






# ଡିଏଭି ସିଡିଏ, ଏମ୍ସ ଭୁବନେଶ୍ୱର ଚାମ୍ପିୟନ

## ଓଡ଼ିଶା ପୋଷ୍ଟ 'ମେଟଲ ମିଟ୍-୨୦୨୩'

ଭୁବନେଶ୍ୱର, ୬।୮ (ଅସମାପିକା ସାହୁ/ ଶର୍ମିଷ୍ଠା ପାଣିଗ୍ରାହୀ

ତିନିବର୍ଷ ପରେ ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଆୟୋଜିତ କୁଇଜ୍‌ର ମହାକୁମ୍ଭ 'ମେଟଲ ମିଟ୍-୨୦୨୩'ର ଗ୍ରାଣ୍ଡ୍ ଫିନାଲେ ରବିବାର ସ୍ୱସ୍ତି ପ୍ରିମିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ରାଜ୍ୟସ୍ତରୀୟ ମେଗା କୁଇଜ ପ୍ରତିଯୋଗିତାର ଏବର୍ଷ ଥିଲା ପଞ୍ଚମ ସଂସ୍କରଣ। ଚଳିତଥର ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଜୁନିୟର ବର୍ଗରେ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଏବଂ ସିନିୟର ବର୍ଗରେ ଭୁବନେଶ୍ୱର ଏମ୍ସ ଚାମ୍ପିୟନ ହୋଇଛନ୍ତି।

ଦୁଇଦିନିଆ ମେଟଲ ମିଟ୍‌ରେ ପ୍ରଥମ ଦିବସରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୬୯ଟି ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଜୁନିୟର ବର୍ଗରେ ୪୧ଟି ଅନୁଷ୍ଠାନ ଓ ସିନିୟର ବର୍ଗରେ ୨୮ ରହିଥିଲେ। ତେବେ ରବିବାର ୧୬ଟି ଟିମ୍‌ର ୬୪ ପ୍ରତିଯୋଗୀଙ୍କୁ ନେଇ ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହୋଇଥିଲା। ଜୁନିୟର ବର୍ଗରେ ଡିଏଭି ସିଡିଏ ୬୬ ମାର୍କ ରଖି ଶୀର୍ଷରେ ରହିଥିବା ବେଳେ ତାକୁ କଡ଼ା ଟକ୍କର ଦେଇଥିଲା ଭୁବନେଶ୍ୱର ଲୟୋଲା ସ୍କୁଲ। ୬୩ ମାର୍କ ସହ ଲୟୋଲା ସ୍କୁଲ ପ୍ରଥମ ରନର୍ସ ଅପ୍ ହୋଇଥିଲା। ତୃତୀୟ ସ୍ଥାନରେ ୫୯ ମାର୍କ ରଖି ପୁରୀର ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲା। ସେହିଭଳି ସିନିୟର ବର୍ଗରେ ଭୁବନେଶ୍ୱର ଏମ୍ସ ପ୍ରଥମ ରାଉଣ୍ଡରୁ ଭଲ ପ୍ରଦର୍ଶନ କରି ଶୀର୍ଷରେ ରହିଥିଲା। ଯଦିଓ ଚତୁର୍ଥ ରାଉଣ୍ଡ ଟିମ୍‌କୁ ହତୋତ୍ସାହିତ କରିଥିଲା, କିନ୍ତୁ ପଞ୍ଚମ ତଥା ଚୂଡ଼ାନ୍ତ ପର୍ଯ୍ୟାୟର ଶେଷ ପ୍ରଶ୍ନ ତାଙ୍କୁ ବିଜେତା କରିଦେଇଥିଲା। ୬୭ମାର୍କ ସହ ଏମ୍ସ ସିନିୟର ବର୍ଗ ଚାମ୍ପିୟନ ଟାଇଟଲ ହାସଲ କରିଥିଲା। ମାତ୍ର ଦୁଇ ମାର୍କ ପଛରେ ରହିଥିଲା ବୁର୍ଲା ଭିମ୍‌ସାର। ୬୫ ମାର୍କ ରଖି ଭିମ୍‌ସାର ପ୍ରଥମ ରନର୍ସ ଅପ୍ ହୋଇଥିବା ବେଳେ ୩୮ ମାର୍କ ସ୍କୋର କରି ଆଇଆଇଟି ଭୁବନେଶ୍ୱର ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲା। ଉଭୟ ଟିମ୍‌ର ଚାମ୍ପିୟନଙ୍କୁ ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ପ୍ରଥମ ରନର୍ସ ଅପ୍‌ଙ୍କୁ ୫୦ହଜାର ଏବଂ ଦ୍ୱିତୀୟ ରନର୍ସ ଅପ୍‌ଙ୍କୁ ୨୫ହଜାର ଟଙ୍କାର ଚେକ୍ ଦିଆଯାଇଥିଲା।

ମେଟଲ ମିଟ୍-୨୦୨୩କୁ କୁଇଜମାଷ୍ଟର ଅଜୟ ପୁନିଆ ପରିଚାଳନା କରିଥିଲେ। ପୁନିଆଙ୍କ ଆଞ୍ଚଳିକ, ଜାତୀୟ, ଅନ୍ତର୍ଜାତୀୟ ସ୍ତରର କୁଇଜ ମଧ୍ୟରେ ବିଜ୍ଞାନ, ସିନେମା, କ୍ରୀଡ଼ା, ସଂସ୍କୃତି, ଭୌଗୋଳିକ ସ୍ଥିତି, ପ୍ରାଣୀଜଗତ ଉପରେ ଆଧାରିତ ଟ୍ରିକି ପ୍ରଶ୍ନର ଉତ୍ତର ଦେବାବେଳେ ପ୍ରତିଯୋଗୀମାନେ ଉତ୍ସାହିତ ଥିବା ଦେଖାଯାଇଥିଲା। ତେବେ କିଛି ପ୍ରଶ୍ନ ସବୁ ଟିମ୍‌କୁ କୌଣସି ନା କୌଣସି ରାଉଣ୍ଡ୍‌ରେ ବ୍ୟସ୍ତ ଓ ଗଭୀର ଚିନ୍ତାରେ ପକାଇ ଦେଉଥିଲା। ଗ୍ରାଣ୍ଡ୍ ଫିନାଲେର ପ୍ରତି ରାଉଣ୍ଡ୍ ଶେଷରେ ଦର୍ଶକଙ୍କ ଉଦ୍ଦେଶ୍ୟରେ କିଛି ପ୍ରଶ୍ନ ରହିଥିଲା। ଏସବୁର ଉତ୍ତର ଦେଉଥିବା ପିଲାଙ୍କଠାରୁ ବୟସ୍କଙ୍କୁ ଉପହାରସ୍ୱରୂପ ଦିଆଯାଉଥିବା ପୁରସ୍କାର ସେମାନଙ୍କୁ ଉତ୍ସାହିତ କରୁଥିଲା।

ଏହି କାର୍ଯ୍ୟକ୍ରମ ଆରମ୍ଭରେ 'ଓଡ଼ିଶା ପୋଷ୍ଟ' ଏବଂ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପ୍ରତିଯୋଗୀଙ୍କୁ ସ୍ୱାଗତ କରି ତିନିବର୍ଷ ପରେ ମେଟଲ ମିଟ୍ ଫେରିଥିବାରୁ କୁଇଜିଂ ପିଲାଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିବା କହିଥିଲେ। 'ଓଡ଼ିଶା ପୋଷ୍ଟ' ଏବଂ 'ଧରିତ୍ରୀ'ର ସମ୍ପାଦକ ତଥାଗତ ସତପଥୀ କହିଥିଲେ, ମେଟଲ ମିଟ୍ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ପରସ୍ପର ସହ ମସ୍ତିଷ୍କଗୁଡ଼ିକର ମିଳନ। ଏଠାରେ କେହି କିଛି ହରାଉନାହାନ୍ତି, ସମସ୍ତେ ବିଜୟୀ ବୋଲି ତଥାଗତ କହିଛନ୍ତି। ଉପସ୍ଥାପିକା ଶୋଭନା ମିଶ୍ର ସଂଯୋଜନା କରିଥିଲେ। ଜୁନିୟର ଓ ସିନିୟର ବର୍ଗ ମଧ୍ୟରେ ହୋଇଥିବା ପ୍ରତିଯୋଗିତା ମଝିରେ ଦର୍ଶକଙ୍କୁ ମନୋରଞ୍ଜନ ଦେଇଥିଲେ ବିଟ୍‌ବକ୍ସର ଆୟୁଷ ସ୍ୱାଇଁ।

ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ଥିଲେ ଓଏମ୍ସି, ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍, ନାଲ୍‌କୋ, ଜିନ୍ଦଲ ଷ୍ଟିଲ ଆଣ୍ଡ୍ ପାୱାର୍, ଏମ୍‌ସିଏଲ୍, ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍, ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ ଇଣ୍ଡିଆ, ବେଦାନ୍ତ, ରୁଚି ଫ୍ରୋଜିଟି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଆଦିତ୍ୟ ବିର୍ଲା, ବାଜିରାଓ ଆଇଏଏସ୍ ଏକାଡେମୀ, ଏସ୍‌ବିଆଇ, ଆପ୍ଟି ପ୍ଲସ। ସେହିଭଳି କାର୍ଯ୍ୟକ୍ରମର ପାର୍ଟନର୍ସ ଭାବେ ଓମ୍‌ଫେଡ୍, ଧରିତ୍ରୀ, ଟିମ୍ ଏବଂ ୱିଫି ଇଣ୍ଟରନେଟ୍ ରହିଥିଲେ।

## ଫିରିଙ୍ଗିଆ ଥାନା ପୋଡ଼ି ଘଟଣା, ୧୯ ଗିରଫ

ଫୁଲବାଣୀ (ରାକେଶ କୁମାର ରାଉତ)/ ଫିରିଙ୍ଗିଆ(ବିକ୍ରମ ଦିଗାଲ),୬।୮

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ପୋଲିସ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ ଶନିବାର ଲଙ୍କାକାଣ୍ଡ କରିଥିଲେ। ସେମାନେ ଥାନାରେ ନିଆଁ ଲଗାଇ ଦେବା ସହ ପୋଲିସକୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ରବିବାର ସୁଦ୍ଧା ୧୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୫ ଜଣଙ୍କୁ ଅଟକ ରଖାଯାଇଛି। ଘଟଣାରେ ସମ୍ପୃକ୍ତ ଆଉ ୪୦ ଜଣଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟପକ୍ଷରେ ଗଞ୍ଜେଇ ଚାଲାଣ କରୁଥିବା ନେଇ ଅଭିଯୋଗ ଆସିଥିବା ଫିରିଙ୍ଗିଆ ଥାନାଧିକାରୀ ତପନ କୁମାର ନାହାକଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ☞ପୃଷ୍ଠା-୧୧

**ବଦଳିଲେ ଥାନାଧିକାରୀ, ୨ ବହିଷ୍କୃତ**

**ଆଜିର ସମ୍ପାଦକୀୟ**

ଜିଦିରୁ ଧ୍ୱଂସ

## ଚନ୍ଦ୍ରୟାନ-୩ର ଘୂର୍ଣ୍ଣନ ପଥ ଦୂରତା ହ୍ରାସ



ଚନ୍ଦ୍ରୟାନ-୩ ପଠାଇଥିବା ଚନ୍ଦ୍ର ପୃଷ୍ଠର ପ୍ରଥମ ଭିଡିଓର ଦୃଶ୍ୟ।

ବେଙ୍ଗାଲୁରୁ,୬।୮

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ରବିବାର ରାତି ୧୧ଟାରେ ଚନ୍ଦ୍ରୟାନ-୩ର ପ୍ରଥମ ଅର୍ବିଟ୍ ରିଡକ୍ସନ୍ (ଘୂର୍ଣ୍ଣନ ପଥର ଦୂରତା ହ୍ରାସ) ମାନୋଭର ସଫଳତାର ସହ ସମ୍ପନ୍ନ କରିଛି। ଫଳରେ ଏହା ଚନ୍ଦ୍ରର ଅଧିକ ନିକଟତର ହୋଇଛି। ଏହି ମାନୋଭର ପରେ ଚନ୍ଦ୍ରଠାରୁ ଚନ୍ଦ୍ରୟାନର ସର୍ବନିମ୍ନ ଦୂରତା ୧୭୦ କିଲୋମିଟର ଏବଂ ସର୍ବାଧିକ ଦୂରତା ୪,୩୧୩ କିଲୋମିଟରକୁ ହ୍ରାସ ପାଇଥିବା ଇସ୍ରୋ ପକ୍ଷରୁ ଟୁଇଟ୍ କରାଯାଇଛି। ପରବର୍ତ୍ତୀ ମାନୋଭର ବୁଧବାର ଅପରାହ୍ନ ୧ଟାରୁ ୨ଟା ମଧ୍ୟରେ କରାଯିବ।

ଶନିବାର ରାତି ୭ଟା ୧୫ରେ ଚନ୍ଦ୍ରୟାନ-୩ ଚନ୍ଦ୍ର କକ୍ଷରେ ପ୍ରବେଶ କରିବା ପରେ ସେଠାରୁ ଇସ୍ରୋ କେନ୍ଦ୍ରକୁ ପ୍ରଥମ ବାର୍ତ୍ତା ପଠାଇଥିଲା। 'ମୁଁ ଏଠାରେ ଚନ୍ଦ୍ରର ମାଧ୍ୟାକର୍ଷଣ ଅନୁଭବ କରୁଛି' ବୋଲି ସେଥିରେ ଲେଖାଥିବା ଇସ୍ରୋ ପକ୍ଷରୁ କୁହାଯାଇଥିଲା। ଏଥିସହିତ ସେଠାରୁ ଚନ୍ଦ୍ରୟାନ-୩ ପଠାଇଥିବା ଚନ୍ଦ୍ରର ପ୍ରଥମ ଭିଡିଓକୁ ରବିବାର ଇସ୍ରୋ ଜାରି କରିଛି। ଭିଡିଓରେ ଚନ୍ଦ୍ର ନୀଳମିଶ୍ରିତ ସବୁଜ ରଙ୍ଗର ହୋଇଥିବାବେଳେ ଏଥିରେ ଅନେକ ଖାଲଖମା ଥିବା ଦେଖିବାକୁ ମିଳିଛି। ଜୁଲାଇ ୧୪ରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୩କୁ ଚନ୍ଦ୍ର ଅଭିମୁଖେ ପ୍ରେରଣ କରାଯାଇଥିଲା। ଅଗଷ୍ଟ ୨୩ରେ ଚନ୍ଦ୍ରପୃଷ୍ଠରେ ବିକ୍ରମ ଲ୍ୟାଣ୍ଡରକୁ ସଫ୍ଟ ଲ୍ୟାଣ୍ଡିଂ କରାଇବା ପାଇଁ ଇସ୍ରୋ ଲକ୍ଷ୍ୟ ରଖିଛି।

## ମଣିପୁର ସରକାରରୁ ଓହରିଲେ ୨ କୁକି ବିଧାୟକ



ଚିନ୍‌ଲୁନ୍‌ଥାଙ୍ଗ୍(ସିଙ୍ଗତ)



କିମ୍‌ନେଓ ହଙ୍ଗସିଂ(ସାଇକୁଲ)

ଇମ୍ଫାଲ,୬।୮

ଭାଜପା ଶାସିତ ମଣିପୁରରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲାଗିରହିଥିବା ଜାତିଆଣ ଓ ଯୌନ ହିଂସା ଯୋଗୁ ଅଚଳାବସ୍ଥା ଦୂର ହେଉନାହିଁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଉଦାସୀନତା ଓ ସ୍ଥାଣୁତାକୁ ଦାୟୀ କରାଯାଉଛି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ସହଯୋଗୀ କୁକି ପିପୁଲ୍ସ ଆଲାଏନ୍ସ (କେପିଏ)ର ୨ ଜଣ ବିଧାୟକ ରବିବାର ବୀରେନ୍ ସିଂ ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିଛନ୍ତି। ଦୁଇ ବିଧାୟକ ହେଲେ କିମ୍‌ନେଓ ହଙ୍ଗସିଂ(ସାଇକୁଲ) ଏବଂ ଚିନ୍‌ଲୁନ୍‌ଥାଙ୍ଗ୍(ସିଙ୍ଗତ)। ମଣିପୁରର ସାମ୍ପ୍ରତିକ ସ୍ଥିତିକୁ ନେଇ ଉପଯୁକ୍ତ ବିଚାରବିମର୍ଶ ପରେ ଉଭୟେ ସରକାରରୁ ଓହରିଯାଇଥିବା ବିଷୟ ରାଜ୍ୟପାଳ ଅନୁସୂୟା ଉଇକେଙ୍କୁ ପ୍ରଦାନ କରିଥିବା ଏକ ପତ୍ରରେ ଉଲ୍ଲେଖ କରିଛନ୍ତି।

୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭାରେ ଭାଜପାର ସର୍ବାଧିକ ୩୨ ବିଧାୟକ ଅଛନ୍ତି। ଏହାବାଦ୍ ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍)ର ୫ ଏବଂ ଅନ୍ୟ ୩ ସ୍ୱାଧୀନ ବିଧାୟକ ମଧ୍ୟ ରାଜ୍ୟ ସରକାରଙ୍କୁ ସମର୍ଥନ ଦେଉଛନ୍ତି। ☞ପୃଷ୍ଠା-୧୧

**ଜାତିଆଣ ହିଂସାରୁ ଅଚଳାବସ୍ଥା**

- **ଭୟରେ ଇମ୍ଫାଲ ଆସୁନାହାନ୍ତି କୁକି ବିଧାୟକ**
- **ବିଧାନସଭା ଅଧିବେଶନରେ ଯୋଗଦେଇ ନ ପାରନ୍ତି**




ତୁମେ ଯେତେବେଳେ ଲୋକମାନଙ୍କୁ ତୁଷ୍ଟ କରିବାକୁ ଚାହଁ– ସେତେବେଳେ ତୁମେ ସବୁ କିଛିକୁ ତା'ବାଟରେ ଯିବା ପାଇଁ ଛାଡ଼ିଦିଅ । ଏବଂ ଅପେକ୍ଷା କରି ବସ– କେତେବେଳେ ପ୍ରକୃତି ମନୁଷ୍ୟ ଉପରେ ପ୍ରଗତିକୁ ଜବରଦସ୍ତି ଲଦି ଦେବ । କିନ୍ତୁ ଏହା ସୃଷ୍ଟିର ସତ୍ୟ ନୁହେଁ । ମଣିଷର ଯଥାର୍ଥ କର୍ତ୍ତବ୍ୟ ହେଲା– ତା'ର ପ୍ରଗତି ଲାଗି ପ୍ରକୃତିକୁ ବାଧ୍ୟ କରିବା । –ଶ୍ରୀମା

# ଜିଦିରୁ ଧ୍ୱଂସ

ଗ୍ରେଟ୍ ନିକୋବର ଦ୍ୱୀପପୁଞ୍ଜରେ କେନ୍ଦ୍ର ସରକାର ୭୨,୦୦୦ କୋଟି ଟଙ୍କା ବ୍ୟୟରେ ଗ୍ରେଟ୍ ନିକୋବର ପ୍ରକଳ୍ପ କରିବାକୁ ଯାଉଛନ୍ତି । ଏଥିଲାଗି ସମ୍ପୃକ୍ତ ସବୁଜ ବନାନୀଯୁକ୍ତ ଅଞ୍ଚଳରୁ ୯ ଲକ୍ଷ ୬୪ ହଜାର ଗଛ କାଟିବାକୁ ପଡ଼ିବ । ୩ ଅଗଷ୍ଟରେ କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ରାଜ୍ୟ ସଭାରେ ଦେଇଥିବା ଉତ୍ତରରୁ ଦେଶବାସୀଙ୍କୁ ଝଟକା ଲାଗିବା ଭଳି ଖବର ଶୁଣିବାକୁ ମିଳିଛି । ମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପ ଭିତରେ ଟ୍ରାନ୍ସଶିପ୍‌ମେଣ୍ଟ ପୋର୍ଟ (ଯାନାନ୍ତରଣ ବନ୍ଦର), ଏକ ଅନ୍ତର୍ଜାତୀୟ ବିମାନବନ୍ଦର, ଟାଉନ୍‌ଶିପ୍ ଏବଂ ୪୫୦ ଏମ୍‌ଭିଏ ଗ୍ୟାସ୍ ଓ ସୌରଚାଳିତ ଶକ୍ତି କେନ୍ଦ୍ର ନିର୍ମାଣ ଲାଗି ଯୋଜନା କରାଯାଇଛି । ୧୩୦ ବର୍ଗ କିଲୋମିଟର ଅକ୍ଷୁଣ୍ଣ ଜଙ୍ଗଲ ଉପରେ ଏହି ପ୍ରକଳ୍ପ ଗଢ଼ିଉଠିବା ଲାଗି ଏକ ବିଶେଷଜ୍ଞ କମିଟି ପରିବେଶ ମଞ୍ଜୁରୀ ଦେଇଥିବାରୁ ଉପରବର୍ଣ୍ଣିତ ଗଛଗୁଡ଼ିକୁ କଟାଯିବା ନିଶ୍ଚିତ ବୋଲି କୁହାଯାଇପାରେ । ନିକଟ ଅତୀତ ପ୍ରମାଣ ଦେଇଛି, ବର୍ତ୍ତମାନର କେନ୍ଦ୍ର ସରକାର ଯାହା ଜିଦି ଧରିଥାଆନ୍ତି, ତାହା ଯେତେ ନକାରାତ୍ମକ ହେଲେ ମଧ୍ୟ କାର୍ଯ୍ୟରେ ପରିଣତ କରିବା ସକାଶେ ଲାଗି ପଡ଼ିଥାଆନ୍ତି । ଏଥିସହିତ ମନେରଖିବାକୁ ହେବ ଯେ, ଏହି ବ୍ୟୟ ଅଟକଳର ବିପୁଳ ଅର୍ଥ ଯୋଗାଡ଼ ହେବା ପୂର୍ବରୁ ସବୁଗଛ କଟା ହେବା ଥୟ । ଏହାବ୍ୟତୀତ ନିର୍ବାଚନ କାନ୍ଧ ଉପରେ ଆସି ବସିଲାଣି । ପରିବେଶକୁ ଧ୍ୱଂସ କଲାଭଳି ଏହି କାର୍ଯ୍ୟକୁ ନିର୍ବାଚନ ପରେ ଆରମ୍ଭ କରାଯିବାର ସମୟ ପାଇଁ ଅପେକ୍ଷା କରାଯାଇପାରିଥାଆନ୍ତା । ସମ୍ଭବତଃ ଲକ୍ଷ୍ୟ ପୂରଣ ପାଇଁ ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ୍,୨୦୨୩କୁ କେନ୍ଦ୍ର ସରକାର ଇତିମଧ୍ୟରେ ଲୋକ ସଭା ଓ ରାଜ୍ୟ ସଭାରେ ଗୃହୀତ କରାଇ ନେଇସାରିଲେଣି । ରାଷ୍ଟ୍ରପତିଙ୍କ ମୋହର ବାଜିଲା ପରେ ଏହା ବିଧିବଦ୍ଧ ଆଇନରେ ପରିଣତ ହୋଇଯିବ । ଉଦ୍‌ବେଗର ବିଷୟ ଯେ, ଜଙ୍ଗଲ ଅଞ୍ଚଳକୁ ଅତି ସହଜରେ ଅଣଜଙ୍ଗଲ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଯେଉଁ କଠୋର ପରିବେଶଗତ ମଞ୍ଜୁରୀର ଆବଶ୍ୟକତା ପଡ଼ିଥାଏ, ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ୍,୨୦୨୩ ପାର୍ଲାମେଣ୍ଟରେ ଗୃହୀତ ହେବା ପୂର୍ବରୁ ଉକ୍ତ ପ୍ରକଳ୍ପ ପାଇଁ ମଞ୍ଜୁରୀ ମିଳିଯାଇଛି । ଏଭଳି ସଂଯୋଗ କୌଣସି ଭାବେ କାକତାଳୀୟ ନୁହେଁ, ସରକାର ଜାଣିଶୁଣି ଏହା କରିଥିବା ବିଭିନ୍ନ ଦିଗକୁ ତର୍ଜମା କରି ଦେଖିଲେ ବୁଝାପଡ଼ିଯାଉଛି ।

> **ନିକଟ ଅତୀତ ପ୍ରମାଣ ଦେଇଛି, ବର୍ତ୍ତମାନର କେନ୍ଦ୍ର ସରକାର ଯାହା ଜିଦି ଧରିଥାଆନ୍ତି, ତାହା ଯେତେ ନକାରାତ୍ମକ ହେଲେ ମଧ୍ୟ କାର୍ଯ୍ୟରେ ପରିଣତ କରିବା ସକାଶେ ଲାଗି ପଡ଼ିଥାଆନ୍ତି । ଏଥିସହିତ ମନେରଖିବାକୁ ହେବ ଯେ, ଏହି ବ୍ୟୟ ଅଟକଳର ବିପୁଳ ଅର୍ଥ ଯୋଗାଡ଼ ହେବା ପୂର୍ବରୁ ସବୁଗଛ କଟା ହେବା ଥୟ ।**

ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଉଛି । ଏଭଳି ସମୟରେ ପରିବେଶ ସଂରକ୍ଷଣ ସଂଶୋଧନ ବିଲ୍ ୨୦୨୩ ଅଣାଯିବା ଅତି ଅଖାଡୁଆ ଲାଗିବା ସ୍ୱାଭାବିକ । ଜଙ୍ଗଲଧ୍ୱଂସ ଓ ଅବୈଜ୍ଞାନିକ ପଦ୍ଧତିରେ ଭିତ୍ତିଭୂମି ନିର୍ମାଣ କରାଯାଉଛି । ଫଳରେ ବନ୍ୟା ଓ ଭୂସ୍ଖଳନ ଭଳି ବିପତ୍ତି ବଢ଼ିବାରେ ଲାଗିଛି । ଉତ୍ତରାଖଣ୍ଡରେ ଯୋଷୀ ମଠ କ୍ରମାଗତ ଦବିବା, ପ୍ରବଳ ବନ୍ୟା ଯୋଗୁ ଈଶ୍ୱରଙ୍କ ନିଜସ୍ୱ ଦେଶ କୁହାଯାଉଥିବା କେରଳରେ ଅସ୍ୱାଭାବିକ ସ୍ଥିତି ଉପୁଜିବା ଓ କର୍ନାଟକର ବେଙ୍ଗାଲୁରୁ ସିଟିଠାରୁ ଆରମ୍ଭକରି ଓଡ଼ିଶାର ଭୁବନେଶ୍ୱର ବର୍ଷାପାଣିରେ ବୁଡ଼ିବା ସମସ୍ତେ ଦେଖୁଛନ୍ତି । ଏଭଳି ସ୍ଥଳେ ନିକୋବର ଦ୍ୱୀପପୁଞ୍ଜ ଭଳି ଏକ ଶାନ୍ତ ଓ ସବୁଜ ଜଙ୍ଗଲ ଅଞ୍ଚଳକୁ 'ବିକାଶ' ନାମରେ ଧ୍ୱଂସ କରିବାର ପ୍ରୟାସ ଆଉ ଏକ ବିପର୍ଯ୍ୟୟକୁ ଡାକିଆଣିବା ଆଶଙ୍କା ସୃଷ୍ଟି କରିଛି । ସରକାରଙ୍କ ଯୁକ୍ତି ହେଉଛି ବାଣିଜ୍ୟ, ଭିତ୍ତିଭୂମି ଉନ୍ନୟନ ଓ ଜାତୀୟ ନିରାପତ୍ତା ଦୃଷ୍ଟିରୁ ନିକୋବର ପ୍ରକଳ୍ପର ଆବଶ୍ୟକତା ପଡ଼ିଲା । ଏହା ସତ ହୋଇପାରେ । କିନ୍ତୁ ଏକ ପ୍ରାଚୀନ ତଥା ଅକ୍ଷୁଣ୍ଣ ଜଙ୍ଗଲର ବୃହତ୍ ଅଂଶକୁ ନଷ୍ଟ କରି ଦିଆଗଲେ ଉକ୍ତ ଦ୍ୱୀପ ତା'ର ମୌଳିକତା ହରାଇ ବସିବା ସହ ଜୈବ ବିବିଧତା ଧ୍ୱଂସ ପାଇବ । ଏଭଳି ସ୍ଥଳେ ସସ୍‌ଟେନେବଲ ଡେଭଲପମେଣ୍ଟ ବା ନିରନ୍ତର ବିକାଶ ବିଷୟରେ ଚିନ୍ତା କରାଯିବା ଦରକାର । ନିରନ୍ତର ବିକାଶର ସଂଜ୍ଞାକୁ ଦେଖିଲେ ଏହା ଏଭଳି ଏକ ପ୍ରକ୍ରିୟା, ଯେଉଁଥିରେ ଭବିଷ୍ୟତ ପିଢ଼ି ଲାଗି ପରିବେଶର ଗୁଣବତ୍ତାରେ କୌଣସି ସାଲିସ କରା ନ ଯାଇ ଦେଶର ଅର୍ଥନୈତିକ ବିକାଶ ଘଟାଯାଇପାରୁଥିବ । କିନ୍ତୁ ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ୍, ୨୦୨୩କୁ ଦେଖିଲେ ସେଭଳି ଆଶ୍ୱାସନାର ତିଳେମାତ୍ର ସଂକେତ ମିଳୁନାହିଁ । ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ଏହି ବିଲ୍ ଆଇନରେ ପରିଣତ ହେବ ଏବଂ ତାହା ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଜାଗାରେ କାର୍ଯ୍ୟ କରିବ । ଏହାଦ୍ୱାରା ଜଙ୍ଗଲ ଜମିକୁ ଅତି ସହଜରେ ଅନ୍ୟାନ୍ୟ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ । ଫଳରେ ବୁଝିବାକୁ ହେବ ଯେ, ଦେଶର ଭବିଷ୍ୟତ ସକାଶେ ଏହା ଅତ୍ୟନ୍ତ କ୍ଷତିକାରକ ହେବ ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ମାନବ ସଭ୍ୟତା ଉପରେ ପ୍ରତ୍ୟକ୍ଷ ପଡ଼ି ସାରିଲାଣି । ଏଭଳି ସ୍ଥଳେ ପରିବେଶକୁ ଧ୍ୱଂସ କରାଯାଇ 'ବିକାଶ' ନାମରେ କେବଳ ଚିକ୍‌ଚିକ୍ ଦେଖାଯାଉଥିବା ଭିତ୍ତିଭୂମି ସୃଷ୍ଟି କରାଗଲେ, ମଣିଷ ତିଷ୍ଠିବା କଷ୍ଟକର ହୋଇପଡ଼ିବ । ତେଣୁ ବିକାଶ ନାମରେ ପରିବେଶ ଧ୍ୱଂସ କୌଣସି ଭାବେ ସ୍ପୃହଣୀୟ ନୁହେଁ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 8 | | | | |
| | | | | | | | | |
| 8 | 7 | | | | | | 6 | 4 |
| | 6 | | 3 | 5 | | 4 | 1 | |
| | 8 | | | 4 | | | | 5 |
| | 3 | | | | 1 | | | |
| | | | 5 | 1 | | 9 | | |
| | | | | 7 | 2 | | | 1 |
| 4 | | | | 9 | | | 5 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 9 | 5 | 2 | 3 | 6 | 7 | 8 |
| 5 | 6 | 3 | 4 | 7 | 8 | 9 | 2 | 1 |
| 2 | 7 | 8 | 9 | 1 | 6 | 3 | 4 | 5 |
| 8 | 9 | 2 | 3 | 4 | 7 | 5 | 1 | 6 |
| 7 | 3 | 6 | 1 | 5 | 9 | 4 | 8 | 2 |
| 4 | 5 | 1 | 8 | 6 | 2 | 7 | 9 | 3 |
| 6 | 2 | 5 | 7 | 8 | 4 | 1 | 3 | 9 |
| 3 | 1 | 7 | 2 | 9 | 5 | 8 | 6 | 4 |
| 9 | 8 | 4 | 6 | 3 | 1 | 2 | 5 | 7 |

ଗତକାଲିର ଉତ୍ତର

# ସ୍ମାର୍ଟ ନଗରୀର ଲଜ୍ଜା



ଚିତ୍ର-ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସେ ମଣିଷ ହୁଅନ୍ତୁ ଅବା ନଗରୀ, ଯିଏ ସ୍ମାର୍ଟ ଭିତରେ ଗଣା ତାଙ୍କର ପୁଣି ଲଜ୍ଜା କ'ଣ ! ସ୍ମାର୍ଟ ମଣିଷ ତ ଅନ୍ୟ ସାଧାରଣ ମଣିଷଙ୍କଠୁଁ ନିଆରା ; ଯେମିତି ଅସାଧାରଣ, ସେମିତି ଅନନ୍ୟ । ପଛକୁ ଫେରିବାର ପ୍ରବଣତାଠାରୁ ଦୂରରେ ଥାଇ ନିଜ ଉଚ୍ଚାରଣ ଓ ଆଚରଣରେ ଯିଏ ଏକ ଅଗ୍ରଗାମୀ ଚେତନାର ବାହକ ଭାବେ ନିଜ ପରିଚୟ ପ୍ରତିଷ୍ଠା କରେ, ଯାହା ପାଖରେ ସବୁ ପ୍ରକାର ପ୍ରଶ୍ନର ଉତ୍ତର ଥାଏ, ଅବା ସମ୍ଭାବ୍ୟ ସଙ୍କଟରୁ ମୁକୁଳିଯିବାର ଉପାୟ ଥାଏ, ତାକୁ 'ସ୍ମାର୍ଟ' ଭଳି ଏକ ସଂଭ୍ରାନ୍ତ ବିଶେଷଣରେ ବିଭୂଷିତ କରାଯାଇଥାଏ । ବଡ଼ ବା ବୟସ୍କମାନଙ୍କ କଥା ଦୂରେ ଥାଉ, କୋମଳ କିଶୋରଟିଏ ମଧ୍ୟ 'ସ୍ମାର୍ଟ ବୟ'ର ସମ୍ମାନ ସନନ୍ଦ ଅର୍ଜନ କରିବା ପାଇଁ କିଛି ବିଶେଷ ଗୁଣରାଜିର ଧାରକ ହେବା ଏକାନ୍ତ ଅପରିହାର୍ଯ୍ୟ ହୋଇଥାଏ । ନିଜ ଆଚରଣରେ ଗଧଙ୍କ ପରି ନିଷ୍କ୍ରିୟ ଜଣାପଡୁଥିବା ପିଲାଟିକୁ 'ସ୍ମାର୍ଟ ବୟ' ବୋଲି ସାର୍ଟିଫିକେଟ୍ ଦେଲେ ତା' ପାଇଁ ଲଜ୍ଜାଜନକ ହେଉ କି ନ ହେଉ 'ସ୍ମାର୍ଟ' ଶବ୍ଦଟିର ଅପମାନ ହେବ !

ସ୍ମାର୍ଟ ମଣିଷ ପରି ସ୍ମାର୍ଟ ନଗରୀ ପାଇଁ ସେଇ ଏକା ଯୋଗ୍ୟତାର ମାପଦଣ୍ଡ । ଆମ ଦେଶରେ ବହୁ ନଗରୀ ଥିଲେ ମଧ୍ୟ ଏମିତି ବଛା ବଛା କେତୋଟି ନଗରୀ କେବଳ 'ସ୍ମାର୍ଟ' ମାନ୍ୟତା ଅର୍ଜନ କରିଛନ୍ତି । କେଇବର୍ଷ ତଳେ ଯେତେବେଳେ ଆମ ରାଜଧାନୀ ନଗରୀ ଭୁବନେଶ୍ୱର ଏହି ଅପୂର୍ବ ମାନ୍ୟତାର ଅଧିକାରୀ ହୋଇଥିବା ରାଷ୍ଟ୍ରସ୍ତରରେ ଘୋଷଣା ହେଲା, ସେତେବେଳେ ଏଠାକାର ଅଧିବାସୀମାନଙ୍କ ହୃଦୟରେ ସୃଷ୍ଟି ହୋଇଥିଲା ଏକ ଅଭିନବ ମୁଗ୍ଧ ବିଭୋରଭାବ । ଏଠାରେ ବସବାସ କରିବାର ସୁଯୋଗରୁ ବଞ୍ଚିତ ହୋଇଥିବା ଅବଶିଷ୍ଟ ଓଡ଼ିଆମାନେ ଅନୁଭବ କରିଥିଲେ ଏକ ଅବ୍ୟକ୍ତ ଶୂନ୍ୟତା । ତେବେ କ'ଣ ଏହି ସ୍ମାର୍ଟପଣ, ଯାହାକୁ ନେଇ ଭୁବନେଶ୍ୱରରେ ରହୁଥିବା ଲୋକଟିଏ ନିଜେ ଉପଭୋଗ କରିବା ସହ ଅନ୍ୟ ସହରର ପ୍ରତିପକ୍ଷଙ୍କୁ ଦେଖାଇ ପାରୁଥିଲା ସେ କେମିତି ଅନ୍ୟମାନଙ୍କଠୁଁ ଭିନ୍ନ, ଅନନ୍ୟ !

ଗୋଟିଏ ନଗରୀ 'ସ୍ମାର୍ଟ ସିଟି' ତାଲିକାରେ ନିଜ ନାମ ଲେଖାଇବାକୁ ସେତେବେଳେ ଯୋଗ୍ୟ ବିବେଚିତ ହୁଏ, ଯେତେବେଳେ ଏହା ଅନ୍ୟ ସହର ବା ନଗରଠାରୁ ଚେହେରାରେ ଅଧିକ ଉଜ୍ଜ୍ୱଳ ଦେଖାଯାଏ । ଯେତେବେଳେ ଏହାର ଅଧିବାସୀମାନେ ସେଇ ସବୁ ସୁବିଧା ଉପଭୋଗ କରନ୍ତି, ଯାହା ଅନ୍ୟମାନଙ୍କ ପାଇଁ ଉପଲବ୍ଧ ନ ଥାଏ । ସେଇ ଦୃଷ୍ଟିରୁ ଆମ ରାଜଧାନୀ ନଗରକୁ ସ୍ମାର୍ଟ ଭାବେ ବିବେଚନା କରିଥିବା ନିର୍ଦ୍ଧାରକମାନେ ଏହାର ପ୍ରଶସ୍ତ ରାଜପଥ, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ପ୍ରଦୂଷଣ ବିରୋଧୀ ବିସ୍ତୃତ ସବୁଜବଳୟ, ସୁଲଭ ଗମନାଗମନ ବ୍ୟବସ୍ଥା, ଉନ୍ନତ ଶିକ୍ଷାଦାନ ପାଇଁ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ, ତହୁଁ ବଳି ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ କର୍ପୋରେଟ୍ ହସ୍ପିଟାଲ ସହିତ ସଫ୍ଟୱେୟାର ଟେକ୍ନୋଲୋଜିକୁ ବିକଶିତ କରୁଥିବା ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀର କର୍ମଶାଳା ଆଦିକୁ ବିଚାରକୁ ନେଇଥିବେ । ଏ କଥା ବି ଦେଖିଥିବେ ଯେ ଦେଶର ବହୁ ନଗର ତୁଳନାରେ ଭୁବନେଶ୍ୱର କେମିତି ମଣିଷର ଆଧ୍ୟାତ୍ମିକ ଚେତନାକୁ ପରିପୁଷ୍ଟ କରିବାକୁ ମନ୍ଦିରମାଳିନୀ ନଗର ଭାବେ ପୂର୍ବରୁ ମାନ୍ୟତା ଅର୍ଜନ କରିଛି । ପୁଣି କେମିତି ବହୁବିଧ ପ୍ରାକୃତିକ ସମ୍ଭାରରେ ସମୃଦ୍ଧ ହୋଇ ଯନ୍ତ୍ରମନସ୍କ ଯୁବାବର୍ଗଙ୍କୁ ଜୀବନବୋଧର ଭିନ୍ନ ଏକ ଦିଗନ୍ତ ପ୍ରତି ଆକର୍ଷିତ କରିବାର ସାମର୍ଥ୍ୟ ରଖିଛି । ଅବଶ୍ୟ ଏକଥା ଭିନ୍ନ ଯେ ସେତେବେଳେ ବିଚାରକମାନେ ଏକଥା ଦେଖି ନ ଥିବେ ଯେ ଏଠାରେ ବି ଦୂରବର୍ତ୍ତୀ ଗାଁ ଓ ଅପେକ୍ଷାକୃତ କ୍ଷୁଦ୍ର ସହର ଭଳି ଖରାଦିନେ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ୍ ହେଉଛି, ପୁଣି ରାଜପଥରୁ ବାଟ ଭାଙ୍ଗି ରାଜଧାନୀର ଗଳି ରାସ୍ତାଧାରର ବସ୍ତିବାସିନ୍ଦାମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଡେଙ୍ଗୁରେ ଆକ୍ରାନ୍ତ ହେଉଛନ୍ତି ଏବଂ ସର୍ବୋପରି ବର୍ଷାଦିନରେ ଖୋଲା ଡ୍ରେନର ପ୍ରଚଣ୍ଡ ସ୍ରୋତରେ ଭାସିଯାଇ ତରୁଣ ଛାତ୍ରଟିର ପ୍ରାଣହାନି ଘଟୁଛି !



ସ୍ମାର୍ଟ ସିଟି ଭୁବନେଶ୍ୱରକୁ ନେଇ ଏତେ ଚିତ୍ରଣ, ମନ୍ଥନ ଓ ବିଶ୍ଳେଷଣର ଆବଶ୍ୟକତା ପଡ଼ନ୍ତା ନାହିଁ, ଯଦି କେଇଦିନ ତଳର ଲଘୁଚାପଜନିତ ବର୍ଷା ବିପ୍ରାତର ବିକଳ ଚିତ୍ର ହୃଦୟକୁ ଥରାଇ ଦେଇ ନ ଥା'ନ୍ତା ; ଏକ ବାଧ୍ୟ ବିବଶ ଅସହାୟତାରେ । ବିଗତ କେଇବର୍ଷ ହେଲା ରାଜଧାନୀ ନଗରୀରେ ରହୁଥିବା ଅଧିବାସୀଙ୍କ ପାଇଁ ଏ ବର୍ଷା ବିପ୍ରାତ କିଛି ନୂଆ ନ ଥିଲା । ସ୍ମାର୍ଟ ସିଟିର ମାନ୍ୟତା ପାଇବା ପୂର୍ବରୁ ରାଜଧାନୀରେ ଭାରି ବର୍ଷାର ଇତିହାସ କିଛି କମ୍ ନୁହେଁ । ମାତ୍ର ପାଖରେ ଥିବା କଟକ ନଗର ଭଳି କେବେ ବି ଏହା ଭୋଗୁ ନ ଥିଲା ବର୍ଷା ବିପ୍ରାତର ଦୁର୍ଦ୍ଦଶା । କେବେ ବି ଏଠାରେ ଘର ଭିତରେ ପାଣିର ସୁଅ ଚାଲୁ ନ ଥିଲା କିମ୍ବା ଘର ଭିତରେ ଛଅ ମାସର ଛୁଆକୁ ଧରି ମାଆ ଜଣେ ବୁଡ଼ିଯାଇଥିବା ଖଟ ଉପରେ ଚେୟାରଟି ପକାଇ ତା' ଉପରେ ଆଶ୍ରୟ ନେଉ ନ ଥିଲା । ମାତ୍ର ସ୍ମାର୍ଟ ସିଟି ହେଲା ପରେ କଟକକୁ ପଛରେ ପକାଇ ବଳିଗଲାଣି ଭୁବନେଶ୍ୱରବାସୀଙ୍କ ଦୁର୍ଦ୍ଦଶା ।

କୁହାଯାଉଛି, ଭୁବନେଶ୍ୱର ନଗରର ପରିକଳ୍ପନା କଲାବେଳେ ମାତ୍ର ଚାଳିଶ ହଜାର ଲୋକ ଏଠାରେ ବସବାସ କରିବେ ବୋଲି ଚିନ୍ତା କରାଯାଇଥିଲା । ଅଥଚ ଏବେ ଏହାର ଲୋକସଂଖ୍ୟା ୧୨ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି । ଆଧୁନିକ ଜୀବନର ଆକର୍ଷଣରେ ଗାଁରୁ ସହରମୁହାଁ ହେଉଥିବା ଲୋକଙ୍କ ରାଜଧାନୀରେ ବସା ବାନ୍ଧିବାର ପ୍ରବଣତା ମଧ୍ୟରେ ରାଜଧାନୀର ବିସ୍ତୀର୍ଣ୍ଣ ଭୂସମ୍ପଦ ଉପରେ ଗଢ଼ି ଉଠିଲାଣି ମାଳ ମାଳ କଂକ୍ରିଟ୍‌ର କୋଠାବଣ । ପ୍ରଶାସନର ଉଦାସୀନତା ଓ କେତେକ କ୍ଷେତ୍ରରେ ସହଯୋଗିତାରେ ସରକାରୀ ଜମି, ଏପରିକି ଗୋଚର ଜମି ଉପରେ ବିଛିଡ଼ା ହେଲାଣି ମାଳ ମାଳ କୋଠାଘର । ବର୍ଷାଜଳ ବୋହିନେବାକୁ ଡ୍ରେନ୍ ନାହିଁ କି ଶୋଷିନେବାକୁ ମାଟି ମୁଠାଏ ନାହିଁ । ସୁତରାଂ ବ୍ୟାପକ ଜଳ ପ୍ଲାବନ ମଧ୍ୟରେ ଉବୁଟୁବୁ ହେବାକୁ ଆମ ସ୍ମାର୍ଟ ସିଟି ବସ୍ତୁତଃ ବାଧ୍ୟ । ପକେଟରେ ଟଙ୍କା ଓ ହାଣ୍ଡିରେ ଚାଉଳ ଥାଇ ବି ରୋଷେଇ କରି ନ ପାରି ଉପାସରେ ଦିନ କାଟିବାକୁ ଏଠାକାର ବାସିନ୍ଦାଙ୍କ ଭାଗ୍ୟ ଓ ଟିଉଶନ ସାରି ଘରକୁ ଫେରିଲାବେଳକୁ ଖୋଲା ଡ୍ରେନ୍‌ରେ ପଡ଼ିଯାଇ ଅକାଳରେ ସଂସାର ଛାଡ଼ିବା ଏଠାକାର ତରୁଣଙ୍କ ଭବିଷ୍ୟ !

ଉପସଂହାରରେ ଏଥର ବର୍ଷା ବିପ୍ରାତରେ ସ୍ମାର୍ଟସିଟିର ଦୁଇଟି ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟ । ଅତ୍ୟନ୍ତ ହୃଦୟସ୍ପର୍ଶୀ ଏହି ଦୁଇଟି ଦୃଶ୍ୟର ମାନବୀୟ ଆବେଦନ ବେଶ୍ ମାର୍ମିକ । ପ୍ରଥମରେ ରାଜଧାନୀର ନିଉ ଫରେଷ୍ଟ ପାର୍କ ଅଞ୍ଚଳରେ ରହୁଥିବା ଅଶୀତିପର ବୁଢ଼ାବୁଢ଼ୀ ଦୁହେଁ ନିଜ ଘରେ ଜଳବନ୍ଦୀ ହୋଇ ରହୁଛନ୍ତି । ରାଜଧାନୀର ଅନ୍ୟ ବହୁ ବୟସ୍କ ମାତାପିତାଙ୍କ ପରି ସେମାନଙ୍କ ସନ୍ତାନସନ୍ତତି ବିନା ଏକା ଏକା ରହୁଥିବା ଏହି ବୃଦ୍ଧ ଦମ୍ପତି ଅତି ବିକଳରେ କହୁଥିଲେ, ''ଘର ଭିତରେ ଆଣ୍ଠୁଏ ପାଣି । ଆମର ସେବାକାରୀ କାମବାଲିର ଘରେ ପାଣି ପଶିଥିବାରୁ ସେ ଆସିବନି ବୋଲି ମନାକଲା ପରେ ବିନା ଖାଦ୍ୟପେୟରେ ଖଟ ଉପରେ ଚେୟାର ପକାଇ ଆମେ ଦୁହେଁ ବସିରହିଛୁ ।'' ଦ୍ୱିତୀୟ ଦୃଶ୍ୟଟି ଆହୁରି ଚିନ୍ତା ଉଦ୍ରେକକାରୀ । ସ୍ମାର୍ଟ ସିଟିରେ ଚାକିରି କରି ଘରଭଡ଼ା ନେଇ ରହୁଥିବା ଲୋକ ଜଣେ ପାଣି ଘେରରେ ଉପାସରେ ଥିବା ନିଜ ପିଲାମାନଙ୍କ ବିକଳ ଅବସ୍ଥା ଦେଖି ନ ପାରି ପରିବାରକୁ ନେଇ ଗାଁକୁ ଚାଲିଗଲେ । ଏହି ଦୁଇଟି ଘଟଣାକୁ ସ୍ମାର୍ଟ ସିଟିର ଦୁଃଖ ନ କହି ଲଜ୍ଜା କହିଲେ ଅଧିକ ସମୀଚୀନ ହେବ । ନିଜ ପୁଅକୁ ସ୍ମାର୍ଟ ବୟ କହି ଛାତି ଫୁଲାଉଥିବା ବାପା ଗୋଟିଏ ସାଧାରଣ ପ୍ରଶ୍ନର ଉତ୍ତର ଜାଣି ନ ଥିବା ପୁଅଟିର ବିଫଳତାରେ ଲଜ୍ଜାବୋଧ କଲାପରି ସ୍ମାର୍ଟ ସିଟିର ବାସିନ୍ଦାଙ୍କୁ ନିମ୍ନତମ ନିରାପତ୍ତା ଯୋଗାଇବାରେ ବିଫଳ ହେଉଥିବା ପ୍ରଶାସନ ଲଜ୍ଜିତ ହେଉଛନ୍ତି କି ନାହିଁ କେଜାଣି ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୭୨୪୧୦୫

# ଦୋଷ ଦେବା କାହାକୁ



ଡ.ସତ୍ୟନାରାୟଣ ମିଶ୍ର

ସାମ୍ପ୍ରତିକ ଏକବିଂଶ ଶତାବ୍ଦୀରେ ମଣିଷ ଯେତେବେଳେ ସ୍ୱୟଂସିଦ୍ଧ, ସେତେବେଳେ ପ୍ରଯୁକ୍ତିବିଦ୍ୟାର ଉତ୍କର୍ଷରେ ନିଜକୁ ଶ୍ରେଷ୍ଠ ବୋଲି ପରିଚୟ ସୃଷ୍ଟି କରିଥାଏ । ମାତ୍ର ପରିଚୟକୁ ଏକ ଦୃଷ୍ଟାନ୍ତ ରୂପରେଖ କରିବା ପାଇଁ ମଣିଷ ଚିନ୍ତନ କରିବା ଆବଶ୍ୟକ । ପରିଚୟ ମଣିଷକୁ ଜୀବନ୍ତ କରିବାରେ ସାହାଯ୍ୟ କରିଥାଏ, ଯେଉଁଠି ଥାଏ ଭବିଷ୍ୟତର ମାନ୍ୟତା । ଗୋଟିଏ ଜାତି ବା ଦେଶର ମାନ୍ୟତା ସେତେବେଳେ ପରିଚିତ ହୋଇଥାଏ, ଯେତେବେଳେ ତାହା ଭବିଷ୍ୟତ ଦ୍ୱାରା ଆଦୃତ ହୋଇଥାଏ ଓ ଯାହା ଥାଏ ଏକ ଦୃଷ୍ଟାନ୍ତ । ମାତ୍ର ବର୍ତ୍ତମାନର ସମାଜରେ ମଣିଷ ନିଜେ ଦୋଷ କରି ଯେଉଁ ପରିଚୟ ସୃଷ୍ଟି କରୁଛି ତାହା ହେଉଛି ଏକ ସମ୍ବେଦନଶୀଳ ପୃଷ୍ଠା, ଯାହା ଭବିଷ୍ୟତ ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ । ଅନେକ ସମୟରେ ଆଜିର ଜୀବନଶୈଳୀରେ ମଣିଷ ନିଜର କର୍ମ ଚାତୁରୀକୁ ପାଥେୟ କରିବା ପାଇଁ ନିଜର ଭୁଲ୍‌କୁ ନିଜେ ମାନିବା ଲାଗି ନାରାଜ, କାରଣ ମଣିଷ ନିଜର ଶ୍ରେୟରେ ନିଜେ ବଳୀୟାନ, ଯାହା ଏକ ମର୍ମସ୍ପର୍ଶୀ ବ୍ୟବସ୍ଥା । କୌଣସି ଭୋଜି ଆଦିରେ ସଭ୍ୟ ମଣିଷ ଯେତିକି ପରିମାଣରେ ଖାଦ୍ୟ ନଷ୍ଟ କରିଥାଏ ତାହା ଚିନ୍ତାର ବିଷୟ । ସଭା ସମିତି, ବିବାହ ଉତ୍ସବ ଆଦିରେ ଯେଉଁ ପରିମାଣରେ ଓ ପ୍ରକାରର ଖାଦ୍ୟ ଉପକରଣ ହୋଇଥାଏ ଓ ତାହାର ବ୍ୟବହାର ତଥା ନଷ୍ଟର ତାଲିକା ଯଦି ପ୍ରସ୍ତୁତ କରାଯାଏ, ତେବେ ଏକ ଅସନ୍ତୁଳିତ ତାଲିକା ସୃଷ୍ଟି ହୋଇଥାଏ । ଏଥିରେ କର୍ତ୍ତା ପ୍ରକାରାନ୍ତରେ ଏକ ଅକ୍ଷମଣୀୟ ଅପରାଧ କରିଥାନ୍ତି, କାରଣ କ୍ଷୁଧା ନିବାରଣ ବା ଉଦର ଶାନ୍ତି ପାଇଁ ଉକ୍ତ ଖାଦ୍ୟ ସାମଗ୍ରୀର ପ୍ରସ୍ତୁତ ହୋଇ ନ ଥାଏ । କେବଳ ଆଭିଜାତ୍ୟକୁ ପ୍ରତିପାଦିତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥାଏ । ଯେଉଁ ଚାଷୀ ଖାଦ୍ୟ ଦ୍ରବ୍ୟକୁ ଉତ୍ପାଦନ କରିଥାଏ, ତାହାର ଉଦ୍ଦେଶ୍ୟ ଥାଏ ମଣିଷର ଆବଶ୍ୟକତାକୁ ପୂରଣ କରିବ ଓ ତାହା ଜନସେବାରେ ଉପଲବ୍ଧ ହେବ । ମାତ୍ର ଯେଉଁ ସମାଜରେ ମଣିଷ ଅନାହାରରେ ମୃତ୍ୟୁବରଣ କରୁଛି, ସେହି ସମାଜରେ ଖାଦ୍ୟର ଆଭିଜାତ୍ୟ ନଷ୍ଟ ପଦ୍ଧତି ପରୋକ୍ଷରେ ଏକ ନିଅଣ୍ଟ ପରିବେଶ ସୃଷ୍ଟି କରୁଛି ଓ ସମାଜ ଅସନ୍ତୁଳନ ସୃଷ୍ଟି କରୁଛି । ବର୍ତ୍ତମାନ ବିଦ୍ୟୁତ୍ ବ୍ୟବହାର କ୍ଷେତ୍ରରେ ଶକ୍ତିର ଅପଚୟ ଏକ ନିତିଦିନିଆ ମନ୍ଦ ଅଭ୍ୟାସ ହୋଇଗଲାଣି । ଘରୋଇ କ୍ଷେତ୍ରରେ ହେଉ ବା ବ୍ୟବସାୟରେ ହେଉ ଆବଶ୍ୟକତାରୁ ଅଧିକ ବା ପ୍ରୟୋଜନ ନ ଥାଇ ବିଜୁଳିର ଅସଦ୍ ବ୍ୟବହାର ଅଧିକ ହେଉଛି । ଅନେକ କଳକାରଖାନାରେ ବେପରୁଆ ବିଦ୍ୟୁତ୍ ବ୍ୟବହାର କରି ଦେୟକୁ ଅସଦ୍ ଉପାୟରେ ଫାଙ୍କି ଦିଆଯାଉଛି ।

ଇନ୍ଧନ କ୍ଷେତ୍ରରେ ମଧ୍ୟ ସମାନ ଅପଚୟ ବ୍ୟବସ୍ଥା । ବିଦେଶରେ ଅନେକ ସ୍ଥାନରେ କୌଣସି କାରଣ ନ ଥାଇ ବ୍ୟକ୍ତି ଏଣେତେଣେ ବୁଲାବୁଲି କରି ଇନ୍ଧନ ନଷ୍ଟ କରନ୍ତି ନାହିଁ ଓ ଅଯଥାରେ ଭିଡ଼ ସୃଷ୍ଟି କରି ଟ୍ରାଫିକ ସମସ୍ୟାକୁ ଅଧିକ ଗମ୍ଭୀର କରନ୍ତି ନାହିଁ । ମାତ୍ର ଆମେ ଦୋଷ ଦେବା କାହାକୁ ? ସମାଜରେ ବର୍ତ୍ତମାନ ଲାଞ୍ଚ ନେବା ଓ ଦେବା ଏକ ନିଆ ଦିଆର ବ୍ୟବସ୍ଥା । ଏପରି କି କେତେଜଣ ବ୍ୟକ୍ତି ନୂତନ ସରକାରୀ ଚାକିରି ଆରମ୍ଭ କରିବା ପୂର୍ବରୁ ହିସାବ କରିଥାନ୍ତି ଏଥିରେ ଉପୁରି ବା ଲାଞ୍ଚର ବ୍ୟବସ୍ଥା ଅଛି କି ନାହିଁ । ଲାଞ୍ଚ ନ ଦେଲେ କାର୍ଯ୍ୟ ସଫଳ ହେବା କଷ୍ଟ ବୋଲି ଅନେକେ ଅଭିଯୋଗ କରିଥାଆନ୍ତି । ତେବେ ଦୋଷ ଦେବା କାହାକୁ ଲାଞ୍ଚ ନେଉଥିବା ବ୍ୟକ୍ତିକୁ ନା ଲାଞ୍ଚ ଦେଉଥିବା ବ୍ୟକ୍ତିକୁ ନା ଶାସନ ବ୍ୟବସ୍ଥାକୁ । ବ୍ୟକ୍ତି ଅନେକ ସମୟରେ ବାରମ୍ବାର ଗୋଟିଏ କାର୍ଯ୍ୟ ପାଇଁ ଯେତେବେଳେ ନିରୁପାୟ ହୋଇଯାଏ, ସେତେବେଳେ ଉକ୍ତ ଲାଞ୍ଚ ବ୍ୟବସ୍ଥାକୁ ଇଚ୍ଛା ବିରୋଧରେ ବ୍ୟବହାର କରି କାର୍ଯ୍ୟ ହାସଲ କରିଥାଏ । ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ଶିକ୍ଷାନୁଷ୍ଠାନଗୁଡ଼ିକ କେଉଁ ମାତ୍ରାରେ ଗଢ଼ିଉଠିଛି ଓ କେଉଁ ସ୍ତରରେ ରହିଛି ତାହା ବେଶ୍ ଜଣା । ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ କେତେ ହାରରେ ଶିକ୍ଷିତ ବା ଜ୍ଞାନୀ ବ୍ୟକ୍ତି ସୃଷ୍ଟି ହେଉଛନ୍ତି ତାହା ଏ ସମାଜକୁ ବି ଜଣା । ଶିକ୍ଷାନୁଷ୍ଠାନର ଅୟମାରମ୍ଭରୁ ସୃଷ୍ଟି ହୋଇଥାଏ ଅସାଧୁ ଉପାୟରେ ଶିକ୍ଷାନୁଷ୍ଠାନର ସ୍ଥିତି । ଶିକ୍ଷାନୁଷ୍ଠାନରେ ପିଲା କିପରି ଜ୍ଞାନୀ ଓ ପାଠପଢ଼ାରେ ମନୋନିବେଶ କରିବେ ସେଥିପ୍ରତି ଶିକ୍ଷକ ବା ଶିକ୍ଷାନୁଷ୍ଠାନ ଯେତିକି ଯତ୍ନବାନ ହୋଇ ନ ଥାଏ, ତା'ଠାରୁ ଅଧିକ ଯତ୍ନବାନ ହୋଇଥାନ୍ତି ପିଲାମାନେ କିପରି ଅସାଧୁ ଉପାୟରେ ପରୀକ୍ଷାରେ ପାସ୍ ହେବେ । ପିଲା ପାସ୍ ହେବା ପାଇଁ ଶିକ୍ଷକ, ଶିକ୍ଷାନୁଷ୍ଠାନ ଓ ଅଭିଭାବକ ଯଥେଷ୍ଟ ଉଦ୍ୟମ କରିଥାନ୍ତି ।



ରାଜନୀତିରେ ନିର୍ବାଚନ ସମୟରେ ଭୋଟ ଜବରଦଖଲ, ଘରେଘରେ ଉପହାର ବା ଉତ୍କୋଚ ବଣ୍ଟନ, ମାତ୍ରାଧିକ ଭୟ ଆତଙ୍କର ସମଷ୍ଟିରେ ଭୋଟ ଗ୍ରହଣ ଇତ୍ୟାଦି ପାଇଁ ଦୋଷଦେବା କାହାକୁ, ଜନତାଙ୍କୁ ନା ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କୁ ନା ସରକାରଙ୍କ ବ୍ୟବସ୍ଥାକୁ । ଖାଦ୍ୟରେ ଅପମିଶ୍ରଣ ଲାଭଜନକ ବ୍ୟବସାୟ ହୋଇଗଲାଣି । ବର୍ତ୍ତମାନ ଏହା ଜୀବନକୁ ଦୁର୍ବିଷହ କରିସାରିଲାଣି । ତେବେ ଏଥିପାଇଁ ମଣିଷପଣିଆକୁ ଦୋଷ ଦେବା ନା ବିବେକକୁ ଦୋଷ ଦେବା ନା ସଭ୍ୟତାକୁ ଦୋଷ ଦେବା । ପୋଷାକରେ ବର୍ତ୍ତମାନ ଶାଳୀନତାର ପ୍ରଶ୍ନ ରହୁ ନାହିଁ ଓ ସାର୍ବଜନୀନ ସ୍ଥାନଗୁଡ଼ିକରେ ଯିଏ ଯେତେ ଛୋଟ ଓ ଚିରାଫଟା ପିନ୍ଧିପାରିଲା ସିଏ ସେତେ ଆଭିଜାତ୍ୟ ବୋଲି ନିଜକୁ ଗର୍ବ କରିଥାଏ । ତେବେ ଏଥିରେ ଦୋଷ ଦେବା କାହାକୁ? ମଦ ଓ ଅନ୍ୟ ନିଶାରେ ଆସକ୍ତ ହୋଇ ସାମାଜିକ ଜୀବନକୁ ଭିତତ୍ରସ୍ତ କରିବା ଓ ଅନ୍ୟମାନଙ୍କୁ ବାଧକ ସୃଷ୍ଟି କରିବା ଯେପରି ଏକ ଅଣସୀକୃତି ଶୃଙ୍ଖଳା ହୋଇଗଲାଣି । ନିଶା ସେବନ ପାଇଁ ସରକାର ସ୍ଥାନ ନିରୂପଣ କରି ସରକାର ସେଥିରୁ ଧନ ପାଇଥାନ୍ତି । ସରକାର ମଧ୍ୟ ଆଇନ ଶୃଙ୍ଖଳା ପାଇଁ ଅଧିକ ଶ୍ରମ ଓ ଧନ ବ୍ୟବହାର ବି କରିଥାନ୍ତି । ଏତଦ୍‌ବ୍ୟତୀତ ନିଶା ଉତ୍ପାଦନ, ବିକ୍ରି ପାଇଁ ସୀକୃତି ଦେଇ ବ୍ୟବହାର ନ କରିବା ପାଇଁ ବିଜ୍ଞାପନ ଆଦିରେ ଅନେକ ଅର୍ଥ ନଷ୍ଟ କରନ୍ତି ଓ ଜନସାଧାରଣଙ୍କୁ ମଧ୍ୟ ସଚେତନ କରିଥାନ୍ତି ନିଶା ସେବନ ନ କରିବା ପାଇଁ । ତେବେ ଦୋଷ ଦେବା କାହାକୁ ? ଅତଏବ ମଣିଷ ପ୍ରଥମେ ନିଜକୁ ଦୋଷୀସାବ୍ୟସ୍ତ କରିବା ଉଚିତ ଓ ଦୋଷର ନିରାକରଣ ପାଇଁ ପ୍ରତିରୋଧ କରି ନିଜେ ସଂଶୋଧିତ ହେଲେ ସମଗ୍ର ପଦ୍ଧତି ନିଶ୍ଚୟ ଦୋଷମୁକ୍ତ ହୋଇଯିବ ।

ଅଭିଲେଖାଧିକାରୀ
ଜାତୀୟ ଅଭିଲେଖାଗାର,
ଭାରତ ସରକାର
ମୋ -୯୯୩୭୩୪୫୯୦୦

## ଏଇ ଭାରତରେ

ଦେଶରେ ଟମାଟୋ ଦାମ ଆକାଶ ଛୁଆଁ ହୋଇଛି । ପ୍ରତିଦିନ ଟମାଟୋ ନେଇ ରୋଚକ ଖବର ମିଳିବାରେ ଲାଗିଛି । ସମ୍ପ୍ରତି ଝାଡ଼ଖଣ୍ଡର କୋରବା ଅଞ୍ଚଳରେ ଏକ ମିଠା ଦୋକାନରେ ବିଭିନ୍ନ ମିଠା ସହିତ ଟମାଟୋ ମଧ୍ୟ ବିକ୍ରି ହେଉଛି । ଦୋକାନରେ ରସଗୋଲା ଏବଂ ଅନ୍ୟ କେତେକ ମିଠାର କିଲୋଗ୍ରାମ ପିଛା ଦାମ ୨୨୦ ଟଙ୍କା ରହିଛି । ତେବେ ଟମାଟୋ ଦାମ କିଲୋଗ୍ରାମ ପିଛା ୩୦୦ ଟଙ୍କା ରହିଛି । ଦୋକାନ ମାଲିକ କହିଛନ୍ତି ଏବେ ଟମାଟୋ ଦାମ ମିଠା ଦାମଠାରୁ ଅଧିକ ରହିଛି । ତେଣୁ ମୁଁ ବିଭିନ୍ନ ମିଠା ସହିତ ଟମାଟୋ ବିକ୍ରି କରୁଛି । ଏହା ପ୍ରଚାର ଦେବା ଦ୍ୱାରା ଗ୍ରାହକ ମୋ ଦୋକାନ ସମ୍ପର୍କରେ ଜାଣି ମିଠା କିଣିବାକୁ ଅଧିକ ସଂଖ୍ୟାରେ ଆସି ପହଞ୍ଚୁଛନ୍ତି । କୋରବାର ୨ ଟି ଦୋକାନରେ ଟମାଟୋକୁ ମିଠା ଭଳି ଫ୍ରିଜରରେ ରଖାଯାଇଛି । ଟମାଟୋ ବାହାରେ ରଖିଲେ ନଷ୍ଟ ହେବାର ଆଶଙ୍କା ଥିବାରୁ ଏଭଳି କରାଯାଉଥିବା ଦୋକାନ ମାଲିକ କହିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୭ ଅଗଷ୍ଟ ୧୯୯୮

- କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍. ବାଙ୍ଗରପ୍ପା ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅବ୍ରାର ଅହମ୍ମଦଙ୍କ ପୁନଃ କଂଗ୍ରେସ ଦଳକୁ ପ୍ରତ୍ୟାବର୍ତ୍ତନ ।
- ବମ୍ବେରେ ଘଟିଥିବା ଦଙ୍ଗା ଓ ତତ୍ ପରବର୍ତ୍ତୀ ବୋମାବିସ୍ଫୋରଣ ଘଟଣାର ତଦନ୍ତ କରି ଶ୍ରୀକୃଷ୍ଣ କମିଶନ ଦେଇଥିବା ରିପୋର୍ଟରେ ଶିବସେନା ମୁଖ୍ୟ ବାଲ୍ ଥାକ୍‌ରେ ଦୋଷୀ ସାବ୍ୟସ୍ତ ।
- ଧର୍ଷଣ ଉଦ୍ୟମ ଅଭିଯୋଗରେ ଅଭିଯୁକ୍ତ ଇନ୍ଦ୍ରଜିତ୍ ରାୟଙ୍କ ଆଡ୍‌ଭୋକେଟ ଜେନେରାଲ (ଏ.ଜି.) ପଦରୁ ଇସ୍ତଫା ପ୍ରଦାନ ।

## ଚିରନ୍ତନୀ

ରୁଦ୍ଧ ହୃଦୟ ଆବେଗ ନୟନ ଜଳରେ ଦିଏ ଢାଳି,
ପରାହତ କବି ଯଥା ଲୋତକରେ ଦିଅଇ ପଖାଳି
ଅପ୍ରକାଶ ଅନାଗତ ବେଦନାର ଛନ୍ଦ,
ଫାଟି ପଡ଼େ ହୃଦୟର ବନ୍ଧ ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଉତ୍କୋଚ ସମାଜ ପାଇଁ କଳଙ୍କ

ମହାଶୟ,

ଆମ ସମାଜ, ସାମାଜିକ ଚଳଣି, ପରବେଶ ବିଜ୍ଞାନ ଆଜି କୁସଂସ୍କାରରେ ବଶୀଭୂତ । ଲୋଭ, ମାୟା, ସ୍ୱାର୍ଥ, ଅନାବଶ୍ୟକ ସ୍ୱାର୍ଥାନ୍ଧତା, ବେନିୟମ, ଅନ୍ୟାୟ ଭାବରେ ଅର୍ଥ ଲାଳସା, ଭଲ ବ୍ୟକ୍ତିକୁ ମଧ୍ୟ ବିପଥଗାମୀ କରିଦେବ । ଉଦାହରଣ ସ୍ୱରୂପ ପିସି ନ ଦେଲେ କାମ ହୋଇପାରିବନି । ମାତ୍ରାଧିକ ଲାଞ୍ଚ ଦେଲେ ଅସତ୍ ଉପାୟରେ ସତ୍ ଉପାୟ ସଙ୍ଗେ ସଙ୍ଗେ ହୋଇପାରୁଛି । ବିଡ଼ମ୍ବନାର ବିଷୟ, ଜନତାଙ୍କର ସୁରକ୍ଷା କବଚ ପୋଲିସ ବାବୁ । ଜନରକ୍ଷକ ପୋଲିସବାବୁମାନଙ୍କୁ ଏ ସାରା ସମାଜ ସାମାଜିକ ପ୍ରାଣୀ ଓ ମାନବ ସଭ୍ୟତା ସମ୍ମାନରେ ପୋତି ପକାନ୍ତି । ମନରେ ଭାରି ଆଶା ଓ ବିଶ୍ୱାସ, ନୂଆ ପୋଲିସ ବାବୁ ଆମ ଅଞ୍ଚଳ ପାଇଁ ଭଲ କାମ କରିବେ । ଆଇନ ଶୃଙ୍ଖଳାକୁ ସମ୍ମାନ ଦେବେ । ବିପଥଗାମୀ ବ୍ୟକ୍ତିମାନଙ୍କୁ ସୁପଥ ଦେଖାଇବେ । ଗରିବ ଦୁଃଖୀ ନାରୀ ମାତୃଜାତିକୁ ଯଥେଷ୍ଟ ନ୍ୟାୟ ପ୍ରଦାନ କରିବେ । କିନ୍ତୁ ଆଜି ବିପରୀତ ଶବ୍ଦ ଦେଖିବାକୁ ଓ ସମ୍ବାଦପତ୍ରରୁ ପଢ଼ିବାକୁ ମିଳୁଛି । ପୋଲିସ ଅଫିସର ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ବିଭାଗ ମାଡ଼ି ବସୁଛି । ଏଭଳି ଲଜ୍ଜିତ କଥା ଆଉ ନ ଘଟୁ । ବିଶେଷକଥା, ଜନତାଙ୍କ ସୁଚିନ୍ତାଧାରା ଓ ଆଶା ଭରସାକୁ ପୋଲିସ ବାବୁମାନେ ମନ ଦେଇ ବୁଝନ୍ତୁ ।

-ଆଦିକନ୍ଦ ସାହୁ,
ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ଜିଲାର ସମସ୍ତ କଲେଜ ୫-ଟିରେ ସାମିଲ’



ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆରେ ୫-ଟି ସଚିବ ପାଣ୍ଡିଆନ ଛାତ୍ରୀଛାତ୍ରଙ୍କ ସହ କରମର୍ଦ୍ଦନ କରୁଛନ୍ତି।

**ବଲାଙ୍ଗୀର, ୬।୮ (ବୀରେନ୍ଦ୍ର କୁମାର ଝାଙ୍କର)**

## ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ବଲାଙ୍ଗୀର ଜିଲା ଗସ୍ତ

- ନିଜର ଅଧ୍ୟବସାୟ କଥା କହି ଛାତ୍ରୀଛାତ୍ରଙ୍କୁ ଦେଲେ ପ୍ରେରଣା
- ଛାତ୍ର ଅଟକ ଘଟଣାକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ବଲାଙ୍ଗୀର ଜିଲାର ସମସ୍ତ ଯୁକ୍ତ ୨ ଓ ଯୁକ୍ତ ୩ କଲେଜକୁ ୫-ଟି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସାମିଲ କରିଛନ୍ତି। ରବିବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଛାତ୍ରୀଛାତ୍ର ସମାବେଶରେ ଯୋଗଦେଇ ୫-ଟି ସଚିବ ଭି.କେ.ପାଣ୍ଡିୟାନ ଏହି ସୂଚନା ଦେଇଛନ୍ତି। ଏହା ସହିତ ଜିଲାର ସମସ୍ତ କଲେଜର ଉନ୍ନୟନ ପାଇଁ ମୁଖ୍ୟମନ୍ତ୍ରୀ ୪୦ କୋଟି ଟଙ୍କା ଅନୁଦାନ ଦେଇଥିବା ସେ ସୂଚନା ଦେଇଥିଲେ।

୫-ଟି ସଚିବ ପାଣ୍ଡିଆନ୍ ଦୁଇଦିନିଆ ବଲାଙ୍ଗୀର ଜିଲା ଗସ୍ତ କାର୍ଯ୍ୟକ୍ରମରେ ରବିବାର ସକାଳେ ତୁଷରା ଉଡାଜାହାଜ ପଡିଆରେ ଅବତରଣ କରିଥିଲେ। ସେଠାରୁ ସେ ପ୍ରଥମେ ତୁଷରା ସମଲେଶ୍ୱରୀ ମନ୍ଦିର ପରଦର୍ଶନରେ ଯାଇଥିଲେ। ପରେ ବେଲପଡା, ଟିଟିଲାଗଡ, ହରିଶଙ୍କର କାର୍ଯ୍ୟକ୍ରମ ସାରି ଅପରାହ୍ଣ ପ୍ରାୟ ୩ଟାରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଛାତ୍ରୀଛାତ୍ର ସମାବେଶରେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ୫-ଟି ସଚିବ କହିଥିଲେ ଯେ, ଜୀବନରେ ସଫଳତା ପାଇବାକୁ ହେଲେ ପ୍ରଥମେ ଶାରୀରିକ ଏବଂ ମାନସିକ ସୁସ୍ଥତାର ଆବଶ୍ୟକତା ରହିଛି। ଛାତ୍ର ଜୀବନରେ ସେ ନିଜେ କିଭଳି ଦୈନିକ ୨୦ କିଲୋମିଟର ସାଇକେଲରେ ଯିବା ଆସିବା ପରେ ସରକାରୀ ସ୍କୁଲରେ ପାଠ ପଢୁଥିଲେ କହିଥିଲେ। ଜୀବନରେ ସଫଳତା ଆଣିବାକୁ ହେଲେ କଠୋର ପରିଶ୍ରମ ସହ ନିଜର ଲକ୍ଷ୍ୟ ସ୍ଥିର କରିବାକୁ ଜୋର ଦେଇଥିଲେ। ସେ ନିଜେ ସ୍ନାତକୋତ୍ତର ଶ୍ରେଣୀରେ ଏକ ଜାତୀୟ ପ୍ରତିଷ୍ଠାନରେ ପାଠ ପଢ଼ିବାକୁ ମନସ୍ଥ କରିଥିଲେ। ନୂଆଦିଲ୍ଲୀ ସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନରେ ସେ ଯେଉଁ ବିଷୟରେ ପାଠ ପଢ଼ିବା ପାଇଁ ସ୍ଥିର କରିଥିଲେ ସେଥିରେ ସର୍ବଭାରତୀୟ ସ୍ତରରେ ମାତ୍ର ଦୁଇଟି ସିଟ୍ ଥିଲା। ଏହାସତ୍ତ୍ୱେ ସେ ସେହି ଦୁଇଟି ସିଟ୍ ଭିତରୁ ଗୋଟିଏ ସିଟ୍ ପାଇ କିଭଳି ପାଠ ପଢ଼ିଲେ ଓ ପରେ ସିଭିଲ ସର୍ଭିସରେ ମଧ୍ୟ କୃତକାର୍ଯ୍ୟ ହୋଇଥିବା କହିଥିଲେ। ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବାକୁ ଯାଇ ଭଲ ସାଙ୍ଗ କିଭଳି ଆତ୍ମବିଶ୍ୱାସ ବଢ଼ାଏ ଏବଂ ଏହା ଜୀବନରେ କିଭଳି କାମରେ ଆସେ ସେ କହିଥିଲେ। ଏହି ଅବସରରେ ଶିକ୍ଷକମାନେ କିଭଳି ଛାତ୍ରୀଛାତ୍ରଙ୍କ ଜୀବନ ଗଠନ କରିବେ କହିଥିଲେ। ସେଠାରେ ଉପସ୍ଥିତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ପାଇଁ ଆଦର୍ଶ ପାଲଟିବାକୁ କହିଥିଲେ। ଶିକ୍ଷକମାନଙ୍କ ବିଭିନ୍ନ ବର୍ଗର ଯେଉଁ ଅସୁବିଧା ରହିଛି ତାକୁ ଆଗାମୀ ଦିନରେ ସରକାର ସମାଧାନ କରିବେ ବୋଲି ସେ କହିଥିଲେ। କେତେକ ଛାତ୍ରଙ୍କୁ ପୋଲିସ ଅଟକ ରଖିଥିବା ନେଇ ଅନ୍ୟ କେତେକ ଛାତ୍ର ଉକ୍ତ ସମାବେଶରେ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ଛାତ୍ର ଅଟକ ଘଟଣାକୁ ନେଇ ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସକ ଭିନିଲ କ୍ରିଷ୍ଣା, ଜିଲାପାଳ ଚଞ୍ଚଳ ରାଣା, ଏସପି ଋଷିକେଶ ଖିଲାରୀ, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଉପଜିଲାପାଳ କୁମାର ନାଗଭୂଷଣ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ମହିଳା ମୃତ

**ଟେନ୍‌ସା, ୬।୮ (ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡ଼ା ଫରେଷ୍ଟ ରେଞ୍ଜରେ ପୁଣି ହାତୀ ଆତଙ୍କ। ପାଟମୁଣ୍ଡା ପଞ୍ଚାୟତ କଦମଡିହି ନିକଟସ୍ଥ ନାଳିଆଡିହିଠାରେ ହାତୀ ଆକ୍ରମଣରେ ଶନିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ସୁମିତା ମୁଣ୍ଡା। ଖବର ପାଇ ବନବିଭାଗ ଓ କୋଇଡା ପୋଲିସ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଖବର ଲେଖାହେବା ସୁଦ୍ଧା(୬.୩୦) ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସୂଚନାଯୋଗ୍ୟ, ସୁମିତା କୋଇଡା ସାପ୍ତାହିକ ହାଟରୁ ସନ୍ଧ୍ୟାରେ ଫେରୁଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ମିଶାଇ ମାସକ ଭିତରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଛି।




# ‘ଛାତ୍ରୀଛାତ୍ର କହିଦେଲେ, ମୁଖ୍ୟମନ୍ତ୍ରୀଙ୍କୁ ଭୋଟ୍ ଦେବୁ’

**ବଲାଙ୍ଗୀର, ୬।୮ (ବୀରେନ୍ଦ୍ର କୁମାର ଝାଙ୍କର)**

୫-ଟି ସଚିବ ଭି.କେ. ପାଣ୍ଡିୟାନ୍ ରବିବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ଛାତ୍ର ସମାବେଶରେ ଯୋଗଦେଇଥିଲେ। ସେଠାରେ ପ୍ରଶ୍ନ ଛଳରେ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। କହିଥିଲେ ଯେ, ବଲାଙ୍ଗୀର ଜିଲାର ସମସ୍ତ ଯୁକ୍ତ ୨ ଓ ଯୁକ୍ତ ୩ କଲେଜକୁ ମୁଖ୍ୟମନ୍ତ୍ରୀ ୫-ଟି କାର୍ଯ୍ୟକ୍ରମରେ ସାମିଲ କରିଛନ୍ତି। ଏଭଳିକି ଜିଲାର ସମସ୍ତ କଲେଜର ଉନ୍ନତି ପାଇଁ ୪୦ କୋଟି ଟଙ୍କାର ଅନୁଦାନ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ସୂଚନା ଦେଇଥିଲେ। ଏହାପରେ ସମସ୍ତ କଲେଜରେ ସ୍ମାର୍ଟକ୍ଲାସ୍ ତିଆରି ହେବ। ଛାତ୍ରୀଛାତ୍ରମାନେ ବିଭିନ୍ନ ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ଆପଣ ମାନଙ୍କ ପାଇଁ ଏତେ ସବୁ କରୁଛନ୍ତି, ଆପଣମାନେ ମୁଖ୍ୟମନ୍ତ୍ରୀଙ୍କୁ ରିଟର୍ନରେ କ'ଣ ଦେବେ ବୋଲି ପଚାରିଥିଲେ। ଏଭଳି ପ୍ରଶ୍ନ ଶୁଣିସାରିବା ପରେ ସେଠାରେ ଥିବା ଛାତ୍ରୀଛାତ୍ରମାନେ ଏକାକାର ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଭୋଟ୍ ଦେବୁ ବୋଲି କହିଥିଲେ। ଏଭଳି କଥା ଶୁଣିବା ପରେ କଥାକୁ ସଜାଡିବାକୁ ଯାଇ ୫-ଟି ସଚିବ କହିଥିଲେ ଯେ, କଠିନ ପରିଶ୍ରମ କରି ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ିବେ ଏବଂ ଭଲ ମଣିଷ ହେବେ ବୋଲି କହିଥିଲେ। ତେବେ ଛାତ୍ରୀଛାତ୍ରମାନେ ପ୍ରଶ୍ନର ଯାହା ମର୍ମ ବୁଝିଲେ ସିଧାସଳଖ ଭୋଟ ଦେବୁ ବୋଲି କହିବା ସେଠାରେ ଚର୍ଚ୍ଚାର ବିଷୟ ହୋଇଥିଲା।

# ଅଗଷ୍ଟ ବର୍ଷା ଭରଣା କଲା: ସ୍ୱାଭାବିକଠାରୁ ୨% ଅଧିକ ହୋଇଛି

**ଭୁବନେଶ୍ୱର, ୬।୮ (ଅନିଲ ଦାସ)**

## ମୌସୁମୀ ଦୁର୍ବଳ

### ୧୫ ତାରିଖଯାଏ କାଁ ଭାଁ ବର୍ଷା

ଜୁନ୍ ଓ ଜୁଲାଇରେ ରାଜ୍ୟକୁ ନିଅଣ୍ଟିଆ ବର୍ଷାର ସମ୍ମୁଖୀନ ହେବାକୁ ପଡିଛି। ବର୍ଷା ଅଭାବରୁ ରାଜ୍ୟରେ ଚାଷକାର୍ଯ୍ୟ ମାନ୍ଦା ପଡିଥିଲା। ତେବେ ଜୁଲାଇ ୩୦ ତାରିଖରେ ସୃଷ୍ଟି ହୋଇଥିବା ଲଘୁଚାପ ରାଜ୍ୟକୁ ପର୍ଯ୍ୟାପ୍ତ ବର୍ଷା ଦେଇଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ ପହିଲାରୁ ଅଗଷ୍ଟ ୬ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୨% ଅଧିକ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ଭାବେ ୬୨୯.୩ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୬୩୯.୪ ପ୍ରତିଶତ। ବୌଦ୍ଧରେ ସ୍ୱାଭାବିକଠାରୁ ସର୍ବାଧିକ ୬୨ ପ୍ରତିଶତ ଅଧିକ ବର୍ଷା ହୋଇଛି। ଏତେ ବର୍ଷା ସତ୍ତ୍ୱେ ଗଞ୍ଜାମରେ ସ୍ୱାଭାବିକଠାରୁ ୩୦ ପ୍ରତିଶତ ଓ ନବରଙ୍ଗପୁରରେ ୩୮ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି।

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଆସନ୍ତା ୧୫ ତାରିଖ ଯାଏ ରାଜ୍ୟରେ ବଡ଼ ବର୍ଷାର ସମ୍ଭାବନା ନାହିଁ। କାଁ ଭାଁ କେଉଁଠି ଅସରାଏ କିମ୍ବା ଦି' ଅସରା ବର୍ଷା ହୋଇପାରେ। ପାଗ ମେଘୁଆ ରହିଲେ ମଧ୍ୟ ବର୍ଷା ହେବ ନାହିଁ।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡ଼ାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ କାଁ ଭାଁ ବର୍ଷା ହୋଇଛି।

# ୨ ହଜାର ନୋଟ ବଦଳାଇବା ନାଁରେ ଠକେଇ

**ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢୀ)/ ସୋନପୁର(ମୃତ୍ୟୁଞ୍ଜୟ ଶତପଥୀ), ୬।୮**

- ବ୍ରହ୍ମପୁର, ପଲାସାରୁ ୨ ଜଣଙ୍କୁ ଉଠାଇଲା ସୋନପୁର ପୋଲିସ
- ୧୨.୮୮ ଲକ୍ଷ ଟଙ୍କା, କାର୍ ଜବତ

୨୦ ଲକ୍ଷ ଟଙ୍କାର ୨ହଜାର ନୋଟ ବଦଳାଇବା ନାଁରେ ଠକେଇ ହୋଇଛି। ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ପୋଲିସ ଏହି ଘଟଣାରେ ଗତ ୨ ତାରିଖରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଶନିବାର ମୁଖ୍ୟ ୨ ଅଭିଯୁକ୍ତ ବ୍ରହ୍ମପୁର କାମ୍ପ ସାହିର ବି.ତ୍ରିନାଥ ରାଓ ଓ ଆନ୍ଧ୍ରପ୍ରଦେଶର ପଲାସା ଥାନା କାଶିବୁଗା ଗ୍ରାମରୁ ଏ.ସନ୍ତୋଷଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୨ ଲକ୍ଷ ୮୮ ହଜାର ଟଙ୍କା ଓ ଏକ ସ୍କର୍ପିଓ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ୍ କରାଯିବ ବୋଲି ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ରବିବାର ସୋନପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ସୋନପୁର ଥାନା ବଡ଼ବଜାର ଅଞ୍ଚଳର ରାଜେଶ କୁମାର ମେହେରଙ୍କୁ ତାଙ୍କର ଜଣେ ସାଙ୍ଗ ଫୋନ୍ କରି ଏକ ଲକ୍ଷ ଟଙ୍କାର ୫ଶହ ଟଙ୍କିଆ ନୋଟ୍ ଦେଲେ ୧ଲକ୍ଷ ୨୫ହଜାର ଟଙ୍କାର ୨ହଜାର ଟଙ୍କିଆ ନୋଟ୍ ମିଳିବ ବୋଲି କହିଥିଲେ। ହ୍ୱାଟସ୍ ଆପରେ ସେ ଭିଡ଼ିଓ ପଠାଇବାକୁ କହିଥିଲେ। ସାଙ୍ଗ ୨ହଜାର ଟଙ୍କିଆ ନୋଟ୍ ହ୍ୱାଟସ୍ ଆପରେ ପଠାଇଥିଲେ। ଭିଡ଼ିଓରେ ଟଙ୍କା ଦେଖିବା ପରେ ସେ ୫ଶହ ଟଙ୍କିଆ ନୋଟ୍ ଯୋଗାଡ଼ କରିଥିଲେ। ସେ ଓ ତାଙ୍କ ସାଙ୍ଗର ମୋଟ ୨୦ଲକ୍ଷ ଯୋଗାଡ଼ କରି କିଛି ଲୋକଙ୍କ ସହ ଡିଲ୍ କରିଥିଲେ। ୨୦ଲକ୍ଷ ଟଙ୍କା ନେଇ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ କିଛି ଦୂରରେ ଜଗି ରହିଥିବା ବେଳେ ଗୋଟିଏ ସ୍କର୍ପିଓ ଗାଡ଼ିରେ କିଛି ଲୋକ ଆସିଥିଲେ। ରାଜେଶଙ୍କ ଠାରୁ ୨୦ଲକ୍ଷ ଟଙ୍କା ସହ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଥିଲେ ଏବଂ ଏହା ବଦଳରେ ଆଉ ୨ହଜାର ଟଙ୍କିଆ ନୋଟ୍ ତାଙ୍କୁ ଦେଇ ନ ଥିଲେ। ଘଟଣାକୁ ନେଇ ରାଜେଶ ସୋନପୁର ଥାନାରେ ଅଭିଯୋଗ କରଥିଲେ। ଏ ନେଇ ସୋନପୁର ଥାନାରେ ୧୮୧/୨୩ରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ସୋନପୁର ଅଞ୍ଚଳର ୩ ଯୁବକଙ୍କୁ ଗିରଫ କରିବା ପରେ ପୋଲିସ ବ୍ରହ୍ମପୁର ଓ ଆନ୍ଧ୍ରପ୍ରଦେଶର ପଲସାରେ ରହୁଥିବା ଆଉ ୨ ଅଭିଯୁକ୍ତଙ୍କ ସଂପର୍କରେ ସୂଚନା ପାଇଥିଲା। ସେମାନଙ୍କୁ ଗିରଫ କରିବା ପରେ ପ୍ରାୟ ୧୩ଲକ୍ଷ ଟଙ୍କା ସହ ସ୍କର୍ପିଓ (ଓଆର୦୨ବିଡବ୍ଲ୍ୟୁ-୧୦୦୦) ଜବତ ହୋଇଥିବା ସୂଚନା ମିଳିଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୮।୨୦୨୩

| | |
|---|---|
| ୬,୯୨,୯୬୫ ଟଙ୍କା | |
| ସୁନା | ୧ ଗ୍ରାମ୍ |
| ରୁପା | ୧୦.୯୪୦ ଗ୍ରାମ୍ |

# ପାଣି ଘେରରେ ପାଟଳପୁର

ପିପିଲି,୬।୮ (ପ୍ରଭାତ ମହାପାତ୍ର)

ଦୟାନଦୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହେବା ପରେ ପିପିଲି ବ୍ଲକ ପୋପରଙ୍ଗା ପଞ୍ଚାୟତର ପାଟଳପୁର ଗାଁ ଏବେ ସମ୍ପୂର୍ଣ୍ଣ ଜଳବନ୍ଦୀ ଅବସ୍ଥାରେ ରହିଛି। ଫଳରେ ତାହା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଦୁଇ ଦିନ ହେବ ପ୍ରଶାସନ ଏଥିପାଇଁ ଏକ ବୋଟ୍‌ର ବ୍ୟବସ୍ଥା କରିଥିଲେ ମଧ୍ୟ ରବିବାର ପୂର୍ବାହ୍ନ ୧୧ରେ ତାହା ବିଚ୍ଛିନ୍ନ ହୋଇଛି। ବୋଟ୍‌ରେ କଣାଥିବାରୁ ଯାତାୟାତ ସମୟରେ ସେଥିରେ ପାଣି ପଶୁଥିଲା। ଏକମାତ୍ର ବୋଟ ଅଚଳ ହେବା ପରେ ଗାଁକୁ କେହି ଯିବାଆସିବା କରି ପାରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସ୍ଥାନୀୟ ସମିତିସଭ୍ୟା ପୂଜା ବେହେରା କିଛି ରିଲିଫ୍ ସାମଗ୍ରୀ ନେଇ ଦୀର୍ଘ ୩ ଘଣ୍ଟା ଧରି ଅପେକ୍ଷା କରି ନିରାଶ ହେବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଁକୁ ରିଲିଫ୍ ସାମଗ୍ରୀ ପଠାଯାଇଥିଲା। ଏ ବାବଦରେ ଦାୟିତ୍ୱରେ ଥିବା ଏସ୍‌ଆର୍‌ସିର ସ୍ୱତନ୍ତ୍ର ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ, ସେ ଏପରି ଘଟଣା ବାବଦରେ ଜାଣିଥିବା କହିଥିଲେ। ହେଲେ ବୋଟ ମରାମତି ପାଇଁ କେତେ ସମୟ ଲାଗିବ, କେବେ ରିଲିଫ୍ ଲୋକଙ୍କ ପାଖରେ ପହଞ୍ଚିବ ସେନେଇ କିଛି ଠିକ୍ ଭାବେ କହିନାହାନ୍ତି। ତେବେ ବନ୍ୟା ସମୟରେ ପ୍ରଶାସନର ଡଙ୍ଗା ମରାମତିକୁ ନେଇ ସ୍ଥାନୀୟ ଲୋକେ ସମାଲୋଚନା କରିଛନ୍ତି।



ଲୋକମାନେ ବନ୍ୟାଘେରରୁ ଜିନିଷପତ୍ର ଧରି ଚାଲିଆସୁଛନ୍ତି ।

## ଜମିଜମାକୁ ନେଇ ମାରପିଟ୍, ବାପ ପୁଅ ଗିରଫ

ଗୋପ,୬।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ଚଢ଼େଇ ଗାଁ ଗ୍ରାମରେ ଜମିଜମା ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଅଭିଯୋଗକୁ ନେଇ ପୋଲିସ ଗୋଟିଏ ଗୋଷ୍ଠୀର ବାପ ପୁଅଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କୈଳାସ ନାୟକ ଓ ପୁଅ ମନୁ ନାୟକ। ପୋଲିସ ଏହି ଦୁଇ ଗୋଷ୍ଠୀଙ୍କ ଅଭିଯୋଗକୁ ଭିତ୍ତି କରି ୩୩୦/୨୩ ଓ ୩୩୧/୨୩ରେ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ଦୁହିଁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

ପ୍ରକାଶ ଯେ, କିଛି ଦିନ ଧରି ଗ୍ରାମର କୈଳାସ ନାୟକ ଓ ନିରଞ୍ଜନ ନାୟକଙ୍କ ମଧ୍ୟରେ ଜମିବାଡ଼ି ବିବାଦ ଲାଗି ରହିଥିବାବେଳେ ଶନିବାର ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏପରି କି କୈଳାସ ଏବଂ ପୁଅ ମନୁ ମିଶି ନିରଞ୍ଜନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଗୋଷ୍ଠୀ ଗଣ୍ଡଗୋଳ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ନିରଞ୍ଜନଙ୍କ ମୁଣ୍ଡ ଫାଟିବା ସହ ଛାତିରେ ଆଘାତ ଲାଗିଥିବାରୁ ପରିବାର ସଦସ୍ୟ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ନିରଞ୍ଜନଙ୍କ ଅଭିଯୋଗରେ କୈଳାସ ଏବଂ ପୁଅ ମନୁ ଗିରଫ ହୋଇଥିବାବେଳେ କୈଳାସଙ୍କ ସ୍ତ୍ରୀ ମଞ୍ଜୁବାଳା ନାୟକଙ୍କ ଅଭିଯୋଗକ୍ରମେ ପୋଲିସ କାହାକୁ ଗିରଫ କରି ନ ଥିବା ଜଣାପଡ଼ିଛି। ତଦନ୍ତକାରୀ ଅଧିକାରୀ ଲାଇକା ମହାରଣାଙ୍କୁ ପଚାରିବାରେ, ୨ ଅଭିଯୋଗକୁ ନେଇ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ହେଉଛି। ଗୋଟିଏ ପକ୍ଷର ଅଭିଯୋଗରେ ୨ ଜଣ ଗିରଫ ହୋଇଥିବାବେଳେ ଅପରପକ୍ଷର ଅଭିଯୋଗରେ ମଧ୍ୟ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଥିଲେ। ରବିବାର ବାପପୁଅଙ୍କୁ କୋର୍ଟ ଚାଲାଣ କରାଯିବା ପରେ କୋର୍ଟ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦେଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଏସ୍‌ସିଏସ୍ କଲେଜ ନୂତନ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା

ପୁରୀ, ୬।୮ (ଅଜିତ୍ ମହାନ୍ତି):

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ୫୪ତମ ଅଧ୍ୟକ୍ଷ ଭାବେ ଅଧ୍ୟାପକ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ସଙ୍ଗଠନ ହାପିନେସ୍ ଫାଉଣ୍ଡେସନ୍ ଓ ଏହାର ଷ୍ଟୁଡେଣ୍ଟ ୟୁନିଟ୍ ସେବା ପରମ ଧର୍ମ ତରଫରୁ ଡ. ମିଶ୍ରଙ୍କୁ ଶୁଭେଚ୍ଛା ଜଣାଯାଇଛି। ଏଥିରେ ହାପିନେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ, ପରିଚାଳନା କମିଟି ମୁଖ୍ୟ ସିଦ୍ଧେଶ୍ୱର ମିଶ୍ର, ସଂଯୋଜକ ଯଜ୍ଞ ପ୍ରସାଦ ସାହୁ, ସଂଯୋଜିକା ମାମିନା ପ୍ରଧାନ, ଜ୍ୟୋତିର୍ମୟୀ ଦାଶ, ଶୁଭଲକ୍ଷ୍ମୀ ମିଶ୍ର, ଗଙ୍ଗା ବେହେରା ଏବଂ ସେବା ପରମ ଧର୍ମର ଏସ୍‌ସିଏସ୍ କଲେଜ ୟୁନିଟ୍‌ର ସଂଯୋଜିକା ସୋନାଲି ସ୍ୱାଇଁ, ମୋନାଲିସା ଭୋଇ, ସଂଯୋଜକ ସୂର୍ଯ୍ୟ ନାରାୟଣ ଦାଶ, ଦେବଦତ୍ତ ପ୍ରଧାନ ଓ ସତ୍ୟ ପ୍ରକାଶ ପରିଡା ପ୍ରମୁଖ ଯୋଗ ଦେଇଥିଲେ। କଲେଜରେ ଆଗକୁ ହେବାକୁଥିବା ଉନ୍ନତିମୂଳକ ସାମାଜିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଡ. ମିଶ୍ର ଅନୁଷ୍ଠାନର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି।

### ଶିକ୍ଷାବିତ୍ ବିଶ୍ୱନାଥ ମିଶ୍ରଙ୍କ ସ୍ମୃତିଚାରଣ

ପୁରୀ, ୬।୮ (ଅଜିତ୍ ମହାନ୍ତି):

ଶିକ୍ଷାବିତ୍ ବିଶ୍ୱନାଥ ମିଶ୍ରଙ୍କ ଗତ ଜୁଲାଇ ୩୧ରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମିଶ୍ରଙ୍କ ଦେହାନ୍ତରେ ପୁରୀ ସହର ତଥା ଆଖାପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଥିଲେ। ପ୍ରାୟ ଚାରି ଦଶନ୍ଧିର ଶିକ୍ଷକତା ଜୀବନରୁ ଅବସର ନେବା ପରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ସଭାରେ ସକ୍ରିୟ ଭାବେ ସମ୍ପୃକ୍ତ ରହିଥିଲେ। ତାଙ୍କ ଆବର୍ତ୍ତନରେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ସହରର ବିଭିନ୍ନ ଅନୁଷ୍ଠାନ ସହ ମ୍ୟୁନିସିପାଲ ନୋଡାଲ ସ୍କୁଲରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋକସଭାରେ ପୁରାତନ ଛାତ୍ରୀଛାତ୍ର ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

# ବନ୍ୟାଜଳ ହ୍ରାସ, ଲୋକଙ୍କ ଦୁର୍ଦ୍ଦଶା ବଢୁଛି

କଣାସ,୬।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ବିପଦସଙ୍କେତ ୩.୯୯ ମିମି ଥିବାବେଳେ ବନ୍ୟାଜଳ ବୃଦ୍ଧି ପାଇ ୪.୯୮ ମିମିରେ ପହଞ୍ଚିଥିଲା, ଯାହାକି ବିଡିଓ; ତହସିଲଦାର ଓ ଜଳସେଚନ ବିଭାଗ ଅଧିକାରୀମାନଙ୍କ ମୁଣ୍ଡବ୍ୟଥାର କାରଣ ହୋଇଥିଲା। ରବିବାର ଜଳପତନ ହ୍ରାସ ପାଇ ସନ୍ଧ୍ୟା ୬ଟା ସୁଦ୍ଧା ୪.୩୭ ମିମିରେ ପହଞ୍ଚିଛି। ଗ୍ରାମ୍ୟ ଦାଣ୍ଡରେ ବନ୍ୟାଜଳ କମିଥିଲେ ମଧ୍ୟ ନଳକୂପ, ପୋଖରୀ, ଗାଡିଆ ଆଦିରେ ବନ୍ୟାଜଳ ପ୍ରବେଶ କରିଥିବାରୁ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଛି। ଫଳରେ ବନ୍ୟାକ୍ଲିଷ୍ଟ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଘର ମଧ୍ୟରେ ପ୍ରବେଶ କରିଥିବା ବନ୍ୟାଜଳ ଛାଡ଼ିବା ପରେ ଘରଗୁଡିକ ସନ୍ତସନ୍ତିଆ ଥିବାରୁ ଅନେକ ପରିବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ଲିଚିଂ ପାଇଁ ଯାଇଥିବାବେଳେ ବ୍ଲିଚିଂ ନ ପାଇ ନିରାଶ ହୋଇ ଫେରିଛନ୍ତି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କୁ ବ୍ଲିଚିଂ ସମ୍ପର୍କରେ ପଚାରିବାରୁ, ଦୀର୍ଘଦିନ ହେବ ବ୍ଲିଚିଂ ନାହିଁ, ମାତ୍ର ୪ ପ୍ୟାକେଟ୍ ବ୍ଲିଚିଂ ଆମେ ଲୁଚାଇକରି ରଖିଛୁ, ଯାହା ବନ୍ୟାଜଳ ଛାଡ଼ିବା ପରେ ନଳକୂପ ଓ ଗଭୀର କୂପରେ ପକାଇବୁ। ବନ୍ୟାଜଳ ଧାନଜମିରେ ଏବେ ମଧ୍ୟ ୬-୭ ଫୁଟ୍ ଉର୍ଦ୍ଧ୍ୱରେ ଲହଡ଼ି ଭାଙ୍ଗୁଛି। ବନ୍ୟାକ୍ଲିଷ୍ଟ ଗ୍ରାମ ଦୋକନ୍ଦା, କଦଳିଦଣ୍ଡା, ବାଲିପାଟଣା, ତରପଡା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ସବଳଙ୍ଗ, ଗଡ଼ବଳଭଦ୍ରପୁର ଆଦି ଗ୍ରାମ ଚାଷଜମିରେ ବନ୍ୟାପାଣି ଥିବାରୁ ସପ୍ତାହେ ହେବ ଫସଲ ବୁଡ଼ି ରହି ଶଢି ଗଲାଣି। ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି।



ପୁରୀ ସହରରେ ରବିବାର ବେଆଇନ୍ ଭାବେ ପାର୍କିଂ କରାଯାଇଥିବା ଗାଡ଼ିକୁ ପୋଲିସ ଯାଞ୍ଚ କରୁଛି । (ଫଟୋ- ଯଜ୍ଞେଶ୍ୱର)

## ଯୁବତୀ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ନିମାପଡ଼ା,୬।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଜଣେ ଯୁବତୀ ଓ ଜଣେ ଯୁବକଙ୍କ ରବିବାର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ସେମାନେ ହେଲେ ଅମୁଣିଆପାଟଣା ଗ୍ରାମର ମହେନ୍ଦ୍ର ସାହୁ(୪୨) ଓ ଖାମ୍ଭୁଲାକୁଦ ଗ୍ରାମର ଲିଲି ବାଘ (୨୧)। ମେଡିକାଲରେ ପହଞ୍ଚି ନିମାପଡ଼ା ପୋଲିସ ଉକ୍ତ ମୃତଦେହ ଦ୍ୱୟ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏନେଇ ପୋଲିସ ୧୩/୨୩ ଏବଂ ୧୪/୨୩ରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ମହେନ୍ଦ୍ର ବିଲକୁ କାମ କରିବାକୁ ଯାଇଥିଲେ। ସେଠାରେ ହଠାତ୍ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକେ ମହେନ୍ଦ୍ରଙ୍କୁ ନିମାପଡ଼ା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ଭାଇ ଅବନୀକାନ୍ତ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଲିଲି ଘରେ ରୋଷେଇ କରିବାବେଳେ ହଠାତ୍ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ନିମାପଡ଼ା ମେଡିକାଲକୁ ଆଣିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ମୃତକଙ୍କ ଭାଇ ଗୋପ ଥାନା ଅନ୍ତର୍ଗତ ପାଟେଲିଆ ଗ୍ରାମର ରମାକାନ୍ତ ବାଘ ଥାନାରେ ଅଭିଯୋଗ କରିଛନ୍ତି।

## ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପିପିଲି,୬।୮
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ପୌରାଞ୍ଚଳ ୧୦ନଂ. ୱାର୍ଡ ଡେଲ୍‌ଟା ଛକର ଏକ ଘରୁ ପିପିଲି ପୋଲିସ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ବରାଳ(୨୨)। ଏନେଇ ପୋଲିସ ୧୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିବା ପୋଲିସ କହିଛି।

ସୂଚନା ଅନୁସାରେ, ପିପିଲି ଡେଲ୍‌ଟା ଛକ ନିକଟ ଏକ ଘରେ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ମା' ୪ ବର୍ଷ ହେବ ଏକାଠି ରହୁଥିଲେ। ପୂର୍ଣ୍ଣଚନ୍ଦ୍ର ସବୁବେଳେ ନିଶା ସେବନ କରି ଘରେ ଅଶାନ୍ତି ସୃଷ୍ଟି କରୁଥିବା ଅନେକ ଥର ମା' ପୋଲିସରେ ଖବର ଦେଇଛନ୍ତି। ତେବେ ଶନିବାର ରାତିରେ ପୂର୍ଣ୍ଣଚନ୍ଦ୍ର ନିଶା ସେବନ କରି ଘରେ ପାଟିତୁଣ୍ଡ କରୁଥିବାବେଳେ ମା' ପାଖ ଦୋକାନକୁ ଚାଲି ଯାଇଥିଲେ। ରାତି ୧୧ଟାବେଳେ ସେ ନିକଟସ୍ଥ ମଢିଆଳି ସାହିର ଜଣେ ସହଯୋଗୀ ସନାତନ ବେହେରାଙ୍କୁ ଫୋନ କରି ପୁଅ ଘରେ ଅଶାନ୍ତି କରୁଥିବା କହିଥିଲେ। ସନାତନ ଆସି ପହଞ୍ଚିବାରୁ ପୂର୍ଣ୍ଣଚନ୍ଦ୍ର ଘରେ ବାଉଁଶରେ ରସି ଲଗାଇ ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲେ। ଥାନାଠାରୁ ଘର ଅଳ୍ପ ଦୂରରେ ଥିବାବେଳେ ଏଭଳି ଘଟଣା ବାବଦରେ ପୋଲିସ ପାଖରେ ଖବର ନ ଥିବା ସାଧାରଣରେ ସନ୍ଦେହ ଉପୁଜୁଛି। ତେବେ ତାଙ୍କୁ ହତ୍ୟା କରାଯାଇଥିବା ମା' କହୁଥିବାବେଳେ ତଦନ୍ତ ପରେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିରେ ୭୫ଟି ଚାରାରୋପଣ

ବ୍ରହ୍ମଗିରି,୬।୮ (ସ୍ୱାଧୀନ ଚମ୍ପତିରାୟ)

**ବନ ବିଭାଗର ଆଜାଦୀକା ଅମୃତ ମହୋତ୍ସବ ପାଳିତ**

ଆଜାଦିକା ଅମୃତ ମହୋତ୍ସବ ଉପଲକ୍ଷେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଙ୍ଗୋପସାଗର ସନ୍ନିକଟ ବ୍ରହ୍ମପୁର ପଞ୍ଚାୟତର ସାଗର ଶ୍ରୀକ୍ଷେତ୍ର ନିକଟ ମହାପ୍ରଭୁଙ୍କ ନବଗ୍ରହ ପୀଠରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ଡିଏଫ୍‌ଓ ଦିଲ୍ଲୀପ ରାଉତ, ପୂର୍ବତନ ୱାଇଲ୍ଡ ଲାଇଫ ୱାର୍ଡନ ଷୋଳପାଣି ଶତପଥୀ, ଆଇନଜୀବୀ ରମାଶଙ୍କର ପାତ୍ର, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ ତରେଇ, ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ସନ୍ତୋଷ ଜେନା, ଶିକ୍ଷକ ମହନ୍ତ ଜେନା, ରବୀନ୍ଦ୍ର ବାରିକ, ହମାରା ବଚପନ ଟ୍ରଷ୍ଟର ଦଳପତି ଅଶୋକ ନାୟକ, ନଳିନୀକାନ୍ତ ବଡ଼ଜେନା ପ୍ରମୁଖ ଯୋଗଦେଇଥିଲେ। ମହାପ୍ରଭୁଙ୍କ ଗୁପ୍ତ ଲୀଳାକ୍ଷେତ୍ର ଚକାନାସୀ ପର୍ଯ୍ୟଟନସ୍ଥଳୀର ବିକାଶ କିଭଳି ହୋଇପାରିବ ସେ ଦିଗରେ ଆଲୋଚନା ହୋଇଥିଲା। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶରତ ଜାନିଙ୍କ ନେତୃତ୍ୱରେ ଅତିଥିଙ୍କ ସହଯୋଗରେ ବର, ଅଁଳା, କରଞ୍ଜ, ନିମ୍ବ, ହରିଡ଼ା ଆଦି ୫୦ଟି ବୃକ୍ଷର ଚାରାରୋପଣ କରାଯାଇଥିଲା। ବ୍ରହ୍ମପୁର ଗ୍ରାମବାସୀଙ୍କ ପକ୍ଷରୁ ରଘୁନାଥ ଜେନା, ଧବଳେଶ୍ୱର ଜେନା, ଶିକ୍ଷକ ବିଶ୍ୱ ରଞ୍ଜନ ଜେନା, ବିରଞ୍ଚି ନାରାୟଣ ଜେନା, ପ୍ରଦୀପ ଜେନା ପ୍ରମୁଖ ଅତିରିକ୍ତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ଥିବା ନାୟକଙ୍କୁ ଚକାନାସୀ ପୀଠରେ ପର୍ଯ୍ୟଟକ ଓହ୍ଲାଇ ଠାକୁରଙ୍କୁ ଦର୍ଶନ କରିବାରେ ଅସୁବିଧା ହେଉଥିବାରୁ ଏକ ଫ୍ଲୋଟିଂ ଜେଟ ନିର୍ମାଣ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନାୟକ ପ୍ରତିଶ୍ରୁତି ଦେଇଥିଲେ। ବ୍ରହ୍ମପୁର ବନପାଳ ଜିତେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିଲାଙ୍କ ଭବିଷ୍ୟତ ଗଢ଼ିବାର ମୁଖ୍ୟ କର୍ଣ୍ଣଧାର ଅଭିଭାବକ

ପୁରୀ, ୬।୮ (ଅଜିତ୍ ମହାନ୍ତି):

**ସାଇ ସ୍ମାର୍ଟ ସ୍କୁଲର ୪ର୍ଥ ପ୍ରତିଷ୍ଠା ଦିବସ**

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ ସାଇ ସ୍ମାର୍ଟ ସ୍କୁଲର ୪ର୍ଥ ପ୍ରତିଷ୍ଠା ଦିବସ ଏବଂ ଶିକ୍ଷାବିତ୍, ରାଜନେତା ତଥା ସାମ୍ବାଦିକ ସ୍ୱର୍ଗତଃ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ୭୨ତମ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର ଅଧ୍ୟକ୍ଷତା କରି ଉତ୍ତମ ଶୈକ୍ଷିକ ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବେ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ମହାବିଦ୍ୟାଳୟର ଚେୟାରମ୍ୟାନ ଅନିମା ଦାଶ ଯୋଗଦେଇ ଅଭିଭାବକ ହିଁ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ମୁଖ୍ୟ କର୍ଣ୍ଣଧାର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ପତଞ୍ଜଳି ଯୋଗ ସମିତିର ସଭାପତି ମହେଶ ପ୍ରସାଦ ରଥ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ଛାତ୍ରୀଛାତ୍ର ଓ ବିଦ୍ୟାଳୟର ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର, ସାଇ ଏଜୁକେସନାଲ ଚାରିଟେବୁଲ ଟ୍ରଷ୍ଟର କୋଷାଧ୍ୟକ୍ଷ ଇଂ. ରୋଜା ପ୍ରିୟଦର୍ଶୀ, ସମ୍ପାଦକ ସୁଶ୍ରୀ ପ୍ରିୟଦର୍ଶିନୀ ପାଣି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷା ସରିତା ଦେବୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ବାହିନୀପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ନମ୍ରତା ରଥ, ଆଶିଷ କୁମାର ଦାସ, ଲିପ୍‌ସା ମହାପାତ୍ର, ଚିତ୍ତରଞ୍ଜନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀପଦା ମିଶ୍ର ଧନ୍ୟବାଦ ଦେଇଥିଲେ।

## ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ବାଲିପାଟଣା,୬।୮ (ଅଭିମନ୍ୟୁ ନାୟକ):

ବଜ୍ରପାତରେ ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିପାଟଣା ଥାନା ଅଧୀନ ନରଦା ଗ୍ରାମର ବଟକୃଷ୍ଣ ବେହେରା। ସୂଚନା ମୁତାବକ, ବଟକୃଷ୍ଣ ଓ ତାଙ୍କ ନାତି ଘର ନିକଟ ପଡ଼ିଆରେ ମଇଁଷି ଚରାଉଥିଲେ। ମଧ୍ୟାହ୍ନରେ ହଠାତ୍ ବର୍ଷା ସହ ବଜ୍ରପାତ ହେବାରୁ ବଟକୃଷ୍ଣ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ୫ ଚୋରି ବାଇକ ଜବତ: ଅଭିଯୁକ୍ତ ଗିରଫ



ଜବତ ଚୋରି ବାଇକ୍ ଓ ଗିରଫ ଅଭିଯୁକ୍ତ ।

ପୁରୀ, ୬।୮ (ଅଜିତ ମହାନ୍ତି):

ବାଇକ ଚୋରି ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳିଆପଣ୍ଡା ଥାନା ଅନ୍ତର୍ଗତ ଧୋବାଖାଲ ଅଞ୍ଚଳରେ ରହୁଥିବା ବ୍ରହ୍ମଗିରି ଥାନା ଅଧୀନ ପିଳିପିଳା ଗ୍ରାମର ଅମର ପ୍ରଧାନ ଓରଫ ରାଜ ପ୍ରଧାନ (୨୩)। ତାଙ୍କଠାରୁ ଚୋରି ବାଇକ ସହ ୫ଟି ବାଇକ ଜବତ କରାଯାଇଛି। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ. ୧୧୦/୨୩) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ୫ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଅଭିଯୋଗକାରୀ ପୁରୀ ବାସେଳି ସାହିର ନରସିଂହ ଖୁଣ୍ଟିଆ ନିଜ ବାଇକ୍ (ନଂ. ଓଡି ୧୩ ଇ ୪୬୮୪)କୁ ଉତ୍ତର ଦ୍ୱାର ନିକଟରେ ଲକ୍ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ସେ ମନ୍ଦିରରୁ ଫେରି ତାଙ୍କ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ କେହି ତାଙ୍କ ବାଇକ୍ ଧରି ପଳାଇ ଯିବାକୁ ଚେଷ୍ଟା କରୁଥିଲେ। ସେ ପାଟି କରିଥିଲେ। ତାଙ୍କ ପାଟି ଶୁଣି ସେଠାରେ କାର୍ଯ୍ୟରତ ଥିବା ପୋଲିସ କର୍ମଚାରୀ ଏବଂ ଉପସ୍ଥିତ ଲୋକେ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରିବାରୁ ସେ ଚୋରି କଥା ସ୍ୱୀକାର କରିଥିଲେ।

# ସଚେତନତା ଦ୍ୱାରା ସାଇବର ଠକେଇ ରୋକିହେବ

ପୁରୀ,୬।୮ (ଅଜିତ ମହାନ୍ତି):

ପୁରୀ ସହରରେ ହୋଟେଲ ବୁକିଙ୍ଗ ନାଁରେ ପର୍ଯ୍ୟଟକଙ୍କଠାରୁ ଅନ୍‌ଲାଇନ ମାଧ୍ୟମରେ ସାଇବର ଲୁଟେରା ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ସାଇବର ଅପରାଧୀମାନେ ନକଲି ୱେବ୍‌ସାଇଟ୍ ଖୋଲି ନିଜର କଳା ସାମ୍ରାଜ୍ୟ ଚଳାଇଛନ୍ତି। ସାଇବର ଲୁଟେରାମାନେ ଏବେ ପୁରୀ ପୋଲିସ ଏବଂ ପୁରୀ ହୋଟେଲ ଆସୋସିଏଶନ୍‌ର ନିଦ ହଜାଇ ଦେଇଛନ୍ତି। ସେମାନେ ଫେକ୍ ୱେବ୍‌ସାଇଟ୍ ଖୋଲି ପୁରୀର ବିଭିନ୍ନ ନାମୀଦାମୀ ହୋଟେଲ ନାଁରେ ରୁମ୍ ବୁକିଙ୍ଗକୁ ନେଇ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି। ଦିନକୁ ଦିନ ଏଭଳି ସାଇବର ଠକେଇ ବଢୁଥିବା ବେଳେ ଏହା ଉପରେ କିଭଳି ରୋକ୍ ଲାଗିପାରିବ ସେନେଇ ଏକ ସଚେତନତା କର୍ମଶାଳା ରବିବାର ପୁରୀ ପୋଲିସ ପକ୍ଷରୁ ଟାଉନ ଥାନା ପରିସରରେ ଆୟୋଜିତ ହୋଇଯାଇଛି। କର୍ମଶାଳାରେ ବିଭିନ୍ନ ହୋଟେଲ ଆସୋସିଏଶନ୍‌ର ମାଲିକ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ। କିଭଳି ନକଲି ୱେବ୍ ସାଇଟ୍‌ରେ ରୁମ୍ ବୁକିଙ୍ଗ ନେଇ ଠକେଇକୁ ରୋକିହେବ ସେନେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। କର୍ମଶାଳାରେ ଏସ୍‌ପି ଡ. କନୱର ବିଶାଲ ସିଂହ, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ଶିଶିର କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ପୁରୀ ହୋଟେଲ ଆସୋସିଏଶନ୍ ସଭାପତି ରାଜ୍ କିଶୋର ପାତ୍ର, ଟାଉନ ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ ଏବଂ ସାଇବର ଥାନା ଅଧିକାରୀ ସୌମେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳା ସମ୍ପର୍କରେ ଏସ୍‌ପି ସୂଚନା ଦେଇ କହିଥିଲେ, ସାଇବର ଠକେଇକୁ ନେଇ ରବିବାର ହୋଟେଲ ଆସୋସିଏସନ୍ ସହ ତୃତୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହୋଟେଲ ବୁକିଂ ନେଇ ଯେଉଁ ଠକେଇ ହେଉଛି, ତାହାକୁ ଗୁରୁତ୍ୱ ଦିଆଯାଉଛି। ପୁରୀକୁ ପ୍ରତିଦିନ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଆସୁଥିବାବେଳେ ସେମାନଙ୍କୁ ସାଇବର ଠକେଇରୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ହୋଟେଲ କର୍ତ୍ତୃପକ୍ଷ ପୋଲିସ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ଏସ୍‌ପି ସିଂ ପରାମର୍ଶ ଦେଇଥିଲେ। ସାଇବର ଠକେଇର ଶିକାର ହେଉଥିବା ବ୍ୟକ୍ତିମାନେ ତୁରନ୍ତ ୨୪ ଘଣ୍ଟିଆ ସାଇବର କ୍ରାଇମ ହେଲ୍ପଲାଇନ ନମ୍ବର ୧୯୩୦ରେ ଜଣାଇବା ଉଚିତ୍। ଟଙ୍କା ପ୍ରଦାନ କରିଥିବା





ବୈଠକରେ ପୋଲିସ ଅଧିକାରୀ ଓ ଅନ୍ୟମାନେ ।

ସାଇଡ୍‌କୁ ବ୍ଲକ୍ କରନ୍ତୁ। ଅଭିଯୋଗ ହେବା ମାତ୍ରେ ପୋଲିସ ପକ୍ଷରୁ ପଦକ୍ଷପ ଗ୍ରହଣ କରାଯାଉଛି। ତେବେ ଶୀଘ୍ର ଅଭିଯୋଗ ନ କଲେ ଅର୍ଥ ଫେରି ପାଇବା ସମ୍ଭାବନା ଯଥେଷ୍ଟ କମ୍ ରହିଥାଏ। ପୋଲିସ ତଥ୍ୟ ଅନୁସାରେ ସାଇବର ଲୁଟେରାଙ୍କ ଟଙ୍କାକୁ ଅନ୍‌ଲାଇନରେ ରୋକି ଦିଆଯାଇଛି। ଗତ କିଛି ମାସ ମଧ୍ୟରେ ୨୨ଟି ନକଲି ୱେବ୍ ସାଇଟ୍ ଚିହ୍ନଟ କରାଯାଇ ସ୍କାମ୍ ଭାବେ ଘୋଷଣା କରାଯାଇଛି। ସମସ୍ତ ସାଇଡ ଗୁଡ଼ିକୁ ପୁରୀ ସାଇବର ପୋଲିସ ପକ୍ଷରୁ ବ୍ଲକ୍ କରାଯାଇଛି। ସେଥିମଧ୍ୟରୁ ୧୦ ଲକ୍ଷ ୨୩ ହଜାର ୮୮୫ ଟଙ୍କା ଅନଲାଇନ ମାଧ୍ୟମରେ ରୋକା ଯାଇଥିବାବେଳେ ଠକେଇର ଶିକାର କରିଥିବା ବ୍ୟକ୍ତିଙ୍କୁ ୧ ଲକ୍ଷ ୨୪୮୯ ଟଙ୍କା ଫେରସ୍ତ ଦିଆଯାଇଛି। ତେବେ ହୋଟେଲ ବୁକ୍ କରୁଥିବା ବ୍ୟକ୍ତିବିଶେଷମାନେ ହୋଟେଲର ଅଥୋରାଇଜ ସାଇଡକୁ ଯାଇ ହୋଟେଲ ବୁକ୍ କରନ୍ତୁ। ଅନ୍ୟ ସ୍ଥାନରୁ ହୋଟେଲ ବୁକ୍ କରନ୍ତୁ ନାହିଁ। ଯଦି କିଛି ଡାଉଟ୍ ରହୁଛି ତେବେ ସାଇବର ହେଲ୍ପଲାଇନ ନମ୍ବରକୁ କଲ କରି ବୁଝନ୍ତୁ। ପୋଲିସ ହୋଟେଲ ମାଲିକଙ୍କ ସହ ଯୋଗାଯୋଗ କରି ସମସ୍ତଙ୍କ ସହଯୋଗରେ ହେଉଥିବା ଫ୍ରଡ୍‌କୁ ଆଗାମୀ ଦିନରେ ମ୍ୟାନେଜ କରାଯିବ ବୋଲି ଏସ୍‌ପି ସିଂହ କହିଥିଲେ। କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ଶିଶିର କୁମାର ମିଶ୍ର କହିଥିଲେ, ପ୍ରତ୍ୟେକ ହୋଟେଲ ସ୍ୱତନ୍ତ୍ର ଭାବେ ଆଇଟି ପ୍ରଶିକ୍ଷଣ ପ୍ରାପ୍ତ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ସହ ପ୍ରଥମେ ନିଜ ହୋଟେଲ ୱେବ୍ ସାଇଟ୍ ଏକାଧିକ ଥର ଚେକ୍ କରିବା, ନିଜ ହୋଟେଲ ନାଁ ରେ ଫେକ୍ ୱେବ୍ ସାଇଟ୍ ଖୋଲାଥିଲେ ପୋଲିସକୁ ଜଣାଇବା ଆଦି କାର୍ଯ୍ୟ ସଠିକ୍ ଭାବେ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ହୋଟେଲ ଆସୋସିଏଶନ୍ ପକ୍ଷରୁ କୁହାଯାଇଛି, ପର୍ଯ୍ୟଟକମାନେ ରୁମ୍ ବୁକିଙ୍ଗ ନାଁ ରେ ଅଧିକ ରିହାତି ପ୍ରଦାନ କରୁଥିବା ନକଲି ୱେବ୍ ସାଇଟ ଜାଲରେ ନ ପଡ଼ି ବିଶ୍ୱସ୍ତ ଏବଂ ଭରସାଯୋଗ୍ୟ ଟ୍ରାଭେଲ୍ ୱେବ୍ ସାଇଟ୍ କିମ୍ବା ଆପ୍ ମାଧ୍ୟମରେ ରୁମ୍ ବୁକିଙ୍ଗ କରିବା ପାଇଁ ଅନୁରୋଧ କରିଛନ୍ତି। ଅପରପକ୍ଷରେ ଏପରି ଘଟଣା ନଜରକୁ ଆସିବା ମାତ୍ରେ ଠକାମିର ଶିକାର ହୋଇଥିବା ପର୍ଯ୍ୟଟକ ସାଇବର ଥାନାରେ ଅଭିଯୋଗ ସହ ତାଙ୍କର ଲୋକାଲ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଉଛି। ହୋଟେଲ ପକ୍ଷରୁ ମଧ୍ୟ ସାଇବର ଥାନାକୁ ଜଣାଯାଉଛି। ଯଦି ହୋଟେଲରେ ରୁମ୍ ଥାଏ ତେବେ ପର୍ଯ୍ୟଟକଙ୍କୁ ଦେଉଛୁ ନଚେତ ସେମାନଙ୍କ ପାଇଁ ଅନ୍ୟ ହୋଟେଲରେ ବ୍ୟବସ୍ଥା କରୁଛୁ। କିନ୍ତୁ ଏପରି ଘଟଣାକୁ ନେଇ ଅନେକ ଯାତ୍ରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଫଳରେ ହୋଟେଲ ସହ ପୁରୀ ସହର ବଦନାମ ହେଉଛି। ତେବେ ସାଇବର ପୋଲିସର ନୂତନ ଜ୍ଞାନ କୌଶଳ କାରଣରୁ ଆଗାମୀ ଦିନରେ ଏପରି ମାମଲା କମିବ ବୋଲି ହୋଟେଲିୟରମାନେ ମତ ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୭ ଅଗଷ୍ଟ, ୨୦୨୩



## ସଂଖ୍ୟାଲଘୁ ସମ୍ପ୍ରଦାୟର ସମ୍ମିଳନୀ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ୫ ନଂ. ଜିଲାପରିଷଦ ଜୋନ୍ ୬ଟି ପଞ୍ଚାୟତର ସଂଖ୍ୟାଲଘୁ ସମ୍ପ୍ରଦାୟ ସମ୍ମିଳନୀ ରବିବାର ଦେଓପୁର ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ମୌଲାନା ଅତାଏ ହବିବ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଦେଓପୁର, ପରମହଂସ, ରଘୁନାଥପୁର, ରାଜହଂସ, ଆୟତ୍ତପୁର, ଦାମୋଦରପୁର ଓ ଦାଘି ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମ୍ମିଳନୀରେ ମହମ୍ମଦ କୌଶର, ଆଇନଜୀବୀ ମହମ୍ମଦ ହାକିମ ଖାଁ, ଗୁଲାମ ହୁସେନ ଖାଁ, ସାଜିଦ ହୁସେନ, ସୁଲତାନ ଖାଁ, ସାଜୁଦ୍ଦିନ ଖାଁ, ଉସ୍ମାନ ଖାଁ ପ୍ରମୁଖ ଯୋଗଦେଇଥିଲେ।

# ନଦୀବନ୍ଧରେ ଗର୍ତ୍ତ, ବିପଦ ଆଶଙ୍କା

**ଚିନ୍ତାରେ ଉପକୂଳବାସୀ**

ନିଶ୍ଚିନ୍ତକୋଇଲି ,୬।୮
(ଅଶୋକ କୁମାର ମହାପାତ୍ର)

ନଦୀ ବନ୍ଧର ସୁରକ୍ଷା,ପଥର ପ୍ୟାକିଂ ଓ ଉନ୍ନତିକରଣ ପାଇଁ ସରକାର ଜଳ ସମ୍ପଦ ବିଭାଗ ଜରିଆରେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଆସୁଥିବା ବେଳେ ବିଭାଗୀୟ ଦାୟିତ୍ୱ ହୀନତା ଓ ଅବହେଳା କାରଣରୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ନଦୀ ବନ୍ଧରେ ଗର୍ତ୍ତ ହୋଇଯାଉଛି। ଏହା ଉଦାହରଣ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଦେଖିବାକୁ ମିଳିଛି। ଏହି ବ୍ଲକ ଦେଇ ପ୍ରବାହିତ ମହାନଦୀ ଓ ଏହାର ଶାଖାନଦୀରେ ଏବେ ବନ୍ୟାଜଳ ପ୍ରବାହିତ ହେଉଛି। ଏପରିସ୍ଥଳେ ନଦୀ ତଟବର୍ତ୍ତୀ ଦୀପାଞ୍ଚଳବାସୀଙ୍କୁ ଦୁର୍ବଳ ନଦୀବନ୍ଧ ଚିନ୍ତା ଘାରିବାରେ ଲାଗିଛି। କିଛି ବର୍ଷ ତଳେ ଲୁଣାନଦୀର ତିଳକଣା ଓ ଚିତ୍ରୋତ୍ପଳା ନଦୀର ନାହାଳପୁର ନିକଟରେ ଦୁଇ ଘାଇ ସୃଷ୍ଟି ହୋଇଥିଲା। ଏହାଦ୍ୱାରା ବ୍ଲକର ଅଧିକାଂଶ ଲୋକେ ପ୍ରଭାବିତ ହୋଇଥିଲେ। ଏବେ ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ମହାନଦୀ ଓ ଚିତ୍ରୋତ୍ପଳା ନଦୀର ଏକାଧିକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏପରିସ୍ଥଳେ ଜଳ ସମ୍ପଦ ବିଭାଗ କୌଣସି ତତ୍ପରତା ପ୍ରକାଶ କରୁଥିବା ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଏହି ବ୍ଲକ ଦେଇ ପ୍ରବାହିତ ଲୁଣା, ଚିତ୍ରୋତ୍ପଳା ଓ ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ମାତ୍ର ନରେନ୍ଦ୍ରପୁର ଠାରେ ଚିତ୍ରୋତ୍ପଳା ନଦୀର ବାମପାର୍ଶ୍ୱରେ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଥିବାର ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଚିତ୍ରୋତ୍ପଳା ନଦୀର ତିଳକଣ ଠାରୁ ନେମାଳ ପର୍ଯ୍ୟନ୍ତ ବାମ ପାର୍ଶ୍ୱରେ ଏକାଧିକସ୍ଥାନରେ ଗର୍ତ୍ତ ହୋଇଛି। ଏହାଛଡ଼ା ମହାନଦୀର ବାମ ପାର୍ଶ୍ୱରେ ଥିବା ଉତ୍ତରକୂଳ ଓ ବାବୁଜଙ୍ଗ ପଞ୍ଚାୟତର ଏକାଧିକ ସ୍ଥାନରେ ମଧ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଏଗୁଡ଼ିକୁ ତୁରନ୍ତ ମରାମତି କରାନଗଲେ ଆଗାମୀ ଦିନରେ ବଡ଼ ଧରଣ ବିପଦକୁ ଏଡ଼ାଇ ଦେଇହେବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଶାସନ ତରଫରୁ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏସମ୍ପର୍କରେ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକ କୁହନ୍ତି, ନଦୀରେ ବନ୍ୟା ଜଳ ପ୍ରବାହିତ ପରେ ସମସ୍ତ ନଦୀ ବନ୍ଧର ସୁରକ୍ଷା ନେଇ ସମୀକ୍ଷା ହୋଇଛି। ଯେଉଁ ଜାଗାରେ ବିପଦ ସଙ୍କୁଳ ରହିଛି ବୋଲି କୁହାଯାଉଛି ଉକ୍ତ ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।


ନଦୀବନ୍ଧରେ ସୃଷ୍ଟି ହୋଇଥିବା ଗର୍ତ୍ତ।

## ସଂକ୍ଷେପରେ

### ବନ୍ଧୁତା ଦିବସ ପାଳିତ

ଚୌଦ୍ୱାର,୬।୮ (ଆଶୁତୋଷ ଦାସ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେଶନ୍ ତରଫରୁ ବନ୍ଧୁତା ଦିବସ ରବିବାର ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି ନରୋତ୍ତମ ଦାସଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟା କିରଣବାଳା ନାୟକ, ଉପ ସଭାପତି କାହ୍ନୁ ଚରଣ ସେଠୀ, ସତ୍ୟ ପ୍ରକାଶ ମଲ୍ଲିକ, ବିଶ୍ୱଜିତ୍ ଓଝା, କୃଷ୍ଣଚନ୍ଦ୍ର ଜେନା, ରାକେଶ ରାଉତ, ରମାକାନ୍ତ ଜେନା, ବି.ରାହୁଲ, ମନିସା ନାଥ, ବିଶ୍ୱମ୍ଭର ଜେନା, ସନ୍ତୋଷ ସାମଲ ପ୍ରମୁଖ ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କ ସେବାରେ ଲାଗିଥିବା ଚୌଦ୍ୱାର ଥାନା, ସର୍କଲ ଜେଲ, ଅଗ୍ନିଶମ ଅଧିକାରୀ ଓ କର୍ମଚାରୀଙ୍କ ହାତରେ ବନ୍ଧୁତା ଫିତା ବାନ୍ଧି ଶୁଭେଚ୍ଛା ଜଣାଇଥିଲେ।

### ବିଜେଡିର ସାଙ୍ଗଠନିକ ବୈଠକ

ଚୌଦ୍ୱାର,୬।୮ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୦ ନମ୍ବର ୱାର୍ଡ଼ସ୍ଥିତ ଯଯାତୀ କେଶରୀ କ୍ଲବ୍ ପରିସରରେ ବିଜେଡିର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ୧୦ ଓ ୧୯ ନମ୍ବର ୱାର୍ଡ଼ରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଉଭୟ ୱାର୍ଡରେ ଆବଶ୍ୟକ ଥିବା ଅନ୍ୟାନ୍ୟ କାର୍ଯ୍ୟ ଆଗାମୀ ଦିନରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାଉନ୍‌ସିଲର ସୁବ୍ରତ ସାମଲ, ଆଶୁତୋଷ ଦାସ, ପୂର୍ବତନ କାଉନସିଲର ପ୍ରକାଶ ନାୟକ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ରଞ୍ଜନ ବାରିକ, ତନୟ କୁମାର ନନ୍ଦ, ବିଜୟ ମହାନ୍ତି, ତ୍ରୈଲୋକ୍ୟ ଜେନା, ବିଚିତ୍ରାନନ୍ଦ ଖଟୋଇ, ପ୍ରଦୀପ ପ୍ରଧାନ, ସଚି ମହାନ୍ତି, ବିଭୁତି ଭୂଷଣ ଷଡ଼ଙ୍ଗୀ, ସୁଶାନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ। କାଉନସିଲର ବିଜୟ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ଭାଜପାର ବନ୍ଧୁମିଳନ କାର୍ଯ୍ୟକ୍ରମ

ଫୁଲନଖରା,୬।୮ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ ଧାକୁଲେଇ ମନ୍ଦିର ପ୍ରାଙ୍ଗଣରେ କଟକ ସଦର ନିର୍ବାଚନ ମଣ୍ଡଳୀର ଭାଜପା କର୍ମୀମାନଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ସଦର ଅଞ୍ଚଳର ବହୁସଂଖ୍ୟକ ଭାଜପା କର୍ମୀ ଯୋଗଦେଇ ଆପୋଷ ବୁଝାମଣା ମାଧ୍ୟମରେ ନିଜ ଭିତରେ ଥିବା ଅସନ୍ତୋଷ ଭାବ ଦୂର କରିଥିଲେ। ଏଥିସହ ଆସନ୍ତା ନିର୍ବାଚନ ପାଇଁ ଦଳୀୟ ରଣନୀତି ପ୍ରସ୍ତୁତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା କର୍ମୀ କ୍ଷୀରୋଦ ଚନ୍ଦ୍ର ଦଳାଇ, ଉରାଳି ମଣ୍ଡଳ ସଭାପତି ପ୍ରଦୀପ ବେହେରା, ପଞ୍ଚମୁଖୀ ମଣ୍ଡଳ ସଭାପତି ପ୍ରମୋଦ ଓଝା, ପ୍ରସନ୍ନ ପ୍ରଧାନ, ପ୍ରମୋଦ ବେହେରା, ବଦ୍ରିନାରାୟଣ ପଟ୍ଟନାୟକ, କୀର୍ତ୍ତି ରଞ୍ଜନ ପଟ୍ଟନାୟକ, ଆଲୋକ ମହାନ୍ତି, ରଞ୍ଜିତ ପଣ୍ଡା, ଗଣେଶ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ପୋଲିସ ତତ୍ପର

ଫୁଲନଖରା,୬।୮
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ପକ୍ଷରୁ ସ୍ଥାନୀୟ ସୁଭଦ୍ରାପୁରସ୍ଥିତ ଗୋପାଳ କନ୍‌ଭେନ୍‌ସନ୍ ସଭାଗୃହରେ ରବିବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ସର୍ବଦା ତତ୍ପର ରହିଛି। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ସେଲ୍ ଖୋଲାଯିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ସେ କହିଥିଲେ। ସେହିପରି ଜୋନ୍-୪ ଏସିପି ଚନ୍ଦନ ଘଡେଇ, ଆଧ୍ୟାତ୍ମିକ ଗ୍ରନ୍ଥକାର ଇଂ. ଶ୍ରୀସନ୍ୟାସୀ ଜୀ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନର ସୂତ୍ର ବାହାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାହାଳିଆବାଗ, ବାଲିକୁଦା, ଉତ୍ତମାପୁର, ସୁଭଦ୍ରାପୁର, ପାଇକସାହି, ଭାଣପୁର, କାଜିପାଟଣା, ମୁକାମେଶ୍ୱର, ରାଜନଗର ପାଟଣା ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

# ବୈଷମ୍ୟ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ବିପଦ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୬।୮ (କାର୍ତ୍ତିକ ସାହୁ)

ରାଜନୀତିରେ ପୁଞ୍ଜିବାଦୀ ଶକ୍ତିଙ୍କ ଅଭ୍ୟୁଦୟ ଫଳରେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି। ଲୋକଙ୍କ ମୌଳିକ ଅଧିକାର ପୂରଣ କରିବାରେ ସରକାର ବିଫଳ ହେଉଛନ୍ତି। ସାମ୍ବିଧାନିକ ମୂଲ୍ୟବୋଧ ଓ ଗଣତନ୍ତ୍ରକୁ ସୁରକ୍ଷିତ ରଖିବାକୁ ହେଲେ ଏକ ସର୍ବବ୍ୟାପୀ ଜନଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ରବିବାର ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମୁଖ୍ୟ ବକ୍ତା ରାଜନୈତିକ ସମୀକ୍ଷକ ସତୀଶ ମିଶ୍ର ମତବ୍ୟକ୍ତ କରିଛନ୍ତି।

ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ, ୟୁସୁଫ ମେହେର ଅଲ୍ଲୀ ସେଣ୍ଟର, ଲୋକ ସ୍ୱରାଜ ଓଡ଼ିଶା, ଗାନ୍ଧୀ ଆମ୍ବେଦକର ଫାଉଣ୍ଡେଶନ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ଅଧ୍ୟକ୍ଷତା କରିଥିଲେ। ଜ୍ଞାନରଞ୍ଜନ ସାମନ୍ତରାୟଙ୍କ ସଂଯୋଜନାରେ ପରିଚାଳିତ ସାମ୍ବିଧାନିକ ମୂଲ୍ୟବୋଧ, ଗଣତନ୍ତ୍ର ଓ ଆମ ଦାୟିତ୍ୱ ଶୀର୍ଷକରେ ବୁଦ୍ଧିଜୀବୀ, ଗାନ୍ଧୀବାଦୀ ଓ ସାମାଜିକ କର୍ମୀମାନେ ଗଣତାନ୍ତ୍ରିକ ସଙ୍କଟ ଓ ସାମ୍ବିଧାନିକ ମୂଲ୍ୟବୋଧର ଅବକ୍ଷୟ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି, ଜୟନ୍ତୀ ମଞ୍ଜରୀ ରଥ, ଡ. ବିଶ୍ୱଜିତ୍, ପ୍ରିୟବ୍ରତ ପଟ୍ଟନାୟକ ପ୍ରମୁଖ ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଦେଶବାସୀଙ୍କୁ ଏକାଠି ହେବାର ସମୟ ଆସିଛି ବୋଲି କହିଥିଲେ। ବିଶ୍ୱଜିତ ସୂର୍ଯ୍ୟବଂଶୀ ଧନ୍ୟବାଦ ଦେଇଥିଲେ।


କଟକ ତୁଳସୀପୁରସ୍ଥିତ ଏକ ମଣ୍ଡପ ପରିସରରେ ଆପ୍ ଔର ହମ୍ ପକ୍ଷରୁ ରବିବାର ଅନୁଷ୍ଠିତ ମହାରୁଦ୍ରାଭିଷେକ ଓ ଶୃଙ୍ଗାରଦର୍ଶନ।

# କାର ସହ ଲୁଟ୍ ଟ୍ରକ୍ ଜବତ, ୨ ଗିରଫ

କଟକ,୬।୮ (କାର୍ତ୍ତିକ ସାହୁ)

କଟକ ସଦର ପୋଲିସ ରବିବାର କାର୍ ସହ ଏକ ଲୁଟ୍ ଟ୍ରକ ଉଦ୍ଧାର କରିଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପାରାଦୀପ ଲକ୍ ଥାନା ଅଞ୍ଚଳର ମାନସ କୁମାର ସାହୁ ଓ ଏରସମା ଥାନା ଅଞ୍ଚଳର ଦିଲୀପ ଜେନା। ବିହାର ରାଜ୍ୟର ଯୁବକ ପ୍ରମୋଦ କୁମାର ଯାଦବଙ୍କଠାରୁ ଟ୍ରକ୍‌ଟି ଲୁଟ୍ ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଟ୍ରକ୍‌ଟି ପଶ୍ଚିମବଙ୍ଗର ଗୋଳାବଡ଼ି ଥାନା ଅନ୍ତର୍ଗତ ସାର୍କିୟାହାବ୍ରାର ଶାନ୍ତି ଦେବୀଙ୍କର। ପ୍ରମୋଦ ପଶ୍ଚିମବଙ୍ଗରୁ ଉକ୍ତ ଟ୍ରକରେ ମାଲ ନେଇ ଭୁବନେଶ୍ୱର ଆସିଥିଲେ। ସେ ମାଲ ଅନ୍‌ଲୋଡ୍ କରି ଫେରୁଥିବା ବେଳେ ହଂସପାଳ ନିକଟରେ ରାସ୍ତା ଜାମ୍ ଥିଲା। ତାଙ୍କ ପଛରେ ଆସୁଥିବା ଏକ କାର୍ ଟ୍ରକ୍ ପଛରେ ଧକ୍କା ହୋଇଥିଲା। ଏଥିରେ କାର୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। କାର୍ ଚାଳକ ଟ୍ରକ ଚାଳକଙ୍କଠାରୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଟ୍ରକ ଚାଳକ ପ୍ରମୋଦ ଏତେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିବାରେ ସେମାନେ ବଳପୂର୍ବକ ଟ୍ରକକୁ ଗୋପାଳପୁର ନିକଟରୁ ଛଡ଼ାଇ ଦେଇଥିଲେ। ଏ ସମ୍ପର୍କରେ ସଦର ଥାନା ପୋଲିସ ଅଭିଯୋଗ ପାଇବା ପରେ ତୁରନ୍ତ ଟ୍ରକ୍‌ର ଜିପିଏସ୍ ଟ୍ରାକିଂ କରି ତିର୍ତ୍ତୋଲ ଥାନା ଅଞ୍ଚଳରୁ ଧରିବାକୁ ସକ୍ଷମ ହୋଇଥିଲା।

# ୭ ମେଣ୍ଢା, ଶତାଧିକ କୁକୁଡ଼ା ମୃତ

**ନିଆଳିରେ ପୁଣି ଅଜଣାଜନ୍ତୁ ଆତଙ୍କ**

ନିଆଳି,୬।୮ (ସୁକାନ୍ତ ସିଂ)

ନିଆଳି ଅଞ୍ଚଳରେ ପୁଣି ଅଜଣା ଜନ୍ତୁ ଆତଙ୍କ ଦେଖିବାକୁ ମିଳିଛି। ଶନିବାର ବିଳମ୍ବିତ ରାତିରେ ଅଜଣା ଜନ୍ତୁ ନିଆଳି ତହସିଲ ନିକଟ ସେଠୀସାହିର ଚତୁର୍ଭୁଜ ସେଠୀ ଓ ଗୋଲେଖ ସେଠୀଙ୍କର ୮ଟି ମେଣ୍ଢାଙ୍କୁ ମାରି କଳିଜା ନେଇ ଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଜନ୍ତୁର ପାଦଚିହ୍ନକୁ ଫଟୋ ଉଠାଇବା ସହ ତଦନ୍ତ କରିଥିଲେ। ନିଆଳି ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ମୃତ ମେଣ୍ଢାମାନଙ୍କର ବ୍ୟବଚ୍ଛେଦ ପାଇଁ ନମୁନା ସଂଗ୍ରହ କରିଥିବା ଜଣାପଡିଛି। ସେହିପରି ଶୁକ୍ରବାର ରାତିରେ ଅଜଣା ଜନ୍ତୁ ଆକ୍ରମଣରେ ସ୍ଥାନୀୟ ମଝିଖଣ୍ଡ ଗ୍ରାମ ନଳିତାପାର ବସ୍ତିର ୬ ଜଣ ଚାଷୀଙ୍କ ଶତାଧିକ କୁକୁଡା ମରିଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, କିଛିଦିନ ତଳେ ନିଆଳି ତହସିଲ ନିକଟ ସେଠୀସାହିରେ ଅଜଣା ଜନ୍ତୁ ୪ଟି ମେଣ୍ଢାକୁ ମାରିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ମେଣ୍ଢା ଓ କୁକୁଡା ପାଳନ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀମାନେ ଚିନ୍ତାରେ ପଡିଛନ୍ତି। ତୁରନ୍ତ ଉକ୍ତ ଜନ୍ତୁକୁ କାବୁ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# କେନ୍ଦ୍ରୀୟ ଯୋଜନା ଲୋକଙ୍କୁ ଜଣାଅ

**ଭାଜପାର ମହା ଜନସମ୍ପର୍କ ଅଭିଯାନ**

ଚୌଦ୍ୱାର,୬।୮ (ଆଶୁତୋଷ ଦାସ)

ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ରବିବାର ମହା ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଉପ ସଭାପତି ପ୍ରଶାନ୍ତ କୁମାର ହୋତାଙ୍କ ପୌରୋହିତ୍ୟରେ ୫ନଂ. ୱାର୍ଡ ଗ୍ରୀଡ୍ କଲୋନୀରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମଣ୍ଡଳ ସମ୍ପାଦକ ସନ୍ତୋଷ କୁମାର ସାହୁ, ମମତା ବେହେରା, ପ୍ରକାଶ ଚନ୍ଦ୍ର ସାହୁ, ସୁଷମା ବଡ଼ଜେନା, ଗୌତମ ସାହୁ, କମଳ ମହାନ୍ତି, ରଶ୍ମିତା ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଲୋକଙ୍କୁ ଜଣାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୩ ମାସରେ ଘର କଲେ ପ୍ରୋତ୍ସାହନ ରାଶି ମିଳିବ

**ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ**

କଟକ ସଦର,୬।୮
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବ୍ଲକ ପ୍ରଶାସନ ତରଫରୁ ୫ ଦିନିଆ ପାରସ୍ପରିକ ଆଲୋଚନା ଆୟୋଜନ କରାଯାଇଥିଲା। ଏଥିରେ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଇତିଶ୍ରୀ ରାଜ ସାମିଲ ହୋଇ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ୩ ମାସ ମଧ୍ୟରେ ଘର କଲେ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ ବୋଲି ସେମାନେ ହିତାଧିକାରୀଙ୍କୁ କହିଥିଲେ। ମାତ୍ର ନୂଆକରି ଘର ଆରମ୍ଭ କରିବାକୁ ଥିବା ଲୋକମାନେ ବାସ୍ତୁଶାସ୍ତ୍ରର ଦ୍ୱାହି ଦେଇ କାର୍ତ୍ତିକ ମାସ ପରେ ଘର କାମ ଆରମ୍ଭ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଅନ୍ୟ ମାସରେ ଘର କଲେ ଚୋରି ଭୟ, ଗୃହକର୍ତ୍ତା ରୋଗାକ୍ରାନ୍ତ ହେବେ ବୋଲି ପଣ୍ଡିତ କହିଥିବା କଥା କହିଥିଲେ। ଅନ୍ୟପକ୍ଷରେ ପୁରୁଣା କିସ୍ତି ଟଙ୍କା ଫେରାଇ ନୂଆ ଘର ପାଇଥିବା ହିତାଧିକାରୀମାନେ ଅଧାପନ୍ତରିଆ କାମ ସାରିବା ପାଇଁ ଇଚ୍ଛା କରିଥିଲେ ସୁଦ୍ଧା ବିଭିନ୍ନ ସାମଗ୍ରୀ ଦର ବାଢୁଛି ବୋଲି କହିଥିଲେ। ବର୍ତ୍ତମାନ ବାଲି ଟ୍ରାକ୍ଟର ପିଛା ୧୫୦୦ରୁ ୨୦୦୦ ହଜାର ଟଙ୍କା ହୋଇଯାଇଛି। ସେହିପରି ଚିପ୍ସ, ଇଟା ଦର ମଧ ବୃଦ୍ଧି ପାଇଛି। ଧାନରୁଆ ଚାଲିଥିବାରୁ ଶ୍ରମିକ ମିଳୁନାହାନ୍ତି। ତଥାପି ଶୀଘ୍ର କାମ ସାରିବା ପାଇଁ ସରକାର ସମୟ ସୀମା ଧାର୍ଯ୍ୟ କରିଥିବା କଥା ଅତିରିକ୍ତ ବିଡିଓ ଦାସ କହିବାରୁ ବର୍ଷାଦିନେ କାର୍ଯ୍ୟ କରିବାକୁ କାହିଁକି କୁହାଗଲା ବୋଲି କେତେଜଣ ହିତାଧିକାରୀ ପ୍ରଶ୍ନ କରିଥିଲେ। ଏହି ଆଲୋଚନା ୨ରୁ ୫ ତାରିଖ ପର୍ଯ୍ୟନ୍ତ ଫକୀରପଡ଼ା, କିଶୋରନଗର, କଳପଡ଼ା, ଧରିଣା, ଦଧିବାମନପୁର, ପରମହଂସ ଓ ଖଣ୍ଡେଏତା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜନ କରାଯାଇଥିଲା।

# ବଜ୍ରପାତରେ ୩ ଗାଈ ମୃତ

କଣ୍ଟାପଡା, ୬।୮ (ସୁରନାରାୟଣ ସାହୁ)

ରବିବାର ଅପରାହ୍ନରେ ବଜ୍ରପାତ ଘଟିବାରୁ ଓଲଟପୁର ଥାନା ଅନ୍ତର୍ଗତ ମଉଜପୁର ଗ୍ରାମର ବ୍ରଜବନ୍ଧୁ ବେହେରାଙ୍କ ୩ଟି ଗାଈଙ୍କ ମୃତ୍ୟୁ ଘଟିଛି। ସେ ନିକଟସ୍ଥ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପଛପଟ ପଡିଆରେ ଗାଈ ଚରାଉଥିଲେ। ହଠାତ୍ ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୩ଟି ଗାଈଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ବ୍ରଜବନ୍ଧୁ ଅଚେତ ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଆକାଶବାଣୀ ସ୍ୱୀକୃତପ୍ରାପ୍ତ ମ୍ୟୁଜିକ୍ କମ୍ପୋଜରମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

# ବିଶ୍ୱବାସୀ ଯୁଦ୍ଧ ନୁହେଁ ଶାନ୍ତି ଚାହାଁନ୍ତି

**ହିରୋସୀମା ଦିବସ ପାଳିତ**

କଟକ,୬।୮ (କାର୍ତ୍ତିକ ସାହୁ)

ସାମାଜିକ ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ମର୍କତନଗରଠାରେ ହିରୋସୀମା ଦିବସ ରବିବାର ପାଳିତ ହୋଇଯାଇଛି। ଗୋବିନ୍ଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଥିଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ଜାପାନର ଦୁଇ ସହର ହିରୋସୀମା ଓ ନାଗାସାକି ଉପରେ ପରମାଣୁ ବୋମା ନିକ୍ଷେପ କରିଥିଲା। ସେହି ଦୁଃଖଦ ମୁହୂର୍ତ୍ତକୁ ବିଶ୍ୱବାସୀ କେବେ ଭୁଲିବା ଉଚିତ୍ ନୁହେଁ। ଏଥିଯୋଗୁ ଦେଖାଦେଇଥିବା ଭୟାବହ ସ୍ଥିତି ଆଉ ନ ଘଟୁ। ତେଣୁ ବିଶ୍ୱବାସୀ ଯୁଦ୍ଧ ନୁହେଁ ଶାନ୍ତି ଚାହାନ୍ତି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଡ. ପରିଣୀତା ଦାସ କହିଥିଲେ, ଅଗଷ୍ଟ ୬ରେ ହିରୋସୀମା ସହର ଉପରେ ନିକ୍ଷେପ କରାଯାଇଥିବା ପରମାଣୁ ବୋମା ଯୋଗୁ ପ୍ରାୟ ଦେଢ଼ଲକ୍ଷ ଲୋକ ପ୍ରାଣ ହରାଇଥିଲେ, ଯାହାକି ସର୍ବଦା ନିନ୍ଦନୀୟ। ଡ. ପବିତ୍ର ମହାନ୍ତି, ମିତାଲି ବୋଷ, ସଂଯୁକ୍ତା ବେହେରା, ରାମଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସସ୍ମିତା ମହାରଣା ଧନ୍ୟବାଦ ଦେଇଥିଲେ।

# 'ପାଠକଙ୍କୁ ଆକୃଷ୍ଟ କରେ ବୌଦ୍ଧିକ ଚେତନାଯୁକ୍ତ କବିତା'

**ନୀଳାଦ୍ରିଭୂଷଣ କବିତା ବର୍ଣ୍ଣାଳି ପୁସ୍ତକ ଉନ୍ମୋଚିତ**


ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କଟକ,୬।୮ (କାର୍ତ୍ତିକ ସାହୁ)

ମାନବପ୍ରୀତି, ସମାଜପ୍ରୀତି, ସ୍ୱଦେଶପ୍ରୀତି, ବିଶ୍ୱପ୍ରୀତି ତଥା ମାଟି ଓ ଆକାଶପ୍ରୀତି ଭରା କବିତା କାଳଜୟୀ ହୁଏ। ପାଠକଙ୍କୁ ଆକୃଷ୍ଟ କରେ ବୌଦ୍ଧିକ ଚେତନାଯୁକ୍ତ କବିତା। ବୌଦ୍ଧିକ ଚେତନା ସ୍ରଷ୍ଟାର ଲେଖନୀକୁ ଶାଣିତ କରିଥାଏ ବୋଲି ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ କହିଛନ୍ତି।

ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ କଟକ ସାରଳା ଭବନରେ ନୀଳାଦ୍ରିଭୂଷଣ କବିତା ବର୍ଣ୍ଣାଳି ପୁସ୍ତକ ରବିବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସାମଲ ଯୋଗଦେଇ ନୀଳାଦ୍ରିଭୂଷଣଙ୍କ କବିତା ବିବିଧ ଉଜ୍ଜ୍ୱଳ ବର୍ଣ୍ଣରେ ଉଦ୍ଭାସିତ ବୋଲି ମତବ୍ୟକ୍ତ କରିଛନ୍ତି। ଏଥିରେ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ନୀଳାଦ୍ରିଭୂଷଣଙ୍କ କବିତାରେ ଐତିହ୍ୟ, ପରମ୍ପରା ଓ ସାମାଜିକ ରୀତିନୀତି ବେଶ୍ ପ୍ରତିଫଳିତ। ସେହିପରି ମୁଖ୍ୟବକ୍ତା ଭାବେ କବି ଡ. ଶତ୍ରୁଘ୍ନ ପାଣ୍ଡବ ଯୋଗଦେଇ କହିଥିଲେ, ନୀଳାଦ୍ରିଭୂଷଣଙ୍କ କବିତାର ବୋଧଗମ୍ୟତା ଓ ସମକାଳୀନ ବାସ୍ତବତା ପ୍ରତି ଗଭୀର ପ୍ରତିବଦ୍ଧତା ରହିଛି। ତାଙ୍କ କବିତାରାଜି ପ୍ରାଚ୍ୟ ଓ ନୂତନତାର ଅଦ୍ଭୁତ ସମନ୍ୱୟ ଅଛି। ନୀଳାଦ୍ରିଭୂଷଣ କବିତା ବର୍ଣ୍ଣାଳି ଗ୍ରନ୍ଥର ସମ୍ପାଦକ ତଥା ବିଶିଷ୍ଟ ସମାଲୋଚକ ଡ. ଦିଲୀପ କୁମାର ସ୍ୱାଇଁ କବିତାଗୁଡ଼ିକ ମାର୍ମିକ ଆବେଦନ ଓ ଚିରକାଳୀନତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ ଲେଖକୀୟ ଅଭିବ୍ୟକ୍ତିରେ ତାଙ୍କ କବିତାର ବିଷୟ ବିନ୍ୟାସର ବ୍ୟାପକତା ଓ ଶୈଳୀର ବୈଚିତ୍ର୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ଜନ୍ମମାଟିର ଐତିହ୍ୟ ଓ ପରିବେଶ ତାଙ୍କୁ କବିତା ରଚନା କରିବାରେ ପ୍ରେରଣା ଦେଇଥିଲା ବୋଲି ସେ କହିଥିଲେ। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ବିଦ୍ୟାପୁରୀର ପ୍ରକାଶକ ଜୀବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ। ନୀଳରୋହିତ ହରିଚନ୍ଦନ, ଅଧ୍ୟାପକ ଅନୁପ ମାର୍ଥା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ୮୨ତମ ଶ୍ରାଦ୍ଧୋତ୍ସବ, ରବୀନ୍ଦ୍ର ମଣ୍ଡପ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ବୟନିକା ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ, ସୂଚନା ବବନ, ଅପରାହ୍ଣ ୪ଟା।
- ୭ମ ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ
- ବିଜ୍ଞାନ ପ୍ରଚାର ସମିତିର ପ୍ଲାଟିନମ୍ ଜୁବୁଲି ସମାରୋହ, ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ଣ ୧୦ଟା।

# ସିସିଟିଭି କ୍ୟାମେରାରେ ଲୁଚିଛି ସତ

ଭୁବନେଶ୍ୱର,୬।୮
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ଥିବା ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ର ଏକ ରୁମ୍‌ରୁ ଭଦ୍ରକ ଯୁବତୀ ଶୁଭଲକ୍ଷ୍ମୀ ସାହୁ (୧୮)ଙ୍କ ମୃତଦେହ ମିଳିବା ଘଟଣାକୁ ନେଇ ରହସ୍ୟ ଲାଗି ରହିଛି। ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହା ହତ୍ୟା ନା ଆତ୍ମହତ୍ୟା ତାକୁ ନେଇ ଚର୍ଚ୍ଚା ଲାଗିରହିଛି। ଅପରପକ୍ଷେ ତଦନ୍ତବେଳେ ଜଣାପଡିଛି ଯେ, ଶୁଭଲକ୍ଷ୍ମୀ ଶୁକ୍ରବାର ଭୋର୍ ୩ଟା ୨୦ରେ ଉକ୍ତ ହୋଟେଲକୁ ଚେକ୍ ଇନ୍ କରିଥିଲେ। ତେଣୁ ରାତି ସାରା ସେ କେଉଁଠି ଥିଲେ ତାକୁ ନେଇ ସନ୍ଦେହ ବଢିବାରେ ଲାଗିଛି। ତେବେ ସେ ରାତିରେ ଏକା ବୁଲୁଥିଲେ ନା ତାଙ୍କ ସହ ଆଉ କିଏ ଥିଲେ ତାହା ମଧ୍ୟ ଜଣାପଡିନାହିଁ।


ଶୁଭଲକ୍ଷ୍ମୀ ସାହୁ

ଏପଟେ ପରିବାର ଲୋକ ଗଣମାଧ୍ୟମ ଜରିଆରେ ହତ୍ୟା ଅଭିଯୋଗ ଆଣିବାରୁ ଘଟଣା ଭିନ୍ନ ମୋଡ ନେଇଛି। ଖଟରେ ବସି ରହିବା ଅବସ୍ଥାରେ କେମିତି ଜଣେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିବେ ବୋଲି ଶୁଭଲକ୍ଷ୍ମୀଙ୍କ ଭାଇ ପ୍ରଶ୍ନ କରିଛନ୍ତି। ରବିବାର ଶୁଭଲକ୍ଷ୍ମୀଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ

**ହୋଟେଲରୁ ଭଦ୍ରକ ଯୁବତୀଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣା**

- କମଳା ନେହେରୁ କଲେଜରେ ଯୁକ୍ତ୨ ପଢୁଥିଲେ
- ହତ୍ୟା ଅଭିଯୋଗ ଦୋହରାଇଲେ ପରିବାର ଲୋକେ

ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୨୪/୨୩) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଜବତ ହୋଇଥିବା ମୋବାଇଲରୁ ପୋଲିସ କିଛି ପ୍ରମାଣ ପାଇବାକୁ ଆଶା ରଖିଛି। ଏଥିସହ ଉକ୍ତ ହୋଟେଲର ସିସିଟିଭି ଫୁଟେଜ୍‌ରେ ଘଟଣା ପଛର ସତ ଲୁଚିରହିଥିବା ଆଲୋଚନା ହେଉଥିବାରୁ ପୋଲିସ ମଧ୍ୟ ସେଦିଗକୁ ନେଇ ଖୋଳତାଡ଼ ଚଳାଇଛି।

ପୋଲିସ ସୂଚନାନୁଯାୟୀ, ଶୁଭଲକ୍ଷ୍ମୀ ଭଦ୍ରକର ହୋଇଥିବାବେଳେ ଭୁବନେଶ୍ୱର ୟୁନିଟ-୧ସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଯୁକ୍ତ୨ରେ ପଢୁଥିଲେ। ଶୁକ୍ରବାର ସେ ଉକ୍ତ ହୋଟେଲକୁ ଆସି ଦ୍ୱିତୀୟ ମହଲାରେ ଥିବା ୨୦୫ ନମ୍ବର ରୁମ୍ ବୁକ୍ କରି ରହିଥିଲେ। କିନ୍ତୁ ଶନିବାର ଅପରାହ୍ଣ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ କରିବାକୁ ତଳ ମହଲାକୁ ଆସି ନ ଥିବାରୁ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ମ୍ୟାନେଜର ଉକ୍ତ ରୁମ୍‌ର କବାଟ ଭାଙ୍ଗି ଭିତରକୁ ପଶିବାରୁ ଯୁବତୀ ଜଣକ ଓଢଣୀ ଦ୍ୱାରା ଫ୍ୟାନ୍‌ରେ ଝୁଲିଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ପୋଲିସକୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ମୃତା ଯୁବତୀ ଜଣକ ପାଠପଢ଼ା ସହ ଆଉ କ'ଣ କରୁଥିଲେ ସେନେଇ ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ମରାମତିବେଳେ ପାଣିଟାଙ୍କିରୁ ଖସି ଯୁବକ ମୃତ

**ଭୁବନେଶ୍ୱର,୬।୮(ସୂର୍ଯ୍ୟକାନ୍ତ ବେହେରା):** ପାଣିଟାଙ୍କି ଉପରେ ଚଢି ମରାମତି କାମ କରୁଥିବାବେଳେ ତଳକୁ ଖସିପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଶହୀଦନଗର ଥାନା ଅନ୍ତର୍ଗତ ରସୁଲଗଡ଼ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଯୁବକ ହେଲେ କଟକ ଜିଲା ବଡ଼ମ୍ବା ଅଞ୍ଚଳର ରାଜେଶ ବେହେରା(୩୬)। ସୂଚନାନୁସାରେ, ରବିବାର ସକାଳୁ ରାଜେଶ ନିଜ ପୁତୁରା ସହ ପାଣିଟାଙ୍କି ଉପରକୁ ମରାମତି ପାଇଁ ଚଢ଼ିଥିଲେ। ବର୍ଷା ପାଇଁ ଶିଉଳି ହୋଇଥିବାରୁ ଗୋଡ଼ ଖସିଯିବାରୁ ରାଜେଶ ପାଣିଟାଙ୍କି ଉପରୁ ତଳକୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଚଳାଇଛି।

# ହସ୍ତତନ୍ତ ପୋଷାକ ପିନ୍ଧି ଚାଲିଲେ


ଶିଖରଚଣ୍ଡୀ ପାହାଡ଼ ପାଦଦେଶରୁ ଇନ୍‌ଫୋସିଟି ଛକ ପର୍ଯ୍ୟନ୍ତ ବାହାରିଥିବା ୱାକାଥନ୍।

ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)

**ଜାତୀୟ ହସ୍ତତନ୍ତ ଦିବସ ପାଇଁ ୱାକାଥନ୍**

ଆଜି ଜାତୀୟ ହସ୍ତତନ୍ତ ଦିବସ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସ୍ୱାଭିମାନୀ ଓଡ଼ିଆ ଓମେନ୍ସ ୱାର୍ଲଡ ପକ୍ଷରୁ ପରିଚୟ ଫାଉଣ୍ଡେଶନ, ସ୍ପନ୍ଦନ ଓ ଲାୟନ୍ସ ଇଣ୍ଟରନ୍ୟାଶନାଲ ସହଯୋଗରେ ଶିଖରଚଣ୍ଡୀ ପାହାଡ଼ ପାଦଦେଶରେ ଏକ ୱାକାଥନ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଓଡ଼ିଶାର ବିଭିନ୍ନ ବୁଣାକାରଙ୍କ ହସ୍ତତନ୍ତ ପ୍ରସ୍ତୁତ ଶାଢି, ଶାର୍ଟ, ଜ୍ୟାକେଟ ପିନ୍ଧି ପାହାଡ଼ ପାଦଦେଶରୁ ଇନ୍‌ଫୋସିଟି ଛକ ପର୍ଯ୍ୟନ୍ତ ଚାଲିଥିଲେ। ଓଡ଼ିଶା ହସ୍ତତନ୍ତ ପ୍ରତି ଆଗ୍ରହ ଓ ସେମାନଙ୍କ ଉତ୍ସାହକୁ ଦେଖି ବଜାରରେ ସୁଲଭ ମୂଲ୍ୟରେ ବିକ୍ରୟ କରିବା ଏବଂ ବୁଣାକାର ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏଥିରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଅଭିନେତା ତଥା ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ପରିଚୟ ଫାଉଣ୍ଡେଶନ ଅଧ୍ୟକ୍ଷା ଡ. ରୋଜାଲିନ ପାଢଶାଣୀ ମିଶ୍ର, ସ୍ୱାଭିମାନୀ ଓଡ଼ିଆ ପକ୍ଷରୁ ପ୍ରମୋଦିନୀ ବେହେରା, ଦିପାଳୀ ପରିଡ଼ା, ଶାଶ୍ୱତ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସନ୍ତୋଷ ମେହର ଓ ଜିତୁ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅନ୍ୟର ଜମି ଦେଖାଇ ୫.୫ ଲକ୍ଷ ଠକିନେଲେ ମହିଳା

ଭୁବନେଶ୍ୱର,୬।୮
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଜମି ଦେବା ନାଁରେ ଠକେଇ ଅଭିଯୋଗ ବଢ଼ିଚାଲିଛି। ଅନ୍ୟ ଜଣେ ବ୍ୟକ୍ତିଙ୍କ ଜମି ଦେଖାଇ ୫.୫ ଲକ୍ଷ ଠକି ନେଇଛନ୍ତି ଜଣେ ମହିଳା। ଏହି ଠକେଇର ଶିକାର ହୋଇଥିବା ନାରାୟଣ ସେନାପତି ଲକ୍ଷ୍ମୀସାଗର ଥାନାରେ ଉକ୍ତ ମହିଳାଙ୍କ ନାମରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାରେ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ନାରାୟଣ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜମି ସନ୍ଧାନରେ ଥିବା ବେଳେ ୨ ଜଣଙ୍କ ବନ୍ଧୁଙ୍କ ଜରିଆରେ ୟୁନିଟ-୬ରେ ରହୁଥିବା ଜଣେ ମହିଳାଙ୍କ ସହ ପରିଚିତ କରାଇଥିଲେ । ଏହାପରେ ନାରାୟଣ ୨ ବନ୍ଧୁଙ୍କ ସହ ମହିଳାଙ୍କ ଘରକୁ ଯାଇଥିଲେ । ମହିଳା ଜଣଙ୍କ ରାଜଧାନୀରେ ଥିବା ତାଙ୍କର ଜମିର କାଗଜପତ୍ର ଦେଖାଇବା ସହ ଜମିର ମୂଲ୍ୟ ୪୦ ଲକ୍ଷ ୫୦ ହଜାର ଟଙ୍କା କହିଥିଲେ । ମହିଳାଙ୍କ କଥାରେ ବିଶ୍ୱାସ ରଖି ନାରାୟଣ ଅଗ୍ରିମ ୫୦ ହଜାର ଟଙ୍କା ଦେଇଥିଲେ । ଟଙ୍କା ପାଇବା ପରେ ମହିଳା ଜଣଙ୍କ ଜମି ଦେଖାଇବାକୁ ନେଇଥିଲେ । ଜମି ପସନ୍ଦ ଆସିବା ପରେ ମହିଳାଙ୍କ ଦାବି ଅନୁସାରେ ଚେକ୍ ଅକାରରେ ତାଙ୍କ ଆକାଉଣ୍ଟଙ୍କୁ ୫ ଲକ୍ଷ ଟଙ୍କା ପଠାଇଥିଲି। ହେଲେ ମହିଳା ଜଣଙ୍କ ଟଙ୍କା ନେବା ପରେ କୌଣସି କବଲା ବାହାର କଲେନାହିଁ । ତେଣୁ ସନ୍ଦେହ ହେବାରୁ ନାରାୟଣ ଜମିର ସନ୍ଧାନ କରିବା ବେଳେ ସେଗୁଡିକ ମହିଳାଙ୍କର ନୁହେଁ ବୋଲି ଜାଣିବାକୁ ପାଇଥିଲେ। ଏହାପରେ ନାରାୟଣ ମହିଳାଙ୍କୁ ଟଙ୍କା ଦେବାକୁ ବାରମ୍ବାର କହିଥିଲେ ମଧ୍ୟ ସେ ଫେରାଇନଥିଲେ । ଏପରିକି ମହିଳାଙ୍କର ଜଣେ ସହଯୋଗୀ ଏକ ରାଜନୈତିକ ଦଳର ନେତା ନାଁ କହି ଜୀବନରୁ ମାରିଦେବା ସହ ମିଛ କେସ୍‌ରେ ଫସାଇଦେବାକୁ ଧମକ ଦେଇଥିବା ନାରାୟଣ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।

## ନନ୍ଦନକାନନରେ ନୀଳଗାଈର ମୃତ୍ୟୁ




**ବାରଙ୍ଗ,୬।୮(ଲିଙ୍ଗରାଜ ରାଉତ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୬୫ ନମ୍ବର ଏନ୍‌କ୍ଲୋଜରରେ ରହୁଥିବା ଏକ ମାଈ ନୀଳଗାଈର ରବିବାର ମୃତ୍ୟୁ ଘଟିଛି। ୮ବର୍ଷର ଏହି ମାଈ ନୀଳଗାଈଟି କିଛିଦିନ ହେବ ପକ୍ଷାଘାତରେ ଆକ୍ରାନ୍ତ ହେବାରୁ ତାର ପଛ ଗୋଡ଼ ଦୁଇଟି ଠିକ୍‌ଭାବେ କାମ କରୁନଥିଲା। ଏପରିକି ଛୋଟେଇ ଛୋଟେଇ ଚାଲୁଥିଲା। ଗତ ଶୁକ୍ରବାର ଅପରାହ୍ଣରେ ନନ୍ଦନକାନନର ଜଣେ ବରିଷ୍ଠ ଡାକ୍ତର ନୀଳଗାଈଟିର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ଚିକିତ୍ସା କରିଥିଲେ। ତେବେ ରବିବାର ନୀଳଗାଈଟି ଏନ୍‌କ୍ଲୋଜରରେ ତଳେ ପଡିଥିବା ଦେଖି ଦାୟିତ୍ୱରେ ଥିବା କର୍ମଚାରୀ ଡାକ୍ତରଙ୍କୁ ଅବଗତ କରାଇଥିଲେ। ଡାକ୍ତର ପହଞ୍ଚିବା ପୂର୍ବରୁ ନୀଳଗାଈଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଏହି ଏନ୍‌କ୍ଲୋଜରରେ ନୀଳଗାଈ ସଂଖ୍ୟା ହ୍ରାସ ପାଇ ୬ରେ ପହଞ୍ଚିଛି।

# ରାଇରଙ୍ଗପୁର ବିଧାୟକଙ୍କ କ୍ୱାର୍ଟର୍ସରୁ ଝିଆରୀଙ୍କ ମୃତଦେହ ଜବତ

ଭୁବନେଶ୍ୱର,୬।୮(ସତ୍ୟଜିତ୍ ରାଉତ)

**ଆତ୍ମହତ୍ୟା ସନ୍ଦେହ, ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀଙ୍କ ଭୁବନେଶ୍ୱର ୟୁନିଟ-୪ସ୍ଥିତ କ୍ୱାର୍ଟର୍ସରୁ ରବିବାର ତାଙ୍କ ଝିଆରୀଙ୍କ ମୃତଦେହ ଜବତ କରିଛି ପୋଲିସ। ମୃତା ଜଣକ ନାବାଳିକା ହୋଇଥିବା ବେଳେ ସେ ନୟାପଲ୍ଲୀ ଅଞ୍ଚଳରେ ଥିବା ଏକ କଲେଜରେ ଯୁକ୍ତ୨ ପ୍ରଥମ ବର୍ଷରେ ପଢୁଥିଲେ। ସେ ନବଙ୍କ ବଡ଼ ଭାଇଙ୍କ ଝିଅ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି ପୋଲିସ। ଏନେଇ ମୃତାଙ୍କ ଭାଇଙ୍କ ରିପୋର୍ଟ ଆଧାରରେ ପୋଲିସ ଏକ ଅପମୃତ୍ୟୁ (ନଂ.୨୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ତେବେ ନାବାଳିକା ଜଣଙ୍କ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଏମ୍‌ଏଲ୍‌ଏ କଲୋନୀସ୍ଥିତ ନବଙ୍କ କ୍ୱାଟର୍ (ନଂ ଡିଏସ୍ ୧୦/୧) ରେ ମୃତା ଝିଆରୀ ଜଣକ ରହି ପାଠ ପଢୁଥିଲେ। ଏପରିକି ମୃତାଙ୍କ ଭାଇ ଓ ଜଣେ ଦାଦା ମଧ୍ୟ ଉକ୍ତ କ୍ୱାର୍ଟର୍ସରେ ରହୁଛନ୍ତି। ଶନିବାର ରାତିରେ ନବଙ୍କ ମୃତା ଝିଆରୀ ତାଙ୍କ ରୁମ୍‌କୁ ଶୋଇବାକୁ ଯାଇଥିଲେ। ତେବେ ରବିବାର ପୂର୍ବାହ୍ଣ ପ୍ରାୟ ୧୧ଟା ପର୍ଯ୍ୟନ୍ତ ତାଙ୍କ ରୁମ୍‌ର କବାଟ ଖୋଲା ନ ହେବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ନାବାଳିକା ଜଣଙ୍କ ଫ୍ୟାନ୍‌ରେ ଓଢ଼ଣୀ ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇ ଭାଇ ପୋଲିସକୁ ଖବର ଦେଇଥିଲେ। ଦିନ ପ୍ରାୟ ୧୨ଟା ବେଳେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଉକ୍ତ କବାଟ୍ ତାଲା ଭାଙ୍ଗି ମୃତଦେହ ଜବତ କରିଥିଲା। ଏହି ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଏହି ମୃତ୍ୟୁକୁ ନେଇ ପରିବାର ଲୋକଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ ଜାରି ରଖିଛି। ସେ ଯଦି ଆତ୍ମହତ୍ୟା କରିଛନ୍ତି, ତେବେ ସେ ଏଭଳି ଚରମ ନିଷ୍ପତ୍ତି କାହିଁକି ନେଲେ ବୋଲି ପ୍ରଶ୍ନଉଠିବାରେ ଲାଗିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୌମ୍ୟ


@ ଅବିନାଶ


@ ମିର୍ ଅହମ୍ମଦ


@ ଅବିନାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମନ ମୋହିଲା 'ଅପେକ୍ଷାରେ ରାମଚନ୍ଦ୍ର'

## ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ 'ସାଧନା ସମ୍ମାନ'

ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)

ସାଧନା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରବିବାର ରବୀନ୍ଦ୍ରମଣ୍ଡପଠାରେ 'ନାଟ୍ୟ ସମାହାର' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ 'ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ବାଗ୍‌ଦେବୀ ଲିଟରେଚର ଟ୍ରଷ୍ଟ ନାଟ୍ୟ ସଂସ୍ଥା ପକ୍ଷରୁ 'ଅପେକ୍ଷାରେ ରାମଚନ୍ଦ୍ର' ନାଟକ ମଞ୍ଚସ୍ଥ ହୋଇଥିଲା। ଶଙ୍କର ପ୍ରସାଦ ତ୍ରିପାଠୀ ନାଟକ ରଚନା କରିଥିବାବେଳେ ପ୍ରବୋଧ ରଥ ନିର୍ଦ୍ଦେଶନା ଦେଇଥିଲେ। କାର୍ଯ୍ୟକ୍ରମରେ ନାଟ୍ୟ ନିର୍ଦ୍ଦେଶକ ଧୀରେନ୍ଦ୍ରନାଥ ମଲ୍ଲିକ, ଚଳଚ୍ଚିତ୍ର ଅଭିନେତା ତଥା ମୋ କଲେଜ ଅଭିଯାନ ଚେୟାର ପର୍ସନ ଆକାଶ


ସାଧନା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରବିବାର ରବୀନ୍ଦ୍ରମଣ୍ଡପଠାରେ ଆୟୋଜିତ 'ନାଟ୍ୟ ସମାହାର' ଉତ୍ସବରେ ପରିବେଷିତ ନାଟକ 'ଅପେକ୍ଷାରେ ରାମଚନ୍ଦ୍ର'ର ଏକ ଦୃଶ୍ୟ।

ଦାସ ନାୟକ, ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଥିଲେ। ଚଣ୍ଡୀ ପରିଜା ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# 'ଦାବି ପୂରଣ ନ ହେଲେ ଆନ୍ଦୋଳନ'

ପୁରୀ, ୬।୮ (ଅଜିତ୍ ମହାନ୍ତି)

**୧୦୮ ଆମ୍ବୁଲାନ୍ସ ସଂଘର ରାଜ୍ୟସ୍ତରୀୟ ବୈଠକ**

ଶ୍ରୀଗୁଣ୍ଡିଚା ଭକ୍ତନିବାସଠାରେ ରବିବାର ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ ସଂଘ ତରଫରୁ ଏକ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିଭିନ୍ନ ଦାବିଓ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ତୁରନ୍ତ ୬ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଦିନରାତି ଅହରହ ରୋଗୀସେବା ଯୋଗାଉଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ସରକାର ଅଣଦେଖା କରୁଛନ୍ତି। ୨୦୧୩ ମସିହାରୁ ଆମ୍ବୁଲାନ୍ସ ସଂସ୍ଥାକୁ ରାଜ୍ୟ ସରକାର ଏକ ଠିକା କମ୍ପାନୀ ହାତରେ ଟେକିଦେଇଛନ୍ତି, ଫଳରେ ୧୦୮ କର୍ମଚାରୀଙ୍କ ଉପରେ ଅତ୍ୟାଚାର ଓ ଶୋଷଣ ବଢ଼ିବାରେ ଲାଗିଛି। କର୍ମଚାରୀମାନେ ୬ ଦଫା ଦାବି ପୂରଣ ପାଇଁ ଦାବି କରିଆସୁଛନ୍ତି, ମାତ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଏହା ଦୁଃଖ ଓ ପରିତାପର ବିଷୟ। ସରକାର ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ସ୍ୱାର୍ଥକୁ


ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ।

ଦୃଷ୍ଟିରେ ରଖି ଦାବି ପୂରଣ ପାଇଁ ପଦକ୍ଷେପ ନେବାକୁ ବୈଠକରେ ସଂଘ କର୍ମକର୍ତ୍ତା ଦାବି କରିଛନ୍ତି। କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି କିମ୍ବା ସ୍ୱତନ୍ତ୍ର ପ୍ୟାକେଜ୍ ଅନୁଯାୟୀ ଆଡ୍‌ଭାନ୍ସ, ଲାଇଫ୍ ସପୋର୍ଟ ଇଏମ୍‌ଟିଙ୍କୁ ୩୫ ହଜାର, ଇଏମ୍‌ଟିଙ୍କୁ ୩୦ ହଜାର, ଡ୍ରାଇଭରଙ୍କୁ ୨୫ ହଜାର ଓ ଆଟେଣ୍ଡାଣ୍ଟଙ୍କୁ ୨୦ହଜାର ଟଙ୍କା ଦରମା ଦେବାକୁ ଦାବି କରାଯାଇଛି। ବାର୍ଷିକ ଦରମା ବୃଦ୍ଧି କରାଯିବା, ସ୍ୱତନ୍ତ୍ର ବୀମା ଯୋଜନାରେ ଯଦି କୌଣସି କର୍ମଚାରୀ ମୃତ୍ୟୁବରଣ କରୁଛନ୍ତି, ତେବେ ତାଙ୍କ ପରିବାରକୁ ୨୦ ଲକ୍ଷ, ଶାରୀରିକ ଅକ୍ଷମଙ୍କୁ ୧୦ ଲକ୍ଷ ଓ ଆଂଶିକ କ୍ଷୟକ୍ଷତି ପାଇଁ ୫ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦିଆଯାଉ। ଯେଉଁଠି କର୍ମଚାରୀଙ୍କ ପାଇଁ ଶୌଚାଳୟ ଓ ବିଶ୍ରାମଗୃହ ନାହିଁ ସେଠାରେ ତାହା ନିର୍ମାଣ କରାଯାଉ। କାର୍ଯ୍ୟ ସମୟରେ କର୍ମଚାରୀ ଆକ୍ରୋଶର ଶିକାର ହେଲେ ଭୁଲ୍ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ପୂର୍ବରୁ ଉକ୍ତ ଦାବି ନେଇ ଜିଲାପାଳ, ସିଡିଏମ୍‌ଓ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଯଦି ତୁରନ୍ତ ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜ୍ୟ ସଭାପତି ଭାବେ ସୁବୋଧନାଥ ଶର୍ମା, ଉପସଭାପତି କ୍ରିଷ୍ଣାଚନ୍ଦ୍ର ନାୟକ, ସମ୍ପାଦକ ଶ୍ରୀରାମ ଚନ୍ଦ୍ର ଆଚାର୍ଯ୍ୟ, ସହସମ୍ପାଦକ ତାପସ ରଞ୍ଜନ ଦାଶ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଦୀପ କୁମାର ଦାସଙ୍କୁ ଚୟନ କରାଯାଇଛି। ସେହିପରି ହାଇ ପାଓ୍ୱାରଫୁଲ୍ କମିଟି ପାଇଁ ଶୋଭେନ୍ଦ୍ର ସାମଲ, ଜୀବନଜ୍ୟୋତି ଚାନ୍ଦ, ଗୋପାଳ ଚନ୍ଦ୍ର ସିଂ, ସୁଜିତ କୁମାର ଭତରା ଏବଂ ରଞ୍ଜନ କୁମାରଙ୍କୁ ଚୟନ କରାଯାଇଛି। ବୈଠକରେ ବିଭିନ୍ନ ଜିଲାରୁ ସଭାପତି, ସମ୍ପାଦକ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ପୋଷ୍ଟ ମେଟଲ୍ ମିଟ୍ ଗ୍ରାଣ୍ଡ ଫିନାଲେ










ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲରେ ରବିବାର ଆୟୋଜିତ ଓଡ଼ିଶା ପୋଷ୍ଟ ମେଟଲ୍ ମିଟ୍ ୨୦୨୩ର ଗ୍ରାଣ୍ଡ ଫିନାଲେରେ କୁଇଜ୍ ମାଷ୍ଟର ଅଜୟ ପୁନିଆଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି ଜୁନିୟର (ଉପର) ଏବଂ ସିନିୟର ବର୍ଗର ପ୍ରତିଯୋଗୀମାନେ।





କୁଇଜ୍ ମାଷ୍ଟର
ଅଜୟ ପୁନିଆ






କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି, ଅତିଥି, ପ୍ରତିଯୋଗୀ ଓ ସେମାନଙ୍କ ସମ୍ପର୍କୀୟ।







ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେଇଥିବା ବିଜେତା (ବାମରୁ) ମୁକ୍ତିସ୍ୱରୂପ ପ୍ରଧାନ, ଅନୁରାଗ ସାମନ୍ତରାୟ, କମଳ ରଥୀ, ସୁକନ୍ୟା ପଣ୍ଡା ଓ ତାଭିଶ୍ ଦାଶ।

# ଓଡ଼ିଶା ପୋଷ୍ଟ ମେଟଲ୍ ମିଟ୍ ଗ୍ରାଣ୍ଡ ଫିନାଲେ




ଗ୍ରାଣ୍ଡ ଫିନାଲେରେ ଓଡ଼ିଶା ପୋଷ୍ଟ ତଥା ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଉପସ୍ଥିତିରେ ସିନିୟର ବର୍ଗ ପ୍ରଥମ ରନର ଅପ୍ ବୁର୍ଲା ଭିମ୍ସାରକୁ ଆଇଓସିଏଲ୍‌ର ଜେନେରାଲ ମ୍ୟାନେଜର (ପ୍ଲାନିଂ ଆଣ୍ଡ କୋଅର୍ଡିନେଶନ) ସୁସ୍ମିତା ତ୍ରିପାଠୀ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।




ସିନିୟର ବର୍ଗ ଦ୍ୱିତୀୟ ରନର ଅପ୍ ଆଇଆଇଟି ଭୁବନେଶ୍ୱରକୁ ରୁଚି ମସଲାର ସେଲ୍ସ ହେଡ୍ ଦେବବ୍ରତ ପଟ୍ଟନାୟକ(ବାମ) ଏବଂ ବେଦାନ୍ତର ଲିଡ୍ ବିଜ୍‌ନେସ ଡେଭଲପମେଣ୍ଟ ଆଣ୍ଡ ଷ୍ଟ୍ରାଟେଜି ଅଧିକାରୀ ଅନିରୁଦ୍ଧ ଶାସ୍ତ୍ରୀ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।




ଗ୍ରାଣ୍ଡ ଫିନାଲେରେ ଜୁନିୟର ବର୍ଗ ପ୍ରଥମ ରନର ଅପ୍ ଭୁବନେଶ୍ୱର ଲୟୋଲା ସ୍କୁଲକୁ ବାଜିରାଓ ଆଇଏଏସ୍ ଏକାଡେମୀ ପ୍ରା.ଲି.ର ସିଇଓ ଶୁଭ୍ରାଂଶୁ ଶେଖର ଓଝା ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।




ଗ୍ରାଣ୍ଡ ଫିନାଲେରେ ଜୁନିୟର ବର୍ଗ ଦ୍ୱିତୀୟ ରନର ଅପ୍ ପୁରୀର ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲକୁ ରୁଚି ମସଲାର ସେଲ୍ସ ହେଡ୍ ଦେବବ୍ରତ ପଟ୍ଟନାୟକ(ବାମ) ଏବଂ ବେଦାନ୍ତର ଲିଡ୍ ବିଜ୍‌ନେସ ଡେଭଲପମେଣ୍ଟ ଆଣ୍ଡ ଷ୍ଟ୍ରାଟେଜି ଅଧିକାରୀ ଅନିରୁଦ୍ଧ ଶାସ୍ତ୍ରୀ ୨୫ ହଜାର ଟଙ୍କାର ଚେକ୍ ଦେଉଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି କୁଇଜ୍ ମାଷ୍ଟର ଅଜୟ ପୁନିଆ।

## କ'ଣ କୁହନ୍ତି ବିଜେତା ଟିମ୍

### ଶେଷ ପ୍ରଶ୍ନରେ ହିଁ କମ୍‌ବ୍ୟାକ୍ କରି ଜିତିଲୁ

ପ୍ରଥମ ସ୍ଥାନ ଗ୍ରହଣ କରି ବହୁତ ଖୁସି ଲାଗୁଛି। ଏଥର ବହୁତ ଟଫ୍ କମ୍ପିଟିଶନ୍ ଥିଲା। ସବୁ ଟିମ୍ ବହୁତ ଭଲ ଉତ୍ତର ଦେଇଥିଲେ। ଆମେ ଶେଷ ପ୍ରଶ୍ନରେ ହିଁ କମ୍‌ବ୍ୟାକ୍ କରି ଜିତିଲୁ, ଯାହା ଖୁବ୍ ଏକ୍ସାଇଟିଙ୍ଗ୍ ଥିଲା। ପୂର୍ବ ସଂସ୍କରଣରେ ଆମେ ଭାଗ ନେଇଥିଲେ ମଧ୍ୟ ପ୍ରଥମ ହୋଇ ପାରି ନ ଥିଲୁ। ଟିମ୍‌ୱାର୍କ ଭଲ ଥିବାରୁ ସଫଳତା ମିଳିଛି।

– ଏମ୍ସ, ଭୁବନେଶ୍ୱର

### ପ୍ରଥମ ଚେଷ୍ଟାରେ ପ୍ରଥମ ରନର ଅପ୍

ପ୍ରଥମ ଚେଷ୍ଟାରେ ପ୍ରଥମ ରନର ଅପ୍ ହେବା ବହୁତ ଖୁସି ଆଣି ଦେଇଛି। ସବୁକିଛି ଏଥର ପ୍ରଥମ। ଲେଭଲ୍ ଅଫ୍ କମ୍ପିଟିଶନ ଯେମିତି ଥିଲା, ଟିମ୍ ସବୁ ସେମିତି ଥିଲେ। ସେହି ହିସାବରେ ଆମ ପ୍ରସ୍ତୁତି ଅନୁସାରେ ବହୁତ ଖୁସି ଲାଗୁଛି। ଆଶା କରୁଛୁ ଆରବର୍ଷ ଆସିଲେ ବହୁତ ଭଲ କରିବୁ। ଟିମ୍‌ୱାର୍କ ବହୁତ ଭଲ କାମ ଦେଲା। ପ୍ରଶ୍ନ ବହୁତ ଟ୍ରିକି ଥିଲା। ପ୍ରଶ୍ନ ଭିତରେ ଉତ୍ତର ଲୁଚି ରହିଥିଲା। ତାକୁ ଖୋଜି ପାଇବାକୁ ମଧ୍ୟ ସେତିକି କଷ୍ଟ ଲାଗୁଥିଲା।

– ଭିମ୍‌ସାର୍, ବୁର୍ଲା

### ମାଇନସ୍‌ରେ ରହି ଡିମୋରାଲାଇଜ୍ଡ ହୋଇଯାଇଥିଲୁ

ପ୍ରଥମ, ଦ୍ୱିତୀୟ ରାଉଣ୍ଡରେ ଆମେ ମାଇନସ୍‌ରେ ଥିଲୁ। ପରିସ୍ଥିତି ବହୁତ କଷ୍ଟକର ହୋଇ ପଡ଼ିଥିଲା। ଆମେ ପୂରା ଡିମୋରାଲାଇଜ୍ଡ ହୋଇ ଯାଇଥିଲୁ। କ'ଣ କେମିତି ହେବ। କୋଭିଡ ପରେ ଆସିଛୁ। ଏଥର ଜିତିବୁ ନ ଜିତିବୁ। ସେ ସବୁ ଭିତରେ ମିରାକିଲ୍ ହେଲା। ପଞ୍ଚମ ରାଉଣ୍ଡରେ କେମିତି କ'ଣ କରି, ଟିମ୍ ୱାର୍କ, ହାର୍ଡ ୱାର୍କ, ଭଗବାନଙ୍କ ଦୟାରୁ ଠିକ୍ ଉତ୍ତର ବାଜିଲା। ୨୦୧୯ରେ ୪ର୍ଥ ସ୍ଥାନରେ ଥିଲୁ। ଆରବର୍ଷ ବି ଆମ ପିଲାମାନେ ଆସି ବହୁତ ଭଲ କରିବେ।

– ଆଇଆଇଟି, ଭୁବନେଶ୍ୱର

### ନଲେଜ୍, ଲକ୍, ଲଜିକ୍

ପ୍ରଥମ ସ୍ଥାନ ଗ୍ରହଣ କରି ବହୁତ ଖୁସି ଲାଗୁଛି। ଲଜିକ୍, ନଲେଜ୍, ଲକ୍ ଏହି ୩ ବଳରେ ଆମେ ଆଜି ଏହି ସଫଳତା ପାଇପାରିଛୁ। ପ୍ରଶ୍ନ ବହୁ କଷ୍ଟ ଥିଲା। ସମସ୍ତେ ନିଜ ନିଜର ବେଷ୍ଟ୍ ଦେବାକୁ ଚେଷ୍ଟା କରିଥିଲୁ। ପ୍ରିଲିମ୍ସରେ ଉତ୍ତର ଦେଇ ଆମେ ଗ୍ରାଣ୍ଡ ଫିନାଲେରେ ପହଞ୍ଚିପାରିଲୁ। ଲୟୋଲା ସ୍କୁଲ, ଡିଏଭି ପୋଖରୀପୁଟ, କଳିଙ୍ଗନଗରଙ୍କ ସହ କମ୍ପିଟିଶନ୍ ଟଫ୍ ଥିଲା।

– ଡିଏଭି, ସିଡିଏ, ଭୁବନେଶ୍ୱର

### ଛୋଟ ଭୁଲ୍ ପାଇଁ ପଛକୁ ରହିଗଲୁ

ଖୁସି ତ ଅଲଗା କଥା, ନର୍ଭସ୍‌ନେସ୍ ଓ ଡର ଥିଲା। କାରଣ ଯେଉଁ ଜାଗାରେ ଆମେ ଜିତି ପାରିଥାନ୍ତୁ, ସେ ଜାଗାରେ ଛୋଟ ଭୁଲ ପାଇଁ ପଛକୁ ରହିଗଲୁ। ଆମେ ଭୁଲ୍ କରୁ ଆଉ ତା'ଠୁ ଶିଖୁ ମଧ୍ୟ। ଆଜିର ଭୁଲ୍ ବହୁତ କିଛି ଶିକ୍ଷା ଦେଲା। ଆଗକୁ କୌଣସି ପ୍ରତିଯୋଗିତାକୁ ଗଲେ ଯେତେବେଳେ ଆମେ ଜିତିବା ସ୍ଥାନରେ ରହିଥିବୁ, ସେତେବେଳେ କିଛି ବଡ ରିସ୍କ ନେବୁନି। କିନ୍ତୁ ପୂରା ଟିମ୍‌ର ଭଲ ଅନୁଭୂତି ରହିଲା।

– ଲୟୋଲା, ଭୁବନେଶ୍ୱର

### ଲାଷ୍ଟ ମୋମେଣ୍ଟରେ ଛକା ମାରିଦେଲୁ

ପ୍ରଥମରୁ କଷ୍ଟ ଥିଲା। ପରେ ପଜଲ୍ ଆରମ୍ଭ ହେଲା। ଟିକେ କସରତ କରିଥିଲେ ଆହୁରି ଭଲ ହୋଇପାରିଥାନ୍ତା। ତଥାପି ବହୁତ ଖୁସି ଲାଗୁଛି। ପ୍ରଶ୍ନ ବହୁତ କଷ୍ଟ ଥିଲା। ଆମେ ଆଶା କରି ନ ଥିଲୁ ପାଇବୁ ବୋଲି। କିନ୍ତୁ ଲାଷ୍ଟ ମୋମେଣ୍ଟରେ ଆମେ ଛକା ମାରିଦେଲୁ। ଆରମ୍ଭରୁ ଯେତେବେଳେ ଗୋଟିଏ ପ୍ରଶ୍ନର ଉତ୍ତର ଦେଇଦେଲୁ ତା' ପରେ କନଫିଡେନ୍ସ ଆସିଗଲା।

–ବ୍ଲେସ୍‌ଡ ସାକ୍ରାମେଣ୍ଟ, ପୁରୀ

## ୨୦୧୯ର ଦ୍ୱିତୀୟ ରନର ଅପ୍ ଏଥରର ୱିନର୍

ସଂଯୋଗବଶତଃ ମେଟଲ୍ ମିଟ୍ ୨୦୧୯ରେ ହୋଇଥିବା ଦ୍ୱିତୀୟ ରନର ଅପ୍ ଏଥରର ୱିନର୍ ହୋଇଛନ୍ତି। ଉଭୟ ଜୁନିୟର୍ ଓ ସିନିୟର୍ ବିଭାଗରେ ଶେଷ ଥର ଦ୍ୱିତୀୟ ରନର ଅପ୍ ଭାବେ ଯଥାକ୍ରମେ କଟକ ସିଡିଏସ୍ଥିତ ଡିଏଭି ଏବଂ ଭୁବନେଶ୍ୱର ଏମ୍ସ ରହିଥିଲେ। ଏଥର ଉଭୟ ପ୍ରଥମ ସ୍ଥାନ ଅଧିକାର କରି ବିଜେତା ହୋଇଛନ୍ତି। ଡିଏଭି ୨୦୧୮ରେ ପ୍ରଥମ ରନର ଅପ୍, ୨୦୧୯ରେ ଦ୍ୱିତୀୟ ରନର ଅପ୍ ହୋଇଥିଲା। ଏଥର କିନ୍ତୁ ପ୍ରଥମ ସ୍ଥାନ ବାଜିମାତ କରିଛି। ସେହିପରି ଏମ୍ସ ୨୦୧୯ ଆଶାକୁ ଏଥର ପୂରଣ କରିପାରିଛି। ପୂର୍ବର ଅଭିଜ୍ଞତା ଏଥର ସଫଳତା ଦେଇଥିବା ସେମାନଙ୍କ ବିଜୟରୁ ଜଣାପଡ଼ିଛି।

## ଉତ୍ତର ପାଇଁ କସରତ










## ରିଲାକ୍ସ ଦେଲା ଆୟୁଷଙ୍କ ବିଟ୍ ବକ୍ସିଂ

କୁଇଜ୍‌ର ଟେନ୍‌ସନ୍ ମାହୋଲରେ ରିଲାକ୍ସ ଆଣିଥିଲା ଆୟୁଷଙ୍କ ବିଟ୍ ବକ୍ସିଂ। ଓଡ଼ିଆ, ଇଂଲିଶ ଓ ହିପହପ୍ ଭଳି ଧ୍ୱନିରେ ସେ ଉପସ୍ଥିତ ଦର୍ଶକ ଓ ପ୍ରତିଯୋଗୀଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଆୟୁଷ କହିଥିଲେ, ପ୍ରଦର୍ଶନ ପାଇଁ ସୁଯୋଗ ମିଳିଥିବାରୁ ବହୁତ ଖୁସି ଲାଗୁଛି। ଆଶା କରୁଛି ପିଲାଙ୍କ ଚାପ କିଛି ମାତ୍ରାରେ ହାଲୁକା କରି ପାରିଛି। ଆଗକୁ କ'ଣ ହେବ ତା' ନ ଭାବି ବର୍ତ୍ତମାନକୁ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ।



## ସଂକ୍ଷେପରେ

### ୨୭ ବର୍ଷ ତଳର ସ୍ମୃତି ସାଉଁଟିଲେ

ସାକ୍ଷୀଗୋପାଳ,୬।୮(ଭରତ ରାଉତ)

ସାକ୍ଷୀଗୋପାଳ ଅନ୍ତର୍ଗତ ଶୁକଳ ତୃତୀୟା ଦେବ ଶିକ୍ଷା ନିକେତନର ୧୯୯୫ର ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୭ ବର୍ଷ ପରେ ସମସ୍ତ ଛାତ୍ରୀଛାତ୍ର ଏକାଠି ହୋଇ ପୁରୁଣା ସ୍ମୃତିକୁ ସାଉଁଟିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପରଲୋକକୁ ନେଇ ସ୍ମୃତିଚାରଣ ଓ ଶୋକସଭା ହୋଇଥିଲା। ପ୍ରାକ୍ତନ ଶିକ୍ଷକ କୃଷ୍ଣମୋହନ ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ଉତ୍ସବରେ ଶିକ୍ଷକ ଚଣ୍ଡେଶ୍ୱର ପ୍ରଧାନ, ପତିତପାବନ ମହାନ୍ତି, ବ୍ରଜବନ୍ଧୁ ଜେନା, ସର୍ବେଶ୍ୱର ପଟ୍ଟନାୟକ, ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ଯୋଗଦେଇ ସ୍କୁଲ ବେଳର ସ୍ମୃତିକୁ ମନେପକାଇଥିଲେ। ଛାତ୍ର ସୁଶାନ୍ତ ବିଶ୍ୱାଳ, ପ୍ରଦୀପ ପରିଡ଼ା, ଅକ୍ଷୟ ବିଶ୍ୱାଳ, ଭାଗ୍ୟଧର ପଣ୍ଡା, ଉଲ୍ଲାସ ସାହୁ, କାର୍ତ୍ତିକ ସ୍ୱାଇଁ, ଦୁର୍ଗା ପ୍ରସାଦ ପଣ୍ଡା, ଛାତ୍ରୀ ବୈଜୟନ୍ତୀ ମାଳା ମହାନ୍ତି, ହରପ୍ରିୟା ବାରିକ, ସୂର୍ଯ୍ୟକାନ୍ତି ନାୟକ, ନାରଖାରି ବେହେରା, ପୁଷ୍ପାଞ୍ଜଳି ବରାଳ ପ୍ରମୁଖ ଏହିରେ ଯୋଗ ଦେଇଥିଲେ।

### ଫନି ସହାୟତା ପାଇଁ ତହସିଲକୁ ଦୌଡ଼ି ବିଳାସିନୀ ନିରାଶ

କଣାସ,୬।୮(ବିଭୂତି ଭୂଷଣ ତ୍ରିପାଠୀ)

ଫନି ବାତ୍ୟାକୁ ଇତିମଧ୍ୟରେ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ଅନେକ ପରିବାର ଫନି ସହାୟତାରୁ ବଞ୍ଚିତ ହୋଇଛନ୍ତି। ବାରମ୍ବାର କଣାସ ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ସେଥିମଧ୍ୟରୁ କାଦୁଆ ପଞ୍ଚାୟତର ସହାସପୁର ଗ୍ରାମର ବିଳାସିନୀ ସାହୁଙ୍କ ଘର ଫନିରେ ସମ୍ପୂର୍ଣ୍ଣ ଧରାଶାୟୀ ହୋଇଯାଇଥିଲା। କିନ୍ତୁ ତଦନ୍ତ କରୁଥିବା କର୍ମଚାରୀ ବିଳାସିନୀଙ୍କ ଘରର ଆଂଶିକ କ୍ଷତି ହୋଇଥିବା ଦର୍ଶାଇ ୩ ହଜାର ୨୦୦ ଟଙ୍କା ତାଙ୍କ ବ୍ୟାଙ୍କ ଖାତାକୁ ପଠାଇଥିଲେ। ବିଳାସିନୀ ପୁନଶ୍ଚ ତହସିଲଦାରଙ୍କ ନିକଟରେ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଦରଖାସ୍ତ କରିବାରୁ ତଦନ୍ତ ହୋଇଥିଲା। ଏହାପରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଦର୍ଶାଯାଇଥିଲା। ପ୍ରଥମେ ପଠାଯାଇଥିବା ଅର୍ଥ ବିଳାସିନୀଙ୍କ ସ୍ୱାମୀ ବ୍ରଜବନ୍ଧୁ ସାହୁଙ୍କ ନାମରେ ବ୍ୟାଙ୍କ ଖାତାକୁ ଯାଇଥିଲା। କିନ୍ତୁ ଦ୍ୱିତୀୟରେ ତାଙ୍କ ଆଧାର କାର୍ଡରେ ବିଳାସିନୀଙ୍କ ପିତା ମେରୁ ଜେନାଙ୍କ ନାମ ଥିବାରୁ ତାଙ୍କୁ ପୂର୍ବତନ ତହସିଲଦାର ଏକ ଆଫିଡାଭିଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ବିଳାସିନୀ ଆଫିଡାଭିଟ କରି ତହସିଲଦାରଙ୍କ ନିକଟରେ ଦାଖଲ କରିଥିଲେ ମଧ୍ୟ ଅଦ୍ୟାବଧି ଫନି ସହାୟତ ମିଳିପାରିନାହିଁ। ସେ ଜରିପାଲ ତଳେ ସ୍ୱାମୀ ଓ ପିଲାଙ୍କ ସହିତ ଆଶ୍ରୟ ନେଇଛନ୍ତି। ଏନେଇ କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ପଚାରିବାରୁ, ଫନି ସହାୟତା ପାଇଁ ଆସିଥିବା ଟଙ୍କା ଅଡିଟ ହୋଇ ଯାହା ବଳକା ଥିଲା ଫେରାଇ ଦିଆଯାଇଥିବା ସେ କହିଥିଲେ। କିନ୍ତୁ ପୂର୍ବତନ ତହସିଲଦାର କେଉଁ ଉଦ୍ଦେଶ୍ୟ ରଖି ପ୍ରକୃତ ହିତାଧିକାରୀଙ୍କୁ ଫନି ସହାୟତା ନ ଦେଇ ଟଙ୍କା ଫେରାଇ ଦେଲେ ସାଧାରଣରେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

# ରେଳଯାତ୍ରୀଙ୍କୁ ମିଳିବ ଅତ୍ୟାଧୁନିକ ସେବା

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ବାଲୁଗାଁ (ସଂଗ୍ରାମ ପାଇକରାୟ)/ ଜଟଣୀ, ୬।୮ (ରବୀନ୍ଦ୍ର ନାଥ ମହାକୁଡ଼)




ଖୋର୍ଦ୍ଧ ରୋଡ ଷ୍ଟେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟ ଅତିଥି ।



ବାଲୁଗାଁ ଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଅମୃତ ଭାରତ ଷ୍ଟେଶନ ଯୋଜନା ଅନ୍ତର୍ଗତ ସାରା ଦେଶରେ ୫୦୮ଟି ରେଳଷ୍ଟେଶନର ରୂପାନ୍ତର କରାଯିବ। ସେହିପରି ଓଡ଼ିଶାର ୨୫ଟି ରେଳଷ୍ଟେଶନର ପୁନର୍ବିକାଶ କରାଯିବ। ରବିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ୫୦୮ ରେଳଷ୍ଟେଶନର ପୁନଃନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଷ୍ଟେଶନଗୁଡ଼ିକ ମଧ୍ୟରେ ଓଡ଼ିଶାର ୨୫ଟି ଷ୍ଟେଶନ ସାମିଲ ଥିବା ବେଳେ ତନ୍ମଧ୍ୟରୁ ବାଲୁଗାଁ ଓ ଖୋର୍ଦ୍ଧା ରୋଡ୍ ଷ୍ଟେଶନ ଅନ୍ୟତମ। ଏହି ପରିପ୍ରେକ୍ଷୀରେ ବାଲୁଗାଁ ରେଳଷ୍ଟେଶନ ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତୀୟ ପର୍ଯ୍ୟଟନ ବିକାଶ ନିଗମ ଅଧ୍ୟକ୍ଷ ଡା. ସମ୍ବିତ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋଚିନ ଶିପ୍‌ୟାର୍ଡ ନିର୍ଦ୍ଦେଶକ ପୃଥ୍ୱୀରାଜ ହରିଚନ୍ଦନ, ରେଳ ବିଭାଗ ଚିଫ୍ ଇଲେକ୍ଟ୍ରିକାଲ ଲୋକୋମୋଟିଭ ଇଞ୍ଜିନିୟର ମଞ୍ଜିତ ସିଂହ ସନ୍‌ସନ୍‌ୱାଲ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ଚିଲିକା ତହସିଲଦାର ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ସାମାଜିକ କର୍ମୀ ନିରଞ୍ଜନ ସେଠୀ ଏବଂ ଦୁଷ୍ମନ୍ତ ହରିଚନ୍ଦନ ଉପସ୍ଥିତ ଥିଲେ। ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଡା. ପାତ୍ର କହିଥିଲେ ଯେ, ଓଡ଼ିଶାକୁ ନରେନ୍ଦ୍ର ମୋଦିଙ୍କ ସରକାର ବିଗତ ୯ ବର୍ଷରେ ୫୨ ହଜାର କୋଟି ଟଙ୍କା ଦେଇଛନ୍ତି। ତନ୍ମଧ୍ୟରୁ କେବଳ ଚଳିତ ଆର୍ଥିକ ବର୍ଷରେ ୧୨ ହଜାର କୋଟି ଟଙ୍କାର ରେଳ ଅନୁଦାନ ମିଳିଛି। ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଲାଗି ଆଗାମୀ ଦିନରେ ଓଡ଼ିଶାବାସୀ ମୋଦିଙ୍କ ସହିତ ରହିବାକୁ ଉପସ୍ଥିତ ଦର୍ଶକଙ୍କୁ ସେ ଆହ୍ୱାନ ଦେଇଥିଲେ। ବାଲୁଗାଁ ଷ୍ଟେଶନର ରୂପରେଖ ବଦଳିବ। ଯାତ୍ରୀଙ୍କ ପାଇଁ ଅଲଗା ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ମଲ୍ଟି ଲେବଲ ପାର୍କିଂ, ଲିଫ୍ଟ, ବିଶ୍ରାମ ଓ ଅପେକ୍ଷା ଗୃହ, ଦିବ୍ୟାଙ୍ଗଙ୍କ ସକାଶେ ଅନୁକୂଳ ସୁବିଧା ରହିବ। ଏତଦବ୍ୟତୀତ ସହର ସିଟି ସେଣ୍ଟର ରୂପେ ବିକାଶ ହେବ, ଯେଉଁଠି ରୁଫ ପ୍ଲାଜା, ଶପିଂ ଜୋନ୍, ଫୁଡ କୋର୍ଟ ପରି ଅତ୍ୟାଧୁନିକ ଅନେକ ସୁବିଧା ଉପଲବ୍ଧ ହେବ। ଏହା ପୁରୀ ଲୋକସଭା ତଥା ଚିଲିକା ନିର୍ବାଚନମଣ୍ଡଳୀର ଏକ ବିଜ୍‌ନେସ୍ ହବ୍ ପାଲଟିବ। ଅଞ୍ଚଳର ସାମାଜିକ, ଆର୍ଥିକ ଓ ପର୍ଯ୍ୟଟନ ଶିଳ୍ପ ପ୍ରଗତିର କେନ୍ଦ୍ର ପାଲଟିବ ବୋଲି ପାତ୍ର କହିଛନ୍ତି । ଏହି ଅବସରରେ ବରିଷ୍ଠ ନାଗରିକ ସଙ୍ଗଠନର ସଦସ୍ୟମାନେ ପାତ୍ରଙ୍କୁ ଭେଟି ବାଲୁଗାଁ ରେଳ ଷ୍ଟେଶନରେ କିଛି ମୁଖ୍ୟ ଟ୍ରେନ ରହଣି ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଖୋର୍ଦ୍ଧାରୋଡ ରେଳଷ୍ଟେଶନ ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ କୁମାର ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅମୃତ ଭାରତ ଷ୍ଟେଶନ ଯୋଜନାରେ ଖୋର୍ଦ୍ଧାରୋଡ୍ ଓ ବାଲୁଗାଁ ଷ୍ଟେଶନକୁ ସାମିଲ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ଥାନୀୟ ବାସିନ୍ଦା କୃତଜ୍ଞତା ଜଣାଇଛନ୍ତି।

**ଅମୃତ ଭାରତ ଷ୍ଟେଶନ ଯୋଜନାରେ ବାଲୁଗାଁ, ଖୋର୍ଦ୍ଧାରୋଡ୍ ସାମିଲ**

### ମାଛ ବ୍ୟବସାୟୀ ଦମ୍ପତିଙ୍କୁ ନିଶାଦେଇ ଲୁଟ୍

ବାରଙ୍ଗ,୬।୮(ଲିଙ୍ଗରାଜ ରାଉତ):

ବାରଙ୍ଗ ଥାନା ଅଧୀନ ତ୍ରିଶୂଳିଆ ଛକ ନିକଟରେ ମାଛ ବ୍ୟବସାୟ କରୁଥିବା ଦମ୍ପତିଙ୍କ ମୁହଁରେ ବିଷାକ୍ତ ନିଶାଦ୍ରବ୍ୟ ସ୍ପ୍ରେ କରି କେହି ଦୁର୍ବୃତ୍ତ ଟଙ୍କା ଓ ମୋବାଇଲ ଫୋନ ଲୁଟିନେଇଥିବା ରବିବାର ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ଦମ୍ପତି ହେଉଛନ୍ତି ନରସିଂହପୁର କାକୁଡିଆ ଅଞ୍ଚଳର ପଲୋଉ ବେହେରା ଓ ତାଙ୍କ ସ୍ତ୍ରୀ ସୁଷମା। ଏମାନେ କଟକ ବିଡ଼ାନାସୀରେ ଭଡାଘରେ ରହୁଥିବାବେଳେ ଦୀର୍ଘଦିନ ହେବ ତ୍ରିଶୂଳିଆ ନିକଟରେ ମାଛ ବ୍ୟବସାୟ କରୁଥିଲେ। ସୂଚନା ମୁତାବକ, ସବୁଦିନ ଭଳି ରବିବାର ପଲୋଉ ଓ ସୁଷମା ମାଛ ଆଣି ତ୍ରିଶୂଳିଆ ଛକ ନିକଟ ଏକ ପୋଖରୀ ପାଖରେ ବ୍ୟବସାୟ କରୁଥିଲେ। ଅପରାହ୍ନରେ କେହି ଦୁର୍ବୃତ୍ତ ମାଛ କିଣିବା ଆଳରେ ଏମାନଙ୍କ ମୁହଁରେ ବିଷାକ୍ତ ଦ୍ରବ୍ୟ ସ୍ପ୍ରେ କରିଥିଲେ। ଅଚେତ ହୋଇପଡ଼ିବା ପରେ ଏହି ଦମ୍ପତିଙ୍କ ସମସ୍ତ ଟଙ୍କା ଓ ମୋବାଇଲ ଫୋନ ଲୁଟିନେଇ ଦୁର୍ବୃତ୍ତ ପଳାଇଥିଲେ। ବହୁସମୟ ଧରି ଦମ୍ପତି ଶୋଇଥିବା ଦେଖି କିଛିଦୂରରେ ଥିବା ଜଣେ ବେଲ୍ଟ ବ୍ୟବସାୟୀ ପାଖକୁ ଆସିଥିଲେ। ତେବେ ବେଲ୍ଟ ବ୍ୟବସାୟୀ ଜଣଙ୍କ ଡାକିଥିଲେ ମଧ୍ୟ ସେମାନେ ଉଠି ନ ଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ପୋଲିସକୁ ଖବର ଦେବା ସହ ଦମ୍ପତିଙ୍କୁ ଚିକିତ୍ସା ପାଇଁ ଅଟୋରେ ବସାଇଥିଲେ। ଏହି ଦମ୍ପତିଙ୍କୁ ଚିହ୍ନିଥିବା ଜଣେ ଯୁବକ ତାଙ୍କ ପୁଅ ପ୍ରଭାତଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ।

## 'ନିର୍ଭୟା' ପତ୍ରିକା ଉନ୍ମୋଚନ, ସମ୍ବର୍ଦ୍ଧନା ପର୍ବ



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତି ବିଶେଷ ।

ପୁରୀ, ୬।୮(ଅଜିତ ମହାନ୍ତି):

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ଭବାନୀ ଭୂୟାଁଙ୍କ ଦ୍ୱାରା ସମ୍ପାଦିତ ସାହିତ୍ୟ ପତ୍ରିକା 'ନିର୍ଭୟା', ପବିତ୍ର ମୋହନ ଦାଶଙ୍କ ନିବନ୍ଧ ସଂକଳନ 'ଭାବରୂପ', ନନ୍ଦିତା ମହାନ୍ତିଙ୍କ ଦ୍ୱାରା ଅନୁଦିତ ଉପନ୍ୟାସ 'ଖେଳ' ଏବଂ ଶିବସୁନ୍ଦର ପାଣିଗ୍ରାହୀଙ୍କ କବିତା ସଂକଳନ 'କୁହୁକ ସ୍ପର୍ଶ' ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରି ନିର୍ଭୟା ନାରୀମୁକ୍ତିର ମାର୍ଗ ପ୍ରସ୍ତୁତ କରିବ ବୋଲି କହିଥିଲେ। ଅତିଥି ଭାବେ କବି ଚିତ୍ତରଞ୍ଜନ ମିଶ୍ର 'ଭାବରୂପ'ର ସମୀକ୍ଷା କରି ତାହା ପ୍ରତ୍ୟେକ କବି ପଢିବା ଉଚିତ ବୋଲି ମତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ବୀରେନ୍ଦ୍ର ନାୟକ ଯୋଗଦେଇ 'ନିର୍ଭୟା' ଭଳି ପତ୍ରିକା ବର୍ତ୍ତମାନର ଆବଶ୍ୟକତା ବୋଲି ସୂଚାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ମଞ୍ଚାସୀନ ଅତିଥି ବସନ୍ତ କୁମାରୀ ସାମନ୍ତ ଏବଂ ଶଙ୍କର୍ଷଣ ପରିଡ଼ା ଉନ୍ମୋଚିତ ପୁସ୍ତକଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମୁକୁନ୍ଦ ଶତପଥୀ ଏ ସମ୍ପର୍କରେ ପାଠକୀୟ ମତ ରଖିଥିଲେ। ସଭାରେ ନିର୍ଭୟା ତରଫରୁ ପ୍ରଚ୍ଛଦ ପାଇଁ ବସନ୍ତ କୁମାରୀ ସାମନ୍ତ, ସାମ୍ବାଦିକତା ପାଇଁ ରୋଜାଲିନ ମହାନ୍ତି, ଶିକ୍ଷା ପାଇଁ ସୁସ୍ମିତା ମହାପାତ୍ର, ସମ୍ପାଦନା ପାଇଁ ମାନିନୀ ମିଶ୍ର, କଳା ପାଇଁ ବବିତା ସାହୁ , ସମାଜସେବା ପାଇଁ ବନ୍ଦନା ହରିଚନ୍ଦନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଟୁନି ଜେନା ଓ ମୋତି ଭୋଇଙ୍କୁ ନିତିଦିନର ନିର୍ଭୟା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିକଳ୍ପନା ଓ ପରିଚାଳନା କରିଥିଲେ ମାନମୟୀ ରଥ। ଅନ୍ୟମାନଙ୍କ ମଧ୍ୟରେ ଜନ୍ମେଜୟ ଦ୍ୱିବେଦୀ, ଅଜୟ ପ୍ରଧାନ, ମନୋଜ ପରିଡା, କାମଦେବ ମହାରଣା, ଦେବୀ ପ୍ରସନ୍ନ ରଥ, ବିଚିତ୍ରା ଦାଶ, ସୁପ୍ତି କର, ସୁଖଲତା ମଲ୍ଲିକ ,ଅମ୍ବିକା ସ୍ୱାଇଁ,ସୁରେନ୍ଦ୍ର ତପସ୍ୱୁ, ଜଗନ୍ନାଥ ବସ୍ତିଆ, ତୃପ୍ତି ପଣ୍ଡା ଏବଂ ଶିବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ବନ୍ୟା ମୁକାବିଲାର ସ୍ଥାୟୀ ପ୍ରତିକାର କରାଯାଉ

ଖୋର୍ଦ୍ଧା, ୬।୮(ପ୍ରଭାତ ପାଣିଗ୍ରାହୀ):

ହିରମୂଳ ଗ୍ରାମରେ ୩୦ ପରିବାର ବସବାସ କରନ୍ତି। ସମସ୍ତେ ପ୍ରାୟ ଦିନମଜୁରିଆ ଓ କ୍ଷୁଦ୍ର ଚାଷୀ। ପ୍ରତିବର୍ଷ ହୀରାକୁଦ ବନ୍ୟାଜଳ ଆସିଲେ ଏହି ଏହି ଗ୍ରାମର ଲୋକଙ୍କ ଦୁର୍ଦ୍ଦଶା ବଢିଯାଏ। ଚାଷଜମି ଜଳମଗ୍ନ ହୁଏ। ଜଳସ୍ତର ବଢିଲେ ଘରେ ଘରେ ପାଣି ପଶେ। ଘର ଛାତ ଉପରେ ଲୋକେ ତମ୍ବୁଟାଣି ରହିବାକୁ ବାଧ ହୋଇଥାନ୍ତି। ଆଖପାଖ ଗ୍ରାମଗୁଡ଼ିକରେ ଏଭଳି ସମସ୍ୟା ଉପୁଜେ। ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ବରିଷ୍ଠ ନାଗରିକ ବାସୁଦେବ ମଙ୍ଗରାଜ କହିଛନ୍ତି, ପିଲାବେଳୁ ଏହି ସମସ୍ୟା ଦେଖିଆସୁଛି। ବନ୍ୟା ପରିସ୍ଥିତି ଆଜିକାଲିର ସମସ୍ୟା ନୁହେଁ, ବରଂ ଦୀର୍ଘଦିନ ଧରି ଲାଗି ରହିଛି। ହିରିମୂଳରୁ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଦେଢ କିମି ରାସ୍ତା ନିର୍ମାଣ କରାଗଲେ, ବନ୍ୟା ସ୍ଥିତି ଉପୁଜିବ ନାହିଁ। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ପ୍ରଶାସନ ଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ଗୁହାରି କରାଯାଇଛି। କେବଳ ପ୍ରତିଶ୍ରୁତି ମିଳୁଛି। ସମାଧାନ କିଛି ନାହିଁ। ଦୀର୍ଘ ବର୍ଷ ତଳେ କିଛି ଲୋକଙ୍କୁ ଇନ୍ଦିରା ଆବାସ ମିଳିଥିଲା। ତା' ପରଠାରୁ ଆଉ ଆବସ ଯୋଜନାରେ କାହାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସରକାର ବାତ୍ୟାଶ୍ରୟ ସ୍ଥଳୀରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ରାସ୍ତା ନିର୍ମାଣ କରାଯାଉ ଅଥବା ଆବାସ ଯୋଜନାରେ ଉଚ୍ଚସ୍ଥାନରେ ଘରଖଣ୍ଡିଏ ଯୋଗାଇ ଦିଆଯାଉ।

## ସେପ୍ଟେମ୍ବର ୯ରେ ବେଦାନ୍ତ ବିରୋଧୀଙ୍କ ଚାଷୀ ସମାବେଶ

ପୁରୀ, ୬।୮(ଅଜିତ୍ ମହାନ୍ତି):

ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ଆବାହକ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ଆହ୍ୱାନରେ ରବିବାର ପୁରୀ ସଦର ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଶତାଧିକ ସାମାଜିକ କର୍ମୀ ଏକାଠି ହୋଇ ଦାମୋଦରପୁର ସ୍ଥିତ ମହାବୀର ମଣ୍ଡପରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଲୋକଙ୍କ ଜମିବାଡ଼ି ସୁରକ୍ଷା ସାଧାରଣ ଗରିବ ଲୋକଙ୍କ ସୁରକ୍ଷା ଓ ମୁଖ୍ୟତଃ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ରାଜ୍ୟ ସରକାର ଯେଉଁ ମହାପ୍ରଭୁଙ୍କ ଅମୃତମୋଣହୀ ଜମି ସହ ହଜାର ହଜାର ଏକର ଚାଷଜମିକୁ ବେଆଇନ ଭାବେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନକୁ ଦେଇଥିଲେ, ତାହାକୁ ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟ ଜମି ଅଧିଗ୍ରହଣ କରିବା ବେଆଇନ ବୋଲି ଘୋଷଣା କରିଥିଲେ ଏଥିସହ ରାଜ୍ୟ ସରକାରଙ୍କୁ ଭର୍ତ୍ସନା ଓ ବେଦାନ୍ତ କମ୍ପାନୀକୁ ୫ ଲକ୍ଷ ଟଙ୍କା ଜରିମାନା ସହ ସମ୍ପୃକ୍ତ ଜମି ମାଲିକମାନଙ୍କୁ ଜମି ଫେରାଇବାକୁ ଆଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନ ଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ରାଜ୍ୟ ସରକାର ଓ ବେଦାନ୍ତ କମ୍ପାନୀ ଏହି ମାମଲାକୁ ସର୍ବୋଚ୍ଚ ନ୍ୟାୟାଳୟକୁ ନେଇ ଚାଷୀ ଓ ମହାପ୍ରଭୁଙ୍କୁ କାଠ ଗଡ଼ାରେ ଛିଡା କରାଇଥିଲେ। ଚାଷୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟରେ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ସାମାଜିକ କର୍ମୀ ମେଧା ପାଟେକରଙ୍କୁ ସେପ୍ଟେର ୯ରେ ଚାଷୀ ସମାବେଶରେ ସମ୍ବର୍ଦ୍ଧନା ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏହି କୃଷକ ସମାବେଶକୁ ମହାପ୍ରଭୁଙ୍କ ବିଜୟ ଉତ୍ସବ ଭାବେ ପାଳନ କରିବାକୁ ସ୍ଥିର କରାଯାଇଛି। ବନ୍ଧୁମିଳନ ଉତ୍ସବରେ ବିଷ୍ଣୁପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର୍ଷ ସମିତି ସଭାପତି ଦାମୋଦର ପ୍ରଧାନ, ସମ୍ପାଦକ ପ୍ରଭାକର ସ୍ୱାଇଁ, ହରପ୍ରସାଦ ଜେନା, କୈଳାସ ସ୍ୱାଇଁ, ବିଶ୍ୱନାଥ ପ୍ରଧାନ, ସଦର ବ୍ଲକ ସଭାପତି ଅବିନାଶ ମିଶ୍ର, ମଧୁସୂଦନ ରାଉତରାୟ, ଲକ୍ଷ୍ମଣ ପ୍ରଧାନ, ଶରତ ସ୍ୱାଇଁ, ପଦ୍ମନାଭ ସ୍ୱାଇଁ, ଲୁଲୁ ମହାପାତ୍ର, କୈଳାଶ ଜେନା, ଅଲେଖ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଯୋଗଦେବେ ମେଧା ପାଟେକର, ପ୍ରଶାନ୍ତ ଭୂଷଣ**

## ଅମୃତ ଭାରତ ଷ୍ଟେଶନ ଯୋଜନାରେ ସାକ୍ଷୀଗୋପାଳ ସାମିଲ

ସାକ୍ଷୀଗୋପାଳ,୬।୮ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଅମୃତ ଭାରତ ଷ୍ଟେଶନ ଯୋଜନାରେ ଭାରତୀୟ ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତାଲିକାରେ ସାକ୍ଷୀଗୋପାଳ ରେଳ ଷ୍ଟେଶନରେ ସର୍ବାଧିକ ୩୪.୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ଏଥିପାଇଁ ସାକ୍ଷୀଗୋପାଳ ରେଳ ଷ୍ଟେଶନକୁ ନବୀକରଣ ସହ ଆଧୁନିକ ଭାବେ ଗଢି ତୋଳିବା ସହ ସାଧାରଣ ରେଳଯାତ୍ରୀଙ୍କ ନିମନ୍ତେ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିବ। ଏନେଇ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଦେଶର ବିଭିନ୍ନ ରେଳ ଷ୍ଟେଶନ ସହ ସାକ୍ଷୀଗୋପାଳ ରେଳ ଷ୍ଟେଶନର ନବୀକରଣ ଓ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସାକ୍ଷୀଗୋପାଳ ଷ୍ଟେଶନ ପରିସରରେ ଏକ ଭବ୍ୟ ଉତ୍ସବର ଆୟୋଜନ ହୋଇଥିଲା। ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସତ୍ୟବାଦୀ ଭାଜପା ନେତା ଓମ୍ ପ୍ରକାଶ ମିଶ୍ର, ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ୩୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ୩୩ ନଂ. ଜୋନ୍ ସଭ୍ୟ ରତିକାନ୍ତ ମିଶ୍ର, ଜୟପୁର ପଞ୍ଚାୟତ ସମିତି ସଭ୍ୟ ଦୀପକ ଶତପଥୀ, ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟୀ ରାଉତ ଓ ପୂର୍ବତଟ ରେଳପଥର ମୁଖ୍ୟଯନ୍ତ୍ରୀ ଏ. କେ. ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ। ଅତିଥି ତାଲିକାରେ ପୁରୀ ଏମ୍ପି ପିନାକୀ ମିଶ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖଙ୍କ ନାମ ଫଳକ ପୂର୍ବରୁ ମଞ୍ଚରେ ରଖାଯାଇଥିଲେ ମଧ୍ୟ ସେମାନେ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ତେଣୁ ରେଳ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେତୃତ୍ୱଙ୍କୁ ଅତିଥି ଭାବେ ମଞ୍ଚକୁ ଆମନ୍ତ୍ରଣ କରାଯାଇ ସଭା କାର୍ଯ୍ୟ ପରିଚାଳନା କରାଯାଇଥିଲା। ଷ୍ଟେଶନ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଏହି ଯୋଜନା ସାଧାରଣ ରେଳଯାତ୍ରୀଙ୍କୁ ଅଧିକ ସହାୟତା ହେବ ବୋଲି ଅତିଥି ପ୍ରକାଶ କରିଥିଲେ। ପୁରୀ ଯାଉଥିବା ସମସ୍ତ ଏକ୍ସପ୍ରେସ ଟ୍ରେନ୍ ସାକ୍ଷୀଗୋପାଳଠାରେ ରହିବାକୁ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଓମ୍ ପ୍ରକାଶ ମିଶ୍ର ପ୍ରକାଶ କରିଥିଲେ। ସେହିଭଳି ଉକ୍ତ ରେଳ ଷ୍ଟେଶନରୁ ଏକ ସିଧା ରାସ୍ତା ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସାଳୟ ଦେଇ ଜାତୀୟ ରାଜପଥକୁ ଖୋଲା ଗଲେ ସାକ୍ଷୀଗୋପାଳକୁ ଆସୁଥିବା ପର୍ଯ୍ୟଟକଙ୍କ ଆଗମନ ବଢିବା ସହ ଅର୍ଥନୀତି ସୁଦୃଢ଼ ହୋଇପାରନ୍ତା ବୋଲି ଅତିଥି ରତିକାନ୍ତ ମିଶ୍ର ଓ ଶତପଥୀ ଦାବି କରିଥିଲେ। ଉତ୍ସବ ଆରମ୍ଭରେ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଛାତ୍ରୀ ଦେବସ୍ମିତା ହୋତା 'ବନ୍ଦେ ଉତ୍କଳ ଜନନୀ' ଓ 'ଦିଲିଦିୟା ହେ ଜାନ ଭି ଦେଙ୍ଗେ ଏ ବତନ ତେରେଲିୟେ' ସଙ୍ଗୀତ ଏବଂ ପରେ ଓଡ଼ିଶୀ ନୃତ୍ୟ କରିଥିଲେ। ସତ୍ୟବାଦୀ ହାଇସ୍କୁଲର ଛାତ୍ରୀମାନେ 'ମେରା ଦେଶ ରଙ୍ଗିଲା', ପୁରୀ ରେଳ ବିଭାଗ ଦ୍ୱାରା ଛତିଶଗଡ଼ ନୃତ୍ୟ ପରିବେଷଣ କରିଥିଲେ। ଖୋର୍ଦ୍ଧା ରେଳ ବିଭାଗ ପକ୍ଷରୁ ବିଚିତ୍ରା ନନ୍ଦ ପରିଡ଼ା ଧନ୍ୟବାଦ ଦେଇଥିଲେ।




ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

### ବନ୍ଧୁକ ଦେଖାଇ ଲୁଟ୍ ପରେ କାର୍ ପୋଡ଼ିଦେଲେ

ବାଲିପାଟଣା,୬।୮(ଅଭିମନ୍ୟୁ ନାୟକ):

ବାଲିପାଟଣା ଥାନା ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଶନିବାର ରାତିରେ ଏହି ଥାନା ଅଧୀନ ପାଣ୍ଡୁଆସାହି ନିକଟ ରାସ୍ତାରେ ଲୁଟେରାମାନେ ପଣ୍ଡୁଆସାହିର ଅଜିତ୍ ସ୍ୱାଇଁଙ୍କୁ ବନ୍ଧୁକ ଦେଖାଇ ତାଙ୍କ ପର୍ସ ନେଇଯିବା ସହିତ କାର୍ ପୋଡ଼ି ଦେଇଛନ୍ତି। ଏନେଇ ରବିବାର ଅଜିତ୍ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୭୦/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଶନିବାର ରାତି ୧୨ଟାରେ ଅଜିତ୍ ମାର୍ଥାପୁର-ନିମାପଡା ରାସ୍ତାଦେଇ ଘରକୁ ଫେରୁଥିଲେ। ପଣ୍ଡୁଆସାହି ନିକଟରେ ୩ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ଅଜିତ୍‌ଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପର୍ସ ଛଡ଼ାଇ ନେଇଥିଲେ। ପରେ ଦୁର୍ବୃତ୍ତମାନେ ଅଜିତ୍‌ଙ୍କ ମୁହଁରେ କିଛି ବିଷାକ୍ତ ନିଶା ସ୍ପ୍ରେ କରିବାରୁ ସେ ଅଚେତ ହୋଇଯାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ତାଙ୍କ କାର୍ ଜାଳିଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପର୍ସରେ ୩ ହଜାର ଟଙ୍କା ଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି।

## 'ପରମାଣୁ ବୋମା ବ୍ୟବହାର ଦ୍ୱାରା ମାନବ ସମାଜର କ୍ଷତି ଘଟିଛି'

ପୁରୀ,୬।୮(ଅଜିତ ମହାନ୍ତି):

ଅଗଷ୍ଟ ୬ତାରିଖକୁ ହିରୋଶିମା ଦିବସ ଭାବେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ 'ଇଣ୍ଟରନ୍ୟାଶନାଲ ଆସୋସିଏଶନ୍ ଫର୍ ଦି ଫ୍ୟୁଚର ଅଫ୍ ହ୍ୟୁମାନିଟି' ଆନୁକୂଲ୍ୟରେ ହିରୋଶିମା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଡ. ସଦାନନ୍ଦ ମିଶ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରଘୁନାଥ ମହାପାତ୍ରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସମ୍ମାନିତ ଅତିଥି ଭାବେ ଇଂ. ରାଜେଶ ମିଶ୍ର ଯୋଗଦେଇ ପରମାଣୁ ବୋମା ବ୍ୟବହାର ଦ୍ୱାରା ମାନବ ସମାଜର କିପରି ଆଜିପର୍ଯ୍ୟନ୍ତ କ୍ଷତି ହୋଇଛି ତାହା କହିବା ସହ ମେଡିକାଲ ବିଜ୍ଞାନରେ ଏହାର ବ୍ୟବହାର ବିଷୟରେ ସୂଚନା ଦେଇଥିଲେ। ଯୁବଶକ୍ତି ଆଗେଇ ଆସି ଶାନ୍ତି କ୍ଷେତ୍ରରେ ନିଜ ସହର ତଥା ଦେଶର ନାମ କରିବାକୁ ପୂର୍ବତନ ଭାରତୀୟ ବୈଦେଶିକ ସେବା ଅଧିକାରୀ ମଳୟ ମିଶ୍ର ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ କରୁଣାଳୟ ଲେପର୍ସି କେୟାର ସେଣ୍ଟର ନିର୍ଦ୍ଦେଶକ ଫାଦର ବାପ୍‌ଟିଷ୍ଟ ମାଇକେଲ୍ ଡିସୁଜା ଯୋଗଦେଇ ବିଶ୍ୱ ଆଉ ଏକ ପରମାଣୁ ବିଭୀଷିକା ନ ଦେଖୁ ବୋଲି କହିଥିଲେ। ଅନୁଷ୍ଠାନର ସହସମ୍ପାଦକ ହେକ୍ଟର ମିଶ୍ର ଅତିଥି ପରିଚୟ ଏବଂ ଅନାମ ଚରଣ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଏକ ଶାନ୍ତି କମିଟି ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ନିର୍ଦ୍ଦେଶକ ପ୍ରଫେସର ଡ. ଅତୁଲ କୁମାର ନନ୍ଦ ଆଲୋଚନା ଦ୍ୱାରା ଶାନ୍ତି ପ୍ରତିଷ୍ଠା ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ହିରୋସୀମା ଓ ୟୁକ୍ରେନ ଯୁଦ୍ଧରେ ପ୍ରାଣ ହରାଇଥିବା ଦିବଗଂତଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ମିଶ୍ର, ରାଜେଶ ମହାନ୍ତି, ମଧୁସୁଦନ ମିଶ୍ର, ବିଶ୍ୱନାଥ ମିଶ୍ର, ବ୍ରହ୍ମାନନ୍ଦ ସାହୁ, ଚାରୁବାଳା ମିଶ୍ର, ରାକେଶ ବିଶୋଇ, ଓମ୍ ପ୍ରକାଶ, ଉପାସକ ଉମେଶ, ବିଶ୍ୱଜିତ୍ ମିଶ୍ର, ଶିବ ସୁନ୍ଦର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜୁପିଟର ଦାସ ଧନ୍ୟବାଦ ଦେଇଥିଲେ। ସକାଳ ୯ଟା ୧୫ରେ ଶାନ୍ତିର ବାର୍ତ୍ତା ପୂର୍ବକ କପୋତ ଉଡ଼ାଯାଇ ଥିଲା। ପରେ ବୁଦ୍ଧ ମନ୍ଦିରଠାରୁ ଜିଲା ସ୍କୁଲ ପର୍ଯ୍ୟନ୍ତ ଶାନ୍ତି ଶୋଭାଯାତ୍ରା ବାହାରିଥିଲା।



ଅତିଥିମାନେ ଶାନ୍ତିର ପ୍ରତୀକ କପୋତକୁ ଉଡାଉଛନ୍ତି ।

**ହିରୋଶିମା ଦିବସ ପାଳିତ**

## ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

**ବାଲିପାଟଣା,(ଅଭିମନ୍ୟୁ ନାୟକ):** ବଜ୍ରପାତରେ ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିପାଟଣା ଥାନା ଅଧୀନ ନରଦା ଗ୍ରାମର ବଟକୃଷ୍ଣ ବେହେରା। ସୂଚନା ମୁତାବକ, ବଟକୃଷ୍ଣ ଓ ତାଙ୍କ ନାତି ଘର ନିକଟ ପଡ଼ିଆରେ ମଇଁଷି ଚରାଉଥିଲେ। ମଧ୍ୟାହ୍ନରେ ହଠାତ୍ ବର୍ଷା ସହ ବଜ୍ରପାତ ହେବାରୁ ବଟକୃଷ୍ଣ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ୧୧ ଲକ୍ଷ ଟଙ୍କାର ହେରୋଇନ ଜବତ, ଯୁବକ ଗିରଫ

ଭୁବନେଶ୍ୱର,୬।୮ (ସୂର୍ଯ୍ୟକାନ୍ତ ବେହେରା)

ବୁଲେଟରେ ନିଶା ବେପାର କରୁଥିବା ଜଣେ ଯୁବକଙ୍କୁ ଅବକାରୀ ମୋବାଇଲ ୟୁନିଟ୍ ଖଣ୍ଡଗିରି ଥାନା ଅନ୍ତର୍ଗତ ସୁବାସ ନଗର ବସ୍ତିରେ ଚଢାଉ କରି ଗିରଫ କରିଛି। ସେ ହେଲେ କାହ୍ନା ମହାପାତ୍ର (୨୨)। ତାଙ୍କଠାରୁ ୧୧୦ ଗ୍ରାମ ହେରୋଇନ ଓ ବୁଲେଟ ଗାଡି ଜବତ ହୋଇଛି। ଜବତ ହେରୋଇନ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ। ତେବେ ସେ କେଉଁଠାରୁ ନିଶାଦ୍ରବ୍ୟ ଆଣି ରାଜଧାନୀରେ କାହାକୁ ବିକ୍ରି କରୁଥିଲେ ତାହାର ତଥ୍ୟ ଜାଣିବା ପାଇଁ ଅବକାରୀ ଟିମ୍ ତଦନ୍ତ ଜାରି ରଖିଛି।

## ମାଛ ବ୍ୟବସାୟୀ ଦମ୍ପତିଙ୍କୁ ନିଶାଦେଇ ଲୁଟ୍

ବାରଙ୍ଗ,୬।୮ (ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ତ୍ରିଶୂଳିଆ ଛକ ନିକଟରେ ମାଛ ବ୍ୟବସାୟ କରୁଥିବା ଦମ୍ପତିଙ୍କ ମୁହଁରେ ବିଷାକ୍ତ ନିଶାଦ୍ରବ୍ୟ ସ୍ପ୍ରେ କରି କେହି ଦୁର୍ବୃତ୍ତ ଟଙ୍କା ଓ ମୋବାଇଲ ଫୋନ ଲୁଟିନେଇଥିବା ରବିବାର ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ଦମ୍ପତି ହେଉଛନ୍ତି ନରସିଂହପୁର କାକୁଡିଆ ଅଞ୍ଚଳର ପଲୋଉ ବେହେରା ଓ ତାଙ୍କ ସ୍ତ୍ରୀ ସୁଷମା। ଏମାନେ କଟକ ବିଡ଼ାନାସୀରେ ଭଡାଘରେ ରହୁଥିବାବେଳେ ଦୀର୍ଘଦିନ ହେବ ତ୍ରିଶୂଳିଆ ନିକଟରେ ମାଛ ବ୍ୟବସାୟ କରୁଥିଲେ। ସୂଚନା ମୁତାବକ, ସବୁଦିନ ଭଳି ରବିବାର ପଲୋଉ ଓ ସୁଷମା ମାଛ ଆଣି ତ୍ରିଶୂଳିଆ ଛକ ନିକଟ ଏକ ପୋଖରୀ ପାଖରେ ବ୍ୟବସାୟ କରୁଥିଲେ। ଅପରାହ୍ନରେ କେହି ଦୁର୍ବୃତ୍ତ ମାଛ କିଣିବା ଆଳରେ ଏମାନଙ୍କ ମୁହଁରେ ବିଷାକ୍ତ ଦ୍ରବ୍ୟ ସ୍ପ୍ରେ କରିଥିଲେ। ଅଚେତ ହୋଇପଡ଼ିବା ପରେ ଏହି ଦମ୍ପତିଙ୍କ ସମସ୍ତ ଟଙ୍କା ଓ ମୋବାଇଲ ଫୋନ ଲୁଟିନେଇ ଦୁର୍ବୃତ୍ତ ପଳାଇଥିଲେ। ବହୁ ସମୟ ଧରି ଦମ୍ପତି ଶୋଇଥିବା ଦେଖି କିଛିଦୂରରେ ଥିବା ଜଣେ ବେଲ୍ଟ ବ୍ୟବସାୟୀ ପାଖକୁ ଆସିଥିଲେ। ତେବେ ବେଲ୍ଟ ବ୍ୟବସାୟୀ ଜଣଙ୍କ ଡାକିଥିଲେ ମଧ୍ୟ ସେମାନେ ଉଠି ନ ଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ପୋଲିସକୁ ଖବର ଦେବା ସହ ଦମ୍ପତିଙ୍କୁ ଚିକିତ୍ସା ପାଇଁ ଅଟୋରେ ବସାଇଥିଲେ। ଏହି ଦମ୍ପତିଙ୍କୁ ଚିହ୍ନିଥିବା ଜଣେ ଯୁବକ ତାଙ୍କ ପୁଅ ପ୍ରଭାତଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ପହଞ୍ଚି ଦମ୍ପତିଙ୍କୁ ଉଦ୍ଧାର କରି କଟକ ଏସ୍‌ସିବି ମେଡିକାଲ ପଠାଇଥିଲା। ଅନ୍ୟପକ୍ଷରେ ପ୍ରଭାତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଅଗଷ୍ଟ କ୍ରାନ୍ତି ଉପଲକ୍ଷେ 'ସ୍ୱାଧୀନତା ସ୍ୱନକ୍ଷତ୍ର' ପ୍ରତିଯୋଗିତା

ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)

'ସଂଭାବନା'ର ସ୍ୱନକ୍ଷତ୍ର ଦିବସ ତଥା ଅଗଷ୍ଟ କ୍ରାନ୍ତି ଦିବସ ପରିପ୍ରେକ୍ଷୀରେ ଅଗଷ୍ଟ ୯ରେ ଦେଶାତ୍ମବୋଧ ସଂଗୀତ କାର୍ଯ୍ୟକ୍ରମ 'ଜୟହିନ୍ଦ୍' ଅନୁଷ୍ଠିତ ହେବାକୁ ଯାଉଛି। କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ରବିବାର ସୂଚନା ଭବନଠାରେ 'ସ୍ୱାଧୀନତା ସ୍ୱନକ୍ଷତ୍ର' ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଚିତ୍ରାଙ୍କନ, ଆବୃତ୍ତି ଓ ସଙ୍ଗୀତ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଛାତ୍ରୀଛାତ୍ର ଦେଶାତ୍ମବୋଧକ ବିଷୟବସ୍ତୁ ଉପରେ ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗୀଙ୍କୁ 'ଜୟହିନ୍ଦ୍' କାର୍ଯ୍ୟକ୍ରମ ଅବସରରେ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ, ଛନ୍ଦା ମିଶ୍ର ଓ ଭାଷାବିତ ଡ. ଦେବାଶିଷ ମହାପାତ୍ର ବିଚାରକ ଭାବେ ଯୋଗଦେଇଥିଲେ। ସଂଭାବନାର ତ୍ରଷ୍ଟି ସ୍ମୃତି ମହାନ୍ତି ଓ ପ୍ରଫୁଲ୍ଲ ଦେ ଏହାକୁ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ସୌରଭ ନାୟକ, ଗୌତମ ଗିରି, ସୁଶାନ୍ତ ପଣ୍ଡା, ଛନ୍ଦା ମିଶ୍ର, ଶ୍ୱେତା ମିଶ୍ର, ସିଦ୍ଧାନ୍ତ ଶତପଥୀ ଅର୍ଣ୍ଣବ ପଣ୍ଡା, ଶୁଭାଂଶୀ ରାଉତ ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# କେନାଲ ବନ୍ଧରେ ୨୦ ଫୁଟର ଘାଇ



ବାଲକାଟୀ,୬।୮ (ମନୋଜ ମଣ୍ଡଳ)

ଭୁବନପୁର ଜଳସମ୍ପଦ କାର୍ଯ୍ୟାଳୟ ଅଧୀନ ବାଲକାଟୀସ୍ଥିତ ସାଇଫୋନ ନିକଟରେ କେନାଲ ବନ୍ଧ ଭାଙ୍ଗି ପ୍ରାୟ ୨୦ ଫୁଟର ଘାଇ ସୃଷ୍ଟି ହୋଇଛି। ଶନିବାର ବିଳମ୍ବିତ ରାତିରେ ଅଚାନକ ବନ୍ଧ ଭାଙ୍ଗିବା ଫଳରେ ସ୍ଥାନୀୟ ନର୍ସରୀ ଆଉ କଲେଜ ପଡ଼ିଆ ଜଳମଗ୍ନ ହୋଇଯାଇଛି। ପାଣି ଘେରରେ ବାଲକାଟୀ ଫାଣ୍ଡି ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟ ପରିସରରେ ଥିବାରୁ କାମ ପାଇଁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନାଲ ବନ୍ଧ ଦୁର୍ବଳ ଥିବାରୁ ହଠାତ୍ ପୁରୀ ମୁଖ୍ୟ କେନାଲରେ ପାଣି ଫୁଲ ହେବାରୁ ବନ୍ଧ ଭାଙ୍ଗି ଯାଇଥିଲା। ଲୋକେ ଭୟଭୀତ ହୋଇ କେନାଲ ଆଡକୁ ଧାଇଁଥିଲେ। ଭୋରୁ ଘଟଣା ସ୍ଥଳରେ ସ୍ଥାନୀୟ ସରପଞ୍ଚ ରୀନା ବେହେରା ପହଞ୍ଚି ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଖବରପାଇ ବାଲିପାଟଣା ଜଳସମ୍ପଦ ବିଭାଗ ଅଧୀନ ଭୁବନପୁର ସେକ୍ସନ କାର୍ଯ୍ୟାଳୟ ସହକାରୀ ଯନ୍ତ୍ରୀ ଜଳନ୍ଧର ସାଠୁଆ, ବାଲିପାଟଣା ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର ନାୟକ ଘଟଣା ସ୍ଥଳରେ ପହଞ୍ଚି କେନାଲର ଜଳସ୍ତର କମାଇବାକୁ ପଦକ୍ଷେପ ନେଇଥିଲେ। ପୁରୀ ମୁଖ୍ୟ କେନାଲର ଉଦ୍‌ବୃତ୍ତ ଜଳକୁ ଚନ୍ଦନପୁର ଶାଖା କେନାଲକୁ ଓ ସାଇଫୋନ କବାଟ ଖୋଲି ଭାର୍ଗବୀ ନଦୀକୁ ଛାଡିବା ଶହ ଭଇଁଚୁଆଠାରେ ଧନୁଆ ନଦୀକୁ ନିଷ୍କାସନ ହେବା ପରେ କେନାଲ ପାଣିସ୍ତର ତଳକୁ ଖସିଥିଲା। ପରେ ତୁରନ୍ତ ଘାଇ ସ୍ଥଳରେ ବାଲିବନ୍ଧ କରାଯାଇଥିଲା। ତୁରନ୍ତ ଘାଇ ସ୍ଥାନକୁ ମରାମତି କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

# ପାଇକ କ୍ଷତ୍ରିୟ ଖଣ୍ଡାୟତଙ୍କୁ ଉପେକ୍ଷା ନେଇ ଉଦ୍‌ବେଗ




ବୈଠକରେ ମହାସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

**ରାଷ୍ଟ୍ରୀୟ କ୍ଷତ୍ରିୟ ମହାସଂଘର ଅଧିବେଶନ**

**ଅଧିକାର ପାଇଁ ହାଇକୋର୍ଟ ଯିବ ମହାସଂଘ**

ଭୁବନେଶ୍ୱର, ୬।୮ (ଅନୁରାଧା ମହାରଣା)

ରାଷ୍ଟ୍ରୀୟ କ୍ଷତ୍ରୀୟ ମହାସଂଘର ସ୍ୱତନ୍ତ୍ର ଅଧିବେଶନ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଳପତି ଭାବେ ଶିବକୁମାର ନାୟକ, ସମ୍ପାଦକ ଭାବେ ଦିଲୀପ କୁମାର ଛତର, ଉପଦଳପତି ସଂଗ୍ରାମ କେଶରୀ ଗଜରାଜସିଂହ, ମାର୍ଗଦର୍ଶକ ଡ. ଅଶୋକ କୁମାର ଦୋରା, ପ୍ରବକ୍ତା ବିଜୟ ସଂଗ୍ରାମ ସିଂହ ଓ କୋଷାଧ୍ୟକ୍ଷ ଭାବେ ରାଜକିଶୋର ରାୟଙ୍କୁ ନିର୍ବାଚିତ କରାଯାଇଥିଲା। ଏଥିରେ କ୍ଷତ୍ରୀୟଙ୍କ ବିଭିନ୍ନ ସାମ୍ବିଧାନିକ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। କ୍ଷତ୍ରୀୟଙ୍କ ଉନ୍ନତି ତଥା ଅଗ୍ରଗତି ପାଇଁ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଓଡ଼ିଶାରେ କ୍ଷତ୍ରୀୟ ଖଣ୍ଡାୟତ ଓ ପାଇକ ଜନସଂଖ୍ୟା ୫୫%ରୁ ଊର୍ଦ୍ଧ୍ୱ। ହେଲେ ଆଜି ପର୍ଯ୍ୟନ୍ତ ଓଡ଼ିଶା ସରକାର ସବୁ ଜାତିକୁ (ଜାତି, ଜନଜାତି) ଗୁରୁତ୍ୱ ଦେଉଥିବାବେଳେ ସେମାନଙ୍କ କୌଳିକ ବୃତ୍ତିକୁ ସରକାରୀକରଣ କରୁଛନ୍ତି। ମାତ୍ର କ୍ଷତ୍ରୀୟ ପାଇକ ଖଣ୍ଡାୟତ ଜାତି ଏଥିରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାର କଳିଙ୍ଗ ରେଜିମେଣ୍ଟ ଆଜି ପର୍ଯ୍ୟନ୍ତ ତିଆରି ହୋଇନାହିଁ। ଯେଉଁ ପାଇକ କ୍ଷତ୍ରୀୟ ଖଣ୍ଡାୟତ ଲହୁ ଦେଇ ଭାରତକୁ ସ୍ୱାଧୀନ କରିଥିଲେ ସେମାନଙ୍କୁ ଉପେକ୍ଷା କରାଯାଉଛି। ସେମାନଙ୍କ କୌଳିକ ବୃତ୍ତିକୁ ଛଡ଼ାଇ ନିଆଗଲା। ପଞ୍ଜାବୀମାନେ ସାଙ୍ଗରେ ଖଣ୍ଡାଧରି ବୁଲି ପାରୁଛନ୍ତି। ଓଡ଼ିଶାର ବୀର କ୍ଷତ୍ରୀୟମାନେ କାହିଁକି ନିଜ ଅସ୍ତ୍ରକୁ ନିଜ ପାଖରେ ରଖି ପାରିବେ ନାହିଁ ଏବଂ ପୂଜା କରିପାରିବେ ନାହିଁ। ଏହାକୁ ଆଧାର କରି ୧୫ଦିନ ଭିତରେ ନିଜ ଅଧିକାର ସାବ୍ୟସ୍ତ କରିବାକୁ ହାଇକୋର୍ଟ ଯିବାକୁ ନିଷ୍ପତ୍ତି ହୋଇଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଢେଙ୍କାନାଳ, ଅନୁଗୋଳ, ଯାଜପୁର, ବଲାଙ୍ଗୀର, ସୁନ୍ଦରଗଡ଼, ଜଗତ୍‌ସିଂହପୁର, ମୟୂରଭଞ୍ଜ, ବୌଦ୍ଧ, ଭଦ୍ରକ ଓ ସମ୍ବଲପୁର ଆଦି ଜିଲାର କାର୍ଯ୍ୟକାରିଣୀ ସଭ୍ୟମାନେ ଉପସ୍ଥିତ ଥିଲେ।

# ବ୍ୟକ୍ତି ପିଛା ଜଳ ଉପଲବ୍ଧି ହ୍ରାସ ପାଉଛି

## ୨୦୨୫ବେଳକୁ ୧,୪୦୧ ଘ.ମି.କୁ ଖସିବା ଆଶଙ୍କା



ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)

ପୃଥିବୀପୃଷ୍ଠର ୭୧ ଶତାଂଶ ଜଳଦ୍ୱାରା ଆଚ୍ଛାଦିତ ହୋଇଥିଲେ ମଧ୍ୟ ମଧୁର ଜଳର ଉପସ୍ଥିତି ୩ ଶତାଂଶରୁ କମ୍। ଏଥିମଧ୍ୟରୁ ମାନବ ବ୍ୟବହାର ନିମନ୍ତେ ଉପଲବ୍ଧ ହେଉଥିବା ନଦୀ, ହ୍ରଦ ଆଦି ଜଳ ଉତ୍ସର ପରିମାଣ ମାତ୍ର ୦.୩୬ ଶତାଂଶ। ଏପରିସ୍ଥଳେ ଜନସଂଖ୍ୟା ସହ ବିଭିନ୍ନ କ୍ଷେତ୍ରରେ ଜଳ ଆବଶ୍ୟକତା ବୃଦ୍ଧି ପାଉଥିବାରୁ ବ୍ୟକ୍ତି ପ୍ରତି ଜଳ ଉପଲବ୍ଧିର ପରିମାଣ ହ୍ରାସପାଇ ଚାଲିଛି। ୧୯୫୧ରେ ଭାରତରେ ବ୍ୟକ୍ତି ପିଛା ୫,୨୦୦ ଘନମିଟର ଜଳ ଉପଲବ୍ଧ ଥିଲାବେଳେ ୨୦୨୫ ବେଳକୁ ୧,୪୦୧ ଘ.ମିକୁ ହ୍ରାସ ପାଇବାର ଆଶଙ୍କା କରାଯାଉଛି। ଭୂପୃଷ୍ଠ ଜଳ ଉତ୍ସଗୁଡିକ ପ୍ରଦୂଷିତ ହୋଇଚାଲି ଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇ ରହୁନାହିଁ ଓ ଜଳବାହିତ ରୋଗ ସୃଷ୍ଟିର କାରଣ ହେଉଛି। ଜଳ ସଙ୍କଟର ଉପଯୁକ୍ତ ସମାଧାନ ନିମନ୍ତେ ପ୍ରତି କାର୍ଯ୍ୟରେ ଜଳ ବ୍ୟବହାରରେ ବିଜ୍ଞତା ପ୍ରଦର୍ଶନ କରିବା ସହିତ ପ୍ରଦୂଷଣ ରୋକିବା ଏବଂ ବର୍ଷାଜଳ ସଂରକ୍ଷଣ ନିମନ୍ତେ ପଦକ୍ଷେପ ନେବା ଅପରିହାର୍ଯ୍ୟ। ଓଡ଼ିଶା ପରିବେଶ ସମିତି ପକ୍ଷରୁ 'ଜଳ ସଙ୍କଟ– ବିଶ୍ୱସ୍ତରରୁ ସ୍ଥାନୀୟ ଅଞ୍ଚଳ ପର୍ଯ୍ୟନ୍ତ' ବିଷୟବସ୍ତୁ ଉପରେ ଆୟୋଜିତ ଆଲୋଚନାଚକ୍ରରେ ପରିବେଶ ବିଶେଷଜ୍ଞମାନେ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ପତି ଯୋଗଦେଇ ଜଳ ସଙ୍କଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଓଇଏସ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ, ଉପସଭାପତି ଡ. ଲାଲା ଏକେ ସିଂହ ଅତିଥି ପରିଚୟ ଓ ଯୁଗ୍ମସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଓଏସ୍‌ଏଚ୍‌ବିରୁ ଘର କିଣି ହଟହଟା**

# କାନ୍ଥରୁ ଝରୁଛି ପାଣି, ବିଜ୍ଞପ୍ତି ଅନୁସାରେ ମିଳୁନି ସେବା




ଭୁବନେଶ୍ୱର,୬।୮ (ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା (ଓଏସ୍‌ଏଚ୍‌ବି)ଠାରୁ ଘର କିଣି ଏବେ ନାନା ହଟହଟାର ସମ୍ମୁଖୀନ ହେଉଛନ୍ତି ଡୁମୁଡୁମା ଫେଜ୍-୬ସ୍ଥିତ ତାଳଧ୍ୱଜ ଏନ୍‌କ୍ଲେଭ୍‌ର ବାସିନ୍ଦା। ୬୦ରୁ ୮୫ ଲକ୍ଷ ଦେଇ ଘର କିଣିଥିଲେ। ସ୍ମାର୍ଟସିଟିରେ ରହିବା ସହ ନିଜ ଘରକୁ ନେଇ ବହୁ ସ୍ୱପ୍ନ ଦେଖିବା ସହ ଖୁସି ସାଉଣ୍ଟିଥିଲେ। ହେଲେ ୨ବର୍ଷରେ ଘରର ଅବସ୍ଥା ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ଘର ସହ ନିଜ ସୁରକ୍ଷାକୁ ନେଇ ମାଲିକମାନେ ପ୍ରଶ୍ନ ଉଠାଇଛନ୍ତି। ଜଣେ ଫ୍ଲାଟ୍ ମାଲିକ କେନ୍ଦ୍ରାପଡ଼ାର ଫକୀର ପରମାଣିକ କହିଛନ୍ତି, ୨୦୧୫ରେ ଓଏସ୍‌ଏଚବି ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଆଧାରରେ ଘର କିଣିବା ପାଇଁ ଆବେଦନ କରିଥିଲେ। ଫ୍ଲାଟ୍ ବାବଦରେ ୨୦୧୭ରେ ପ୍ରାୟ ୬୪ ଲକ୍ଷ ଟଙ୍କା ସେ ପୈଠ କରିଥିଲେ। ୨୦୧୯ ଡିସେମ୍ବର ସୁଦ୍ଧା ମାଲିକଙ୍କୁ ଏହି ଘର ହସ୍ତାନ୍ତର ହେବାର ଥିଲେ ମଧ୍ୟ ୨ବର୍ଷ ପରେ ଅର୍ଥାତ୍ ୨୦୨୧ ଡିସେମ୍ବରରେ ଦିଆଯାଇଥିଲା। ସେତେବେଳେ ଘର କାନ୍ଥରୁ ପାଣି ଝରି ଚଟାଣରେ ଜମି ରହିଥିବା ଦେଖିବାକୁ ମିଳିଥିଲା। ତେଣୁ ଏହାର ଆବଶ୍ୟକ ମରାମତି ପାଇଁ ବାରମ୍ବାର ଓଏସ୍‌ଏଚ୍‌ବିକୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ନିରୁପାୟ ହୋଇ ୨୦୨୨ରୁ ପରମାଣିକ ପରିବାର ସହ ଏଠାରେ ମୁଣ୍ଡ ଗୁଞ୍ଜିଛନ୍ତି। ଏବେ ବାଥ୍‌ରୁମ୍ ସଂଲଗ୍ନ ସମସ୍ତ କାନ୍ଥରୁ ପାଣି ସେମିତି ଅନବରତ ଝରୁଛି। କାନ୍ଥରୁ ଠାଏ ଠାଏ ପ୍ଲାଷ୍ଟର ଖଣ୍ଡ ଖସିବା ଆରମ୍ଭ କରିଥିବାବେଳେ ଘରର ରଙ୍ଗ ଉଡ଼ିଗଲାଣି। ଏନେଇ ତାଙ୍କ ପୁଅ ଅଂଶୁମାନ ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି(ଓରେରା)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ଏହି ଆପାର୍ଟମେଣ୍ଟର ୨ଟି ବ୍ଲକ୍‌ରେ ୧୨୬ଟି ଏଚ୍‌ଆଇଜି ଫ୍ଲାଟ୍ ରହିଛି। ତେବେ ଓଏସ୍‌ଏଚ୍‌ବିର ସୂଚନାପୁସ୍ତିକାରେ ସେଣ୍ଟ୍ରାଲ ଲନ୍, ପିଲାଙ୍କ ଖେଳିବା ପାଇଁ ସ୍ଥାନ, ଜଗିଙ୍ଗ୍ ଟ୍ରାକ୍, କାର୍ ୱାଶ୍ ବେ ଆଦି ରହିବ ବୋଲି ଉଲ୍ଲେଖ କରାଯାଇଥିଲା। ମାତ୍ର ଘର ହସ୍ତାନ୍ତରବେଳେ ଏସବୁ ନ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଂଶୁମାନଙ୍କ ଭଳି ଆପାର୍ଟମେଣ୍ଟର ଅନ୍ୟ ବାସିନ୍ଦାମାନେ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି।

### ସଂକୀର୍ଣ୍ଣ ପାର୍କିଂରେ କାର୍ ରଖି ହେଉନି



ପାର୍କିଂ ପାଇଁ ଜାଗା ତ ଦେଇଛନ୍ତି, ମାତ୍ର ଅତି କମ୍ ଜାଗା ହୋଇଥିବାରୁ ସେଠାରେ ଗାଡ଼ି ରଖିବା ସମ୍ଭବ ହେଉନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ବ୍ଲକ୍-ସି ଆମକୁ ହସ୍ତାନ୍ତର କରାଯାଇନାହିଁ। ଏଠାରେ ଥିବା କମ୍ୟୁନିଟି ସେଣ୍ଟରଠାରୁ ଆରମ୍ଭ କରି ଅନ୍ୟ ସୁବିଧାରୁ ଆମେ ବଞ୍ଚିତ ହେଉଛୁ।

**– ମନୋଜ ପ୍ରସାଦ ପାତ୍ର, ଏ ବ୍ଲକ୍**

### ସରକାରୀ ସଂସ୍ଥାଠାରୁ ବାସସ୍ଥାନ କିଣି ହୀନସ୍ତା ଭୋଗୁଛୁ



ଆନୁଷଙ୍ଗିକ ସୁବିଧା ପାଇଁ ଅତିରିକ୍ତ ୫୦ ହଜାର ଟଙ୍କା ପୈଠ କରାଯାଇଥିଲେ ମଧ୍ୟ ସେସବୁ କିଛି ମିଳୁନାହିଁ। ପାର୍କିଂଠାରୁ ଆରମ୍ଭ କରି ଇଲେକ୍ଟ୍ରିସିଟି ୱେୟାରିଂ ପର୍ଯ୍ୟନ୍ତ ସବୁଥିରେ ନିର୍ମାଣ ସଂସ୍ଥା ଖିଲାପ କରିଛି। ସରକାରୀ ସଂସ୍ଥାଠାରୁ ବାସସ୍ଥାନ କିଣି ଏପରି ହୀନସ୍ତା ଭୋଗିବାକୁ ପଡୁଛି। ଘରୋଇ ସଂସ୍ଥାଠାରୁ କିଣିଥିଲେ ଏସବୁ ସମସ୍ୟା ହୋଇ ନ ଥା'ନ୍ତା।

**–ମୋହନ ବେହେରା, ଏ ବ୍ଲକ୍**

### ଡ୍ରେନ୍‌ରୁ ପୋକଜୋକ ଘରେ ପଶୁଛନ୍ତି



ସୋସାଇଟିରେ ଡ୍ରେନ୍ ଏପରି ରହିଛି ଯେ, ତୃତୀୟ ମହଲାରେ ରହୁଥିଲେ ମଧ୍ୟ ଘରକୁ ପୋକଜୋକ ସବୁ ଆସୁଛନ୍ତି। ଘର କାମ ଏତେ ନିମ୍ନମାନର କରି ହସ୍ତାନ୍ତର କଲେ ଯେ, ପୁଣି ଥରେ ନିଜ ହାତରୁ ଖର୍ଚ୍ଚ କରିବାକୁ ପଡ଼ିଲା। ବାଥରୁମ୍‌କୁ ଲାଗି ରହିଥିବା ରୁମ୍‌ର କାନ୍ଥରୁ ପାଣିଝରି କାନ୍ଥରୁ ପ୍ଲାଷ୍ଟର ଖସିବା ଆରମ୍ଭ ହେଲାଣି।

**– ସସ୍ମିତା ବିଶ୍ୱାଳ, ବ୍ଲକ୍ ଏ**

### ଫାୟାର ସେଫ୍ଟି ଯନ୍ତ୍ରର କମିଶନିଂ ହୋଇନାହିଁ



ନିର୍ମାଣ କାର୍ଯ୍ୟରେ ବିଭିନ୍ନ ଲୋକ ନିୟୋଜିତ ଥା'ନ୍ତି। କିଛି ଭୁଲ୍‌ଭଟ୍‌କା ହେବା ସ୍ୱାଭାବିକ। ମାତ୍ର ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଦୁଃଖଦାୟକ। ଫାୟାର ସେଫ୍ଟି ପାଇଁ ଯନ୍ତ୍ର ଖଞ୍ଜା ଯାଇଛି। ମାତ୍ର ତାହାର କମିଶନିଂ କରାଯାଇନାହିଁ। ଜରୁରିକାଳୀନ ପରିସ୍ଥିତିରେ ଏଥିରୁ ପାଣି ବାହାରିବ ନାହିଁ।

**– ଡ. କ୍ଷେତ୍ରବାସୀ ମାନସେଠ, ବ୍ଲକ୍ ଏ**

## ନିୟମ ଭିତର ଅଭିଯୋଗର ତୁରନ୍ତ ସମାଧାନ ହେଉଛି

ତାଳଧ୍ୱଜ ଆପାର୍ଟମେଣ୍ଟରୁ ଯେତେବେଳେ ଯେଉଁ ଅଭିଯୋଗ ଆସିଛି, ତାହା ନିୟମ ଭିତରେ ହୋଇଥିଲେ ତୁରନ୍ତ ସମାଧାନ କରାଯାଇଛି। ଏସ୍‌ଟିପି ଟ୍ୟାଙ୍କକୁ ନେଇ କିଛି ସମସ୍ୟା ଥିଲା, ତାହା ଦୂର କରାଯାଇଛି। ଫାୟାର ସେଫ୍ଟି କିମ୍ବା ବାଥ୍‌ରୁମ କାନ୍ଥରୁ ପାଣି ଝରିବା ଭଳି ସମସ୍ୟା ସମ୍ପର୍କରେ ଆମ ପାଖରେ ସୂଚନା ନାହିଁ। ସେହିପରି ୱାଶ୍ ବେ ଏବଂ ସେଣ୍ଟ୍ରାଲ ଲନ୍ ସମ୍ପର୍କରେ ଅଭିଯୋଗ ହୋଇଥିଲା। ତାହାର ସମାଧାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନାଭାବ ଯୋଗୁ ଅନ୍ୟତ୍ର ପାର୍କିଂ ସୁବିଧା ଯୋଗାଇଦିଆଯିବ। ଅନ୍ୟକିଛି ସମସ୍ୟା ରହିଥିଲେ ଚେୟାରମ୍ୟାନ ଓ ଅନ୍ୟ ସଦସ୍ୟଙ୍କ ସହ ପରାମର୍ଶ କରି ପଦକ୍ଷେପ ଗ୍ରହଣ କରାଯିବ।

**– ସାଗରିକା ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶିକା, ଓଏସ୍‌ଏଚ୍‌ବି**

### ନିର୍ମାଣଜନିତ ତ୍ରୁଟିର ସମାଧାନ ହେଉନି



ଘର ନେବାବେଳେ ଚଟାଣଠାରୁ ଆରମ୍ଭ କରି କବାଟ ଝରକା ପର୍ଯ୍ୟନ୍ତ ସବୁଥିରେ ତ୍ରୁଟି ଦେଖିଥିଲୁ। ଘର ପାଇବାର ମାସକ ମଧ୍ୟରେ ସମସ୍ୟାରେ ସୁଧାର ପାଇଁ ନିୟମ ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାକୁ ଅଣଦେଖା କରାଯାଉଛି। ବର୍ଷାଜଳ ଅମଳ ପାଇଁ ହୋଇଥିବା ବ୍ୟବସ୍ଥା ମଧ୍ୟ ଏଠାରେ ନାମକୁ ମାତ୍ର।

**– ଉମାକାନ୍ତ ପାଣିଗ୍ରାହୀ, ବ୍ଲକ ବି**

## ସଂକ୍ଷେପରେ

### ଯୁବକର ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୬।୮
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ବଜାରରେ ଜଣେ ଯୁବକଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡା ଜିଲା କୁଦାନଗରୀ ଥାନା ଓସ୍ତପୁର ଗ୍ରାମର ନଟବର ମଲିକଙ୍କ ପୁତ୍ର ଅନାମ ମଲିକ (୪୫)। ସେ ଦୀର୍ଘଦିନ ହେବ ନିଶ୍ଚିନ୍ତକୋଇଲିରେ ରହି ଆସୁଥିଲେ। ସ୍ଥାନୀୟ ବଉଳ ବଜାର ନିକଟରେ ଥିବା ଏକ ବାରଣ୍ଡାରେ ରବିବାର ତାଙ୍କ ମୃତଦେହ ଦେଖି ଲୋକେ ଥାନାକୁ ଖବର ଦେଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏସମ୍ପର୍କରେ ମୃତ ଯୁବକଙ୍କ ସ୍ତ୍ରୀ ନିଶୁନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଛି। ସୂଚନାଯୋଗ୍ୟ,ଅନାମ ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ଅନ୍ତର୍ଗତ ମହାଜନପୁର ଗ୍ରାମର ନିଶୁନ ମଲିକଙ୍କୁ ବିବାହ କରି ବଜାର ଅଞ୍ଚଳରେ ରହି ଆସୁଥିଲେ। ସେ ବଜାରସ୍ଥିତ ଏକ ମାଂସ ଦୋକାନରେ କାର୍ଯ୍ୟ କରୁଥିଲାବେଳେ ସ୍ତ୍ରୀ ଭୁବେଶ୍ୱରସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ।

### ୫୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ

ଫୁଲନଖରା,୬।୮
(ସତ୍ୟରଞ୍ଜନ ଦାସମହାପାତ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମିଶନ ଲାଇଫ୍ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ପାଇଁ କଟକ ସଦର ଥାନା ଅନ୍ତର୍ଗତ ଅରଡସ୍ଥିତ ମା' ଜାଗୁଲାଇପୀଠ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଏସ୍‌ସି ମୋର୍ଚ୍ଚା ସୋସିଆଲ ମିଡିଆ ସଂଯୋଜକ ରାଧାକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ଗୋଲଖ ମହାପାତ୍ର ଯୋଗଦେଇ ଗଛଟିଏ ଲଗାଅ ଜୀବନ ବଞ୍ଚାଅ ବୋଲି କହିଥିଲେ। ଏଥିରେ କଟକ ଜିଲା ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ରଞ୍ଜିତ ପଣ୍ଡା, କ୍ଷୀରୋଦ ଚନ୍ଦ୍ର ଦଳେଇ, ସାମାଜିକ କର୍ମୀ ବଦ୍ରିନାରାୟଣ ପଟ୍ଟନାୟକ, ଅଶୋକ ସାହୁ, ଅମନ ନାୟକ, କାବୁଲି ସାହୁ, କୃଷ୍ଣଚନ୍ଦ୍ର ସାହୁଙ୍କ ସହ ଅନ୍ୟମାନେ ଯୋଗଦେଇ ଜାଗୁଲାଇ ପୀଠ ପରିସର ଓ ଗ୍ରାମ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ୫୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ଏଥିରେ ଅରଡ ଗ୍ରାମବାସୀ ସହଯୋଗ କରିଥିଲେ।

### 'ଦଳ ସଙ୍ଗଠନକୁ ସୁଦୃଢ଼ କର'

ବାଲିପାଟଣା,୬।୮(ଅଭିମନ୍ୟୁ ନାୟକ):

ବାଲିପାଟଣା ବ୍ଲକ ଅନ୍ତର୍ଗତ କୁରୁଞ୍ଜିପୁରଠାରେ ରବିବାର ବିଜୁ ଜନତା ଦଳ(ବିଜେଡି)ର ୨୦ନଂ. ଜୋନରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆମ ସଙ୍ଗଠନ ତଥା ଜୟଦେବ ନିର୍ବାଚନମଣ୍ଡଳୀର ବିଜେଡି ନେତା କମଳ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ବିଜେଡିର ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପଟ୍ଟନାୟକ, ବାଲିପାଟଣା ବ୍ଲକ ଅଧ୍ୟକ୍ଷା ହରପ୍ରିୟା ଦାସ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ୨୦ନଂ. ଜୋନ ଜିଲା ପରିଷଦ ସଭ୍ୟା ସୁକନ୍ୟା ସେଠୀ, ବାଲିପାଟଣା ବ୍ଲକ ବିଜେଡି ସଭାପତି କିଶୋର ଜେନା ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରରେ କିପରି ଦଳ ମଜଭୁତ ହେବ ଏବଂ ସରକାରଙ୍କ ବିଭିନ୍ନ ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିବ ସେନେଇ ମନ୍ତବ୍ୟ ରଖିଥିଲେ। ପ୍ରଦ୍ୟୁମ୍ନ ସେନାପତି, ତୃପ୍ତି ପ୍ରସାଦ ଛୋଟରାୟ, ରମେଶ ଚନ୍ଦ୍ର ସାହାଣୀ, ଅକ୍ଷୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଏକାମ୍ର ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ପୁରୁଣା ଭୁବନେଶ୍ୱର: ୬।୮(ସୁବାସ ଚନ୍ଦ୍ର ପ୍ରଧାନ):

ଏକାମ୍ର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଜାଗମରା ମେଲଣ ପଡିଆରେ ରବିବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ୨୩ ବର୍ଷରେ ରାଜ୍ୟରେ ବିଜେଡି ସରକାର ଥିବା ବେଳେ ଆଖିଦୃଶିଆ ବିକାଶ ହୋଇନାହିଁ। ଭାଜପାକୁ ୫ବର୍ଷ ସୁଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ,ମଣ୍ଡଳ ସଭାପତି ରାମଚନ୍ଦ୍ର ରଣସିଂ, ଅରୁଣ ପୁରହିତ, ସୁରେନ୍ଦ୍ର ପ୍ରଧାନ, ଅମରଜ୍ୟୋତି ଜଗଦ୍ଦେବ, ସୁଜାତା ଛୋଟରାୟ, ସୁଚିତ୍ରା ପାତ୍ର, ମଧୁସ୍ମିତା ପ୍ରଧାନ, ଉପେନ୍ଦ୍ର ଭଞ୍ଜ, ସୁନିଲ ପ୍ରଧାନ, ମନୋଜ ପଶ୍ଚିମକବାଟ ଉପସ୍ଥିତ ଥିଲେ।

# ମହାନଦୀରେ ବନ୍ୟାଜଳ : ଚାଷୀଙ୍କ ପାଇଁ କାଳ

■ ନଷ୍ଟ ହୋଇଯାଉଛି ପରିବା ଫସଲ
■ ମିଳୁନି ଫସଲ ବୀମା

ବାଙ୍କୀ,୬।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ପାଣିରେ ବୁଡ଼ିରହିଥିବା ପରିବା କ୍ଷେତ।

ସାମାନ୍ୟ ବର୍ଷାରେ ବାଙ୍କୀ ବ୍ଲକର ଅବସ୍ଥା ବେହାଲ୍ ହୋଇଯାଉଛି। ଏହାର ଉପରମୁଣ୍ଡର ପାଣି ମୁଣ୍ଡଳୀ ବ୍ୟାରେଜ ଦ୍ୱାରା ନିୟନ୍ତ୍ରଣ ହେଉଥିବା ବେଳେ ଅତ୍ୟଧିକ ବର୍ଷା ହେଲେ ବନ୍ୟା ଜଳ ଛଡ଼ା ଯିବା ଯୋଗୁ ଚାଷ ଜମିରେ ବନ୍ୟାଜଳ ମାଡ଼ି ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହେଉଛି। ଏହା ଚାଷୀଙ୍କ ପାଇଁ କାଳ ସାଜିଛି। ବାଙ୍କୀର ରଣ, କାଳିଗିରି ଓ ଚନ୍ଦ୍ରପା ସେତୁ ଦେଇ ଏଠାକାର ଚାଷ ଜମିକୁ ପଚ୍ଛୁଆ ପାଣି ପ୍ରବେଶ କରେ। ତଳିଆଞ୍ଚଳ ହୋଇଥିବାରୁ ବନ୍ୟାଜଳ ନିଷ୍କାସନ ହେବାକୁ ଦୀର୍ଘ ଦିନ ଲାଗିଥାଏ। ଫଳରେ ପନିପରିବା, ଧାନ ଫସଲ ପଚିସଢ଼ି ନଷ୍ଟ ହୋଇଯାଉଛି। ପ୍ରଧାନମନ୍ତ୍ରୀଙ୍କ ଫସଲବୀମା ଯୋଜନାରେ କେବଳ ଧାନ ଫସଲ ପାଇଁ ବୀମା କରାଯାଇଛି। ପନିପରିବା ଫସଲ ନଷ୍ଟ ପାଇଁ କୌଣସି ବୀମା ନଥିବାରୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଚଳିତ ବର୍ଷ ବନ୍ୟାରେ ବାଙ୍କୀ ଉପଖଣ୍ଡର ପାଥପୁର, ବିଲିପଡ଼ା, ଶିମିଳିପୁର, ହରିରାଜପୁର, ଗୋଳାଗଣ୍ଡ, ଗୋପାଳପୁର, ବ୍ରହ୍ମପୁରା, ପଥୁରୀପଡା, ବୈଦ୍ୟେଶ୍ୱର, କେନ୍ଦୁପଲ୍ଲୀ ପଞ୍ଚାୟତ ସମେତ ଅନ୍ୟାନ୍ୟ ପଞ୍ଚାୟତରେ ଧାନ ଫସଲ ନଷ୍ଟ ହୋଇଯାଇଛି। ଏହା ବାଙ୍କୀ ଚାଷୀଙ୍କ ପାଇଁ କାଳ ସାଜିଛି। ବାଙ୍କୀ କୃଷକ ପରିଷଦ ପକ୍ଷରୁ ଏହାର ତଦନ୍ତ କରାଯାଇ ଚାଷୀମାନଙ୍କୁ ପାଇଁ ସ୍ୱତନ୍ତ୍ର ପ୍ୟାକେଟ୍ ମଞ୍ଜୁର କରିବା ପାଇଁ ଦାବି କରାଯାଇଛି।

# ଆଗାମୀ ନିର୍ବାଚନ ପାଇଁ ରଣନୀତି, ୫ ସଂକଳ୍ପ ପାରିତ



ବୈଠକରେ କୃଷୀ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଦଳୀୟ ନେତୃବୃନ୍ଦ।

ଆଠଗଡ,୬।୮(ସତ୍ୟପ୍ରସାଦ ରଥ)

**ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ**

ଆଠଗଡ ସହରସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କୃଷିମନ୍ତ୍ରୀ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରାଜ୍ୟ ବିଜେଡି ବରିଷ୍ଠ ଉପସଭାପତି ତଥା ବଡ଼ମ୍ବା- ନରସିଂହପୁର ବିଧାୟକ ଦେବୀ ପ୍ରସାଦ ମିଶ୍ର, କଟକ ଜିଲା ବିଜେଡି ସଭାପତି ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, କଟକ- ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାଶ ପ୍ରମୁଖ ଯୋଗଦେଇ ଥିଲେ। ତିଗିରିଆ ବ୍ଲକ ବିଜେଡି ସଭାପତି ଅଜିତ କୁମାର ଧୀର୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳକୁ ପୁଣି ବିଜୟୀ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ଦଳ ପକ୍ଷରୁ ରାଜନୈତିକ, ଅର୍ଥନୈତିକ, କୃଷି ଓ କୃଷକ ସଶକ୍ତୀକରଣ,ମହିଳା ସଶକ୍ତୀକରଣ, ଯୁବ-ଛାତ୍ର ବିକାଶ କରିବା ପାଇଁ ୫ ସଂକଳ୍ପ ପାରିତ ହୋଇଥିଲା। ଏହି ସଂକଳ୍ପଗୁଡିକୁ କଟକ ଜିଲା ବିଜେଡି ସମ୍ପାଦକ ଲଳିତେନ୍ଦୁ ସେନାପତି, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ଆଠଗଡ଼ କୃଷକ ବିଜେଡି ସଭାପତି ସୁବାସ ପାଳ,ରାଜ୍ୟ ମହିଳା ବିଜେଡି ସମ୍ପାଦିକା ମିତାଲି ରାଉତ, ଆଠଗଡ଼ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି ପ୍ରମୁଖ ଆଗତ କରିଥିଲେ। ପରେ ଉପରୋକ୍ତ ପ୍ରସ୍ତାବଗୁଡିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଓକିଲ ସଂଘର ପୂର୍ବତନ ସଭାପତି ସତ୍ୟେନ ପଣ୍ଡା,ଓଡିଶା ସେରୀଫେଡ ନିଗମ ଅଧ୍ୟକ୍ଷ ଭାଗୀରଥି ନନ୍ଦ, ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ଜିଲା ବିଜେଡି ସମ୍ପାଦକ ନରେନ୍ଦ୍ର ସାହୁ, ସେକ୍ ସାହାଜାହାନ, ତିଗିରିଆ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୂପା ଦଳେଇ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଆଠଗଡ ଏନ୍‌ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବକାରୀ ଏଏସ୍‌ଆଇ, ଡ୍ରାଇଭରଙ୍କୁ ଆକ୍ରମଣ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ, ୬।୮ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଡାଲୁଆ ଓ ଖଣ୍ଡୁଆଳି ଗ୍ରାମ ନିକଟ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ଅବକାରୀ ଏଏସ୍‌ଆଇ, ଡ୍ରାଇଭରଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଡାଲୁଆ ଗ୍ରାମ ଧୋଡାସାହିର ଶରତ ଚନ୍ଦ୍ର ସ୍ୱାଇଁ। ପୋଲିସ ସୂଚନା ଅନୁଯାୟୀ, ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଚୋରା ଦେଶୀ ମଦ ପ୍ରସ୍ତୁତ କରାଯାଉଥିଲା। ଖବରପାଇ ଗତ ୨୮ ତାରିଖରେ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍, କଟକ ୟୁନିଟ୍-୧ର ମୋବାଇଲ ସ୍କ୍ୱାଡ୍ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଚଢ଼ାଉବେଳେ କେତେଜଣ ଚୋରା ମଦ ବ୍ୟବସାୟୀ ମୁହଁରେ ମୁଖା ପିନ୍ଧି ଅବକାରୀ ଏଏସ୍‌ଆଇ ହେମନ୍ତ ମଲ୍ଲିକ ଓ ଡ୍ରାଇଭର ବିଷ୍ଣୁ ମୋହନ ଦାସଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିସହ ୪ ଗାଡି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ୨ ଜଣଙ୍କୁ ଗିରଫ କରିଛି। ଏନେଇ ଖୁଣ୍ଟୁଣୀ ଥାନାରେ ଏକ ମାମଲା (ନଂ.୧୪୬/୨୩) ରୁଜୁ ହୋଇଛି।

# ସମ୍ବିଧାନର ସୁରକ୍ଷା ଜରୁରୀ

କଟକ,୬।୮ (କାର୍ତ୍ତିକ ସାହୁ)

**ସିପିଆଇ ଜିଲା ସାଙ୍ଗଠନିକ କର୍ମଶାଳା**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କଟକ ଜିଲା ସାଙ୍ଗଠନିକ କର୍ମଶାଳା ପାଲିତପଡାସ୍ଥିତ ନବଯୁଗ ପ୍ରେସ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦୟ କେଶରୀ ବର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାକୁ ରାଜ୍ୟ ସମ୍ପାଦକ ଅଭୟ ସାହୁ ଉଦ୍‌ଘାଟନ କରି କହିଥିଲେ, ପରାଧୀନ ଭାରତରୁ ଆଜିପର୍ଯ୍ୟନ୍ତ କମ୍ୟୁନିଷ୍ଟମାନେ ସାମ୍ରାଜ୍ୟବାଦ ବିରୋଧରେ ଲଢ଼ିଥିଲେ। ଏବେ ସାମ୍ପ୍ରଦାୟିକତାବାଦ ବିରୋଧୀ ଲଢ଼େଇର ଅଗ୍ରଭାଗରେ ଲଢ଼େଇ ଜାରି ରଖିଛନ୍ତି। ସମ୍ପାଦକ ମଣ୍ଡଳୀ ସଭ୍ୟ ଡ. ପ୍ରଶାନ୍ତ ମିଶ୍ର ଓ ଜୟନ୍ତ ଦାସ ସମ୍ବିଧାନର ସୁରକ୍ଷା ଜରୁରୀ ବୋଲି କହିଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି, ବରିଷ୍ଠ ନେତା କିଶୋର ଚନ୍ଦ୍ର ଜେନା, ତ୍ରୈଲୋକ୍ୟ ନାଥ, ଆଦିକନ୍ଦ ମଲ୍ଲିକ, ଅଶୋକ ଡା, ପ୍ରସନ୍ନ ମହାପାତ୍ର, ତପନ ସ୍ୱାଇଁ, ଅଶୋକ ମହାନ୍ତି, ଗୋବିନ୍ଦ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବ୍ଲକର ଜୋନ୍, ଶାଖା କମିଟି ସମ୍ପାଦକ ଓ ଗଣସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଅଗଷ୍ଟ କ୍ରାନ୍ତି ଦିବସ ପାଳନ ଅବସରରେ ଭୁବନେଶ୍ୱରଠାରେ ହେବାକୁ ଥିବା ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ଧାରଣାରେ ବହୁସଂଖ୍ୟାରେ ଯୋଗଦେବାକୁ ନିଷ୍ପତ୍ତି ହୋଇଥିଲା। ଶିକ୍ଷକ ନେତା କ୍ଷୀରୋଦ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ବିଜେଡିରେ ମିଶିଲେ ୫୦ରୁ ଊର୍ଦ୍ଧ୍ୱ କର୍ମୀ


ବିଧାୟକ ପ୍ରତାପ ଜେନାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିବା ନୂତନ କର୍ମୀମାନେ।

ମାହାଙ୍ଗା,୬।୮(ଯଯାତି ସିଂହ)

ମାହାଙ୍ଗା ନିର୍ବାଚନମଣ୍ଡଳୀ ପୋଡ଼ାମରାଇ ପଞ୍ଚାୟତ ଅନ୍ତର୍ଗତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପା ଓ କଂଗ୍ରେସ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଓ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ବିକାଶମୂଳକ କାର୍ଯ୍ୟ ଏବଂ ଦୃଢ଼ ସଙ୍ଗଠନରେ ଅନୁପ୍ରାଣିତ ହୋଇ ପୋଡ଼ାମରାଇ ପଞ୍ଚାୟତ ବିଜେଡି ସଭାପତି ପ୍ରମୋଦ କୁମାର ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ବିଜେଡିରେ ଯୋଗଦେଇଛନ୍ତି। ଜେନାଙ୍କ ବାସଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଡ଼ାମରାଇ କଂଗ୍ରେସ ସମିତି ସଭ୍ୟା ପ୍ରାର୍ଥୀ ଶୋଭାବତୀ ପ୍ରଧାନଙ୍କ ସମେତ ପ୍ରହଲ୍ଲାଦ ସେଠୀ, ଧୁମାଳି ସେଠୀ, ଭାଗ୍ୟଧର ପ୍ରଧାନ, ରଘୁନାଥ ଓଝା, କ୍ଷୀରୋଦ ମହାରଣା, ଲୋଚନୀ ଦାସ, ଅନନ୍ତ ଖୁଣ୍ଟିଆ, କାର୍ତ୍ତିକ ସେଠୀ, ଗୌରାଙ୍ଗ ପୃଷ୍ଟି, ମନୋରମା ରଣା ଓ ନମିତା ବେହେରା ପ୍ରମୁଖ ଅନ୍ୟ ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ଜେନା ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ନାରାୟଣ ସେଠୀ, ସମିତି ସଭ୍ୟା ସୋନାଲି ପ୍ରିୟଦର୍ଶିନୀ ରାଉତ, ନିରଞ୍ଜନ ପ୍ରଧାନ, କେଶବ ବେହେରା, ବିଶିକେଶନ ବହିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଂଘ ସମ୍ପାଦକ କର୍ମଶାଳା

କଟକ,୬।୮ (କାର୍ତ୍ତିକ ସାହୁ)

କଟକ ଜିଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘର ସମ୍ପାଦକ କର୍ମଶାଳା ରବିବାର କେଶରପୁରସ୍ଥିତ ପଣ୍ଡା ମେଡିକାଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଡା. କୃପାସିନ୍ଧୁ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। କଣ୍ଟାପଡ଼ା ସଂଘ ସମ୍ପାଦକ ଫଣୀଭୂଷଣ ମହାନ୍ତି ବିବରଣୀ ପାଠ କରିଥିଲେ। ଆଠଗଡ଼ରୁ ଗିରିଶ କୁମାର ମିଶ୍ର, କମଳାଡିହର ବୈକୁଣ୍ଠନାଥ ସାହୁ, ମହାନଦୀ ବିହାରରୁ ଭାଗୀରଥି ସାମଲ, ମାହାଙ୍ଗାରୁ ଅଲେଖ ଚନ୍ଦ୍ର ଦାସ, କାନପୁରରୁ ରବିଶଙ୍କର ରଣା, ତରତ ଶାସନରୁ ଧନେଶ୍ୱର ସେଠୀ ପ୍ରମୁଖ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଅପର୍ଣ୍ଣାନଗର ସମ୍ପାଦକ ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସାକ୍ଷୀଗୋପାଳ ରେଳ ଷ୍ଟେଶନର ପୁନର୍ବିକାଶ ପାଇଁ ଶିଳାନ୍ୟାସ

ସାକ୍ଷୀଗୋପାଳ,୬।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଅମୃତ ଭାରତ ଷ୍ଟେଶନ ଯୋଜନାରେ ଭାରତୀୟ ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତାଲିକାରେ ସାକ୍ଷୀଗୋପାଳ ରେଳ ଷ୍ଟେଶନରେ ସର୍ବାଧିକ ୩୪.୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ଏଥିପାଇଁ ସାକ୍ଷୀଗୋପାଳ ରେଳ ଷ୍ଟେଶନକୁ ନବୀକରଣ ସହ ଆଧୁନିକ ଭାବେ ଗଢି ତୋଳିବା ସହ ସାଧାରଣ ରେଳଯାତ୍ରୀଙ୍କ ନିମନ୍ତେ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିବ। ଏନେଇ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଦେଶର ବିଭିନ୍ନ ରେଳ ଷ୍ଟେଶନ ସହ ସାକ୍ଷୀଗୋପାଳ ରେଳ ଷ୍ଟେଶନର ନବୀକରଣ ଓ ଉନ୍ନୟନ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସାକ୍ଷୀଗୋପାଳ ଷ୍ଟେଶନ ପରିସରରେ ଏକ ଭବ୍ୟ ଉତ୍ସବର ଆୟୋଜନ ହୋଇଥିଲା। ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସତ୍ୟବାଦୀ ଭାଜପା ନେତା ଓମ୍ ପ୍ରକାଶ ମିଶ୍ର, ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ୩୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ୩୩ ନଂ. ଜୋନ୍ ସଭ୍ୟ ରତିକାନ୍ତ ମିଶ୍ର, ଜୟପୁର ପଞ୍ଚାୟତ ସମିତି ସଭ୍ୟ ଦୀପକ ଶତପଥୀ, ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟୀ ରାଉତ ଓ ପୂର୍ବତଟ ରେଳପଥର ମୁଖ୍ୟଯନ୍ତ୍ରୀ ଏ. କେ. ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ। ଅତିଥି ତାଲିକାରେ ପୁରୀ ଏମ୍‌ପି ପିନାକୀ ମିଶ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖଙ୍କ ନାମ ଫଳକ ପୂର୍ବରୁ ମଞ୍ଚରେ ରଖାଯାଇଥିଲେ ମଧ୍ୟ ସେମାନେ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ତେଣୁ ରେଳ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେତୃତ୍ୱଙ୍କୁ ଅତିଥି ଭାବେ ମଞ୍ଚକୁ ଆମନ୍ତ୍ରଣ କରାଯାଇ ସଭା କାର୍ଯ୍ୟ ପରିଚାଳନା କରାଯାଇଥିଲା। ଷ୍ଟେଶନ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଏହି ଯୋଜନା ସାଧାରଣ ରେଳଯାତ୍ରୀଙ୍କୁ ଅଧିକ ସହାୟତା ହେବ ବୋଲି ଅତିଥି ପ୍ରକାଶ କରିଥିଲେ। ପୁରୀ ଯାଉଥିବା ସମସ୍ତ ଏକ୍ସପ୍ରେସ ଟ୍ରେନ୍ ସାକ୍ଷୀଗୋପାଳଠାରେ ରହିବାକୁ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଓମ୍ ପ୍ରକାଶ ମିଶ୍ର ପ୍ରକାଶ କରିଥିଲେ। ସେହିଭଳି ଉକ୍ତ ରେଳ ଷ୍ଟେଶନରୁ ଏକ ସିଧା ରାସ୍ତା ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସାଳୟ ଦେଇ ଜାତୀୟ ରାଜପଥକୁ ଖୋଲା ଗଲେ ସାକ୍ଷୀଗୋପାଳକୁ ଆସୁଥିବା ପର୍ଯ୍ୟଟକଙ୍କ ଆଗମନ ବଢିବା ସହ ଅର୍ଥନୀତି ସୁଦୃଢ଼ ହୋଇପାରନ୍ତା ବୋଲି ଅତିଥି ରତିକାନ୍ତ ମିଶ୍ର ଓ ଶତପଥୀ ଦାବି କରିଥିଲେ। ଉତ୍ସବ ଆରମ୍ଭରେ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଛାତ୍ରୀ ଦେବସ୍ମିତା ହୋତା 'ବନ୍ଦେ ଉତ୍କଳ ଜନନୀ' ଓ 'ଦିଲିଦିୟା ହେ ଜାନ ଭି ଦେଙ୍ଗେ ଏ ବତନ ତେରେଲିୟେ' ସଙ୍ଗୀତ ଏବଂ ପରେ ଓଡ଼ିଶୀ ନୃତ୍ୟ କରିଥିଲେ। ସତ୍ୟବାଦୀ ହାଇସ୍କୁଲର ଛାତ୍ରୀମାନେ 'ମେରା ଦେଶ ରଙ୍ଗିଲା', ପୁରୀ ରେଳ ବିଭାଗ ଦ୍ୱାରା ଛତିଶଗଡ଼ ନୃତ୍ୟ ପରିବେଷଣ କରିଥିଲେ। ଖୋର୍ଦ୍ଧା ରେଳ ବିଭାଗ ପକ୍ଷରୁ ବିଚିତ୍ରାନନ୍ଦ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ରେଳଯାତ୍ରୀଙ୍କୁ ମିଳିବ ଅତ୍ୟାଧୁନିକ ସେବା



ଖୋର୍ଦ୍ଧ ରୋଡ ଷ୍ଟେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟ ଅତିଥି।


ବାଲୁଗାଁ ଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ବାଲୁଗାଁ (ସଂଗ୍ରାମ ପାଇକରାୟ)/ ଜଟଣୀ, ୬।୮ (ରବୀନ୍ଦ୍ର ନାଥ ମହାକୁଡ଼)

**ଅମୃତ ଭାରତ ଷ୍ଟେଶନ ଯୋଜନାରେ ବାଲୁଗାଁ, ଖୋର୍ଦ୍ଧାରୋଡ୍ ସାମିଲ**

ଅମୃତ ଭାରତ ଷ୍ଟେଶନ ଯୋଜନା ଅନ୍ତର୍ଗତ ସାରା ଦେଶରେ ୫୦୮ଟି ରେଳଷ୍ଟେଶନର ରୂପାନ୍ତର କରାଯିବ। ସେହିପରି ଓଡ଼ିଶାର ୨୫ଟି ରେଳଷ୍ଟେଶନର ପୁନର୍ବିକାଶ କରାଯିବ। ରବିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ୫୦୮ ରେଳଷ୍ଟେଶନର ପୁନଃନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଷ୍ଟେଶନଗୁଡ଼ିକ ମଧ୍ୟରେ ଓଡ଼ିଶାର ୨୫ଟି ଷ୍ଟେଶନ ସାମିଲ ଥିବା ବେଳେ ତନ୍ମଧ୍ୟରୁ ବାଲୁଗାଁ ଓ ଖୋର୍ଦ୍ଧା ରୋଡ୍ ଷ୍ଟେଶନ ଅନ୍ୟତମ। ଏହି ପରିପ୍ରେକ୍ଷୀରେ ବାଲୁଗାଁ ରେଳଷ୍ଟେଶନ ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତୀୟ ପର୍ଯ୍ୟଟନ ବିକାଶ ନିଗମ ଅଧ୍ୟକ୍ଷ ଡା. ସମ୍ବିତ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋଚିନ ଶିପ୍‌ୟାର୍ଡ ନିର୍ଦ୍ଦେଶକ ପୃଥ୍ୱୀରାଜ ହରିଚନ୍ଦନ, ରେଳ ବିଭାଗ ଚିଫ୍ ଇଲେକ୍ଟ୍ରିକାଲ ଲୋକୋମୋଟିଭ ଇଞ୍ଜିନିୟର ମଞ୍ଜିତ ସିଂହ ସନ୍‌ସନ୍‌ୱାଲ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ଚିଲିକା ତହସିଲଦାର ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ସାମାଜିକ କର୍ମୀ ନିରଞ୍ଜନ ସେଠୀ ଏବଂ ଦୁଷ୍ମନ୍ତ ହରିଚନ୍ଦନ ଉପସ୍ଥିତ ଥିଲେ। ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଡା. ପାତ୍ର କହିଥିଲେ ଯେ, ଓଡ଼ିଶାକୁ ନରେନ୍ଦ୍ର ମୋଦିଙ୍କ ସରକାର ବିଗତ ୯ ବର୍ଷରେ ୫୨ ହଜାର କୋଟି ଟଙ୍କା ଦେଇଛନ୍ତି। ତନ୍ମଧ୍ୟରୁ କେବଳ ଚଳିତ ଆର୍ଥିକ ବର୍ଷରେ ୧୨ ହଜାର କୋଟି ଟଙ୍କାର ରେଳ ଅନୁଦାନ ମିଳିଛି। ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଲାଗି ଆଗାମୀ ଦିନରେ ଓଡ଼ିଶାବାସୀ ମୋଦିଙ୍କ ସହିତ ରହିବାକୁ ଉପସ୍ଥିତ ଦର୍ଶକଙ୍କୁ ସେ ଆହ୍ୱାନ ଦେଇଥିଲେ। ବାଲୁଗାଁ ଷ୍ଟେଶନର ରୂପରେଖ ବଦଳିବ। ଯାତ୍ରୀଙ୍କ ପାଇଁ ଅଲଗା ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ମଲ୍ଟି ଲେବଲ ପାର୍କିଂ, ଲିଫ୍ଟ, ବିଶ୍ରାମ ଓ ଅପେକ୍ଷା ଗୃହ, ଦିବ୍ୟାଙ୍ଗଙ୍କ ସକାଶେ ଅନୁକୂଳ ସୁବିଧା ରହିବ। ଏତଦବ୍ୟତୀତ ସହର ସିଟି ସେଣ୍ଟର ରୂପେ ବିକାଶ ହେବ, ଯେଉଁଠି ରୁଫ ପ୍ଲାଜା, ଶପିଂ ଜୋନ୍, ଫୁଡ କୋର୍ଟ ପରି ଅତ୍ୟାଧୁନିକ ଅନେକ ସୁବିଧା ଉପଲବ୍ଧ ହେବ। ଏହା ପୁରୀ ଲୋକସଭା ତଥା ଚିଲିକା ନିର୍ବାଚନମଣ୍ଡଳୀର ଏକ ବିଜ୍‌ନେସ୍ ହବ୍ ପାଲଟିବ। ଅଞ୍ଚଳର ସାମାଜିକ, ଆର୍ଥିକ ଓ ପର୍ଯ୍ୟଟନ ଶିଳ୍ପ ପ୍ରଗତିର କେନ୍ଦ୍ର ପାଲଟିବ ବୋଲି ପାତ୍ର କହିଛନ୍ତି। ଏହି ଅବସରରେ ବରିଷ୍ଠ ନାଗରିକ ସଙ୍ଗଠନର ସଦସ୍ୟମାନେ ପାତ୍ରଙ୍କୁ ଭେଟି ବାଲୁଗାଁ ରେଳ ଷ୍ଟେଶନରେ କିଛି ମୁଖ୍ୟ ଟ୍ରେନ ରହଣି ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଖୋର୍ଦ୍ଧାରୋଡ ରେଳଷ୍ଟେଶନ ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ କୁମାର ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅମୃତ ଭାରତ ଷ୍ଟେଶନ ଯୋଜନାରେ ଖୋର୍ଦ୍ଧାରୋଡ୍ ଓ ବାଲୁଗାଁ ଷ୍ଟେଶନକୁ ସାମିଲ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ଥାନୀୟ ବାସିନ୍ଦା କୃତଜ୍ଞତା ଜଣାଇଛନ୍ତି।

## ସଂକ୍ଷେପରେ

### ସଁପୁରରେ ଫୁଟିଲା ବ୍ରହ୍ମକମଳ



ବୋଲଗଡ଼,୬।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଁପୁରୁ ଗ୍ରାମର ବିଜୟ କୁମାର ସେଣଙ୍କ ବାରିରେ ବ୍ରହ୍ମକମଳ ଫୁଲ ଫୁଟିଛି। ଏହିଫୁଲରେ ବ୍ରହ୍ମା ଅବସ୍ଥାନ କରିବା କଥା ପୁରାଣରେ ଉଲ୍ଲେଖ ରହିଛି। ଏହି ଫୁଲଟି ପତ୍ରରୁ ଫୁଟିବା ସହିତ ଦେଖିବାକୁ ବିରଳ। ଫୁଲଟି କେବଳ ରାତ୍ରିରେ ଫୁଟିଥାଏ। ରବିବାର ରାତି ୮ଟାରେ ଏହି ପୁଷ୍ପଟିକୁ ବ୍ରହ୍ମାନନ୍ଦ ପଣ୍ଡାଙ୍କ ଦାରା ଧୂପ, ଦୀପ ଓ ପୂଜାପାଠ କରାଯିବା ପରେ ତୋଳାଯାଇ ପଥରଚକଡାସ୍ଥିତ ମହାବୀର ମନ୍ଦିରର ଶ୍ରୀହନୁମାନଙ୍କ ମସ୍ତକରେ ଅର୍ପଣ କରାଯାଇଥିଲା।

### ବନାଞ୍ଚଳ ଅଧିକାରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଟାଙ୍ଗୀ,୬।୮ (ରଘୁନାଥ ସାହୁ)

ବନ୍ୟପ୍ରାଣୀ ବିଭାଗର ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ବ୍ରଜବନ୍ଧୁ ସାହଙ୍କ ଦ୍ୱାଦଶାହ ଦିବସରେ ରବିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ତଥା କବି ବାସୁଦେବ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗଣମାଧ୍ୟମ ପ୍ରତିନିଧି ରଘୁନାଥ ସାହୁ, ସାମାଜିକ କର୍ମୀ ଅମିନ ପରିଡ଼ା, ସାହିତ୍ୟ ଘର ସଭାପତି ବିଜୟ କୁମାର ରାଉତ, ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ସୁନ୍ଦରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ସର୍ବେଶ୍ୱର ପ୍ରଧାନ, ଚନ୍ଦନ ବେହେରା, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ପ୍ରଦୀପ କୁମାର ପରିଡ଼ା ପ୍ରମୁଖ ବ୍ରଜବନ୍ଧୁ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

### ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ



କୃଷ୍ଣପ୍ରସାଦ,୬।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ବ୍ରହ୍ମପୁର ପଞ୍ଚାୟତର ସାଗର ଶ୍ରୀକ୍ଷେତ୍ର ମହାପ୍ରଭୁଙ୍କ ନବଗ୍ରହ ପୀଠରେ ରବିବାର ବନ ବିଭାଗ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ପୂର୍ବତନ ଡିଏଫ୍‌ଓ ଦିଲ୍ଲୀପ କୁମାର ରାଉତ, ପୂର୍ବତନ ୱାଇଲ୍‌ଡ ଲାଇଫ ୱାର୍ଡନ୍ ଷୋଳପାଣି ଶତପଥୀ, ଆଇନଜୀବୀ ରମାଶଙ୍କର ପାତ୍ର, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ବ୍ରହ୍ମପୁର ସରପଞ୍ଚ ସନ୍ତୋଷ କୁମାର ଜେନା, ଶିକ୍ଷକ ମହନ୍ତ କୁମାର ଜେନା, ରବୀନ୍ଦ୍ର କୁମାର ବାରିକ, ହମାରା ବଚପନ ଟ୍ରଷ୍ଟର ଦଳପତି ଅଶୋକ କୁମାର ନାୟକ, ନଳିନୀକାନ୍ତ ବଡ଼ଜେନା ପ୍ରମୁଖ ଯୋଗଦେଇ ମହାପ୍ରଭୁଙ୍କ ଗୁପ୍ତ ଲୀଳାକ୍ଷେତ୍ର ଚକାନାସୀ ପର୍ଯ୍ୟଟନସ୍ଥଳୀର ବିକାଶ କିଭଳି ହୋଇପାରିବ ଆଲୋଚନା କରିଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶରତ ଜାନିଙ୍କ ନେତୃତ୍ୱରେ ଅତିଥିଙ୍କ ସହଯୋଗରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ବ୍ରହ୍ମପୁର ଗ୍ରାମବାସୀଙ୍କ ପକ୍ଷରୁ ରଘୁନାଥ ଜେନା, ଧବଳେଶ୍ୱର ଜେନା, ଶିକ୍ଷକ ବିଶ୍ୱରଞ୍ଜନ ଜେନା, ବିରଞ୍ଚି ନାରାୟଣ ଜେନା, ପ୍ରଦୀପ ଜେନା ପ୍ରମୁଖ ଅତିରିକ୍ତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଦାୟିତ୍ୱରେ ଥିବା ନାୟକଙ୍କୁ ଚକାନାସୀ ପୀଠରେ ପର୍ଯ୍ୟଟକ ଓହ୍ଲାଇ ଠାକୁରଙ୍କୁ ଦର୍ଶନ କରିବାରେ ଅସୁବିଧା ହେଉଥିବାରୁ ଏକ ଫ୍ଲୋଟିଂ ଜେଟି ନିର୍ମାଣ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବ୍ରହ୍ମପୁର ବନପାଳ ଜିତେନ୍ଦ୍ରୀୟ ଜେନା, ସାତପଡ଼ା ବନପାଳ କାଳୀ ପ୍ରସାଦ ମହାନ୍ତି, ଅରଖକୁଦା ବନପାଳ ଦୁର୍ଗା ଚରଣ ଟୁଡୁ ପ୍ରମୁଖ ସହଯୋଗ କରିଥିଲେ।

# ବନ୍ୟାଜଳ କମୁଛି, ଦୁର୍ଦ୍ଦଶା ବଢୁଛି

**ଚାଷ ଉଜୁଡ଼ିଲା, ଗୋଖାଦ୍ୟ ନାହିଁ**
- ହିଂସ୍ରଜନ୍ତୁଙ୍କ ଭୟ ଘାରିଛି
- ଗ୍ରାମବାସୀଙ୍କ ଅସନ୍ତୋଷ

ଖୋର୍ଦ୍ଧା,୬।୮ (ପ୍ରଭାତ ପାଣିଗ୍ରାହୀ)



ଚାଷଜମିରେ ଜମି ରହିଥିବା ବନ୍ୟାଜଳ।



ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।

ମହାନଦୀ ଫୁଲୁଛି। ଏହାର ପ୍ରଭାବରେ ଖୋର୍ଦ୍ଧା ବ୍ଲକ ଓରବସିଂ ପଞ୍ଚାୟତର ହିରିମୂଳ ଗ୍ରାମ ପାଣିଘେରରେ ରହି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଡିହଖଲା, ଦୁର୍ଗାପୁର, ମାନପୁର ଓ ଧବଳପୁର ଗ୍ରାମ ପାଣିଘେରରେ ରହିଥିଲା। ଏବେ ଏହି ଗାଁଗୁଡ଼ିକରୁ ବନ୍ୟାଜଳ ଧୀର ଧୀରେ ଖସିବାରେ ଲାଗିଛି। ତେବେ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି। ଚାଷ ଉଜୁଡ଼ି ଗଲା। ସରକାରଙ୍କ ପକ୍ଷରୁ ଗୋରୁଙ୍କ ପାଇଁ ଗୋଖାଦ୍ୟ ବ୍ୟବସ୍ଥା ହୋଇନାହିଁ। ଆଗକୁ ତୁରନ୍ତ ବ୍ୟବସ୍ଥା କରା ନ ଗଲେ ଗୋରୁ ମୃତ୍ୟୁମୁଖରେ ପଡିବା ଆଶଙ୍କା ଥିବା ଗ୍ରାମବାସୀ କହିଛନ୍ତି।

ଅନ୍ୟପଟେ ବନ୍ୟାଜଳରେ ସାପ ଭାସୁଛନ୍ତି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ରିଲିଫ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମର ଦେବରାଜ ବଳିଆରସିଂ କହିଛନ୍ତି, ଲୋକେ ଭୋକ ଉପାସରେ ରହିଛନ୍ତି। ବନ୍ୟାଜଳଠାରୁ ବିଦ୍ୟୁତକାଟ ଅସହ୍ୟ ହେଲାଣି। ଦିନରେ ବିଦ୍ୟୁତ କାଟ ହେଲେ ଯେନତେନ ପ୍ରକାରେ ଚଳିଯାଉଛି। ମାତ୍ର ରାତିରେ ଭୟ ଲାଗୁଛି। ଅନ୍ଧାରରେ କିଏ କୁଆଡ଼େ ଯିବେ କିଛି ଜାଣିପାରୁନାହାନ୍ତି। ଶୌଚ ଲାଗି ଯିବାକୁ ବାଟନାହିଁ। ସେହିପରି ପରମାନନ୍ଦ ଛୋଟରାୟ କ୍ଷୋଭର ସହ କହିଛନ୍ତି, ବନ୍ୟାଜଳରେ ଶରୀର କୁଣ୍ଡେଇ ହେବା ସହ ଅନେକଙ୍କ ପାଦ ଖାଇଗଲାଣି। ବ୍ଲିଚିଂ ପାଉଡର ଯୋଗାଇ ଦିଆଯାଉନାହିଁ। କେତେ ଅଭିଯୋଗ କରିବୁ, ଏଠି ଗୁହାରି ଶୁଣିବାକୁ କେହି ନାହାନ୍ତି। କାଙ୍ଗୁଳି ମାର୍ଥା କହିଛନ୍ତି, ସବୁ ବ୍ୟବସ୍ଥା କରାଯାଇଥିବା ନେଇ ତିନିଦିନ ହେଲା ଗଣମାଧ୍ୟମ ଆଗରେ ପ୍ରଶାସନ ପକ୍ଷରୁ କୁହାଯାଉଛି। ଏହା ସମ୍ପୂର୍ଣ୍ଣ ମିଥ୍ୟା। କେବଳ ହିରୁମିଳ ଗ୍ରାମରେ ଡଙ୍ଗା ବ୍ୟବସ୍ଥା ହୋଇଛି, ଅନ୍ୟ କିଛି ବ୍ୟବସ୍ଥା ନାହିଁ। ବନ୍ୟା ପରିସ୍ଥିତି ଆହୁରି ଦୁଇ ସପ୍ତାହ ରହିବା ଆଶଙ୍କା କରାଯାଉଛି। ମୁଣ୍ଡୁଳି ପାଣି ପଶିଲେ ଗାଁ ସମ୍ପୂର୍ଣ୍ଣ ବୁଡ଼ିବ। ହିରିମୂଳ, ଡିହଖଲା, ଦୁର୍ଗାପୁର, ଓରମୀ, ମାନପୁର, ବଳପୁର, ଧବଳପୁର, ଶରଧାପୁର ପ୍ରଭୃତି ଗ୍ରାମର ଚାଷଜମି ଜଳମଗ୍ନ ରହିଛି। ଗତବର୍ଷ ଫସଲ କ୍ଷତି ହୋଇଥିଲା, ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ ବୋଲି ହିରିମୂଳର କଂଗ୍ରେସ ମାର୍ଥା କହିଛନ୍ତି।

ଏନେଇ ବିଡିଓ କ୍ଷୀରାବ୍ଧି ତନୟା ସାହୁ କହିଛନ୍ତି, ବନ୍ୟା ଘେରରେ ରହିଥିବା ଗ୍ରାମରେ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟ କ୍ରମେ ରନ୍ଧ୍ୟା ଓ ଶୁଖିଲା ଖାଦ୍ୟ ବ୍ୟବସ୍ଥା ହେଉଛି। ଏବେ ଗାଁରୁ ପାଣି ଖସିଛି। ଚାଷଜମି ଜଳମଗ୍ନ ରହିଛି। ଡା. ପରେଶ ଆଚାର୍ଯ୍ୟ କହିଛନ୍ତି, ବନ୍ୟା ଘେରରେ ରହିଥିବା ଅଞ୍ଚଳରେ ସ୍ୱାସ୍ଥ୍ୟଟିମ୍ ବୁଲି ବୁଲି ଔଷଧ ଦେବା ଆରମ୍ଭ କରିଛନ୍ତି। ଗୋରୁଗାଈଙ୍କ ସକାଶେ ଗୋଖାଦ୍ୟ ବ୍ୟବସ୍ଥା କରାଯିବ। ଗୋରୁଗାଈଙ୍କ ଚିକିତ୍ସା ଲାଗି ଏକ ଟି ମୁତୟନ କରାଯାଇଛି ବୋଲି ପ୍ରାଣୀଧନ ବିଭାଗ ପକ୍ଷରୁ କୁହାଯାଇଛି।

### ପ୍ରକୃତିପ୍ରେମୀଙ୍କୁ 'ଗ୍ରୀନ୍ ଆର୍ମି କମାଣ୍ଡାଣ୍ଟ' ପୁରସ୍କାର

ବୋଲଗଡ଼,୬।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିଚୁକୁଳି ପଞ୍ଚାୟତ ଟିକାତାଳ ରାମକୃଷ୍ଣ ସେବାଶ୍ରମରେ ପ୍ରେରଣା ଗ୍ରୀନ୍ ଆର୍ମି ଇଣ୍ଟରନ୍ୟାଶନାଲ ଅନୁଷ୍ଠାନ ପକ୍ଷରୁ ଆଶ୍ରମ ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ସଭାପତି ବିଜୟ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମନୋଜ ଗୁମାନସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଲକ୍ଷ୍ମୀପ୍ରିୟା ସାମନ୍ତରାୟ, ମୁଖ୍ୟବକ୍ତା ନିର୍ଭୟ ସାମନ୍ତରାୟ, ପ୍ରେରଣା ଗ୍ରୀନ ଆର୍ମି ଇଣ୍ଟରନ୍ୟାଶନାଲ ବୋଲଗଡ ବ୍ଲକ କମାଣ୍ଡର୍ ସାନନ୍ଦ ସାହୁ ଯୋଗଦେଇଥିଲେ। ଏହି ଅବସରରେ ୨୦ଜଣ ପ୍ରକୃତିପ୍ରେମୀ ମନୋଜ ଗୁମାନସିଂହ, ଦିଲୀପ ପଣ୍ଡା, ବିଜୟ ମହାପାତ୍ର, ବାସୁଦେବ ମହାପାତ୍ର, ଅଶୋକ ସାହୁ, ସର୍ବେଶ୍ୱର ସାହୁ, ନିର୍ଭୟ ସାମନ୍ତରାୟ, ରାଜକିଶୋର ଛୁଆଳସିଂହ, ଇନ୍ଦୁମତୀ ଦେଈ, ନଳିନୀ ସାହୁ, ଅରୁଣିମା ପଣ୍ଡା, ସୁଶାନ୍ତ ବେହେରା, ବାବାଜୀ ବେହେରା, ରାଜକିଶୋର ଛୁଆଳସିଂହ, ପ୍ରସନ୍ନ ବିଶ୍ୱାଳ, ଆନନ୍ଦ ରଣସିଂହଙ୍କ ସମେତ ମୋଟ୍ ୨୦ଜଣଙ୍କୁ 'ଗ୍ରୀନ ଆର୍ମି କମାଣ୍ଡାଣ୍ଟ' ପୁରସ୍କାର ପ୍ରଦାନ କରାଯାଇଥିଲା। ଆଶ୍ରମ ପରିସରରେ ଶହେରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ସର୍ବେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।



ଜଟଣୀ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ବୈଠକରେ ଖୋର୍ଦ୍ଧା ଜିଲା ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଏବଂ ଅନ୍ୟମାନେ।

## ରାଷ୍ଟ୍ରକୁ ଯୋଡ଼େ ସଂସ୍କୃତି, ପରମ୍ପରା

**ଭିଏଚ୍‌ପିର ଜିଲାସ୍ତରୀୟ ବୈଠକ**

ଖୋର୍ଦ୍ଧା,୬।୮ (ପ୍ରଭାତ ପାଣିଗ୍ରାହୀ)

ଜଟଣୀ ସରସ୍ୱତୀ ଶିଶୁ ମନ୍ଦିରରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଖୋର୍ଦ୍ଧା ଜିଲା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଉତ୍କଳ ପୂର୍ବ ପ୍ରାନ୍ତ ସହସମ୍ପାଦକ ଉମା ଶଙ୍କର ଆଚାର୍ଯ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ଚନ୍ଦ୍ର ପ୍ରଧାନ ଯୋଗଦେଇ ବିଏଚପିର ସ୍ଥାପନା, ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ହିନ୍ଦୁତ୍ୱ ହିଁ ରାଷ୍ଟ୍ରୀୟତା। ବ୍ୟକ୍ତି ନିର୍ମାଣ ହେଲେ ରାଷ୍ଟ୍ର ନିର୍ମାଣ ହେବ। ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରୀୟ କାର୍ଯ୍ୟକୁ ଗୁରୁତ୍ୱ ଦିଅ। ନିଜେ, ନିଜ ପରିବାର ବିକଶ କଥା ଚିନ୍ତନ ନ କରି ସମୂହ ବିକାଶ ଉପରେ ସହଭାଗୀ ହେବାକୁ ପରାମର୍ଶ ଦେଇଥିଲେ। ସନାତନ ସଂସ୍କୃତି, ପରମ୍ପରାକୁ ଛାଡି ଆଧୁନିକତାକୁ ଗୁରୁତ୍ୱ ଦେଲେ, ଅସ୍ତିତ୍ୱ ହଜିଯିବ। ଅନ୍ୟର ସୁଖଦୁଃଖରେ ସାମିଲ ହୁଅ। ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ, ବ୍ୟବହାର ସ୍ଥାପନ କର। ପର୍ବପର୍ବାଣିରେ ଏକାଠି ହେବାକୁ ଚେଷ୍ଟା କଲେ ସମ୍ପର୍କରୁ ଆତ୍ମୀୟତା ବଢ଼ିବ। ସମାଜରେ ଏକତା ବଜାୟ ରହିବ। ସଂସ୍କୃତି ଓ ପରମ୍ପରା ରାଷ୍ଟ୍ରକୁ ଯୋଡ଼ିଥାଏ ବୋଲି ସେ କହିଥିଲେ।

ଜିଲା ସମ୍ପାଦକ ପ୍ରଦୀପ ସ୍ୱାଇଁ ବିବରଣୀ ପଠନ କରିଥିଲେ। ଜିଲାର ୯ଟି ପ୍ରଖଣ୍ଡର ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ସମସ୍ତ ଜିଲା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଜଟଣୀ ନଗର କାର୍ଯ୍ୟ ବୃଦ୍ଧି ଦୃଷ୍ଟିରୁ ରମେଶ କୁମାର ଦାସ ସଭାପତି, ରାମଚନ୍ଦ୍ର ମହାରଣା ସମ୍ପାଦକ, ଓମ୍‌କାର ବଜରଙ୍ଗ ଦଳ ସଂଯୋଜକ, ଦୁର୍ଗାବାହିନୀ ସଂଯୋଜିକା ଅନ୍ନପୂର୍ଣ୍ଣା ସାହୁ, ଗୀତାଞ୍ଜଳି ସାହୁଙ୍କୁ ସହସଂଯୋଜିକା ଦାୟିତ୍ୱ ଦିଆଯାଇଛି। ସେହିପରି ବେଗୁନିଆ ପ୍ରଖଣ୍ଡ ସଭାପତି ଭାବେ ବିଦ୍ୟାଧର ଦଳେଇ, ଗଣେଶ ବଳିୟାରସିଂ ବଜରଙ୍ଗ ଦଳ ସଂଯୋଜକ ଓ ସହସଂଯୋଜକ ମାନସ ପାଇକରାୟଙ୍କ ନାମ ଘୋଷଣା କରାଯାଇଛି । ପ୍ରାନ୍ତ ଗୋରକ୍ଷା ବିଭାଗ ପ୍ରଚାର ପ୍ରମୁଖ ପ୍ରଭାତ କୁମାର ପାଣିଗ୍ରାହୀ, ବଜରଙ୍ଗ ଦଳ ସଂଯୋଜକ ନିତ୍ୟଜିତ ଚମ୍ପତି, ବିଭାଗ ସମ୍ପାଦକ ବିଭୂଧେନ୍ଦ୍ର ବିଦ୍ୟାଧର, ଉପସଭାପତି ଡ. ସୁକାନ୍ତି ମହାପାତ୍ର ଏବଂ ଜିଲା ଉପାଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ ।

### ୪ ମାସ ପରେ ଅଭିଯୁକ୍ତ ଗିରଫ

**ବସ୍‌ରୁ ମୋବାଇଲ ଚୋରି ଘଟଣା**

ବାଲୁଗାଁ,୬।୮ (ସଂଗ୍ରାମ ପାଇକରାୟ)

ବସ୍‌ରୁ ମୋବାଇଲ ଚୋରି କରିବା ଘଟଣାରେ ଦୀର୍ଘ ୪ମାସ ପରେ ବାଲୁଗାଁ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭୁବନେଶ୍ୱର ୟୁନିଟ୍-୮ ଅଞ୍ଚଳର ହରିବନ୍ଧୁ ବଳିୟାରସିଂହ(୪୮)। ପ୍ରକାଶ ଯେ, ଭୁବନେଶ୍ୱରରୁ ବାଲୁଗାଁ ଆସୁଥିବା ଏକ ବସ୍‌ରେ ପାର୍ସଲ ପ୍ୟାକେଟରୁ ୪ଟି ମୋବାଇଲକୁ କୌଶଳକ୍ରମେ କେହି ଦୁର୍ବୃତ୍ତ ଲୁଟି ନେଇଥିଲେ। ଏନେଇ ଗତ ମାର୍ଚ୍ଚରେ ଅଭିଯୋଗ ପରେ ବାଲୁଗାଁ ଥାନାରେ ମାମଲା (ନଂ.୫୯/୨୩) ରୁଜୁ ହୋଇଥିଲା। ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା।

### ଟ୍ରେଲର ପଛକୁ ଧକ୍କାଦେଲା ଟ୍ରକ୍: ଚାଳକ ମୃତ

ନିରାକାରପୁର,୬।୮ (ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଗୋଡିପଡ଼ା ଟୋଲଗେଟ୍ ନିକଟରେ ଶନିବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରେଲର ପଛକୁ ଏକ ପରିବା ବୋଝେଇ ଟ୍ରକ୍ ଧକ୍କା ଦେବାରୁ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଚାନ୍ଦିପୁର ଥାନା ଅଧୀନ ବକୁରିଆ ନର୍ଥ-୨୪ ଅଞ୍ଚଳର ରାମ ଚନ୍ଦ୍ର ଦାସ(୨୫)। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୋଲିସ ଜବତ କରିବା ସହିତ ଏକ ମାମଲା (ନଂ.୨୪୮/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏକ ଟ୍ରକ୍ ପରିବା ବୋଝେଇ କରି ଭୁବନେଶ୍ୱରରୁ ଚେନ୍ନାଇ ଅଭିମୁଖେ ଯାଉଥିଲା। ଗୋଡିପଡ଼ା ଟୋଲଗେଟ୍ ନିକଟରେ ଟ୍ରକ୍ ଚାଳକ କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ଟ୍ରେଲର ପଛକୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ ସମ୍ମୁଖ ଭାଗ ଭାଙ୍ଗିଯିବା ସହ ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ରାମଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସେଠାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ପ୍ରଜ୍ଞା ରତ୍ନମ୍ବରା କର କହିଛନ୍ତି।

## ଆଞ୍ଚଳିକ ବିଶ୍ୱକର୍ମା ସମିତିର ସାଧାରଣ ସଭା

ଗମ୍ଭାରୀମୁଣ୍ଡା,୬।୮ (ଦିଲୀପ ସ୍ୱାଇଁ)



ସାଧାରଣ ସଭାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ବାଣପୁର-ବାଲୁଗାଁ-ଚିଲିକା ଆଞ୍ଚଳିକ ବିଶ୍ୱକର୍ମା ସମିତିର ସଭାପତି ବିଜୟ ମହାରଣାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ବାଣପୁରସ୍ଥିତ ମେଘାମ୍ବାରୀ କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣାଙ୍କ ନେତୃତ୍ୱରେ ହୋଇଥିଲା। ବିଶ୍ୱକର୍ମା ସମାଜର ବିଭିନ୍ନ ସମସ୍ୟା ବିଷୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲିଖିତଭାବେ ଜଣାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଶିବ ପ୍ରସାଦ ମହାରଣା, ସତ୍ୟ ନାରାୟଣ ମହାରଣା, ଲିଙ୍ଗରାଜ ମହାରଣା, ବାବୁଲା ମହାରଣା, ପ୍ରମୋଦ ମହାରଣା, ଶେଷଦେବ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲୁଗାଁ, ବଡ଼କୁଳ, ଗବପଦର, ବେଲପଡା, ମଠପାଟଣା, ରାଣୀପଡ଼ା, ସାନହନ୍ତୁଆଡ, ଓଡ଼ଗାଁ, ସାହସପୁର, ଭାପୁର, ନାରୁଣୀ, ବଉଳାବନ୍ଧ, ସିଙ୍ଗେଶ୍ୱର ଆଦି ଗ୍ରାମର ବିଶ୍ୱକର୍ମା ସମ୍ପ୍ରଦାୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ଏଏପିର କର୍ମୀ ସମ୍ମିଳନୀ

ବୋଲଗଡ଼,୬।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ରଜଯାତ୍ରା ପଡିଆରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋଲଗଡ଼ ବ୍ଲକ ବିଭିନ୍ନ ପଞ୍ଚାୟତର ଏଏପି କର୍ମୀମାନେ ଉପସ୍ଥିତ ଥିଲେ। ଦଳେଇସାହି ପଞ୍ଚାୟତର ବରିଷ୍ଠ ସଦସ୍ୟ ଜାହିଦ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲା ସଭାପତି ଶୁଭାଶିଷ ସ୍ୱାଇଁ ମୁଖ୍ୟ ଅତିଥିଭାବେ ରାଜ୍ୟ ପ୍ରବକ୍ତା ପ୍ରଶାନ୍ତ ରଣସିଂହ, ମୁଖ୍ୟବକ୍ତା କଳ୍ପତରୁ ପଣ୍ଡା ଓ କିଶୋର ଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇଥିଲେ। ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ସରକାର ଦିଲୀ ଅର୍ଡିନାନ୍ସକୁ ଆଇନରେ ପରିଣତ କରିବା ପାଇଁ ଆଣିଥିବା ବିଲ୍ ସମ୍ପୂର୍ଣ୍ଣଭାବେ ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ଏବଂ ଦିଲ୍ଲୀବାସୀଙ୍କର ସ୍ୱାର୍ଥ ବିରୋଧୀ ବୋଲି ମତପ୍ରକାଶ ପାଇଥିଲା। ଏଏପିର ବାର୍ତ୍ତାକୁ ପ୍ରତି ଘରେ ପହଞ୍ଚାଇବା ପାଇଁ କର୍ମୀମାନେ ସଙ୍କଳ୍ପ ନେଇଥିଲେ। ସୌରଭ ବିଜୟ ବଳିୟାରସିଂହ, ପୂର୍ଣ୍ଣ ମହାରଣା, ଲକ୍ଷ୍ମୀଧର ମହାରଣା, ଅକ୍ରୂର ସେଠୀ, ବିଶ୍ୱନାଥ ଭୂୟାଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଦୀପ କୁମାର ପାଲଟା ସିଂ, ପ୍ରକାଶ କୁମାର ସାହୁ ଓ କେଶବ ଚନ୍ଦ୍ର ପଣ୍ଡା ଏଏପିରେ ଯୋଗଦେଇଥିଲେ। ଚିତ୍ତ ରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



କର୍ମୀ ସମ୍ମିଳନୀରେ ଉପସ୍ଥିତ ଏଏପିର କର୍ମକର୍ତ୍ତା।

## 'ପ୍ରକୃତ ବନ୍ଧୁ ସମାଜର ମାର୍ଗଦର୍ଶକ'

**ବିଶ୍ୱ ବନ୍ଧୁତ୍ୱ ଦିବସ ଓ ବନ୍ଧୁ ପ୍ରାଣ ସମ୍ମାନ ସମାରୋହ**

ବେଗୁନିଆ,୬।୮ (ହର ପ୍ରସନ୍ନ ପଣ୍ଡା)



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ବେଗୁନିଆ ସଦର ମହକୁମାରେ ଥିବା ଆଦର୍ଶ କ୍ଲବ ପକ୍ଷରୁ ରବିବାର ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଅନୁଷ୍ଠିତ ସଭାରେ ଆୟୋଜକ କ୍ଲବର ଉପଦେଷ୍ଟା ଡ. ହରିପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ଯାଜପୁର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ (ମାଧ୍ୟମିକ ଶିକ୍ଷା) ଡ. ପ୍ରୀତିପ୍ରତିଭା ଭୋଳ ବକ୍ତାଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭାଷାରତ୍ନ ଖଗେଶ୍ୱର ମାର୍ଥା ମଙ୍ଗଳା ଚରଣ ପାଠ କରିଥିଲେ। ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଅତିଥି ଏବଂ ଉପସ୍ଥିତ ଦର୍ଶକଙ୍କୁ ବନ୍ଧୁତାର ସୂତ୍ର ପୂର୍ବକ ସ୍ୱାଗତ ଜ୍ଞାପନ କରାଯାଇଥିଲା। ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିବା ପରେ ତାଙ୍କ ରଚନା ଓ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ସଙ୍ଗୀତ ଗାନ କରିଥିଲେ। ବନ୍ଧୁତ୍ୱର ସଂଜ୍ଞା ବ୍ୟାପକ, ଯାହାର ଅନ୍ତ ନ ଥାଏ। ଜନ୍ମରୁ ଶ୍ମଶାନ ପର୍ଯ୍ୟନ୍ତ ବନ୍ଧୁତା ହେଉଛି ପରିବ୍ୟାପ୍ତ। ପ୍ରକୃତ ବନ୍ଧୁ ହେଉଛନ୍ତି ସମାଜର ମାର୍ଗଦର୍ଶକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବୋଲଗଡ ବ୍ଲକ ସଂପୁର ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କୁ 'ବନ୍ଧୁପ୍ରାଣ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ରାମଚନ୍ଦ୍ର ସାହୁ, ଡ. ଅମରେନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ଭାଗୀରଥି ପରିଡା, ଶିକ୍ଷକ ଦିବାକର ସାହୁ, ସ୍ମୃତି ପଟ୍ଟନାୟକ, ସନ୍ତୋଷ ମହାପାତ୍ର, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ବାଲ୍ମୀକି ବଳିୟାରସିଂହ, ଗୀତାଞ୍ଜଳି ମହାପାତ୍ର, ପ୍ରଦୀପ କୁମାର ତ୍ରିପାଠୀ, ମାନସ ମହାପାତ୍ର, ବଂଶୀଧର ପାଣିଗ୍ରାହୀ, ସାମାଜିକ କର୍ମୀ ବସନ୍ତ କୁମାର ହୋତା, ଅକ୍ଷୟ କୁମାର ରଥଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସଞ୍ଜୟ କୁମାର ପାଣିଗ୍ରାହୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ବରିଷ୍ଠ ସଭ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଭୁଲ୍ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ଅଭିଯୋଗ

**ଘଟଗାଁ ଡାକ୍ତରଖାନାରେ ଉତ୍ତେଜନା**

**ଘଟଗାଁ,୬।୮(ରାଜେନ୍ଦ୍ର କୁମାର ପଟ୍ଟନାୟକ):** କେନ୍ଦୁଝର ଜିଲା ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଭୁଲ୍ ଚିକିତ୍ସା ଯୋଗୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ ହୋଇଛି। ଘଟଣା ପରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ପୋଲିସ ବୁଝାଶୁଝା କରି ମୃତଦେହ ଜବତ କରି ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଘଟଗାଁ ବ୍ଲକ୍ ବଡ଼ମସିଣାବିଲା ଗ୍ରାମ ହାତୀବାରି ସାହିର ସୁରେଶ ବେହେରାଙ୍କୁ ଥଣ୍ଡା ଜ୍ୱର ହୋଇଥିଲା। ପରିବାର ଲୋକେ ରବିବାର ସକାଳେ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ନିୟୋଜିତ ଥିବା ଡାକ୍ତର ମୁକ୍ତିକାନ୍ତ ନାୟକ ତାଙ୍କର ଚିକିତ୍ସା କରିଥିଲେ। ମାତ୍ର ଏକ ଇଞ୍ଜେକସନ ଦିଆଯିବା ପରେ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରେ ଡାକ୍ତର ତାଙ୍କୁ କେନ୍ଦୁଝର ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଆମ୍ବୁଲାନ୍ସ ଆସିବା ପୂର୍ବରୁ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ରୋଗୀଙ୍କ ମୃତ୍ୟୁ ଘଟିଥିବା ଜାଣି ଆମ୍ବୁଲାନ୍ସ ଡ୍ରାଇଭର ଗାଡ଼ିରେ ନେବାକୁ ବାରଣ କରିଥିଲେ। ସାମାନ୍ୟ ଥଣ୍ଡା ଜ୍ୱରରେ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ନ ଥିଲେ। ଭୁଲ୍ ଚିକିତ୍ସା ପାଇଁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିଥିଲେ। ଘଟଗାଁ ପୋଲିସ ପରିବାର ସଦସ୍ୟଙ୍କୁ ଦୀର୍ଘ ସମୟ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ମୁକ୍ତିକାନ୍ତ ନାୟକ ଭୁଲ୍ ଚିକିତ୍ସା ଘଟଣାକୁ ଅସ୍ୱୀକାର କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ସେ ପ୍ରକାଶ କରିଛନ୍ତି।

# ଲିଜ୍‌ଧାରୀଙ୍କଠାରୁ ଜରିମାନା ଆଦାୟ ନିର୍ଦ୍ଦେଶ

**ଏନ୍‌ଜିଟି ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ରାୟ**

- ୩ ମାସ ମଧ୍ୟରେ ଜରିମାନା ଅର୍ଥ ଆଦାୟ ହେବ
- ଧନତ୍ରୀ ବାଲିଘାଟରେ ଇସି ଚୁକ୍ତିର ଉଲ୍ଲଂଘନ

**ଯାଜପୁର,୬।୮(ହର୍ଷବର୍ଦ୍ଧନ ବେହେରା)**

ନଦୀପଠାରୁ ବାଲି ଉତ୍ତୋଳନରେ ମେଶିନ ବ୍ୟବହାର ହୋଇ ପାରିବ ନାହିଁ। କୌଣସି ମେଶିନ ବ୍ୟବହାର ହେଉଥିଲେ ତାହାକୁ ଜବତ କର। ଏଥିପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଅ ବୋଲି ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ହେଉଛି। ହେଲେ ଯାଜପୁର ଜିଲା ଦେଇ ପ୍ରବାହିତ ହେଉଥିବା ବୈତରଣୀ ନଦୀର ଧନତ୍ରୀ ବାଲିଘାଟରେ ଏନ୍‌ଜିଟି ପକ୍ଷରୁ ହୋଇଥିବା ଏହିସବୁ ନିର୍ଦ୍ଦେଶ କେବଳ କାଗଜ କଲମରେ ସୀମିତ ରହିଛି। ଏନେଇ ପାଣିକୋଇଲି ଥାନା ଗୋବିନ୍ଦପୁର ଗ୍ରାମର କୃଷ୍ଣଚନ୍ଦ୍ର ଖଟୁଆ, ରଣାପାଲ ଗ୍ରାମର କିଶୋର ଚନ୍ଦ୍ର ପାଲ ଓ ଧନତ୍ରୀ ଗ୍ରାମର ଶରତ ଚନ୍ଦ୍ର ଜେନା ଏନ୍‌ଜିଟିରେ ଏକ ମାମଲା(ନଂ.୧୪/୨୦୨୩) କରିଥିଲେ। ଅଭିଯୋଗ ପ୍ରମାଣିତ ହେବା ପରେ ଏନ୍‌ଜିଟି ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି ହୋଇଛି। ଉକ୍ତ ନିର୍ଦ୍ଦେଶ ଅନୁସାରେ ଭୁବନେଶ୍ୱର ଶୈଳଶ୍ରୀବିହାର ବାସିନ୍ଦା ଲିଜ୍‌ଧାରୀ ବିକାଶ ସ୍ୱାଇଁଙ୍କ ଠାରୁ ପରିବେଶଗତ କ୍ଷତି ବାବଦକୁ ଜରିମାନା ଆଦାୟ ହେବ। ଷ୍ଟେଟ ଲେଭେଲ ଏନଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ସିଆ) କର୍ତ୍ତୃପକ୍ଷ ଯାଜପୁର ଜିଲାପାଳଙ୍କ ସହାୟତାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଜରିମାନା ଅର୍ଥ ଧାର୍ଯ୍ୟ କରିବେ। ଲିଜ୍‌ଧାରୀ ସ୍ୱାଇଁଙ୍କୁ ନୋଟିସ ଦେଇ ୩ ମାସ ମଧ୍ୟରେ ଧାର୍ଯ୍ୟ ଜରିମାନା ଆଦାୟ କରିବା ସହ ଲିଜ୍‌ଧାରୀଙ୍କୁ ମଞ୍ଜୁର ହୋଇଥିବା ଏନଭାଇରନ୍‌ମେଣ୍ଟ କ୍ଲିୟରାନ୍ସ(ଇସି)କୁ ରିଭୋକେଟ (ବିଖଣ୍ଡିତ)କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଏନ୍‌ଜିଟିର ଚୂଡ଼ାନ୍ତ ଫଏସଲାରେ ଦର୍ଶାଯାଇଛି।

ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀର ବେଆଇନ ବାଲି ଉତ୍ତୋଳନ ଏବଂ ଜନବସତି ଦେଇ ଭାରିଯାନ ଚଳାଚଳ ଅଣାୟତ୍ତ ହୋଇଛି। ଏହାର ପ୍ରତିବାଦରେ ପ୍ରଭାବିତ ଗ୍ରାମବାସୀଙ୍କ ସମେତ କୋରେଇ ସଂଗ୍ରାମ ସମିତି ପକ୍ଷରୁ ବହୁବାର ଆନ୍ଦୋଳନ କରିଥିଲେ ବି କିଛି ସଫଳତା ମିଳି ପାରିନାହିଁ। ଏପରି କି ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଉକ୍ତ ସମସ୍ୟାର ନିରାକରଣ ପାଇଁ ପୂର୍ବରୁ ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ସହାୟତା ଲୋଡ଼ିଥିଲେ ବି କୌଣସି ଫରକ ପଡିନାହିଁ। ଫଳରେ ଅଞ୍ଚଳବାସୀ ଏନ୍‌ଜିଟିର ଦ୍ୱାରସ୍ଥ ହେବାକୁ ବାଧ ହୋଇଥିଲେ। ସେମାନେ ଏନ୍‌ଜିଟିରେ ଅଭିଯୋଗ କରିଥିଲେ, ଧନତ୍ରୀ ବାଲିଘାଟରୁ ଗ୍ରାମ୍ୟ ଜଙ୍ଗଲ, ସଂରକ୍ଷିତ ଅଞ୍ଚଳ, ଗ୍ରାମ୍ୟ ରାସ୍ତା ଏବଂ ଶ୍ମଶାନ ଜମି ଦେଇ ବାଲି ବୋଝେଇ ଭାରିଯାନ ଚଳାଚଳ କରୁଛି। ଯାଜପୁର ଜିଲାପାଳ ପୂର୍ବରୁ ବ୍ୟାସନଗର ତହସିଲଦାରଙ୍କୁ ଗୋବିନ୍ଦପୁର ଗ୍ରାମର ୧୮୬, ୧୮୭ ଓ ୧୮୯୧ ନଂ.ପ୍ଲଟ ସଂରକ୍ଷିତ ଅଞ୍ଚଳ ଦେଇ ବାଲି ବୋଝେଇ ଭାରିଯାନ ଚଳାଚଳ ଅନୁମତି ନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଲିଜ୍‌ଧାରୀ ସ୍ୱାଇଁ ଏହି ନିର୍ଦ୍ଦେଶକୁ ଅବଜ୍ଞା କରି ବାଲି ବୋଝେଇ ଭାରିଯାନ ଚଳାଚଳ କରୁଛନ୍ତି। ଏପରି କି ଭାରିଯାନ ଚଳାଚଳ ଯୋଗୁ ଗ୍ରାମବାସୀ ଏବଂ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଉକ୍ତ ଜମିରେ ଲଗାଯାଇଥିବା ୧୨୦ଟି ବିଭିନ୍ନ ଗଛକୁ ଉପୁଡ଼ା ଯାଇଛି। ପରିବେଶ ଅନୁମତି ଚୁକ୍ତିର ଉଲ୍ଲଂଘନ କରାଯାଇ ମାନୁଆଲ ପରିବର୍ତ୍ତେ ଜେସିବି ମେଶିନ ଲଗାଇ ବାଲି ଉତ୍ତୋଳନ କରାଯାଉଛି। ଏଭଳି ଭାବେ ଗ୍ରାମବାସୀଙ୍କ ପକ୍ଷରୁ ଏନ୍‌ଜିଟିରେ ଏକାଧିକ ଅଭିଯୋଗ କରାଯାଇଥିଲା। ଏହାପରେ ଜିଲା ପ୍ରଶାସନର ତଦନ୍ତ ରିପୋର୍ଟ ଏବଂ ଆବେଦନକାରୀଙ୍କ ଦାଖଲ ସତ୍ୟପାଠକୁ ଅବଲୋକନ କରି ଏନ୍‌ଜିଟି ପକ୍ଷରୁ ଲିଜ୍‌ଧାରୀଙ୍କଠାରୁ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ହୋଇଛି।

ସୂଚନାଯୋଗ୍ୟ, ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀରେ ୬ ବାଲିଘାଟକୁ ୫ ବର୍ଷିଆ ଲିଜ୍ ଦିଆଯାଇଛି। ଏଥିପାଇଁ ୧୩.୬୨ କୋଟି ଟଙ୍କାର ନିଲାମ ହୋଇଛି। ସାଆଁଳା-୨ ବାଲିଘାଟରେ ୨୮୪୩୦ ଘନମିଟର, ମୁକୁନ୍ଦପୁର-୧ ବାଲିଘାଟରୁ ୧୦୦୪୦ ଘନମିଟର, ସାଲବା ବାଲିଘାଟରୁ ୧୬୭୩୦ ଘନମିଟର, ରଣପାଳ ବାଲିଘାଟରୁ ୫,୫୨୦ ଘନମିଟର, ଧନତ୍ରୀ ବାଲିଘାଟରୁ ୯୬୮୦ ଘନମିଟର ଓ ନିଶଙ୍କପୁର ବାଲିଘାଟରୁ ୨୪,୭୯୫ ଘନମିଟର ବାଲି ଉତ୍ତୋଳନ କରିବାକୁ ଅନୁମତି ମିଳିଛି। ଅନୁମତି ପତ୍ରରେ ପ୍ରୋକଲିନ ବ୍ୟବହାର ହୋଇ ପାରିବ ନାହିଁ ଏବଂ ମାନୁଆଲ ଭାବେ ଉତ୍ତୋଳନ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ହେଲେ ଉପରୋକ୍ତ ବାଲିଘାଟଗୁଡ଼ିକରେ ଏବେ ପ୍ରାୟ ୭ରୁ ୮ଟି ଲେଖାଏଁ ପ୍ରୋକଲିନ ବ୍ୟବହାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ବୈତରଣୀ ନଦୀର ଧନତ୍ରୀ ବାଲିଘାଟରୁ ଜେସିବି ସାହାଯ୍ୟରେ ବାଲି ଉଠାଯାଉଛି।

# ୫ହଜାର ଲାଞ୍ଚ ନେଇ ଭିଜିଲାନ୍ସରେ ପଡ଼ିଲେ ଫାଣ୍ଡି ଅଧିକାରୀ

**ଜୟପୁର, ୬।୮ (ପବନ ପାଣିଗ୍ରାହୀ)**

ଲାଞ୍ଚ ନେଇ ଜଣେ ଫାଣ୍ଡି ଅଧିକାରୀ ରବିବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସେ ହେଲେ ଆମ୍ବାଗୁଡା ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି। ସେଠାରେ ସେ ଏସ୍‌ଆଇ ରୂପେ ଫାଣ୍ଡି ଚଳାଉଥିଲେ। ଏକ ମାମଲା ଦଫାରଫା କରିଦେବାକୁ ସେ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଖବରରୁ ଜଣାପଡିଛି, ଛତ୍ରିପୁଟ ଗ୍ରାମର କୃଷ୍ଣ ଗାଦବାଙ୍କ ଫାଣ୍ଡିରେ ଏକ ମାମଲା ରହିଥିଲା। ଏହାକୁ ରଫାଦଫା କରି ଦେବାକୁ ଗାଦବାଙ୍କୁ ଏସ୍‌ଆଇ ମହାନ୍ତି ୫ ହଜାର ଟଙ୍କା ମାଗିଥିଲେ। ଗାଦବା ସମ୍ମତି ଜଣାଇବାରୁ ତାଙ୍କୁ ଏସଆଇ ମହାନ୍ତି ଟଙ୍କା ଧରି ଉମୁରି ନିକଟକୁ ଆସିବାକୁ କହିଥିଲେ। ଏନେଇ ଗାଦବା ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଗାଦବାଙ୍କଠାରୁ ଉମୁରିଠାରେ ଏଏସ୍‌ଆଇ ମହାନ୍ତି ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ସେଠାରେ ଜଗି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଭିଜିଲାନ୍ସ ପକ୍ଷରୁ ଜୟପୁର ସଦର ଥାନା, ଥାନା ପରିସରରେ ଥିବା କ୍ୱାଟରର୍ସ ଓ ଦାମନଯୋଡିସ୍ଥିତ ଭଡାଘର ଉପରେ ଚଢ଼ାଉ କରାଯାଇଥିବା ଜଣାପଡିଛି।

# ଆକ୍ରମଣ କରିବାକୁ ଯାଇ ଚେଚ୍ଛା ଖାଇଲେ

**ବ୍ରହ୍ମପୁର,୬।୮(ସୁବାସ ଚନ୍ଦ୍ର ପାଢ଼ୀ)**

ଜେଲ ଫେରନ୍ତା ଜଣେ ଅଭିଯୁକ୍ତ ଆକ୍ରମଣ କରିବାକୁ ଯାଇ ବିପକ୍ଷ ଗୋଷ୍ଠୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ୨ ଗୋଷ୍ଠୀର ଅଭିଯୋଗ ପରେ ଟାଉନ ଥାନା ପୋଲିସ ୨ଟି ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ପୋଲିସ କହିଛି। ପ୍ରକାଶ ଯେ, ବିଜିପୁର ଅଞ୍ଚଳର ଏନ୍. କିରେନ କୁମାର ଓ ଖାଲାସୀ ସାହିର ଟୁନାଙ୍କ ଦାସ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଗତ ଏପ୍ରିଲ ୨୮ରେ ଅନିଲ ଓ ତାଙ୍କ ସହଯୋଗୀ ଖାଲାସୀ ସାହିରେ ରହୁଥିବା ଟୁନାଙ୍କ ଉପରେ ବୋମା ପକାଇବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ଟାଉନ ଥାନା ପୋଲିସ କିରେନ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିରେନ ଜୁଲାଇ ୨୫ରେ ଜାମିନରେ ଆସିଥିଲେ। ସେ ତାଙ୍କ ସହଯୋଗୀ ଗତ ୪ ତାରିଖ ରାତିରେ ଖାଲାସୀ ସାହିରେ ଟୁନାଙ୍କୁ ସେଠାରେ ଦେଖି ଖଣ୍ଡା ବାହାର କରି ଆତଙ୍କ ଖେଳାଇଥିଲେ। ଏହି ସମୟରେ ଟୁନାଙ୍କ ସାନଭାଇ ରଘୁନାଥ ଦାସ ଓ ତାଙ୍କର କେତେଜଣ ସହଯୋଗୀ କିରେନଙ୍କୁ ଘେରିଯାଇ ସଂଘବଦ୍ଧ ଆକ୍ରମଣ କରିଥିଲେ। କିରେନ ଓ ତାଙ୍କ ସହଯୋଗୀମାନେ ବାଇକ ଛାଡ଼ି ସେଠାରୁ ଖସି ପଳାଇଥିଲେ।

# ପ୍ରକାଶ ପାଇଲା ଓଷ୍ଟା ଦଶମ ଟେଷ୍ଟ ପେପର୍ସ



ଓଷ୍ଟା ମୁଖ୍ୟ କାର୍ଯ୍ୟାଳୟରେ ଅତିଥିମାନେ ଟେଷ୍ଟ ପେପର୍ସ ଉନ୍ମୋଚନ କରୁଛନ୍ତି।

**କଟକ, ୬।୮(ସୁପ୍ରିୟା ପ୍ରିୟଦର୍ଶିନୀ)**

୨୦୨୪ରେ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଓଷ୍ଟା ଟେଷ୍ଟ ପେପର୍ସ ରବିବାର ପ୍ରକାଶ ପାଇଛି। କଟକ ନୟାସଡ଼କସ୍ଥିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ମୁଖ୍ୟ କାର୍ଯ୍ୟାଳୟରେ ଏହା ଉନ୍ମୋଚିତ ହୋଇଯାଇଛି। ଆସନ୍ତା ୨୧ ତାରିଖରୁ ବଜାରରେ ଏହା ଉପଲବ୍ଧ ହେବ। ବୋର୍ଡର ନିର୍ଦ୍ଧାରିତ ପାଠ୍ୟଖସଡା ଅନୁଯାୟୀ ଓ ନୂତନ ମୂଲ୍ୟାୟନ ବ୍ୟବସ୍ଥା ଆଧାରରେ ଟେଷ୍ଟ ପେପର୍ସ ପ୍ରସ୍ତୁତ କରାଯାଇଥିବା ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି।

ଓଷ୍ଟା ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ଟେଷ୍ଟ ପେପର୍ସ ପ୍ରସ୍ତୁତ କରିଛି। ଟେଷ୍ଟ ପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା ୫୬ ବର୍ଷ ଅତିକ୍ରାନ୍ତ କରିଛି। ଚଳିତବର୍ଷ ମଧ ବହୁ ଅଭିଜ୍ଞ ଶିକ୍ଷକଙ୍କର ଦୀର୍ଘ ଅଭିଜ୍ଞତାକୁ ବିନିଯୋଗ କରାଯାଇ ଟେଷ୍ଟ ପେପର୍ସ ପ୍ରସ୍ତୁତ ହୋଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଓ ମୂଲ୍ୟାୟନ ବ୍ୟବସ୍ଥା ସମ୍ପର୍କରେ ବୋର୍ଡ ପକ୍ଷରୁ ଯେଉଁ ପଦ୍ଧତି ଅବଲମ୍ବନ କରାଯାଇଛି ଯାହା ଛାତ୍ର ଓ ଶିକ୍ଷକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି ସେ ସମସ୍ତ ବିଷୟ ସଂଶୋଧନ ପାଇଁ ଓଷ୍ଟା ଆଗାମୀ ଦିନରେ ବୋର୍ଡ ଓ ରାଜ୍ୟ ସରକାରଙ୍କ ପାଖରେ ପ୍ରସ୍ତାବ ରଖିବ ବୋଲି ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାର୍ଗଦର୍ଶନ



ମାର୍ଗଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପାଠିକାପାଠକ ଓ ଅନ୍ୟମାନେ।

**ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)**

ରାଜ୍ୟର ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରି ସେମାନଙ୍କୁ ବିଭିନ୍ନ ପ୍ରତିଯୋଗିତାମୂଳକ ସେବା ପରୀକ୍ଷାରେ ସଫଳ ହେବା ନିମନ୍ତେ ରବିବାର ମାର୍ଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ପରୀକ୍ଷା ପ୍ରଶ୍ନପତ୍ରର ଉତ୍ତର ପ୍ରଦାନ କଲାବେଳେ ମଧ ଅନେକ ତ୍ରୁଟି କରିଥାନ୍ତି। ଏନେଇ ଆଲୋଚନା କରିବା ସହ ବିଦ୍ୟାର୍ଥୀମାନେ କିଭଳି ପରୀକ୍ଷା ବ୍ୟବସ୍ଥାରେ ଠିକ୍ ଉତ୍ତର ପ୍ରଦାନ କରିବେ ସେ ନେଇ ବୁଝାଇଥିଲେ। ପ୍ରତ୍ୟେକ ବିଦ୍ୟାର୍ଥୀ ଶୃଙ୍ଖଳିତ ଜୀବନଯାପନ କରି ନିଷ୍ଠାର ସହିତ ବିଭିନ୍ନ ପାଠ୍ୟପୁସ୍ତକ ପଠନ କରିବା ଆବଶ୍ୟକ। ଏଥିସହ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅନିଦ୍ରା ହେବା ଅପେକ୍ଷା ଶୀଘ୍ର ନିଦ୍ରା ଯାଇ ପ୍ରତ୍ୟୁଷରେ ଅଧ୍ୟୟନ କରିବା ଉଚିତ। ପରୀକ୍ଷା ଦେବା ସମୟରେ ନିଜେ ଅନୁଭବ କରୁଥିବା ଠିକ ପ୍ରଶ୍ନର ଉତ୍ତର ପ୍ରଦାନ କରି ଏହାପରେ ସଂଶୟ ଥିବା ପ୍ରଶ୍ନର ଠିକ ଉତ୍ତର ଦେବାକୁ ଚେଷ୍ଟା କରିବା ଦରକାର। ବିଫଳତାରେ ହତାଶ ନ ହୋଇ ଦୃଢ଼ ମନୋବଳ ନେଇ ଆଗାମୀ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସାହୁ କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ ବିଦ୍ୟାର୍ଥୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ରାଜ୍ୟ ଗ୍ରନ୍ଥାଗାରରେ ପାକ୍ଷିକ ମାର୍ଗଦର୍ଶନ ବିଭିନ୍ନ ପ୍ରଶାସକ, ଅଧ୍ୟାପକ ଓ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଦାନ କରାଯିବ। ପରବର୍ତ୍ତୀ ଅବସ୍ଥାରେ ଏହି ମାର୍ଗଦର୍ଶନ କାର୍ଯ୍ୟକ୍ରମ ବିଭାଗ ଅଧିନସ୍ଥ ବିଭିନ୍ନ ଗ୍ରନ୍ଥାଗାରରେ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରନ୍ଥାଗାରର ସମସ୍ତ ଗ୍ରନ୍ଥାଗାରିକ, ପାଠକ ଓ ବିଦ୍ୟାର୍ଥୀଙ୍କ ସହ ଓଡିଶା ପରିବାର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡା, ସଂସ୍କୃତି ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ଉପସ୍ଥିତ ଥିଲେ।

# ଛତାମୁନରେ ଭୁସି ସ୍ତ୍ରୀଙ୍କୁ ହତ୍ୟା

**ନବରଙ୍ଗପୁର,୬।୮(ସଦାଶିବ ପ୍ରହରାଜ)**

ଜଣେ ମଦ୍ୟପ ସ୍ୱାମୀଙ୍କ ଉନ୍ମତ୍ତକାଣ୍ଡ। ସ୍ତ୍ରୀଙ୍କ ପେଟରେ ଛତା ମୁନକୁ ବାରମ୍ବାର ଭୁସି ଅତି ନିର୍ମମ ଭାବେ ହତ୍ୟା କରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଆଦର୍ଶ ଥାନା ଅଧୀନ ବଡ ଡାଇଭଙ୍ଗା ଗାଁରେ। ଗ୍ରାମର ରବି ଖିଲ ସ୍ତ୍ରୀ ସସ୍ମିତା ଖିଲଙ୍କୁ ପିଟି ପିଟି ମାରିଦେଇଥିବା ନବରଙ୍ଗପୁର ଆଦର୍ଶ ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଘରେ ସମସ୍ତେ ଶୋଇଥିଲେ। ରବିବାର ମଧ୍ୟାହ୍ନ ପର୍ଯ୍ୟନ୍ତ ସସ୍ମିତା ଘରୁ ନ ବାହାରିବାରୁ ଏ ନେଇ ପଡୋଶୀଙ୍କ ସନ୍ଦେହ ହୋଇଥିଲା। ସ୍ଥାନୀୟ ଲୋକେ ସସ୍ମିତା ଘରକୁ ଯାଇ ଦେଖିବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ତଳେ ପଡ଼ିଛି। ସ୍ୱାମୀ ରବି ସ୍ତ୍ରୀଙ୍କ ମୃତଦେହ ନିକଟରେ ବସି ରହିଥିଲେ। ସସ୍ମିତାଙ୍କ ଦେହସାରା କ୍ଷତ ବିକ୍ଷତ ଚିହ୍ନ ଥିବାବେଳେ ପେଟକୁ ଛତା ମୁନରେ ଭୁସି ଦେଇଥିବା ଦେଖିବାକୁ ମିଳିଥିଲା। ଫଳରେ ଗ୍ରାମବାସୀ ନବରଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ଅନୁଯାୟୀ, ରବିଙ୍କ ଘର ମାଲକାନଗିରି ଜିଲା କୋରୁକୁଣ୍ଡା ବ୍ଲକ ଡାଇକୱାନ ଗାଁରେ। ସେ ସସ୍ମିତାଙ୍କୁ ଭଲପାଇ ବିବାହ କରିଥିଲେ। ରବିଙ୍କ ୨ ପୁଅ ରୋହିତ (୧୧) ଓ ରିହାନ(୮)। ଶ୍ୱଶୁର କୁଶ ହନ୍ତାଙ୍କ ଦେହାନ୍ତ ପରେ ଶାଶୁ କାମିନୀ ହନ୍ତା ଓ ରବିଙ୍କ ପରିବାର ନନ୍ଦାହାଣ୍ଡି ବ୍ଲକ ବଡ଼ ଡାଇଭଟା ଗାଁରେ ଗତ ୬ ମାସ ହେବ ଆସି ରହୁଥିଲେ। ଶାଶୁ କାମିନୀ ଓ ସସ୍ମିତା ଦୁହେଁ ଇନ୍ଦ୍ରାବତୀ ପୋଲ ନିକଟ ୨୬ ନମ୍ବର ଜାତୀୟ ରଜପଥ କଡ଼ରେ ମକା ପୋଡି ବିକ୍ରି କରୁଥିଲେ। ରବି ସବୁବେଳେ ମଦ୍ୟପାନ କରୁଥିବାରୁ ସସ୍ମିତା ତାଙ୍କୁ ବିରୋଧ କରିଆସୁଥିଲେ। ଶନିବାର ରାତିରେ ରବି ପୁଣି ମଦ୍ୟପାନ କରି ରାତି ୧୦ଟାରେ ଘରକୁ ଫେରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ରବି ଉତ୍ତ୍ୟକ୍ତ ହୋଇ ସସ୍ମିତାଙ୍କୁ ଛତାରେ ବାରମ୍ବାର ଆକ୍ରମଣ କରିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି।

# ଟର୍ଚ୍ଚ ଲାଇଟରେ ଚିକିତ୍ସା

**କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ**

**ଭବାନୀପାଟଣା,୬।୮ (ଉତ୍ତମ କୁମାର ଦାଶ)**

ବିଦ୍ୟୁତ୍ ନ ଥିବାରୁ ଅନ୍ଧାରରେ ରୋଗୀଙ୍କୁ ଚିକିତ୍ସା କଲେ ଡାକ୍ତର। ଏହା କୌଣସି ଉପାନ୍ତ ଅଞ୍ଚଳରେ ନୁହେଁ, ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମୁଖ୍ୟ ଚିକିତ୍ସାଳୟରେ। ଶନିବାର ରାତିରେ ଏମ୍‌ସିଏଚ୍ ବିଲଡିଂ ପ୍ରସୂତି ଓ ଚିକିତ୍ସା ବିଭାଗ ୱାର୍ଡରେ ବିଦ୍ୟୁତ୍ ନ ଥିବାରୁ ଟର୍ଚ୍ଚ ଲାଇଟ୍‌ରେ ଡାକ୍ତର ଚିକିତ୍ସା କରିବା ଘଟଣା ରୋଗୀ ପରିଜନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ଏଭଳି ଅବ୍ୟବସ୍ଥା ଯୋଗୁ ଏମ୍‌ସିଏଚ୍ ବିଲଡିଂରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପ୍ରସୂତି ଓ ଶିଶୁ ଚିକିତ୍ସା ବିଭାଗରେ ବିଦ୍ୟୁତ୍ ନ ଥିବାରୁ ଟର୍ଚ୍ଚ ବ୍ୟବହାର କରି ଡାକ୍ତର ଚିକିତ୍ସା କରିଥିଲେ। କଳାହାଣ୍ଡି ଜିଲାର ଦୀର୍ଘ ଦିନର ଦାବି ପରେ ଶହୀଦ ରେଣ୍ଡୋ ମାଝିଙ୍କ ନାମରେ ମେଡିକାଲ କଲେଜ ସ୍ଥାପନ ହୋଇଛି। ଏଥିପାଇଁ ଆନୁଷାଙ୍ଗିକ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ କାର୍ଯ୍ୟ ହେବ। ୨୩-୨୪ ବର୍ଷ ପାଇଁ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଇଛି। କିନ୍ତୁ ଏଠାରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହୋଇପାରୁ ନ ଥିବାରୁ ଏହା କିଭଳି ସମ୍ଭବ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗିରିଶ ଚନ୍ଦ୍ର ରାଉତଙ୍କୁ ପଚାରିବାରୁ ଡିଜି (ଜେନେରେଟର) ହଠାତ ବ୍ୟାଟେରୀ ଫାଟି ଯିବାରୁ ଏପରି ଅସୁବିଧା ହୋଇଥିଲା। ବ୍ୟାଟେରି ଲଗାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ବୋଲି କହିଥିଲେ।



ଟର୍ଚ୍ଚ ଲାଇଟରେ ଚିକିତ୍ସା କରାଯାଉଛି।

# ସାଇବର ଅପରାଧର ତ୍ୱରିତ ମୁକାବିଲା କରିବ କ୍ରାଇମବ୍ରାଞ୍ଚ

- ୨୪ ଘଣ୍ଟିଆ ହେଲ୍ପ ଲାଇନ୍ ନମ୍ବର ଜାରି
- ଗୋଲ୍‌ଡେନ୍ ଟାଇମ୍‌ରେ ଟଙ୍କା ଫେରିବା ସହଜ ହେବ

**କଟକ,୬।୮ (କାର୍ତ୍ତିକ ସାହୁ)**

ସାଇବର ଅପରାଧ ମୁକାବିଲା ପାଇଁ ଓଡ଼ିଶା କ୍ରାଇମବ୍ରାଞ୍ଚ ୨୪ ଘଣ୍ଟିଆ ହେଲ୍ପ ଲାଇନ୍ ନମ୍ବର ୧୯୩୦ ଜାରି କରିଛି। ପୂର୍ବରୁ ଏହି ନମ୍ବର କେବଳ କାର୍ଯ୍ୟାଳୟ ଅବଧିରେ କାର୍ଯ୍ୟ କରୁଥିଲା। ହେଲେ ଏଣିକି ସାଇବର ଠକେଇର ଶିକାର ହେଉଥିବା ଲୋକମାନେ କାଳବିଳମ୍ବ ନ କରି ତତ୍‌କ୍ଷଣାତ୍ ଉକ୍ତ ନମ୍ବରରେ ଫୋନ୍ କରି ଅଭିଯୋଗ ଦରଜ କରିପାରିବେ। ରବିବାରଠାରୁ ଏହି ସେବା ଆରମ୍ଭ ହୋଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

ସୂଚନାନୁସାରେ, ସାଇବର ଠକେଇ ଦ୍ୱାରା ଅର୍ଥ ଲୁଟ୍‌କୁ ରୋକିବା ପାଇଁ ଏକ ସୁଇଫ୍ଟ ରିଆକ୍ସନ୍ ଟାଇମ୍ ରହିଛି ଯାହାକୁ ଗୋଲ୍‌ଡେନ୍ ଟାଇମ୍ ବୋଲି କୁହାଯାଉଛି। ଏହି ସମୟ ମଧ୍ୟରେ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ ପହଞ୍ଚିଲେ ଲୁଟ୍ ହୋଇଥିବା ଅର୍ଥ ଉଦ୍ଧାର ହେବା ସହଜ ହୋଇଥାଏ। ହେଲ୍ପ ଲାଇନ୍ କେନ୍ଦ୍ରରେ ବସିଥିବା ତାଲିମପ୍ରାପ୍ତ ପୋଲିସ କର୍ମଚାରୀମାନେ ସୂଚନା ପାଇଁ ଅଭିଯୋଗ ପ୍ରଦାନ କରୁଥିବା ବ୍ୟକ୍ତିଙ୍କୁ କିଛି ପ୍ରଶ୍ନ ପଚାରିବେ। ତା'ପରେ ପୋର୍ଟାଲ୍‌ରେ ସେମାନେ ଅଭିଯୋଗଟିକୁ ଦାଖଲ କରିବେ। ସେମାନଙ୍କ ଉପରିସ୍ଥ ଅଧିକାରୀ ଅଭିଯୋଗଟି ପାଇବା ମାତ୍ରେ ତୁରନ୍ତ ଠକେଇ କରିଥିବା ସାଇବର ଅପରାଧୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବ୍ଲକିଂ କରିଦେବେ। ଏହାଦ୍ୱାରା ଟଙ୍କା ଉକ୍ତ ଆକାଉଣ୍ଟରୁ ଅନ୍ୟତ୍ର ସ୍ଥାନାନ୍ତର ହେବାରୁ ରୋକାଯାଇ ପାରିବ। ଅର୍ଥ ସ୍ଥାନାନ୍ତର ହୋଇଯାଇଥିଲେ, ତୁରନ୍ତ ଅଭିଯୋଗ ଦାଖଲ କଲେ ତାହା ପୁଣି ଫେରିଆସିପାରିବ। ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ସୂଚନା ଆଧାରରେ ସେହି ଅପରାଧୀଙ୍କ ଟେଲିଫୋନ ନମ୍ବରକୁ ବ୍ଲକ୍ କରିଦିଆଯିବ, ଯଦ୍ୱାରା ଆଉ କୌଣସି ଅପରାଧ ଘଟିବ ନାହିଁ। ଡିଜିପି ସୁନୀଲ କୁମାର ବଂଶଲ ଉକ୍ତ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ସହ ଏହାକୁ ସୁଦୃଢ଼ କରିବା ନିମନ୍ତେ ଆବଶ୍ୟକ ମାନବ ସମ୍ବଳ ଯୋଗାଇ ଦେବା ନିମନ୍ତେ ଅନୁମୋଦନ କରିଥିଲେ। ତେବେ ରବିବାରଠାରୁ ଏହି ୨୪ ଘଣ୍ଟିଆ ହେଲ୍ପଲାଇନ୍ ନମ୍ବର କାର୍ଯ୍ୟକ୍ଷମ ହୋଇଛି। ଏଥିପାଇଁ ବୈଷୟିକ ଉନ୍ନତୀକରଣ ସହ ଅତିରିକ୍ତ ମାନବ ସମ୍ବଳ ସ୍ୱରୂପ ପୋଲିସ କର୍ମଚାରୀମାନେ ଯୋଗଦାନ କରିଛନ୍ତି।

ସୂଚନାଯୋଗ୍ୟ, ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ୨୦୨୧ରେ ଆରମ୍ଭ ହୋଇଥିଲା। ଏଥିରେ ଓଡ଼ିଶାର ଅର୍ଥନୈତିକ ସାଇବର ଅପରାଧର ସୂଚନା ପାଇଁ ୧୯୩୦ ହେଲ୍ପଲାଇନ୍ ନମ୍ବର ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏଭଳି ଅପରାଧର ଶିକାର ହେଉଥିବା ଲୋକମାନେ ଫୋନ୍ କରି ଅପରାଧ ସମ୍ପର୍କରେ ସୂଚନା ଦେଉଥିଲେ। ଏହି ହେଲ୍ପ ଲାଇନ୍ ନମ୍ବର ଓଡ଼ିଶା କ୍ରାଇମବ୍ରାଞ୍ଚ ଦ୍ୱାରା ପରିଚାଳିତ ହେଉଛି। ବର୍ତ୍ତମାନ ସୁଦ୍ଧା ୧ କୋଟି ୫୬ ଲକ୍ଷ ୬୮ ହଜାର ୫୬୯ ଟଙ୍କା ଲୁଟ୍‌ର ଶିକାର ହୋଇଥିବା ଲୋକଙ୍କ ଆକାଉଣ୍ଟକୁ ଫେରାଇ ଅଣାଯାଇଛି। ଏଥିସହ ୩ କୋଟି ୯୪ ଲକ୍ଷ ୨୬ ହଜାର ୧୦୭ ଟଙ୍କା ଲୁଟ୍ ହେବାରୁ ରୋକା ଯାଇପାରିଛି। ଆଗାମୀ ଦିନରେ ଅଧିକ ହେଲ୍ପଲାଇନ ନମ୍ବର ଯୋଡ଼ାଯିବା ସହ ଅଧିକ ତାଲିମପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ସହାୟତା କେନ୍ଦ୍ରରେ ନିଯୁକ୍ତି କରାଯିବାର ଯୋଜନା ରହିଛି। ଏହାଦ୍ୱାରା ସାଇବର ଅପରାଧର ଶିକାର ହେଉଥିବା ଲୋକମାନେ ସେମାନଙ୍କ ଅଭିଯୋଗ ପଞ୍ଜୀକରଣ ପାଇଁ ଲାଇନ୍‌ରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ଏନ୍‌ସିପିରେ ବିବାଦର ପ୍ରମାଣ ନାହିଁ

## ଇସିଙ୍କୁ ଜଣାଇଲା ପାୱାର ଗୋଷ୍ଠୀ

ନୂଆଦିଲ୍ଲୀ,୬।୮

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଅଜିତ ପାୱାର ଦଳୀୟ ନିର୍ବାଚନୀ ଚିହ୍ନ ପାଇଁ ଦାବି କରିବା ଅପରିପକ୍ୱତା ଓ ଦୁର୍ଭାବନାପୂର୍ଣ୍ଣ ବୋଲି ଶରଦ ପାୱାର ଗୋଷ୍ଠୀ ନିର୍ବାଚନ କମିଶନ (ଇସି)ଙ୍କୁ ଜଣାଇଛନ୍ତି। ଏନ୍‌ସିପିରେ ଦୁଇ ଗୋଷ୍ଠୀ ରହିଥିବାର ପ୍ରତିଫଳିତ ହେଉନାହିଁ କି ଏହାର କୌଣସି ପ୍ରମାଣ ନାହିଁ। ତେଣୁ ସେମାନଙ୍କ ଦାବି ପ୍ରତ୍ୟାଖ୍ୟାନ ହେବା ଆବଶ୍ୟକ ବୋଲି ପାୱାର ଗୋଷ୍ଠୀ କହିଛି। ଗତ ମାସରେ ଅଜିତ ପାୱାର ଓ ତାଙ୍କ ଅନୁଗତ ବିଧାୟକମାନେ ଭାଜପା-ଏକନାଥ ଶିନ୍ଦେ ମେଣ୍ଟରେ ସାମିଲ ହୋଇ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଶିନ୍ଦେଙ୍କ ଶିବସେନା ଗୋଷ୍ଠୀ ଭଳି ସେମାନେ ନିଜକୁ ପ୍ରକୃତ ଏନ୍‌ସିପି ଦାବି କରୁଛନ୍ତି। ଅଜିତ୍‌ଙ୍କ ନେତୃତ୍ୱରେ ଦଳୀୟ ବିଧାୟକମାନେ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇ ଦଳୀୟ ନାମ ଓ ନିର୍ବାଚନୀ ଚିହ୍ନ ଦାବି କରିଥିଲେ। ଗତ ଜୁନ୍ ୩୦ରେ ପ୍ରସ୍ତାବ ଗୃହୀତ ହୋଇ ଅଜିତ ପାୱାରଙ୍କୁ ଏନ୍‌ସିପି ମୁଖ୍ୟ ନିର୍ବାଚିତ କରାଯାଇଥିବା ସେମାନେ ନିର୍ବାଚନ କମିଶନଙ୍କୁ କହିଥିଲେ। ଉକ୍ତ ପ୍ରସ୍ତାବରେ ଦଳର ଅଧିକାଂଶ ସଦସ୍ୟ ସ୍ୱାକ୍ଷର କରିଥିବା ସେମାନେ ଦାବି କରିଥିଲେ। ତେବେ ଏନ୍‌ସିପିରେ ବିବାଦ ଥିବା ନେଇ ଅଜିତ ପ୍ରମାଣ ଦେଖାଇପାରି ନ ଥିଲେ। ତେଣୁ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଏବଂ ଅଜିତଙ୍କ ନେତୃତ୍ୱାଧୀନ ଏନ୍‌ସିପିରେ ବିବାଦ ଥିବା ନେଇ ନିର୍ବାଚନ କମିଶନ କୌଣସି ନିଷ୍ପତ୍ତି ନେଇପାରି ନାହାନ୍ତି। କାରଣ ଜୁଲାଇ ୧ ପୂର୍ବରୁ ଅଜିତ ଏନ୍‌ସିପି କିମ୍ବା ଶରଦ ପାୱାରଙ୍କ ବିରୋଧରେ କୌଣସି ଅଭିଯୋଗ ଆଣି ନ ଥିଲେ। ସେ ପାୱାରଙ୍କ ସହ କିମ୍ବା ଏନ୍‌ସପିର ଅନ୍ୟ କୌଣସି ନେତାଙ୍କ ସହ ବୈଠକ କରିବା ପାଇଁ ଅନୁରୋଧ ମଧ୍ୟ କରି ନ ଥିଲେ ବୋଲି ପାୱାର ଗୋଷ୍ଠୀ ଦାଖଲ କରିଥିବା ପିଟିଶନରେ ଉଲ୍ଲେଖ କରାଯାଇଛି। ଏଥିରୁ ଏନ୍‌ସିପିରେ ଗୋଷ୍ଠୀ ବିବାଦ ଥିବାର ପ୍ରମାଣ ନାହିଁ ବୋଲି ପାୱାର ଗୋଷ୍ଠୀ କହିଛନ୍ତି।



ଶରଦ ପାୱାର



ମହାରାଷ୍ଟ୍ରର ପୁଣେରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଏକ ମୋମେଣ୍ଟୋ ଉପହାର ଦେଉଛନ୍ତି ମୁଖ୍ୟମନ୍ତ୍ରୀ ଏକାନାଥ ଶିନ୍ଦେ ଏବଂ ୨ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଓ ଅଜିତ ପାୱାର।

## ୧୦ ବର୍ଷ ହେଲା କେବଳ ନକାରାତ୍ମକ ରାଜନୀତି



### ପ୍ରଧାନମନ୍ତ୍ରୀଙ୍କୁ ଖାର୍ଗେଙ୍କ ଜବାବ

ନୂଆଦିଲ୍ଲୀ,୬।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୦ ବର୍ଷ ହେଲା କେବଳ ନକାରାତ୍ମକ ରାଜନୀତି କରିଆସୁଛନ୍ତି ବୋଲି ରବିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସମାଲୋଚନା କରିଛନ୍ତି। ୫୦୮ ରେଳ ଷ୍ଟେଶନର ପୁନଃ ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ପ୍ରଧାନମନ୍ତ୍ରୀ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ନକାରାତ୍ମକ ରାଜୀନୀତି କଥା କହି 'ଭାରତ ଛାଡ଼' ଆହ୍ୱାନ ଦେଇଥିଲେ। ମୋଦିଙ୍କ 'ଭାରତ ଛାଡ଼' କଟାକ୍ଷକୁ ନେଇ ଖାର୍ଗେ କହିଛନ୍ତି, ଆପଣ ଗତ ୧୦ ବର୍ଷ ମଧ୍ୟରେ କେବଳ ବିଭାଜନବାଦର ନକାରାତ୍ମକ ରାଜନୀତି କରିଆସିଛନ୍ତି। ୩ ମାସ ହେଲା ମଣିପୁରରେ ଲାଗି ରହିଥିବା ହିଂସାକୁ ଆପଣ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ଆପଣଙ୍କ ବିଭାଜନବାଦୀ ରାଜନୀତି ସମ୍ପ୍ରଦାୟଗୁଡ଼ିକୁ ପରସ୍ପର ମଧ୍ୟରେ ଲଢ଼େଇ କରାଉଥିବାରୁ ୧୫୦ରୁ ଊର୍ଦ୍ଧ୍ୱ ଜଣଙ୍କ ଜୀବନ ଯିବା ସହ ଗୃହଯୁଦ୍ଧ ପରିସ୍ଥିତି ଉପୁଜିଛି। ସେହିପରି ହରିୟାଣାରେ କ'ଣ ଚାଲିଛି ତାହା ସମସ୍ତେ ଦେଖୁଛନ୍ତି।

# ଅକ୍ଟୋବର ୨୭ରେ ଜିଲାସ୍ତରରେ ହେବ ବିଶାଳ ସମାବେଶ

ଭୁବନେଶ୍ୱର,୬।୮(ଅନିଲ ଦାସ)

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ରବିବାର ଖୋର୍ଦ୍ଧା ଜିଲାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପିସି କାରବାର ବନ୍ଦ, ବେକାରଙ୍କୁ ନିଯୁକ୍ତି, ତୈଳ ଓ ନିତ୍ୟ ବ୍ୟବହାର୍ଯ୍ୟ ଦର ହ୍ରାସ, ପ୍ରତି ବ୍ଲକରେ ଶୀତଳଭଣ୍ଡାର, କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରି ବନ୍ଦ, ବିଦ୍ୟୁତ୍ ଦେୟ ହ୍ରାସ, ବାରମ୍ବାର ବିଦ୍ୟୁତ୍ କାଟ ବନ୍ଦ, ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ଜନଜାତିଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ପ୍ରଦାନ, ନାରୀ ନିର୍ଯାତନା ବନ୍ଦ ଓ ଆବାସ ଯୋଜନାରେ ପ୍ରିୟାପ୍ରୀତି ତୋଷଣ ପ୍ରସଙ୍ଗରେ ଆସନ୍ତା ୧୮ତାରିଖରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ପ୍ରତ୍ୟେକ ବ୍ଲକ ଘେରାଉ କାର୍ଯ୍ୟକ୍ରମ ପାଇଁ ଆହ୍ୱନ ଦେଇଛନ୍ତି । ଏହାକୁ ଖୋର୍ଦ୍ଧା ଜିଲାର ସମସ୍ତ ବ୍ଲକରେ ସଫଳତାର ସହ ପାଳନ କରାଯିବାକୁ କାର୍ଯ୍ୟକାରିଣୀରେ ନିଷ୍ପତ୍ତି ନିଆଯାଇଛି।

ଅକ୍ଟୋବର ୨୭ରେ ଖୋର୍ଦ୍ଧା ଜିଲାସ୍ତରରେ ଉକ୍ତ ପ୍ରସଙ୍ଗରେ ଏକ ବିଶାଳ ବିକ୍ଷୋଭର ଆୟୋଜନ କରାଯିବ। ଏଥିରେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ଏ. ଚେଲ୍ଲାକୁମାର ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଅତିଥିଭାବେ ଯୋଗ ଦେବାକୁ ନିମନ୍ତ୍ରଣ କରାଯିବ। ଏଥିସହିତ ଜିଲା କଂଗ୍ରେସର କର୍ମକର୍ତ୍ତାମାନେ ବୁଥ୍‌ସ୍ତରକୁ ଯାଇ କେନ୍ଦ୍ର ଓ ରାଜ୍ୟ ସରକାରର ଦୁର୍ବଳତା, କୁଶାସନ ଓ ଦୁର୍ନୀତି ସମ୍ପର୍କରେ ସଚେତନ କରାଇବେ। ୨୦୨୪ରେ ସାଧାରଣ ନିର୍ବାଚନ ପାଇଁ ତୃଣମୂଳ ସ୍ତରର କର୍ମୀଙ୍କୁ ଅଧିକ କ୍ରିୟାଶୀଳ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଜଟଣୀ ମ୍ୟୁନିସିପାଲିଟି ଏବଂ ଏହାର ଆଖପାଖ ପଞ୍ଚାୟତର ସାଧାରଣ ଜନତାଙ୍କ ପୈତୃକ ସମ୍ପତ୍ତି ଏକ ବନ୍ଦୋବସ୍ତ ଅଫିସରଙ୍କ ତ୍ରୁଟି ଯୋଗୁଁ ପ୍ରଭୁ ଜଗନ୍ନାଥଙ୍କ ଜମିରେ ପରିଣତ ହୋଇଯାଇଛି। ଏହାର ତୁରନ୍ତ ସମାଧାନ କରିବାକୁ କାର୍ଯ୍ୟକାରିଣୀ ରାଜ୍ୟ ସରକାରଙ୍କ ନିକଟରେ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଖୋର୍ଦ୍ଧା ଜିଲାରେ ବହୁ ସରକାରୀ, ବେସରକାରୀ ଶିଳ୍ପ ଏବଂ ବିଭିନ୍ନ ଅନୁଷ୍ଠାନ ଖୋଲିଥିଲେ ମଧ୍ୟ ସ୍ଥାନୀୟ ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତି ମିଳୁନାହିଁ। କାର୍ଯ୍ୟକାରିଣୀ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଉପରେ ପ୍ରାଧାନ୍ୟ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପ୍ରଥମେ ଜିଲା କଂଗ୍ରେସ ଉପସଭାପତି ତପନ ଚକ୍ରବର୍ତ୍ତୀ ଶୋକ ପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଖୋର୍ଦ୍ଧା ଜିଲା ପ୍ରଭାରୀ ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ ପୃଥିବୀ ବଲ୍ଲଭ ପଟ୍ଟନାୟକ, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସ, ପିସିସି ସମ୍ପାଦିକା କୁସୁମ ପ୍ରଧାନ, ବିଶ୍ୱକଲ୍ୟାଣୀ କର, ପୁଷ୍ପିତା ଦାସ ଏବଂ ଖୋର୍ଦ୍ଧା ଜିଲା କଂଗ୍ରେସର କର୍ମକର୍ତ୍ତା ପ୍ରଦୀପ ସ୍ୱାଇଁଙ୍କ ସମେତ ଜିଲାର ବହୁ ନେତା ଓ ପଦାଧିକାରୀଯୋଗ ଦେଇଥିଲେ।

### ଖୋର୍ଦ୍ଧା ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ




କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

# ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମନମୋହନ

## ଓଡ଼ିଶାର ୨୫ ରେଳଷ୍ଟେଶନର ଆଧୁନିକୀକରଣ

ଭୁବନେଶ୍ୱର,୬।୮(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଶାସନକୁ ଆସିବା ପରେ ନୂଆ ପ୍ରେରଣା ଓ ସଂକଳ୍ପ ସହିତ ଭାରତବର୍ଷ ବିକାଶ ପଥରେ ଆଗେଇ ଚାଲିଛି। 'ଅନ୍ତ୍ୟୋଦୟ'କୁ ପ୍ରାଧାନ୍ୟ ଦେଇ ଗରିବ କଲ୍ୟାଣ ପାଇଁ ସଂକଳ୍ପବଦ୍ଧ ମୋଦି ସରକାର ନିମ୍ନ ଓ ମଧ୍ୟବିତ୍ତଙ୍କ ଉତ୍ଥାନ ପାଇଁ ପ୍ରତିଶ୍ରୁତିବଦ୍ଧ । ବିଶେଷ ଭାବେ ସାଧାରଣ ଲୋକଙ୍କ 'ଲାଇଫ୍ ଲାଇନ୍' ପାଲଟିଥିବା ରେଳବାଇ କ୍ଷେତ୍ରର ବହୁ ବିକାଶ କାର୍ଯ୍ୟ ଗତ ୯ ବର୍ଷର ମୋଦି ସରକାର ଅମଳରେ କରାଯାଇଛି। ନୂତନ ରେଳପଥ ନିର୍ମାଣ, ବିଦ୍ୟୁତ୍‌କରଣ, ନୂତନ ରେଳ ଚଳାଚଳ ସହ ରେଳଯାତ୍ରୀଙ୍କ ଆରାମଦାୟକ ସୁବିଧାକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ 'ଅମୃତ ଭାରତ ଷ୍ଟେଶନ' ଯୋଜନା ଅନ୍ତର୍ଗତ ରବିବାର ସମଗ୍ର ଦେଶରେ ୫୦୮ ରେଳଷ୍ଟେଶନ ଆଧୁନିକୀକରଣର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ୨୪ ହଜାର ୪୭୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଓଡ଼ିଶାର ପ୍ରସ୍ତାବିତ ୫୭ଟି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୫ଟି ରେଳଷ୍ଟେଶନରେ ଶିଳାନ୍ୟାସ କରାଯାଇଛି । ରେଳବାଇ ବିକାଶ କ୍ଷେତ୍ରରେ ମୋଦି ସରକାର ଓଡ଼ିଶାକୁ ପ୍ରାଧାନ୍ୟ ଦେଇଥିବାରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଶାଢ଼ିରେ ବ୍ୟବହାର ହେଉଛି ପ୍ରାକୃତିକ ରଙ୍ଗ



ପ୍ରାକୃତିକ ରଙ୍ଗ ବ୍ୟବହାର ହୋଇଥିବା ସୂତାରେ ପ୍ରସ୍ତୁତ ପାଟ ଶାଢ଼ି।

ସୋନପୁର, ୬।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ପ୍ରାୟ ୨୦ ପ୍ରତିଶତ ଲୋକ ବୁଣାବୁଣି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ହାତବୁଣା ଲୁଗାର ଚାହିଦାକୁ ଦେଖି ସୁବର୍ଣ୍ଣପୁର ଜିଲାର ବୁଣାକାରମାନେ ଉନ୍ନତ ଡିଜାଇନ୍‌ର ପାଟଶାଢ଼ି ବୁଣୁଛନ୍ତି। ଏଠାକାର ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଶାଢିର ଚାହିଦା ଦେଶ ବିଦେଶରେ ରହିଛି। ଜିଲାର ବୁଣାକାରମାନେ ଗତ କିଛି ବର୍ଷ ହେବ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ପ୍ରାକୃତିକ ରଙ୍ଗରେ ରଙ୍ଗେଇ ହୋଇଥିବା ସୂତାରେ ଶାଢି ବୁଣିବା ଆରମ୍ଭ କରିଛନ୍ତି। ବୁଣାକାରଙ୍କ ହାତତିଆରି ବମକେଇ, ପାଟ ଓ ସୂତା ବୁଣା ଶାଢ଼ି ବେଶ୍ ପ୍ରସିଦ୍ଧ। ଅତି ପୁରାତନ କାଳରେ ବୁଣାକାରମାନେ ପ୍ରକୃତିରୁ ମିଳୁଥିବା ଫଳ, ଫୁଲ, ଗଛର ଛାଲି, ପତ୍ର ଓ ମଞ୍ଜିକୁ ସଂଗ୍ରହ କରି ସେଥିରୁ ସୂତା ରଙ୍ଗ କରୁଥିଲେ। ସେହି ସୂତାରୁ ବସ୍ତ୍ର ପ୍ରସ୍ତୁତ କରୁଥିଲେ। ସମୟକ୍ରମେ ରାସାୟନିକ ରଙ୍ଗର ପ୍ରବେଶ ପରେ ଏଗୁଡିକ ଧୀରେ ଧୀରେ ଲୋପ ପାଇଯାଇଥିଲା। ଆଧୁନିକତାର ଚାକଚକ୍ୟ ଭିତରେ ଏହାର ଚାହିଦା ମଧ୍ୟ କମିଗଲା। ତେବେ ରାସାୟନିକ ରଙ୍ଗ ବ୍ୟବହାର ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ଚର୍ମରୋଗ ହେଉଛି। ରାସାୟନିକ ରଙ୍ଗର ଅପକାରିତା ବିଷୟରେ ଲୋକମାନେ ଊଣାଅଧିକେ ଜାଣିଲେଣି। ତେଣୁ ବାନ୍ଧଶିଳ୍ପୀମାନେ ପୁଣି ପ୍ରକୃତିମୁହାଁ ହେଲେଣି। ବଜାର ଚାହିଦାକୁ ଅନୁଭବ କରି ବୟନଶିଳ୍ପ ବିଭାଗ ପକ୍ଷରୁ ବୀରମହାରାଜପୁର ବ୍ଲକ କେନ୍ଦୁପାଲିସ୍ଥିତ ମା' ପିତାବଳି ପ୍ରାକୃତିକ ବୁଣାକାର ସଂଘ ଆନୁକୂଲ୍ୟରେ ପାଟସୂତା ଉପରେ ପ୍ରାକୃତିକ ରଙ୍ଗ ତାଲିମ ଦିଆଯାଇଥିଲା। ତାଲିମ ପାଇ ବୁଣାକାରମାନେ ବିଭିନ୍ନ ରଙ୍ଗର ପାଟସୂତା ଦ୍ୱାରା ନିଜ ତନ୍ତଶାଳରେ ଶାଢ଼ି ବୁଣୁଛନ୍ତି। ବର୍ତ୍ତମାନ ବୀରମହାରାଜପୁରର କେନ୍ଦୁପାଲି ଓ ଟାଙ୍ଗରସାହିର ୧୦ରୁ ୧୨ ଗୋଟି ତନ୍ତରେ ପ୍ରାକୃତିକ ରଙ୍ଗ ସୂତାରେ ବୁଣାକାର୍ଯ୍ୟ ହେଉଛି। ଏହାର ଉତ୍ପାଦନ ମଧ୍ୟ ଆରମ୍ଭ ହୋଇଯାଇଛି। ବଜାର ଚାହିଦା ଦେଖି ଅନ୍ୟ ବୁଣାକାରମାନେ ମଧ୍ୟ ଅନୁକରଣ କରିବେ ବୋଲି ବୟନଶିଳ୍ପ ବିଭାଗ ଆଶା ରଖିଛି। ପ୍ରାକୃତିକ ରଙ୍ଗ ପଦ୍ଧତି ରାସାୟନିକ ରଙ୍ଗଠାରୁ ସମୟସାପେକ୍ଷ। କିନ୍ତୁ ଶରୀର ପାଇଁ ହିତକର। ପ୍ରକୃତିରୁ ମିଳୁଥିବା ରଙ୍ଗ ଯଥା ଗଙ୍ଗଶିଉଳି, ଗେଣ୍ଡୁଫୁଲ, ହରିଡ଼ା, ଅଁଳା ଭଳି ଫୁଲ ଓ ମଞ୍ଜିକୁ ସଂଗ୍ରହକରି ରଙ୍ଗ ବାହାର କରାଯାଉଛି। ମାଷ୍ଟର ଟ୍ରେନର ତଥା ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ମଙ୍ଗୁଲୁ ମେହେର ପାଟସୂତାକୁ କିପରି ରଙ୍ଗ କରିବ ଓ ସେହି ସୂତାରେ ପାଟ ବୁଣାଯିବ ସେ ନେଇ ବୁଣାକାରମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ବୀରମହାରାଜପୁର ବ୍ଲକ ରଥପୁରର ମହିଳା ବୁଣାକାର ପଦ୍ମାବତୀ ମେହେର, ଟାଙ୍ଗରସାହିର ନମିତା ମେହେର ଓ ଯଶୋବନ୍ତୀ ମେହେର କୁହନ୍ତି, ଆମେ କିଛି ମାସ ହେବ ପ୍ରାକୃତିକ ରଙ୍ଗ ଦ୍ୱାରା ରଙ୍ଗ କରାଯାଇଥିବା ସୂତାରେ ଲୁଗା ବୁଣୁଛୁ। ଏହି ଶାଢୀର ଚାହିଦା ଅଧିକ ରହୁଛି।



ପାଟସୂତାକୁ ପ୍ରାକୃତିକ ରଙ୍ଗ ଦ୍ୱାରା ରଙ୍ଗିନ କରାଯାଇଛି ।

## ଆଜି ଜାତୀୟ ହସ୍ତତନ୍ତ ଦିବସ

**ପୋଷାକକୁ ନେଇ ବିଭିନ୍ନ ବର୍ଗର ଲୋକଙ୍କର ଭିନ୍ନ ଭିନ୍ନ ପସନ୍ଦ ରହିଥିଲେ ମଧ୍ୟ ହାତବୁଣା ବା ହସ୍ତତନ୍ତ ବସ୍ତ୍ରର ଚାହିଦା ଯଥେଷ୍ଟ ଅଧିକ। ବୁଣାକାରମାନେ ସୂତାକୁ ସୂତାରେ ଛନ୍ଦି, ରଙ୍ଗକୁ ରଙ୍ଗରେ ମିଶେଇ ଏହି ବସ୍ତ୍ର ପ୍ରସ୍ତୁତ କରନ୍ତି। ପୁରାତନ କାଳରେ ପେଟ ପୋଷିବାର ଏହା ଏକ ମାଧ୍ୟମ ହୋଇଥିଲା। ହେଲେ ଏବେ ଏହାକୁ କଳା ଭାବେ ବିବେଚନା କରାଯିବା ସହ ସ୍ୱୀକୃତି ବି ମିଳିଛି। ବୁଣାକାରଙ୍କ ପରିଶ୍ରମ ଓ କଳାକୁ ସମ୍ମାନ ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି। ଏହି ଅବସରରେ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା...**



# ଜାତୀୟସ୍ତରର ବାନ୍ଧଶିଳ୍ପୀ ପ୍ରହଲ୍ଲାଦ ମେହେର

ସୋନପୁର, ୬।୮(ମୃତ୍ୟୁଞ୍ଜୟ ଶତପଥୀ)

ଦେଶ ବିଦେଶରେ ହସ୍ତତନ୍ତ କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲାର ପ୍ରସିଦ୍ଧି ରହିଛି। ପ୍ରହଲ୍ଲାଦ ମେହେର(୬୨) ଏହି ଜିଲାର ଜଣେ ପ୍ରସିଦ୍ଧ ବାନ୍ଧଶିଳ୍ପୀ। ସୁବର୍ଣ୍ଣପୁର ସହର ଷ୍ଟେଟ୍‌ବ୍ୟାଙ୍କ୍ ରୋଡ୍‌ରେ ତାଙ୍କ ଘର। କୌଳିକ ବୃତ୍ତି ଭାବେ ଛୋଟବେଳୁ ବାନ୍ଧକଳାକୁ ସେ ଆପଣେଇ ନେଇଛନ୍ତି। ଗତ ୫୦ ବର୍ଷ ଧରି ବୟନ, ବାନ୍ଧକଳା ଓ ଡିଜାଇନିଂରେ ସେ ସମର୍ପିତ। ସବୁବେଳେ କିଛି ନୂଆ ଏବଂ ସ୍ୱତନ୍ତ୍ର କରିବା ପାଇଁ ସେ ଚେଷ୍ଟା କରିଥାନ୍ତି। ଜଗନ୍ନାଥାଷ୍ଟକମ୍, ସୌରାଙ୍ଗିନୀ ଓ ଚକ୍ରବ୍ୟୁହ ଭଳି ଅନେକ ଶାଢ଼ି ବୁଣି ସେ ପ୍ରଶଂସା ସାଉଣ୍ଟିଛନ୍ତି। ସେଥିପାଇଁ ପ୍ରହଲ୍ଲାଦଙ୍କୁ ଜାତୀୟ, ରାଜ୍ୟସ୍ତରରେ ଅନେକ ସମ୍ମାନ ଓ ପୁରସ୍କାର ମିଳିଛି। ସେ ନିଜେ ଗ୍ରାଫିକ୍ସ ଡିଜାଇନିଂ କରିବା ସହ ନିଜର ସୂକ୍ଷ୍ମ ବାନ୍ଧ କାରିଗରି କଳା ଦ୍ୱାରା ସୁନ୍ଦର ସିଲ୍‌କି ଶାଢ଼ି, କାନ୍ଥଝୁଲା ଆଦି ବୁଣନ୍ତି। ୨୦୨୨ରେ ଦିଲ୍ଲୀର ଅଶୋକା ହୋଟେଲରେ ଆୟୋଜିତ ଅଷ୍ଟମ ଜାତୀୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ପ୍ରହଲ୍ଲାଦ ୨୦୧୮ ମସିହା ପାଇଁ ସନ୍ଥ କବିର ସମ୍ମାନରେ ସମ୍ମାନିତ ହୋଇଥିଲେ। କେନ୍ଦ୍ର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ହସ୍ତତନ୍ତ ଓ ବୟନ କଳାକୃତି ବମକେଇ ପାଟଶାଢ଼ି ଡିଜାଇନିଂ ପାଇଁ ପୁରସ୍କୃତ ହୋଇଥିଲେ। ୨୦୦୪ରେ ତତ୍କାଳୀନ ରାଷ୍ଟ୍ରପତି ଅବ୍‌ଦୁଲ କଲାମ ତାଙ୍କୁ ଜାତୀୟସ୍ତର ପୁରସ୍କାରରେ ସମ୍ମାନିତ କରିଥିଲେ। ୨୦୦୩ରେ ରାଜ୍ୟସ୍ତରୀୟ ସମ୍ମାନ, ୨୦୧୩ରେ ବୟନିକା ପକ୍ଷରୁ ବେଷ୍ଟ ପ୍ରଡକ୍ଟ ଆୱାର୍ଡ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏମିନେଣ୍ଟ ପର୍ସନ ଆୱାର୍ଡ ଭଳି ଅନେକ ସମ୍ମାନ ତାଙ୍କୁ ମିଳିଛି। ସୂକ୍ଷ୍ମ ସୂତାରେ ଟାଏ ଓ ଡାଏରେ ବୁଣାବୁଣି, ପାଟଶାଢ଼ିର ଗ୍ରାଫ୍ ଡିଜାଇନ ଓ ପ୍ରସ୍ତୁତି ସବୁଥିରେ ସେ ପାରଙ୍ଗମ। ବସ୍ତ୍ର ମାଧ୍ୟମରେ କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ଏ ସମ୍ପର୍କରେ ପ୍ରହଲ୍ଲାଦ କୁହନ୍ତି, ବାପା ଖଗେଶ୍ୱରଙ୍କ ନିକଟରୁ କୌଳିକ ବୃତ୍ତି ଭାବେ ବାନ୍ଧକଳା ଶିଖିଥିଲେ। ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ମାତ୍ର ୧୨ ବର୍ଷ ବୟସରୁ ସେ ଏହି କାର୍ଯ୍ୟ କରିଆସୁଛନ୍ତି। ଏଥିରେ ପରିବାର ଲୋକେ ତାଙ୍କୁ ସହଯୋଗ କରୁଛନ୍ତି। ନିଜେ ରୋଜଗାରକ୍ଷମ ହେବା ସହିତ ୨୦୦୮ ମସିହାରୁ ପଟାଭାଡିରେ ଡିଜାଇନ୍ ଡେଭେଲପ୍‌ମେଣ୍ଟ ସେଣ୍ଟର ଖୋଲି ୨୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାରକୁ କର୍ମସଂସ୍ଥାନ ଯୋଗାଇ ଆସୁଛନ୍ତି। କୃଷି ପରେ ହସ୍ତତନ୍ତ ଦ୍ୱାରା ସୁବର୍ଣ୍ଣପୁର ଜିଲାର ଅଧିକ ଲୋକ ଜୀବିକା ନିର୍ବାହ କରିଆସୁଛନ୍ତି। ତେଣୁ ଜିଲାରେ ଅନ୍ତର୍ଜାତୀୟ ହସ୍ତତନ୍ତ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ସେ ଦାବି କରିଛନ୍ତି। ଏପରି କି ଗତ ଜୁଲାଇ ୪ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ ସମୟରେ ମେହେର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସଚିବଙ୍କୁ ଏ ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

**ବୟନ, ବାନ୍ଧକଳା ଓ ଡିଜାଇନିଂରେ ସମର୍ପିତ**



ବୁଣାକାର ପ୍ରହଲ୍ଲାଦ ମେହେର ନିଜ ଦ୍ୱାରା ପ୍ରସ୍ତୁତ ଚକ୍ରବ୍ୟୂହ ସିଲ୍‌କି ପାଟଶାଢ଼ି ପ୍ରଦର୍ଶନ କରୁଛନ୍ତି ।



# ସରକାରଙ୍କୁ ରିଲାଏନ୍ସର ଟିକସ

# ୩ ବର୍ଷରେ ୫ ଲକ୍ଷ କୋଟିରୁ ଅଧିକ

ନୂଆଦିଲ୍ଲୀ,୬।୮: (ଅଭୟ ଦାଶ)




ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଆରଆଇଏଲ)ର ବାର୍ଷିକ ଫଳାଫଳ ରିପୋର୍ଟ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ, ଆରଆଇଏଲ ବିଗତ ତିନି ବର୍ଷରେ ମୋଟ ୫.୬୫୩ ଲକ୍ଷ କୋଟି ଟଙ୍କା ସରକାରୀ ରାଜକୋଷରେ ଜମା କରିଛି। ବିଶେଷ କରି କମ୍ପାନୀର ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ସମେତ ସ୍ପେକ୍ଟ୍ରମ୍ ଉପଯୋଗ ଶୁଳ୍କ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆରଆଇଏଲ ଏହି ଟଙ୍କା ସରକାରୀ ରାଜକୋଷର ଜମା କରିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀ ସରକାରୀ ରାଜକୋଷରେ ୧.୭୭ ଲକ୍ଷ କୋଟି ଟଙ୍କା ଜମା କରିଛି। ଏପରିକି କମ୍ପାନୀର ୪୬ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପୂର୍ବରୁ ଜାରି କରାଯାଇଥିବା ବାର୍ଷିକ ରିପୋର୍ଟରୁ ଏହି ତଥ୍ୟ ଜଣାପଡ଼ିଛି। କମ୍ପାନୀର ବାର୍ଷିକ ସାଧାରଣ ବୈଠକ ଅଗଷ୍ଟ ୨୮ରେ ଅନୁଷ୍ଠିତ ହେବାକୁ ଯାଉଛି। ବିଗତ ୩ବର୍ଷରେ ରିଲାଏନ୍ସ ସରକାରୀ ରାଜକୋଷରେ ଯେତିକି ଟଙ୍କା ଜମା କରିଛି, ତାହା ଭାରତ ସରକାରଙ୍କ ମୋଟ ବଜେଟ୍ ବ୍ୟୟର ୫% ରୁ ଅଧିକ ବୋଲି ଆକଳନ କରାଯାଉଛି। ସେହିପରି ୨୦୨୧-୨୦୨୨ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୧.୮୮ ଲକ୍ଷ କୋଟି ଟଙ୍କାର ଟିକସ ସରକାରୀ ରାଜକୋଷରେ ଜମା କରିଥିଲା। ଅପରପକ୍ଷରେ କମ୍ପାନୀ ପ୍ରତି ବର୍ଷ ନୂତନ ନିଯୁକ୍ତି ଦେଉଥିବାବେଳେ ନିଯୁକ୍ତି ପ୍ରଦାନ କରିବାରେ ମଧ୍ୟ ରିଲାଏନ୍ସ ଏକ ନମ୍ବର ସ୍ଥାନରେ ରହିଛି। ଏପରିକି କମ୍ପାନୀର ବାର୍ଷିକ ରିପୋର୍ଟ ଅନୁଯାୟୀ ୨୦୨୨-୨୩ ଆର୍ଥିକ ବର୍ଷରେ ରିଲାଏନ୍ସ ୯୫,୧୬୭ ନୂଆ ନିଯୁକ୍ତି ସୃଷ୍ଟି କରିଥିଲା। ତାହାକୁ ମିଶାଇ ରିଲାଏନ୍ସର ମୋଟ କର୍ମଚାରୀ ସଂଖ୍ୟା ୩.୮୯ ଲକ୍ଷକୁ ବୃଦ୍ଧି ପାଇଛି । ସେଥିରୁ ୨.୪୫ ଲକ୍ଷ ଲୋକ ରିଲାଏନ୍ସ ରିଟେଲ୍‌ରେ ନିୟୋଜିତ ରହିଛନ୍ତି, ରିଲାଏନ୍ସ ରିଟେଲ୍ ଦେଶର ସବୁଠୁ ବଡ଼ ନିଯୁକ୍ତିଦାତା ଭାବେ ଉଭା ହୋଇଛି। ରିଲାଏନ୍ସ ଜିଓରେ ୯୫ ହଜାରରୁ ଅଧିକ ଲୋକ କାମ କରୁଛନ୍ତି। ଲଗାତର ତୃତୀୟ ବର୍ଷ ପାଇଁ ରିଲାଏନ୍ସ ହଜାର ହଜାର ନୂଆ ନିଯୁକ୍ତି ସୃଷ୍ଟି କରିଛି, କୋଭିଡ୍ ମହାମାରୀ ସମୟରେ ମଧ୍ୟ କମ୍ପାନୀ ୭୫ ହଜାର ନୂଆ ନିଯୁକ୍ତି ସୃଷ୍ଟି କରିଥିଲା। କମ୍ପାନୀର ବାର୍ଷିକ ରିପୋର୍ଟ ଅନୁସାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଲଗାତର ତୃତୀୟ ବର୍ଷ ପାଇଁ କୌଣସି ଦରମା ନେଇ ନାହାନ୍ତି। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଇଣ୍ଡଷ୍ଟ୍ରି ଦେଶର ସର୍ବାଧିକ ଟିକସ ଦେଉଥିବା କମ୍ପାନୀ ଭାବେ ପରିଗଣିତ ହୋଇଥାଏ।

## ପୋକୋ ପଡ୍‌ସର ଶୁଭାରମ୍ଭ

ଭୁବନେଶ୍ୱର,୬।୮

ପୋକୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ନୂତନ ଉତ୍ପାଦ 'ପୋକୋ ପଡ୍‌ସ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡର ଉକ୍ତ ଉତ୍ପାଦର ବଜାର ପ୍ରବେଶ ସହ ଟିଡବ୍ଲ୍ୟୁଏସ୍ ସେଗ୍‌ମେଣ୍ଟରେ ମଧ୍ୟ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ପୋକୋ ଇଣ୍ଡିଆର କଣ୍ଟ୍ରି ହେଡ୍ ହିମାଂଶୁ ଟଣ୍ଡନ କହିଛନ୍ତି, ପ୍ରତ୍ୟେକ ଭାରତୀୟଙ୍କୁ ପ୍ରିମିୟମ ଟେକ୍ନୋଲୋଜି ଯୋଗାଇବା ସହିତ ଭାରତୀୟ ଏଆଇଓଟି କ୍ଷେତ୍ରରେ ମଧ୍ୟ ପ୍ରବେଶ କରିଛୁ। ବିଶେଷ କରି ପୋକୋ ପଡ୍‌ଗୁଡିକ ଅତ୍ୟାଧୁନିକ ଉଦ୍ଭାବନ, ବାଧାହୀନ ସଂଯୋଗ ଓ ଅତୁଳନୀୟ ଅଡିଓ ପ୍ରଦର୍ଶନର ଏକ ଉପଯୁକ୍ତ ସମ୍ମିଶ୍ରଣ। ଅପରପକ୍ଷରେ ପୋକୋ ପଡ୍‌ସ ୧୨ଏମ୍‌ଏମ୍ ଡ୍ରାଇଭର ସହ ସୁସଜ୍ଜିତ ରହିଛି, ଏହାକୁ ଠିକ୍ ବାସ୍ ପ୍ରଦର୍ଶନ ପ୍ରଦାନ କରିବା ପାଇଁ ଉତ୍କୃଷ୍ଟ ଭାବେ ଟ୍ୟୁନ୍ କରାଯାଇଛି, ଯାହା ଉପଭୋକ୍ତାଙ୍କୁ ସମୃଦ୍ଧ, ସ୍ୱଷ୍ଟ ଓ ଠିକ୍ ସାଉଣ୍ଡରେ ନିମଜ୍ଜିତ କରୁଛି।

## ଡା.ସୋନମୁନ୍‌ଙ୍କୁ 'ଏଣ୍ଡୋସ୍କୋପି ପ୍ଲିନାରୀ ଆୱାର୍ଡ'

ଭୁବନେଶ୍ୱର,୬।୮



ସୋନମୁନ୍ ମହାପାତ୍ର

ଓଡ଼ିଶାର ପ୍ରତିଭାବନ ଯୁବ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା. ସୋନମୁନ୍ ମହାପାତ୍ରଙ୍କୁ ନିକଟରେ ଆଉ ଏକ ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଆମେରିକାନ୍ ସୋସାଇଟି ଅଫ୍ ଜିଆଇ ଏଣ୍ଡୋସ୍କୋପି ଆନୁକୂଲ୍ୟରେ ଆୟୋଜିତ ଡାଇଜେଷ୍ଟିଭ ଡିଜିଜ୍ ୱିକ-୨୦୨୩ ଅବସରରେ ଡା.ସୋନମୁନ୍ ଯୁକ୍ତରାଷ୍ଟ୍ର ଆମେରିକାରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଚିକାଗୋ ସହରଠାରେ ଆମେରିକାନ୍ ସୋସାଇଟି ଅଫ୍ ଜିଆଇ ଏଣ୍ଡୋସ୍କୋପି ପକ୍ଷରୁ ଆୟୋଜିତ ଏକ ସମ୍ମାନ ସମାରୋହ ଉତ୍ସବରେ ଏଣ୍ଡୋସ୍କୋପି ଭିଡିଓ ବିଭାଗର ଉତ୍କୃଷ୍ଟ ନିଦର୍ଶନ ପାଇଁ ଡା.ସୋନମୁନ ମହାପାତ୍ରଙ୍କୁ 'ଏଣ୍ଡୋସ୍କୋପି ପ୍ଲିନାରୀ ଆୱାର୍ଡ'ରେ ସମ୍ମାନିତ କରାଯାଇଥିଲା। ବିଶେଷ କରି ବହୁତ କମ୍ ଭାରତୀୟ ଡକ୍ଟରଙ୍କୁ ଏହି ସମ୍ମାନ ମିଳିଛି। ଡା.ସୋନମୁନ ମହାପାତ୍ର ସମ୍ପ୍ରତି ଭୁବନେଶ୍ୱରସ୍ଥିତ ସାଇ ଇନଷ୍ଟିଚ୍ୟୁଟ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ ଲିଭର ସାଇନ୍ସରେ ରୋଗୀ ସେବା ଯୋଗାଉଛନ୍ତି। ସୂଚନାଯୋଗ୍ୟ, ଡା. ସୋନମୁନ୍ ମହାପାତ୍ର ଯୁକ୍ତରାଷ୍ଟ୍ର ଆମେରିକାର ପ୍ରସିଦ୍ଧ ମାୟୋ କ୍ଲିନିର ଅତ୍ୟାଧୁନିକ ଏଣ୍ଡୋସ୍କୋପି ବିଭାଗ ଉପରେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ଲାଭ କରିଛନ୍ତି।

## ଟିପିସିଓଡିଏଲ୍‌ର ବ୍ୟାପକ ଗଣ ଅଭିଯାନ

ଭୁବନେଶ୍ୱର,୬।୮

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ(ଟିପିସିଓଡିଏଲ୍)ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ ତଥା ବ୍ୟାପକ ଗଣ ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଭରସାଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ କମ୍ପାନୀ ପକ୍ଷରୁ ବ୍ୟାପକ ପଦକ୍ଷେପ ସହ ଭିତ୍ତିଭୂମିକୁ ସୁଦୃଢ଼ କରିବା ଆଦିରେ ଉଲ୍ଲେଖନୀୟ ନିବେଶ କରାଯାଇଛି। ଏପରିକି କମ୍ପାନୀ ବ୍ୟାପକ ଭିତ୍ତିଭୂମିର ବିକାଶ, ପ୍ରଯୁକ୍ତି ଉନ୍ନତୀକରଣ ଓ ଉନ୍ନତ ଗ୍ରାହକ ସେବା ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସହ ଆଗକୁ ବଢୁଛି, ଏତେ ସବୁ ଉଦ୍ୟମ ସତ୍ତ୍ୱେ ଅନୈତିକ ବିଦ୍ୟୁତ ଚୋରି ଯୋଗୁ କମ୍ପାନିକୁ ବିପୁଳ କ୍ଷତି ସହିବାକୁ ପଡୁଛି। ସେହିଭଳି ନିଷ୍ଠାବାନ ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ବେଆଇନ ହୁକ ପକାଇବା ଘଟଣାକୁ ରୋକିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ଗଣ ଅଭିଯାନ କାର୍ଯ୍ୟକାରୀ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଦ୍ୱାରା ବେଆଇନ ସଂଯୋଗକୁ ବିଚ୍ଛିନ୍ନ କରାଯିବା ସହିତ ଯେଉଁମାନେ ଯଥାର୍ଥତା ସହ ପେମେଣ୍ଟ କରୁଛନ୍ତି, ସେମାନଙ୍କ ପାଖକୁ ବିଦ୍ୟୁତ ପହଞ୍ଚାଯାଉଛି। ଅପରପକ୍ଷରେ ବ୍ୟାପକ ମିଟର ଯାଞ୍ଚ, ଓ୍ୟାରିଂର ଅନୁଶୀଳନ ଏବଂ ଭୁଲ କାମ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭଳି ପଦକ୍ଷେପ ନିଆଯାଉଛି। ଉପରୋକ୍ତ କାର୍ଯ୍ୟକ୍ରମଗୁଡିକ ଜରିଆରେ ଟିପିସିଓଡିଏଲ୍ ଚୋରିକୁ ହ୍ରାସ କରିଥିବା ବେଳେ ହାରାହାରି ବୈଷୟିକ ଓ ବାଣିଜ୍ୟିକ (ଏଟିଆଣ୍ଡ୍‌ସି) କ୍ଷତିକୁ କମ୍ କରିପାରିଛି, ଫଳରେ ନିଷ୍ଠାବାନ ଗ୍ରାହକଙ୍କ ଉପରୁ ଆର୍ଥିକ ବୋଝ ହାଲୁକା କରାଯାଇପାରିଛି। ଏଭଳି ଘଟଣା ବିଷୟରେ ହ୍ୱାଟସ୍‌ଆପ୍ (୯୪୩୭୧୫୮୬୭୦), ଇମେଲ୍ କିମ୍ବା ଟିପିସିଓଡିଏଲ୍‌ର ମିତ୍ର ଆପ୍ ଜରିଆରେ ସୂଚନା ପ୍ରଦାନ କରି ହେବ। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଏନ୍‌ଏମ୍‌ଡିସିର ନୂଆ ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର,୬।୮




ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତଥା ଲୁହାପଥର ଉତ୍ପାଦନକାରୀ କମ୍ପାନୀ ଏନ୍‌ଏମ୍‌ଡିସିର ନୂତନ ଲୋଗୋ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଓ ଇସ୍ପାତ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଇସ୍ପାତ ସଚିବ ନଗେନ୍ଦ୍ର ନାଥ ସିହ୍ନା,ଏନ୍‌ଏମ୍‌ଡିସିର ସିଏମ୍‌ଡି (ଇନଚାର୍ଜ) ଅମିତାଭ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ,କ୍ରମାଗତ ୨ୟ ବର୍ଷ ଲାଗି କମ୍ପାନୀ ରେକର୍ଡ ପରିମାଣ (୪୦ନିୟୁତ)ର ଉତ୍ପାଦନ ସାଙ୍ଗକୁ ନୂତନ ମାଇଲଖୁଣ୍ଟ ହାସଲ କରିବା ପରିପ୍ରେକ୍ଷୀରେ କମ୍ପାନୀର ନୂଆ ଲୋଗୋ ଉନ୍ମୋଚିତ ହୋଇଥିଲା। ବିଶେଷ କରି ଏହା ଏନ୍‌ଏମ୍‌ଡିସିର ଭବିଷ୍ୟତ ସମ୍ଭାବନା ଓ ଦୃଢ଼ତାକୁ ପ୍ରତିଫଳିତ କରୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ସ୍ମାର୍ଟ ଖଣି ଖନନ ପାଇଁ ଏକ ଦୃଢ଼ ଡିଜିଟାଲ୍ ରୋଡ୍‌ମ୍ୟାପ୍‌କୁ ନେଇ କମ୍ପାନୀ ଏନ୍‌ଏମ୍‌ଡିସି-୨.୦ ଆଡ଼କୁ ଅଗ୍ରସର ହୋଇଛି।

ଏ ସମ୍ପର୍କରେ ସିନ୍ଧିଆ କହିଛନ୍ତି, ଏହି ରୂପାନ୍ତରଣ ଯାତ୍ରାରେ ଭାରତର ସର୍ବବୃହତ ଲୁହାପଥର କମ୍ପାନୀ ଭାବେ ଏନ୍‌ଏମ୍‌ଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ବାର୍ଷିକ ୪୦ ନିୟୁତ ଟନ୍ ଉତ୍ପାଦନ ସହ ଭାରତର ଲୁହାପଥର ଉତ୍ପାଦନ ପ୍ରତି ପ୍ରାୟ ୧୬% ଯୋଗଦାନ ପ୍ରଦାନ କରୁଛି। ସେହିଭଳି କେନ୍ଦ୍ର ଇସ୍ପାତ ସଚିବ ନଗେନ୍ଦ୍ରନାଥ ସିହ୍ନା କହିଛନ୍ତି ,ଏହା କେବଳ ଶିଳ୍ପ ଅଭିଳାଷଠାରୁ ଆଗକୁ ବଢ଼ି ପ୍ରକୃତି ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଗଢ଼ିବାକୁ ଆଗେଇ ଆସିଛି। ସେହିପରି ଏନ୍‌ଏମ୍‌ଡିସିର ସିଏମ୍‌ଡି ଅମିତାଭ ମୁଖାର୍ଜୀ କହିଛନ୍ତି, ନୂଆ ଲୋଗୋ ଆମ ଐତିହ୍ୟ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଆମେ ନୀଳ ରଙ୍ଗକୁ ରଖିଛୁ,ଯାହା ବିଗତ ଦଶନ୍ଧିଗୁଡ଼ିକରେ ଆମେ ହାସଲ କରିଥିବା ଦ୍ରୁତ ଓ ବିଶ୍ୱସନୀୟତାକୁ ଦର୍ଶାଉଛି।

## ସହଭାଗିତା ଜରିଆରେ ସଚେତନତା

ଭୁବନେଶ୍ୱର,୬।୮

ଦେଶର ପ୍ରମୁଖ ଫାର୍ମାସ୍ୟୁଟିକାଲ୍ କମ୍ପାନୀ 'ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍' ଏବଂ ଅନ୍ତଃରାଷ୍ଟ୍ରୀୟ ହେଲଥ ପ୍ଲାଟଫର୍ମ ଓମରନ ହେଲ୍‌ଥ କେୟାର ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ବିଶେଷ କରି ୧୮ବର୍ଷରୁ ଅଧିକ ଯୁବଗୋଷ୍ଠୀଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କର ରକ୍ତଚାପ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଉଭୟ କମ୍ପାନୀ ମଧ୍ୟରେ ସହଭାଗିତା ହୋଇଛି ବୋଲି କୁହାଯାଇଛି। ଏ ସମ୍ପର୍କରେ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ହେଡ୍ ଅଫ୍ ଇଣ୍ଡିଆ ଫର୍ମୁଲେସନ୍ସ ଆଲୋକ ମଲିକ କହିଛନ୍ତି, ଉଚ୍ଚ ରକ୍ତଚାପ ଚିକିତ୍ସା ଉପରେ ସକରାତ୍ମକ ପ୍ରଭାବ ପକାଇବା ପାଇଁ ଆମେ ଓମରନ ହେଲଥ କେୟାର ଇଣ୍ଡିଆ ସହ ସହଭାଗିତା କରିଛୁ। ଏପରିକି ଉଚ୍ଚ ରକ୍ତଚାପ ଏବଂ ପ୍ରାରମ୍ଭିକ ରକ୍ତଚାପ ସ୍କ୍ରିନିଂ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛି। ବିଶେଷ କରି ଉଚ୍ଚ ରକ୍ତଚାପ ଜନିତ ରୋଗରେ ପୀଡିତଙ୍କ ସଂଖ୍ୟା ପ୍ରାୟ ୧୦ରୁ ୩୦%(୪୦ ବର୍ଷ ବୟସ ଯୁବଗୋଷ୍ଠୀ)କୁ ବୃଦ୍ଧି ଘଟିଛି। ଦେଶରେ ମିଳିତ ଭାବେ ଆମେ ଅଳ୍ପ ବୟସରୁ ସେମାନଙ୍କ ସ୍ୱାସ୍ଥ୍ୟକୁ ସକ୍ରିୟ ଭାବେ ସୁରକ୍ଷିତ ରଖିବା ପାଇଁ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ଓମରନ ହେଲଥ କେୟାର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଟେଟ୍ସୁୟା ୟାମଡା କହିଛନ୍ତି, ଚେକ ଚାର୍ଜ ୧୮ ଅଭିଯାନ ପାଇଁ ଆମେ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ସହ ସହଭାଗିତା କରିଛୁ, ଏପରିକି ଆମର ଘରୋଇ ରକ୍ତଚାପ ନିରୀକ୍ଷଣ ସହ ଜିରୋକୁ ଯିବା ପାଇଁ ଆମର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭାବେ ଉଚ୍ଚ ରକ୍ତଚାପ ଜନିତ ରୋଗ ଯଥା ଷ୍ଟ୍ରୋକ୍ ଏବଂ ହୃଦଘାତ ଭଳି ରୋଗକୁ ଯଥେଷ୍ଟ କମ କରିବା ପଇଁ ପ୍ରସ୍ତୁତ ଅଛୁ। ଉଲ୍ଲେଖଯୋଗ୍ୟ, ୨୦୨୩ରେ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର) ଦ୍ୱାରା କରାଯାଇଥିବା ଏକ ବିଭାଗୀୟ ଅଧ୍ୟୟନ ଅନୁଯାୟୀ ଉଚ୍ଚ ରକ୍ତଚାପର ମାତ୍ରା ବୃଦ୍ଧି ପାଉଛି।

ଫୁର୍‌ସତ୍

## ଏକ ପେନିରେ ବୁଲିଲେ ୯ ଦେଶ

ଲଣ୍ଡନ



ଅନେକ ଲୋକ ବୁଲିବାକୁ ବହୁତ ପସନ୍ଦ କରନ୍ତି। କିନ୍ତୁ କିଛି ଲୋକ ଏହାକୁ ତାଙ୍କ ସଉକ କରିଦେଇଛନ୍ତି। ଏହି ସଉକ ପୂରଣ ପାଇଁ ସେମାନେ ଭିନ୍ନ ଉପାୟ ମଧ୍ୟ ଅବଲମ୍ବନ କରିଥା'ନ୍ତି। ଜଣେ ବ୍ୟକ୍ତି ତାଙ୍କର ଏହି ସଉକକୁ ପୂରଣ କରିବାକୁ ପାଖରେ ପଇସା ନ ଥାଇ ମଧ୍ୟ ୯ ଦେଶ ଭ୍ରମଣ କରିଛନ୍ତି। ବ୍ରିଟେନ ବାସିନ୍ଦା ୨୯ ବର୍ଷୀୟ କେର ରାଉଡେନ୍‌ଙ୍କ ପୂରା ୟୁରୋପ ବୁଲିବାକୁ ଇଚ୍ଛା ହେଲା। ତାଙ୍କ ପାଖରେ ଅର୍ଥ ନ ଥିଲେ ମଧ୍ୟ ସେ ଏକ ପେନି (ଆମେରିକା ମୁଦ୍ରା) ସାହାଯ୍ୟରେ ଯାତ୍ରା ଆରମ୍ଭ କରିଥିଲେ। ସେ ଇଂଲଣ୍ଡର ଦକ୍ଷିଣରୁ ତୁର୍କୀ ପର୍ଯ୍ୟନ୍ତ ବୁଲି ଆସିଲେ। ସେ ତାଙ୍କର ଏହି ଯାତ୍ରା ଏକ ମାସରେ ପୂରଣ କରିଥିଲେ। କେନିଆରେ ଜନ୍ମିତ ରାଉଡେନ୍ ସମରସେଟ୍‌ରେ ଏକ ଗାର୍ଡେନିଂ କମ୍ପାନୀ ଚଳାନ୍ତି। ତାଙ୍କୁ ଆରାମଦାୟକ ଜୀବନ ପସନ୍ଦ ନ ଥିଲା। ସେ ବିଭିନ୍ନ ସ୍ଥାନ ବୁଲିବାକୁ ଚାହୁଁଥିଲେ। ସେଥିପାଇଁ ସେ କରୋନା ସମୟରେ ମଧ୍ୟ ଏକ ଦ୍ୱୀପରେ ସମୟ କାଟିଥିଲେ। ସେଠାରେ ସେ ଏକା ରହି ଅନେକ ଜିନିଷ ଶିଖିପାରିଥିଲେ। ରିପୋର୍ଟ ମୁତାବକ, ଏକ ୟୁଟ୍ୟୁବ୍ ଚ୍ୟାନେଲରେ କେର୍ ତାଙ୍କର ଏହି ଯାତ୍ରାର କଥା ସମ୍ପର୍କରେ କହିଛନ୍ତି। ସେ କିଛି ବସ୍ତ୍ର, ଟର୍ଚ୍ଚ ଏବଂ ଅନ୍ୟ କିଛି ଅତ୍ୟାବଶ୍ୟକ ଜିନିଷ ସାଙ୍ଗରେ ନେଇ ବେମାଉଥ୍‌ରୁ ଯାତ୍ରା ଆରମ୍ଭ କଲେ। ନଦୀରେ କାଠଡଙ୍ଗା ତିଆରି କରି ସେଥିରେ ବାହାରିଲେ। ତାଙ୍କ ପାଖରେ ଥିବା ପେନିକୁ ପାଉଣ୍ଡରେ ବଦଳାଇ କିଛି ପାଣି ବୋତଲ କିଣିଲେ। ନଦୀରୁ ଧରିଥିବା ମାଛକୁ କିଛି ରେଷ୍ଟୁରାଣ୍ଟରେ ବିକ୍ରି କରି ଟଙ୍କା ଯୋଗାଡ଼ କଲେ। ଆମଷ୍ଟରଡାମ୍‌ରେ ଲୋକଙ୍କୁ ଚିକେନ କବାବ ମଧ୍ୟ ବିକ୍ରି କଲେ। ପରେ ସେ ଜର୍ମାନୀ ଗଲେ। ସେଠାରେ ସେ ଖୁବ୍ ମଜା କଲେ। ଏହାପରେ ସେ ରୋମାନିଆ, ବୁଲ୍‌ଗେରିଆ, ଇସ୍ତାନବୁଲରେ ପହଞ୍ଚିଲେ। ସ୍ଲୋଭାକିଆରେ ସେ ଏକ ଛୋଟ ଗୁମ୍ଫା ଭିତରେ ଲୁଚି ରହିଲେ। କାରଣ ସେଠାରେ ତାଙ୍କୁ କେହି ଦେଖିଥିଲେ, ଜେଲ ଯିବାକୁ ପଡ଼ିଥା'ନ୍ତା। ପରେ ସେ ତାଙ୍କର ଅନ୍ୟ ଏକ ଯାତ୍ରାରେ ବାହାରି ଯାଇଛନ୍ତି।

## ମା' ହେଲେ ଇଲିଆନା

ମୁମ୍ବାଇ



କିଛି ଦିନ ଧରି ଅଭିନେତ୍ରୀ ଇଲିଆନା ଡି କ୍ରୁଜ୍ ତାଙ୍କ ଗର୍ଭଧାରଣକୁ ନେଇ ଚର୍ଚ୍ଚାରେ ଥିବାବେଳେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଇଲିଆନା ସୋସିଆଲ ମିଡିଆରେ ପୁଅର ଫଟୋ ସହିତ ତାଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି। ସେ ପୁଅର ନାମ 'କୋଆ ଫାନିକ୍ସ ଡୋଲନ' ରଖିଛନ୍ତି। ସୋସିଆଲ ମିଡିଆରେ ଫଟୋ ଶେୟାର କରି କ୍ୟାପ୍‌ସନରେ ଲେଖିଛନ୍ତି, 'ସେ ତାଙ୍କ ପୁଅର ସ୍ୱାଗତ ପାଇଁ କେତେ ଖୁସି ଅଛନ୍ତି, ତାହା ଶବ୍ଦରେ କହିପାରିବି ନାହିଁ। ତାଙ୍କ ହୃଦୟ ଭରିଯାଇଛି।' ଏହି ଖୁସି ଖବର ପାଇଁ ତାଙ୍କୁ ପ୍ରଶଂସକମାନେ ଅନେକ ଶୁଭେଚ୍ଛା ଜଣାଉଛନ୍ତି। ଇଲିଆନା ଗର୍ଭବତୀ ହେବା ପରଠାରୁ ସେ ସୋସିଆଲ ମିଡିଆରେ ଖୁବ୍ ସକ୍ରିୟ ହୋଇଯାଇଛନ୍ତି। ସେ ନିଜର ବେବି ବମ୍ପରୁ ଆରମ୍ଭ କରି ସେ ସମୟର ସମସ୍ତ ଅସୁବିଧା ଓ ଖୁସିକୁ ଫ୍ୟାନ୍ସଙ୍କ ସହ ଶେୟାର କରୁଥିଲେ। ହେଲେ 'କୋଆ ଫିନିକ୍ସ ଡୋଲନ'ଙ୍କ ବାପାଙ୍କୁ ନେଇ ଅନକଙ୍କ ପ୍ରଶ୍ନ ରହିଥିଲା। ଯେଉଁଥିରେ ଇଲିଆନା ଏକ ଫଟୋ ଶେୟାର କରି ସେହି ମଣିଷ ବାବଦରେ ଜଣାଇଛନ୍ତି। ସେ କହିଛନ୍ତି, ତାଙ୍କର ନିର୍ବନ୍ଧ ହୋଇଯାଇଛି, କିନ୍ତୁ ବିବାହ ହୋଇନାହିଁ। ସେ ଅଗଷ୍ଟ ୧ରେ ତାଙ୍କ ପୁଅକୁ ଜନ୍ମ ଦେଇଥିବା କହିଛନ୍ତି। ତେବେ ଇଲିଆନା ୨୦୦୬ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଦି ବିଗ୍ ବୁଲ୍'ରେ ଦେଖିବାକୁ ମିଳିଥିଲା। ଏଥିସହ କିଛି ମ୍ୟୁଜିକ୍ ଭିଡିଓରେ ମଧ୍ୟ ସେ ନଜରକୁ ଆସିଛନ୍ତି।

## ଗ୍ରାହକଙ୍କୁ ସରପ୍ରାଇଜ୍ ଦେଲେ ଜୋମାଟୋ ସିଇଓ



ମୁମ୍ବାଇ

ବନ୍ଧୁତ୍ୱ ଦିବସରେ ଅନେକ ତାଙ୍କ ବନ୍ଧୁଙ୍କୁ କିଛି ନା କିଛି ଉପହାର ସ୍ୱରୂପ ଦେଇଥା'ନ୍ତି। ଏହି ବନ୍ଧୁତ୍ୱ ଦିବସକୁ ଜୋମାଟୋର ସିଇଓ ଦିପିନ୍ଦର ଗୋୟଲ ଭିନ୍ନ ରକମରେ ପାଳିଛନ୍ତି। ସେ ଏହି ଦିବସ ଅବସରରେ ତାଙ୍କ ଗ୍ରାହକଙ୍କୁ ସରପ୍ରାଇଜ୍ ଦେଇଛନ୍ତି। ସେ ଟୁଇଟରରେ ତାଙ୍କର ଏକ ଫଟୋ ପୋଷ୍ଟ କରିଛନ୍ତି। ଏଥିରେ ସେ ଜୋମାଟୋ ଡେଲିଭରି ବୟଙ୍କ ଟି-ଶାର୍ଟ ପିନ୍ଧି ଏକ ରୟାଲ ଏନ୍‌ଫିଲ୍ଡରେ ପିଠିରେ ଜୋମାଟୋର ବ୍ୟାଗ ଧରିଥିବା ଦେଖିବାକୁ ମିଳିଛି। ପ୍ରକୃତରେ ଗୋୟଲ ଡେଲିଭରି ପାର୍ଟନର୍, ରେଷ୍ଟୁରାଣ୍ଟ ପାର୍ଟନର୍ ଏବଂ ଗ୍ରାହକଙ୍କୁ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ଏବଂ ଖାଦ୍ୟ ଦେବାକୁ ବାହାରିଛନ୍ତି। ଟୁଇଟ୍‌ରେ ତାଙ୍କ ହାତରେ କିଛି ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ଧରିଥିବା ଦେଖିବାକୁ ମିଳିଛି। ତାଙ୍କର ଏହି ପୋଷ୍ଟରେ ଅନେକ ଲୋକ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି। ଜଣେ ଲେଖିଛନ୍ତି, ଆଜି ଆପଣଙ୍କୁ ଦେଖି ଅନେକଙ୍କ ଦିନ ବନିଯିବ। ଅନ୍ୟ ଜଣେ ଆପଣଙ୍କୁ ଦେଖି ଅନେକ ଖୁସି ହେବେ ବୋଲି ଲେଖିଥିଲେ। ଭାରତରେ ବନ୍ଧୁତ୍ୱ ଦିବସ ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ରବିବାରରେ ପାଳନ କରାଯାଇଥାଏ। ଭାରତ ବ୍ୟତୀତ ଅନ୍ୟ ଦେଶ ମଧ୍ୟ ଏହି ଦିନରେ ବନ୍ଧୁତ୍ୱ ଦିବସ ପାଳନ କରିଥାନ୍ତି, ଯେଉଁଥିରେ ବାଂଲାଦେଶ, ୟୁଏଇ, ମାଲେସିଆ, ଆମେରିକା ମଧ୍ୟ ସାମିଲ ରହିଛି।

## 'ଗଦ୍ଦର ୨'ର ୪୫ ହଜାରରୁ ଊର୍ଦ୍ଧ୍ୱ ଟିକେଟ ଅଗ୍ରିମ ବିକ୍ରି



**ମୁମ୍ବାଇ:** ସନ୍ନି ଦେଓଲଙ୍କ ସୁପର ହିଟ୍ ଫିଲ୍ମ 'ଗଦ୍ଦର'ର ସଫଳତା ପରେ ଏହାର ଦ୍ୱିତୀୟ ଭାଗ 'ଗଦ୍ଦର ୨' ଆସନ୍ତା ୧୧ରେ ରିଲିଜ୍ ହେବାକୁ ଯାଉଛି। ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଅନେକ ଉତ୍ସାହ ଦେଖିବାକୁ ମିଳୁଛି। ଅଗଷ୍ଟ ପହିଲାରୁ ଏହାର ଆଡ୍‌ଭାନ୍ସ ଟିକେଟ୍ ବୁକିଂ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ହିଁ ରେକର୍ଡ ଭାଙ୍ଗିଥିଲା। ଫଳରେ ଏଥିରେ ଭଲ ରୋଜଗାର ହେବ ବୋଲି ଜଣାପଡ଼ିଛି। ଅନିଲ ଶର୍ମାଙ୍କ ନିର୍ଦ୍ଦେଶିତ 'ଗଦ୍ଦର ୨'ର ଏପର୍ଯ୍ୟନ୍ତ ଆଡ୍‌ଭାନ୍ସ ବୁକିଂରେ ୪୫ ହଜାରରୁ ଊର୍ଦ୍ଧ୍ୱ ଟିକେଟ ବିକ୍ରି ସରିଛି। ଏଥିରେ ପାଖାପାଖି ୧ କୋଟି ରୋଜଗାର ହୋଇଛି। ସିନେମାର ଆଡ୍‌ଭାନ୍ସ ବୁକିଂକୁ ଦେଖିଲେ ଏହା ପଠାନ୍ ପରେ ଭଲ ବ୍ୟବସାୟ କରିବ ବୋଲି ଜଣାପଡ଼ିଛି। ତଥ୍ୟ ଅନୁସାରେ, ଅକ୍ଷୟ କୁମାରଙ୍କ 'ଓ ମାଇଁ ଗଡ୍-୨' ଓ 'ଗଦର ୨' ମଧ୍ୟରେ କଡ଼ା ମୁକାବିଲା ହେବ। ଏହା ଏକ ଆକ୍ସନଭିତ୍ତିକ ଚଳଚ୍ଚିତ୍ର ହୋଇଥିବାବେଳେ ଏଥିରେ ସନ୍ନି ଦେଓଲଙ୍କ ଦମଦାର୍ ଅଭିନୟ ଦେଖିବାକୁ ମିଳିବ। 'ଗଦର ୨' ରିଲିଜ୍ ଦିନରେ ୧୫ କୋଟିରୁ ଅଧିକ ବ୍ୟବସାୟ କରିବ ବୋଲି ଜଣାପଡ଼ିଛି। ଫିଲ୍ମର ଟ୍ରେଲର ଏବଂ ଦୁଇଟି ଗୀତ ରିଲିଜ୍ ପରେ ତାହା ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ପର୍ବତାରୋହଣ ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର, ୬।୮ (ତପନ ସ୍ୱାଇଁ)**

## ୧୭ ସଦସ୍ୟଙ୍କ ନେତୃତ୍ୱ ନେବେ ନୀଳାଚଳ ପରିଡ଼ା

କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ରବିବାର କଳିଙ୍ଗ ଷ୍ଟାଡିୟମରେ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ପର୍ବତାରୋହଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ଏଥର ପର୍ବତାରୋହୀମାନେ ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁଶ୍ ଆରୋହଣ କରିବେ। ପର୍ବତାରୋହୀ ଦଳର ମୋଟ ୧୭ ସଦସ୍ୟ ରହିବେ ଏବଂ ଏହାର ନେତୃତ୍ୱ ନେବେ ନୀଳାଚଳ ପରିଡ଼ା। ଓଡ଼ିଶାର ମୋଟ ୫ ସଦସ୍ୟ ଏହି ଦଳରେ ରହିଛନ୍ତି। ମାଉଣ୍ଟ ଏଲବ୍ରୁଶ୍ ଅଭିଯାନ ସୋମବାର ଆରମ୍ଭ ହୋଇ ୨୧ରେ ଶେଷ ହେବ। କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ଏବଂ ଅନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନୀଳାଚଳଙ୍କ ବ୍ୟତୀତ ଏହି ଅଭିଯାନରେ ଓଡ଼ିଶାରୁ ସାମିଲ ହୋଇଥିବା ଅନ୍ୟ ପର୍ବତାରୋହୀମାନେ ହେଲେ ଚିନ୍ମୟ ସିଂ, ଶ୍ରୀକାନ୍ତ ଖୁଣ୍ଟିଆ, ରଞ୍ଜୀତ ବୀରା ଓ ଆଦିତ୍ୟ ପ୍ରସାଦ ଖାଡଗା। ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଅବସରରେ ପର୍ବତାରୋହୀମାନେ ମାଉଣ୍ଟ ଏଲବ୍ରୁଶ୍ ଉପରେ ତ୍ରିରଙ୍ଗା ଉଡ଼ାଇ ଦେଶପାଇଁ ଜୀବନ ଦେଇଥିବା ଶହୀଦ ଏବଂ କୋଭିଡ୍ ମହାମାରୀରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ''କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଅଭିଯାନରେ ବାହାରିଥିବା ପର୍ବତାରୋହୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପର୍ବତାରୋହୀଭାବେ ନୀଳାଚଳ ଅନ୍ୟମାନଙ୍କ ପାଇଁ ପ୍ରେରଣା ଏବଂ ଜଣେ କୋଭିଡ ଯୋଦ୍ଧା। ସୁରକ୍ଷିତଭାବେ ଏହି ଅଭିଯାନ ଶେଷ ହେଉ ବୋଲି ସେ କାମନା କରିଛନ୍ତି। ପୂର୍ବରୁ ନୀଳାଚଳ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ ଅବସରରେ ଜାତୀୟ ପତାକା ଉଡ଼ାଇଥିଲେ।



କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସଙ୍କ ସହ ନୀଳାଚଳ ପରିଡ଼ା।

# ଭୁବନେଶ୍ୱର, ରାଉରକେଲା ଜୋନ୍ ଚାମ୍ପିୟନ୍



ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

## ସିଆଇଏସ୍‌ସିଇ ଆଞ୍ଚଳିକ ହକି ପ୍ରତିଯୋଗିତା

**ଭୁବନେଶ୍ୱର,୬।୮ (ବନ୍ଦନା ସେଠୀ)**

ଭୁବନେଶ୍ୱର ଲୟୋଲା ସ୍କୁଲ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ସିଆଇଏସ୍‌ସିଇ ଆଞ୍ଚଳିକ ହକି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର, ରାଉରକେଲା, ବାଲେଶ୍ୱର, ବଲାଙ୍ଗୀର, କଟକ ଓ ଝାରସୁଗୁଡା ଜୋନ୍‌ର ୧୮୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ହକି ଆସୋସିଏଶନର ଉପ ସଭାପତି ଜୀବନ ମହାନ୍ତି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନୀଲେଶ ସେଠୀ, ବି.କେ. ତ୍ରିପାଠୀ, ଲୀନା ଖୁରାନା, ଲିଜି ଯୋଶେଫ୍, ଫାଦର ଅଗଷ୍ଟିନ୍ ରେକ୍ଟର ଓ ନନ୍ଦିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସହିତ ଲୟୋଲା ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନୀ ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

୩ଟି ବୟସ ବର୍ଗରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ୧୪ ବର୍ଷରୁ କମ୍ ବୟସ ବର୍ଗରେ ଭୁବନେଶ୍ୱର ଜୋନ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ରାଉରକେଲା ଏହି ବର୍ଗରେ ରନରଅପ୍ ରହିଥିଲା। ୧୭ ବର୍ଷରୁ କମ୍ ବୟସ ବର୍ଗରେ ରାଉରକେଲା ଜୋନ୍ ଚାମ୍ପିୟନ ଓ ଭୁବନେଶ୍ୱର ରନର ଅପ୍ ଆଖ୍ୟା ଅର୍ଜନ କରିଥିଲା। ୧୯ ବର୍ଷରୁ କମ୍ ବୟସ ବର୍ଗରେ ରାଉରକେଲା ଜୋନ୍ ବିଜୟୀ ହୋଇଥିବା ବେଳେ ଝାରସୁଗୁଡା ରନରଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜନ୍ ମାଇକେଲ ଜର୍ଜ, ପି. ସେଲଭି ଓ ପି.କେ. ମହାନ୍ତି ଅତିଥି ଭାବେ ଯୋଗଦେଇ ବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ଲୟୋଲା ସ୍କୁଲର ରେନନ ସେଲଡ୍ ଟପ୍ପୋ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ଲାଗୁହେବନି ନୂତନ ପେନାଲ୍ଟି କର୍ନର ନିୟମ: ଏଲିଜାବେଥ ଫୁଏର୍ଷ୍ଟ

**ଚେନ୍ନାଇ,୬।୮ (ପି.ଟି.):** ଅନ୍ତର୍ଜାତୀୟ ହକିରେ ପ୍ରସ୍ତାବିତ ପେନାଲ୍ଟି କର୍ନରର ପରିବର୍ତ୍ତିତ ନିୟମ ବର୍ତ୍ତମାନ ଲାଗୁ ହେବ ନାହିଁ ବୋଲି ଏସିଆନ୍ ହକି ଫେଡେରେଶନର ଇଭେଣ୍ଟ ଓ କ୍ରୀଡା ନିର୍ଦ୍ଦେଶକ ଏଲିଜାବେଥ ଫୁଏର୍ଷ୍ଟ ରବିବାର ପ୍ରକାଶ କରିଛନ୍ତି। ନୂତନ ନିୟମ ଲାଗୁ ହେଲେ ଡିଫେଣ୍ଡର ମାନଙ୍କ ଆଘାତପ୍ରାପ୍ତ ହେବାର ସମ୍ଭାବନା ହ୍ରାସ ପାଇବ। ତେବେ ଏହାକୁ ଲାଗୁ କରିବା ପୂର୍ବରୁ ଏହାର ପରୀକ୍ଷଣ କରାଯିବ। ବିଭିନ୍ନ ପର୍ଯ୍ୟାୟର ପରୀକ୍ଷଣ ପରେ ଏହି ନିୟମ ଲାଗୁ କରାଯିବ କି ନାହିଁ ବିଚାର କରାଯିବ ବୋଲି ଫୁଏର୍ଷ୍ଟ କହିଛନ୍ତି। ବର୍ତ୍ତମାନ ଏହି ପରୀକ୍ଷଣର ପ୍ରାରମ୍ଭିକ ପର୍ଯ୍ୟାୟ ଜାରି ରହିଛି। ଏକାଧିକ ପର୍ଯ୍ୟାୟର ପରୀକ୍ଷଣ ପରେ ଯଦି ଅନ୍ତର୍ଜାତୀୟ ହକି ଫେଡେରେଶନ ଅନୁମତି ପ୍ରଦାନ କରେ ତେବେ ଏହାକୁ ଲାଗୁ କରାଯିବ ବୋଲି ସେ ମତ ଦେଇଛନ୍ତି।

# ଆର୍ଡୋର ଜୁନିୟର ବିଜୟୀ

## ଭୁବନେଶ୍ୱର 'ବି' ଡିଭିଜନ ଫୁଟବଲ ଲିଗ୍

### ମୁକ୍ତେଶ୍ୱର ୟୁନାଇଟେଡ-ମା' ମଙ୍ଗଳା ମ୍ୟାଚ ଡ୍ର

**ଭୁବନେଶ୍ୱର, ୬।୮ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ରବିବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମୁକ୍ତେଶ୍ୱର ୟୁନାଇଟେଡ ଓ ମା' ମଙ୍ଗଳା ଫୁଟବଲ କ୍ଲବ ମ୍ୟାଚ ୩-୩ରେ ଡ୍ର ରହିଥିବାବେଳେ ଆର୍ଡୋର ଏକାଡେମୀ ଜୁନିୟର ୧-୦ ଗୋଲରେ ଝାରପଡ଼ା ଫୁଟବଲ କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୫୬ତମ ମିନିଟରେ ବାରିଏଲ୍ ଟୁଡୁ ଗୋଲ ଦେଇ ଆର୍ଡୋରକୁ ବିଜୟୀ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବାରିଏଲ୍ ଟୁଡୁଙ୍କୁ ଆୟୋଜକ ଆସୋସିଏଶନ ହକି ସମ୍ପାଦକ ଅଶୋକ ପଟ୍ଟନାୟକ ପୁରସ୍କୃତ କରିଥିଲେ। ମୁକ୍ତେଶ୍ୱର ଓ ମା' ମଙ୍ଗଳା ମଧ୍ୟରେ ଅନୁଷ୍ଠିତ ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ମା' ମଙ୍ଗଳା ଦଳ ପକ୍ଷରୁ ଠାକୁର ମୁର୍ମୁ ୧୬ ଓ ୪୮ତମ ମିନିଟରେ ୨ଟି ଏବଂ ଜନି ବଡ଼ରାଜ ୬ଷ୍ଠ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ସେହିପରି ମୁକ୍ତେଶ୍ୱର ଦଳର ରାମଚନ୍ଦ୍ର ମୁର୍ମୁ ୨୦ ଓ ୬୬ତମ ମିନିଟରେ ୨ଟି ଏବଂ ରାଜୀବ ଦାସ ୫୪ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ଉପସ୍ଥିତ ରହି ରାମଚନ୍ଦ୍ର ମୁର୍ମୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ୱେଷ୍ଟଇଣ୍ଡିଜର ରୋମାଞ୍ଚକ ବିଜୟ

**ଗୁଏନା,୬।୮**

## ଦ୍ୱିତୀୟ ଟି୨୦

ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୨ ଉଇକେଟରେ ରୋମାଞ୍ଚକ ବିଜୟ ହାସଲ କରିଛି ୱେଷ୍ଟଇଣ୍ଡିଜ। ତିଳକ ବର୍ମାଙ୍କ ୫୧ ରନ୍ ବଳରେ ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୨ ରନ୍ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୧୨୯ ରନ୍‌ରେ ୮ ଉଇକେଟ ହରାଇଥିଲେ ମଧ୍ୟ ଅକିଲ୍ ହୋସେନ୍ ଓ ଅଲଜାରି ଯୋଶେଫ୍ ଦଳକୁ ୭ ବଲ୍ ପୂର୍ବରୁ ଜିତାଇଥିଲେ। ଦଳ ୧୮.୫ ଓଭରରେ ୮ ଉଇକେଟ ହରାଇ ୧୫୫ ରନ୍ କରିଥିଲା।

ଭାରତର ପକ୍ଷରୁ ତିଳକ ବର୍ମା ୪୧ ବଲ୍ ଖେଳି ୫ ଚୌକା ଓ ୧ ଛକା ସହିତ ୫୧ ରନ୍ କରିଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୪, ଇଶାନ କିଶନ ୨୭ ଓ ଅକ୍ଷର ପଟେଲ ୧୪ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଅଲଜାରି ଯୋଶେଫ୍, ଅକିଲ ହୋସେନ ଓ ରୋମାରିଓ ଶେଫର୍ଡ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଓଭରରେ ୨ ଉଇକେଟ ନେଇ ହାର୍ଦ୍ଦିକ ପାଣ୍ଡ୍ୟା ୱେଷ୍ଟଇଣ୍ଡିଜ୍‌କୁ ବ୍ୟାକଫୁଟରେ ରଖିଥିଲେ। ତେବେ ନିକୋଲାସ୍ ପୁରନ୍ ୬୭ ରନ୍‌ର ଇନିଂସ ଖେଳିଥିଲେ। ଦଳୀୟ ସ୍କୋର୧୨୬ରେ ପୁରନ ଆଉଟ ହେବା ପରେ ୱେଷ୍ଟଇଣ୍ଡିଜ୍ ୩ ରନ୍‌ରେ ଆଉ ୩ ଉଇକେଟ ହରାଇଥିଲା। ପୁରନ୍ ୪୦ ବଲ୍ ଖେଳି ୬ ଚୌକା ଓ ୪ ଛକା ମାରିଥିଲେ। ୧୬ତମ ଓଭରରେ ଚହଲ ଦୁଇଟି ଉଇକେଟ ନେଇ ଭାରତକୁ ମ୍ୟାଚକୁ ଫେରାଇ ଆଣିଥିଲେ। ତେବେ ଅକିଲ୍ ହୋସେନ୍ ୧୬* ଓ ଆଲଜାରି ଯୋଶେଫ୍ ୧୦* ରନ୍ କରି ୭ ବଲ୍ ପୂର୍ବରୁ ଦଳକୁ ଜିତାଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୩ ଓ ୟୁଜବେନ୍ଦ୍ର ଚହଲ ୨ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ତିଳକ ବର୍ମା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୫୨/୭ (ତିଳକ ବର୍ମା-୫୧, ଇଶାନ କିଶନ୍-୨୭, ହାର୍ଦ୍ଦିକ ପାଣ୍ଡ୍ୟା-୨୪, ଅଲଜାରି ଯୋଶେଫ୍-୨/୨୮, ଅକିଲ ହୋସେନ-୨/୨୯, ରୋମାରିଓ ଶେଫର୍ଡ-୨/୨୮)। ୱେଷ୍ଟଇଣ୍ଡିଜ୍ ୧୮.୫ ଓଭରରେ ୧୫୫/୮ (ନିକୋଲାସ ପୁରନ-୬୭, ସିମରନ ହେଟମେୟର-୨୨, ରୋଭମାନ ପାୱେଲ-୨୧, ହାର୍ଦ୍ଦିକ ପାଣ୍ଡ୍ୟା-୩/୩୫, ୟୁଜବେନ୍ଦ୍ର ଚହଲ-୨/୧୯, ମୁକେଶ କୁମାର-୧/୩୫)।


# Classified Everyday 0674-2580101, 2549949



REAL ESTATE

**SALE**

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

Duplex sale at Bhubaneswar @57 Lakhs only. Contact-9777433701. D-74898

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

BDA Approved 3BHK Duplex/ Villa At Patia-Raghunathpur, Land Area-1172 Sft.Built-up 1700 Sft @99 lakhs. Contact Direct Owner -9438419823, 9337086655 D-73395

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛଡାବର 1200sqft.-3,00,000/-, ନଖରା- 300/-. 7978663279. D-74895



Spacious Ground Floor with Parking 3BHK in VSS Nagar for Office. 7978059473. D-0989

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।





Newly benefited Healthcare SPA experience therapist in Bhubaneswar. Please visit this SPA. 7749034655. D-75132

Spa Kerala body massage only best Therapist @699/- Bhubaneswar. 9337672475. D-0965

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75017

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly opened (One8 Spa)/(Salon Service) with expert therapist, 9938843929. D-75137

**LOST**

ମୁଁ ସମ୍ବିତ ଦାସ, ପି: ୰ସରୋଜ କୁମାର ଦାସ ଗୋଟିଏ Flat No.- M-1/401, 4th Floor ଅକ୍ଷୟ କୁମାର ପରିଜାଙ୍କ ଠାରୁ କିଣିଅଛି। ଅକ୍ଷୟ କୁମାର ପରିଜା ଏହି Flatଟିକୁ SBI Staff Association Co-operative Ltd. ଠାରୁ Sale Deed Application No.-1081015772, dt.01.07.2010 ଦ୍ୱାରା କିଣିଥିଲେ ଏବଂ ମୁଁ ତାଙ୍କଠାରୁ କିଣିବା ସମୟରେ ସେ ତାଙ୍କର ଏହି original ଦଲିଲକୁ ମୋତେ ହସ୍ତାନ୍ତର କରିଦେଇଥିଲେ। ମୁଁ ଝାରପଡ଼ାରୁ Bank Colony, କେଶୁରା ଯିବା ସମୟରେ କେଉଁଠାରେ ଗାଡ଼ିରୁ ଖସିପଡ଼ିଛି। ଯେତେ ଖୋଜିଲେ ମଧ୍ୟ ପାଇଲି ନାହିଁ। ଏହି original Sale Deedକୁ ମୁଁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ଯଦି କୌଣସି ବ୍ୟକ୍ତିଙ୍କୁ ଦଲିଲଟି ମିଳେ ଅନୁରୋଧ କି ଏହି ନମ୍ବରରେ contact କରିବେ, Ph No.- 8895715254. D-0988

ମୁଁ ହିମାଂଶୁ ଭୂଷଣ ସାହୁ ଗୋଟିଏ Property କିଣିବା ପାଇଁ R.D. Commercial (P) Ltd.କୁ advance ଦେଇଛି। Advance ଦେଲା ପରେ R.D. Commercial (P) Ltd. ମୋତେ ତା'ର original Sale Deed No.-11573 dtd.18.12.2009 and original ROR ଯାହାର ଖାତା No.-1133/3006, ପ୍ଲଟ୍ ନଂ.-1690, ଏରିଆ- Ac.o.040dec., ମୌଜା: ଜାଗମରାକୁ ହସ୍ତାନ୍ତର କରିଥିଲେ। ମୁଁ ଗୋଟେ ଦିନ ତାକୁ ବ୍ୟାଙ୍କକୁ ନେଇକି ଯାଇଥିଲି। ବ୍ୟାଙ୍କରୁ Unit-1 ମାର୍କେଟକୁ ଯିବା ସମୟରେ କୌଣସି ଜାଗାରେ ଏହାକୁ ହଜାଇଦେଲି। ଯେତେ ଚେଷ୍ଟା କଲେ ମଧ୍ୟ ପାଇଲି ନାହିଁ। ଏହାକୁ ମୁଁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ଯଦି କୌଣସି ବ୍ୟକ୍ତିଙ୍କୁ ଏହା ମିଳେ ଦୟାକରି SBI, RACPC, Unit-1, ଭୁବନେଶ୍ୱରକୁ ହସ୍ତାନ୍ତର କରିବାକୁ ଅନୁରୋଧ। ଧ-୦୯୮୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମାଲେସିଆକୁ ହରାଇ ଶୀର୍ଷରେ ଭାରତ

**ଚେନ୍ନାଇ, ୬।୮ (ପି.ଟି.)**

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ଚଳିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକିରେ ଭାରତର ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ରବିବାର ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ମାଲେସିଆକୁ ୫-୦ ଗୋଲରେ ହରାଇ ଭାରତ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଭାରତ ପକ୍ଷରୁ ସେଲଭାମ୍ କାର୍ଥି ୧୫, ହାର୍ଦ୍ଦିକ ସିଂ ୩୨, ଅଧିନାୟକ ହରମନପ୍ରୀତ ସିଂ ୪୨, ଗୁରଜାନ୍ତ ସିଂ ୫୩ ଓ ୟୁଗରାଜ ସିଂ ୫୪ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ଗୋଲ୍‌କିପର କ୍ରିଶନ ବୁହାଦୁର ପାଠକ ହିରୋ ଅଫ୍ ଦି ମ୍ୟାଚ୍ ଏବଂ ସେଲଭାମ୍ କାର୍ଥି ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ପାଇଥିଲେ। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ଥିବା ଭାରତ ୩ ମ୍ୟାଚ୍‌ରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇଛି। ଚାଇନାକୁ ୭-୨ ଗୋଲ୍‌ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଘରୋଇ ଦଳ ଜାପାନ ବିପକ୍ଷ ମ୍ୟାଚ୍‌କୁ ୧-୧ରେ ଡ୍ର ରଖିଥିଲା। ମାଲେସିଆ ୩ ମ୍ୟାଚ୍‌ରୁ ୨ ବିଜୟ ଓ ୧ ପରାଜୟ ସହ ୬ ଓ ଦକ୍ଷିଣ କୋରିଆ ୩ ମ୍ୟାଚରୁ ୧ ବିଜୟ ଓ ୨ ଡ୍ର ସହ ୫ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଦିବସର ଅନ୍ୟ ୨ଟି ମ୍ୟାଚ୍ ଡ୍ର ରହିଥିଲା। ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ୍‌କୁ ୧-୧ରେ ବରାବର ରଖି ଚାଇନା ପଏଣ୍ଟ ଭାଗ କରିଥିବାବେଳେ ପାକିସ୍ତାନ ଓ ଜାପାନ ମ୍ୟାଚ୍ ୩-୩ରେ ଶେଷ ହୋଇଥିଲା। ସୋମବାର ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଦିନ ଜାପାନ-ମାଲେସିଆ ଓ ପାକିସ୍ତାନ-ଚାଇନା ମଧ୍ୟ ପରସ୍ପରକୁ ଭେଟିବେ।





ପୁରସ୍କାର ସହ କ୍ରିଶନ ବୁହାଦୂର ପାଠକ।

# କରାଟେ ଗ୍ରେଡିଂରେ ୪୫୪ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୬।୮**

ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଶାଖାରେ ରବିବାର କରାଟେ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫୪ କରାଟେକର ଉତ୍ତୀର୍ଣ୍ଣ ହୋଇ ବେଲ୍ଟ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୨୫ ୟେଲୋ ବେଲ୍ଟ, ୮୫ ଅରେଞ୍ଜ ବେଲ୍ଟ, ୧୦୦ ଗ୍ରୀନ୍ ବେଲ୍ଟ, ୭୩ ବ୍ଲୁ ବେଲ୍ଟ ଓ ୭୧ ଜଣ ବ୍ରାଉନ୍ ବେଲ୍ଟ ପାଇଛନ୍ତି। ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଲ୍ଟ ପରୀକ୍ଷା ହୋଇଥିଲା। ସିନିୟର ପ୍ରଶିକ୍ଷକ ସେନ୍‌ସେଇ ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ଗୌରୀ ମହାନ୍ତି, ଦୀପକ ସାମନ୍ତରା, ନିରଞ୍ଜନ ପଟ୍ଟନାୟକ, ଉମାକାନ୍ତ ବେହେରା, କୃଷ୍ଣ ଚନ୍ଦ୍ର ମହାରଣା, ମହେଶ ଡୋରା, ସୁଶାନ୍ତ ପଣ୍ଡା, ସପନ ମିଶ୍ର, ଅମିୟ ସାହୁ, ଭଗବାନ ରେଡ୍ଡୀ, କୃଷ୍ଣ ନାୟକ, କ୍ରିଷ୍ଣା ଶିକାରୀ, ଦୀପକ ଯାଦବ, ଆଶିଷ ରାଉତ, ରାଜେଶ ମହାପାତ୍ର, ନ୍ୟସା କୁମାରୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।



କରାଟେ ଗ୍ରେଡିଂ ଟେଷ୍ଟରେ ଭାଗ ନେଇଥିବା କରାଟେକାମାନେ।

# ଗବେଷଣା ଦିଏ ନୂଆ ଧାରଣା



ଡ. କମଳାକାନ୍ତ ଜେନା

"କ୍ୱାର୍କ ଛଅ ପ୍ରକାରର- ଯଥା: ଅପ୍, ଡାଉନ୍, ଚାର୍ମ, ଷ୍ଟ୍ରେ, ବଟମ୍ ଓ ଟପ୍ କ୍ୱାର୍କ । ୧୯୯୫ ମସିହାରେ ଛଅ ନମ୍ବର ଟପ୍ କ୍ୱାର୍କ ବିଷୟରେ ସଠିକ୍ ଜଣାପଡ଼ିଥିଲା । ଛଅ ଗୋଟି କ୍ୱାର୍କ ମଧ୍ୟରୁ ଅପ୍ କ୍ୱାର୍କ ଓ ଡାଉନ୍ କ୍ୱାର୍କ ଦୁଇଟି ପ୍ରଥମ ପିଢ଼ିର କ୍ୱାର୍କ । ସେହିପରି ଷ୍ଟ୍ରେ ଓ ଚାର୍ମ ଦ୍ୱିତୀୟ ପିଢ଼ିର । ବାକି ଟପ୍ ଓ ବଟମ୍ କ୍ୱାର୍କ ଦୁଇଟି ତୃତୀୟ ପିଢ଼ିର । ପ୍ରତ୍ୟେକ କ୍ୱାର୍କର ଏକ ନିର୍ଦ୍ଦିଷ୍ଟ ବସ୍ତୁତ୍ୱ ଓ ଚାର୍ଜ ରହିଛି ।"



କାଠ, କାଗଜ, ଚିନି, ମାଟି, ପାଣି – ବିଜ୍ଞାନ ଆଖିରେ ଏସବୁ ବସ୍ତୁ। ପ୍ରତ୍ୟେକ ବସ୍ତୁ କ୍ଷୁଦ୍ର କ୍ଷୁଦ୍ର କଣିକାକୁ ନେଇ ତିଆରି ହୋଇଥାଏ। ସେହି କଣିକାକୁ 'ଅଣୁ' (ମୋଲିକ୍ୟୁଲ୍) କୁହାଯାଏ। ଅଣୁରେ ସେହି ବସ୍ତୁର ଧର୍ମ ରହିଥାଏ। ଏହାର ଅର୍ଥ, ଅଣୁକୁ ପରୀକ୍ଷା କରି କହିପାରିବା ଯେ, ତାହା କେଉଁ ବସ୍ତୁରୁ ଆସିଛି। ବସ୍ତୁର ଶେଷ କଣିକା ହେଉଛି ଅଣୁ ଓ ତାକୁ ଆଉ ଭାଙ୍ଗି ହେବ ନାହିଁ, ଏହି କଥାକୁ ଦିନେ ସତ ବୋଲି କୁହାଯାଉଥିଲା। କିନ୍ତୁ, ବର୍ଷ ବର୍ଷ ଧରି ରହିଆସିଥିବା ଏହି ଧାରଣାକୁ ବୈଜ୍ଞାନିକ ଗବେଷଣା ଭୁଲ ପ୍ରମାଣିତ କଲା। ଗବେଷଣାରୁ ଜଣାପଡ଼ିଲା ଯେ, ବସ୍ତୁର ଶେଷ କଣିକା ଅଣୁ ନୁହେଁ। ଅଣୁକୁ ମଧ୍ୟ ଭାଙ୍ଗି ହେବ। ଅଣୁକୁ ଭାଙ୍ଗି ଦେଲେ ସେଥିରୁ ମଧ୍ୟ ଆହୁରି କ୍ଷୁଦ୍ର କ୍ଷୁଦ୍ର କଣିକାମାନ ମିଳିପାରିବ।

ଅଣୁକୁ ଭାଙ୍ଗିଲେ ଯେଉଁ କ୍ଷୁଦ୍ରାତିକ୍ଷୁଦ୍ର କଣିକାଗୁଡ଼ିକ ମିଳେ, ସେଗୁଡ଼ିକୁ କୁହାଯାଏ 'ପରମାଣୁ' (ଆଟମ୍)। ଅଣୁରେ ସିନା ବସ୍ତୁର ଧର୍ମ ରହିଥାଏ, କିନ୍ତୁ ପରମାଣୁରେ ବସ୍ତୁର ଧର୍ମ ନ ଥାଏ। ପାଣିର ଉଦାହରଣ ନେବା। ଜଳ ଅଣୁକୁ ଖାଲି ଆଖିରେ ଦେଖି ହେବ ନାହିଁ। ଲକ୍ଷ ଲକ୍ଷ କୋଟି କୋଟି କ୍ଷୁଦ୍ର କ୍ଷୁଦ୍ର ଜଳ ଅଣୁ ମିଶିଲେ ଯାଇ ଆମେ ଟୋପାଏ ପାଣି ଦେଖିବା। ଜଳର ଗୋଟିଏ ଅଣୁକୁ ଭାଙ୍ଗିଲେ ସେଥିରୁ ଆମକୁ ଆହୁରି ଛୋଟ ଛୋଟ ୩ଟା କଣିକା ବା ପରମାଣୁ ମିଳିବ। ଗୋଟିଏ ଅମ୍ଳଜାନ ପରମାଣୁ ଓ ଦୁଇଟି ଉଦ୍‌ଜାନ ପରମାଣୁ। ଜଳ ଏକ ତରଳ ପଦାର୍ଥ। ଜଳ ଅଣୁକୁ ତିଆରି କରିଥିବା ଉଦ୍‌ଜାନ ଓ ଅମ୍ଳଜାନ ପରମାଣୁ ଉଭୟ ଗ୍ୟାସୀୟ ଉପାଦାନ। ଉଦ୍‌ଜାନ ବାଷ୍ପ ନିଜେ ଜଳିପାରେ ଓ ଅମ୍ଳଜାନ ବାଷ୍ପ ଜଳିବାରେ ସାହାଯ୍ୟ କରେ। ହେଲେ ଏମାନଙ୍କୁ ନେଇ ଗଠିତ ଜଳର ଗୁଣ ତ ପୂରା ଓଲଟା। ଜଳ ନିଜେ ଜଳିପାରେ ନାହିଁ କି ଜଳିବାରେ ସାହାଯ୍ୟ କରେ ନାହିଁ। ବରଂ ଜଳୁଥିବା ନିଆଁ ଉପରେ ଆମେ ପାଣି ଢାଳିଲେ ନିଆଁ ଲିଭିଯାଏ। ସେ ଯାହା ହେଉ, ଅଣୁକୁ ଭାଙ୍ଗି ପାରିବା କଥାଟା ବିଜ୍ଞାନ ଦ୍ୱାରା ଜଣାପଡ଼ିଥିଲା।



ପରମାଣୁ ଯେ ଶେଷ କଣିକା – ଏହି ଧାରଣା ବି ଦିନେ ଭୁଲ୍ ପ୍ରମାଣିତ ହେଲା। ବିଜ୍ଞାନ ପ୍ରମାଣ କରିଦେଲା – ପ୍ରତ୍ୟେକ ପରମାଣୁକୁ ମଧ୍ୟ ଆମେ ଭାଙ୍ଗିପାରିବା। ଅର୍ଥାତ୍, କ୍ଷୁଦ୍ର ପରମାଣୁଠାରୁ ଆହୁରି କ୍ଷୁଦ୍ରତର କଣିକାକୁ ନେଇ ପରମାଣୁ ତିଆରି ହୁଏ। ପରମାଣୁ ଭିତରେ ଅତିଶୟ ଛୋଟ ଆୟତନ ମଧ୍ୟରେ ଅତି ଓଜନିଆ ଟାଣୁଆ ଅଂଶଟିଏ ଥାଏ। ଏହାକୁ 'ନିଉକ୍ଲିଅସ୍' ବା 'ନାଭି' ବୋଲି କୁହାଯାଏ। ଏହି 'ନିଉକ୍ଲିଅସ୍' ଚାରିପଟେ 'ଇଲେକ୍ଟ୍ରନ୍' ନାମକ ଅତି ହାଲୁକା କଣିକାଗୁଡ଼ିକ ବୁଲୁଥାଆନ୍ତି। ପରମାଣୁର ପ୍ରାୟତଃ ସମସ୍ତ ବସ୍ତୁତ୍ୱ 'ନିଉକ୍ଲିଅସ୍' ଭିତରେ ହିଁ ରହିଥାଏ। ଅର୍ଥାତ୍ ପରମାଣୁର ଓଜନ ଯାହା, 'ନିଉକ୍ଲିଅସ୍'ର ଓଜନ ଟିକିଏ ମାତ୍ର କମ୍, ନ ହେଲେ ପାଖାପାଖି ସେୟା। ଏବେ ଯାହା ବୁଝାପଡ଼ିଲା, ପରମାଣୁ ଭିତରେ ଦୁଇ ପ୍ରକାର କଣିକା ଅଛି – ନିଉକ୍ଲିଅସ୍ ଓ ଇଲେକ୍ଟ୍ରନ୍ ଏବଂ ସେଗୁଡ଼ିକ ଶେଷ କଣିକା। ନା, ଆମର ଧାରଣା ଭୁଲ। କାରଣ ନିଉକ୍ଲିଅସ୍‌କୁ ଭାଙ୍ଗିଲେ ସେଥିରୁ 'ପ୍ରୋଟନ୍' ଓ 'ନିଉଟ୍ରନ୍' ନାମରେ ଆହୁରି ଛୋଟ ଛୋଟ କଣିକା ପାଇବା। ତେଣୁ ଗବେଷଣା ଆମର ଧାରଣାକୁ ବଦଳେଇ ଚାଲିଛି।

ସେତିକିରେ କଥା ସରିନାହିଁ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟାୟରେ ବୈଜ୍ଞାନିକମାନେ ବିଶ୍ୱାସ କରି ଆସୁଥିଲେ ଯେ ପ୍ରୋଟନ୍, ନିଉଟ୍ରନ୍ ଓ ଇଲେକ୍ଟ୍ରନ୍ ହେଉଛନ୍ତି ମୂଳକଣିକା। ସେଗୁଡ଼ାକୁ ଆଉ ଭଙ୍ଗାଭଙ୍ଗି କରି ହେବ ନାହିଁ। ସେଗୁଡ଼ାକ ଭିତରେ ଆହୁରି ଛୋଟ ଛୋଟ କୌଣସି କଣିକା ନାହିଁ। ତେଣୁ ବିଶ୍ୱବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ସେହି ପ୍ରୋଟନ୍, ନିଉଟ୍ରନ୍ ଓ ଇଲେକ୍ଟ୍ରନ୍ ନାମକ ତିନିଗୋଟି ମୂଳ କଣିକାକୁ ନେଇ ତିଆରି। କିନ୍ତୁ ୧୯୫୦ ଦଶକରେ ଏତେ ବର୍ଷର ସତକଥା ମିଛ ପ୍ରମାଣିତ ହେଲା। ସେତେବେଳେ କେତେକ ନୂଆ ନୂଆ କଣିକାଗୁଡ଼ିକ ବିଷୟରେ ଜଣାପଡ଼ିଲା, ଯାହାକୁ ସରଳ ତଥ୍ୟ ସହାୟତାରେ ବୁଝିବା ସମ୍ଭବ ହେଲାନାହିଁ। ୧୯୬୪ ମସିହାରେ ଜଣାପଡ଼ିଲା ଯେ ପ୍ରୋଟନ୍ ଓ ନିଉଟ୍ରନ୍ ବସ୍ତୁର ଚରମ-କଣିକା ବା ମୂଳ-କଣିକା ନୁହନ୍ତି, ବରଂ ସେଗୁଡ଼ିକ ଆହୁରି କ୍ଷୁଦ୍ରାତିକ୍ଷୁଦ୍ର କଣିକାରେ ଗଠିତ। ବୈଜ୍ଞାନିକ ଗେଲ୍-ମାନ୍ ସେହି କଣିକାକୁ 'କ୍ୱାର୍କ' ବୋଲି ନାମକରଣ କରିଥିଲେ।

'କ୍ୱାର୍କ' ଛଅ ପ୍ରକାରର-ଯଥା: ଅପ୍, ଡାଉନ୍, ଚାର୍ମ, ଷ୍ଟ୍ରେ, ବଟମ୍ ଓ ଟପ୍ କ୍ୱାର୍କ। ୧୯୯୫ ମସିହାରେ ଛଅ ନମ୍ବର ଟପ୍ କ୍ୱାର୍କ ବିଷୟରେ ଠିକ୍ ଜଣାପଡ଼ିଥିଲା। ଛଅଗୋଟି କ୍ୱାର୍କ ମଧ୍ୟରୁ ଅପ୍ କ୍ୱାର୍କ ଓ ଡାଉନ୍ କ୍ୱାର୍କ ଦୁଇଟି ପ୍ରଥମ ପିଢ଼ିର କ୍ୱାର୍କ। ସେହିପରି ଷ୍ଟ୍ରେ ଓ ଚାର୍ମ ଦ୍ୱିତୀୟ ପିଢ଼ିର। ବାକି ଟପ୍ ଓ ବଟମ୍ କ୍ୱାର୍କ ଦୁଇଟି ତୃତୀୟ ପିଢ଼ିର। ପ୍ରତ୍ୟେକ କ୍ୱାର୍କର ଏକ ନିର୍ଦ୍ଦିଷ୍ଟ ବସ୍ତୁତ୍ୱ ଓ ଚାର୍ଜ ରହିଛି। ସେମାନଙ୍କ ମଧ୍ୟରେ ଅପ୍ ଓ ଡାଉନ୍ କ୍ୱାର୍କ ଦୁଇଟି ସବୁଠାରୁ ହାଲୁକା। ପ୍ରୋଟନ୍ କଣିକା ଦୁଇଟା ଅପ୍ ଓ ଗୋଟିଏ ଡାଉନ୍ କ୍ୱାର୍କକୁ ନେଇ ଗଠିତ। ସେହିପରି ଗୋଟିଏ ଅପ୍ ଓ ଦୁଇଟି ଡାଉନ୍ କ୍ୱାର୍କକୁ ନେଇ ନିଉଟ୍ରନ୍ ଗଠିତ। ସେଥିପାଇଁ କୁହାଗଲା ଯେ ପ୍ରୋଟନ୍ ଓ ନିଉଟ୍ରନ୍ ବସ୍ତୁର ଚରମ-କଣିକା ନୁହନ୍ତି। କ୍ୱାର୍କଗୁଡ଼ିକୁ ପରସ୍ପର ସହିତ ବାନ୍ଧି ହୋଇ ରହିବା କାମରେ 'ଶକ୍ତବଳ' (ଷ୍ଟ୍ରଙ୍ଗ୍ ଫୋର୍ସ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଶକ୍ତବଳ ଏକ ଅଦ୍ଭୁତ ଧରଣର ବଳ। କ୍ୱାର୍କ ଦୁଇଟା ମଧ୍ୟରେ ଦୂରତା ବଢ଼ିଲେ ଏହି ବଳ ଅତି ମାତ୍ରାରେ ବୃଦ୍ଧିପାଏ। କିନ୍ତୁ କ୍ୱାର୍କ ଦୁଇଟା ନିକଟତର ହେଲେ ସେହି ବଳ ହ୍ରାସପାଏ। କ୍ୱାର୍କ ଓ ଶକ୍ତବଳ ଉପରେ ବିଶେଷ ଗବେଷଣା ସକାଶେ ୨୦୦୪ ମସିହାରେ ନୋବେଲ୍ ପୁରସ୍କାର ଦିଆଯାଇଥିଲା। ଆଜି ଆମେ କହିପାରିବା, 'କ୍ୱାର୍କ' ହେଉଛି ପଦାର୍ଥର ଏପର୍ଯ୍ୟନ୍ତ ଜଣାପଡ଼ିଥିବା ସର୍ବଶେଷ କଣିକା। କିନ୍ତୁ କାଲିକୁ ଭରସା ନାହିଁ। କାରଣ ବୈଜ୍ଞାନିକ ଗବେଷଣା ଜାରିରହିଛି। ଆଜିର ଧାରଣା କାଲିକୁ ବଦଳି ଯିବ ନା ବଦଳିବ ନାହିଁ, ସେକଥା ସମୟ କହିବ।

–ଓଡ଼ିଶା ଶିକ୍ଷା ସେବା-ଏ,
ସହକାରୀ ପ୍ରଫେସର (ଫିଜିକ୍ସ୍),
ଭଦ୍ରକ ସ୍ୱୟଂଶାସିତ(ସରକାରୀ) କଲେଜ
ମୋ: ୯୪୩୯୫୦୧୬୫୧

## ବୁଦ୍ଧିମାନ ରୋବୋ



ଆଜିକାଲି ରୋବୋର ବ୍ୟବହାର ବିଭିନ୍ନ କ୍ଷେତ୍ରରେ ଦେଖିବାକୁ ମିଳୁଛି। ତେବେ ଖୁବ୍ ଶୀଘ୍ର ଆଉ ଏକ ପ୍ରକାର ହାଇଟେକ୍ ରୋବୋ ବଜାରରେ ଉପଲବ୍ଧ ହେବାକୁ ଯାଉଛି। ଏଭଳି ପ୍ରୟାସରେ ବ୍ୟସ୍ତ ଅଛନ୍ତି ବୋଷ୍ଟନ ଡାଇନାମିକ୍ ଫାଉଣ୍ଡରର ଗବେଷକ ମାର୍କ ରାଇବର୍ଟ। ଉକ୍ତ ରୋବୋଟିର ମସ୍ତିଷ୍କ ମନୁଷ୍ୟ ପରି। ଯେ କୌଣସି କଥାକୁ ଏହା ସହଜରେ ବୁଝିପାରିବ। ମଣିଷ ଯେପରି ବୁଝି ବିଚାରି କାମ କରୁଛି ଠିକ୍ ସେହିଭଳି ନିଜର ଉପସ୍ଥିତି ବୁଦ୍ଧି ବଳରେ ସେ ସମ୍ମୁଖୀନ ହେଉଥିବା ସମସ୍ୟାର ଅକ୍ଲେଶରେ ସମାଧାନ କରିପାରିବ। ଏପରି କି କୌଣସି ମନୁଷ୍ୟକୁ ଦେଖିଲେ ସେ ତାହାର ହାବଭାବ, ଚାଲିଚଳଣି ବିଷୟରେ ମଧ୍ୟ ସୂଚନା ଦେଇପାରିବ। କେବଳ ସେତିକି ନୁହେଁ, ଯଦି କୌଣସି ବ୍ୟକ୍ତି ଅସୁବିଧାରେ ପଡିଛନ୍ତି ତେବେ ତାଙ୍କୁ ସାହାଯ୍ୟ ମଧ୍ୟ କରିପାରିବ। ଉପରୋକ୍ତ ତଥ୍ୟଗୁଡିକ ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏ ନେଇ ମାର୍କ କହନ୍ତି, 'ଆଜିକାଲି ତ ଅନେକ ପ୍ରକାରର ହାଇଟେକ୍ ରୋବୋ ଅଛନ୍ତି। ତେବେ ସେମାନଙ୍କଠାରୁ ଏହା କିପରି ଭିନ୍ନ ହେବ ସେ ନେଇ ଏହାକୁ ପ୍ରସ୍ତୁତ କରାଯାଉଛି। ଆଉ କିଛି ବର୍ଷ ପରେ ଏଭଳି ଉଦ୍ୟମରେ ସଫଳ ହେବି ବୋଲି ଆଶା ରଖିଛି।'

## ସନ୍ତୁଳିତ ରହିବ କ୍ୟାଲୋରି

ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିବା ନିହାତି ଜରୁରୀ। ହେଲେ ଏଥିରେ ଅସନ୍ତୁଳନ ପରିଲକ୍ଷିତ ହେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିବା ସହ ଶରୀର ପାଇଁ ଅନେକ କ୍ଷତି ପହଞ୍ଚାଏ। ତେବେ କ୍ୟାଲୋରି ସ୍ତରକୁ ସନ୍ତୁଳିତ ରଖିବା ପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼େ। ସନ୍ତୁଳିତ ଖାଦ୍ୟ ଖାଇବା ବ୍ୟତୀତ ଆଉ ଏକ ସରଳ ଉପାୟରେ ଆମେ କ୍ୟାଲୋରିକୁ ସନ୍ତୁଳିତ ରଖିପାରିବା। ତାହା କ'ଣ ଜାଣନ୍ତି ? ରକ୍ତଦାନ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିଥାଏ । ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇ ନେବା ଯଥେଷ୍ଟ ଜରୁରୀ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ରକ୍ତଦାନ କରନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରୁଥିବା କେତେକ ବ୍ୟକ୍ତିଙ୍କ କ୍ୟାଲୋରି ପରିମାଣ କେତେ ରହୁଛି ତାହାକୁ ପରୀକ୍ଷା କରିବା ପରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ।



## ରକ୍ତରେ ଲୌହ ପରିମାଣ କମିଗଲେ..



ରକ୍ତରେ କେତେକ ତତ୍ତ୍ୱର ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ନ ହେଲେ ଆମେ ଅନେକ ପ୍ରକାର ରୋଗର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଯଦି ରକ୍ତରେ ଲୌହ (ଆଇରନ୍) ପରିମାଣ କମିଯାଏ ତେବେ କ'ଣ ହେବ ? ଏହାଦ୍ୱାରା ଆନିମିଆ ସମସ୍ୟା ଦେଖାଦେବ। ଏଥିଯୋଗୁ ରକ୍ତରେ ହିମୋଗ୍ଲୋବିନ୍ କମିଯାଏ। ଯଦି ଏହା ୧୧ ତଳକୁ ରହିଲା ତେବେ ତାହାକୁ ଆନିମିଆ ବୋଲି ଧରି ନିଆଯାଏ। ଏହାର କେତେକ କାରଣ ରହିଛି। ରକ୍ତରେ ଲୌହ ପରିମାଣ କମିଗଲେ ଦୁର୍ବଳ ଲାଗେ। କାର୍ଯ୍ୟଦକ୍ଷତା କମିଯାଏ। ଜିଭ, ଆଖି ଶେତା ଦେଖାଯାଏ। ପାଦ ଫୁଲିଯାଏ। ତା'ସହ ପେଟରେ ପାଣି ଜମିଯାଇଥାଏ। ତେଣୁ ରକ୍ତରେ ଏହାର ପରିମାଣ ସନ୍ତୁଳିତ ରହିବା ଦରକାର। ଶାଗରେ ପ୍ରଚୁର ପରିମାଣରେ ଲୌହ ଭରିରହିଛି। ଯଦି ଜଣେ ବ୍ୟକ୍ତି ଦିନକୁ ୧୦୦ ଗ୍ରାମ କୋଶିଳା ଶାଗ ଖାଆନ୍ତି ତେବେ ତାହା ରକ୍ତରେ କେବଳ ଲୌହ ନୁହେଁ, ଫୋଲିକ୍ ଏସିଡ ଏବଂ ଭିଟାମିନ୍ ପରିମାଣକୁ ବଢ଼ାଇଥାଏ। ଶାଗ ବ୍ୟତୀତ ମାଂସ, ଅଣ୍ଡା, ଗହମ, ଚାଉଳ ଆଦିରେ ଲୌହ ପରିମାଣ ରହିଛି। ବିଶେଷଭାବରେ ହିମୋଗ୍ଲୋବିନ୍ ମାପିଲେ ଏଭଳି ସମସ୍ୟା ବିଷୟରେ ଜାଣିହୋଇଥାଏ। ଏହାବ୍ୟତୀତରେ ରକ୍ତରେ ଲୌହ ତତ୍ତ୍ୱ ସମ୍ପର୍କରେ ଜାଣିବାକୁ ଏବେ ଅନେକ ପ୍ରକାର ଅତ୍ୟାଧୁନିକ ପରୀକ୍ଷାଶୈଳୀ ଉପଲବ୍ଧ।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ଚକ୍ଷୁଜନିତ ସମସ୍ୟା ଅଛି ତେବେ ଅତିକମ୍‌ରେ ଛଅ ମାସକୁ ଥରେ ଆଖି ପରୀକ୍ଷା କରାଇ ନିଅନ୍ତୁ।
- ଯଦି ଗୋଟିଏ ସ୍ଥାନରେ ଅଧିକ ସମୟ ବସି କାମ କରିବାର ଅଛି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଟିକେ ଚାଲବୁଲ କରନ୍ତୁ। ଏହାଦ୍ୱାରା ମନ ହାଲୁକା ରହିଥାଏ ଏବଂ ଆଖିକୁ କିଛି ସମୟ ବିଶ୍ରାମ ମିଳେ।
- ବର୍ତ୍ତମାନ ବର୍ଷାଦିନ। ତେଣୁ ଫାଷ୍ଟଫୁଡ ଏବଂ ରାସ୍ତାକଡରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଯୋଗୁ ବର୍ଷାଋତୁରେ ପେଟଜନିତ ସମସ୍ୟା ଦେଖାଦେଇପାରେ।
- ସକାଳୁ ବିଛଣାରୁ ହଠାତ୍ ଉଠି ଯାଅନ୍ତୁ ନାହିଁ। କାରଣ ଶୋଇଥିବା ଅବସ୍ଥାରେ ରକ୍ତ ଶିଥିଳ ଥାଏ। ଏହାକୁ ସାଧାରଣ ଅବସ୍ଥାକୁ ଆଣିବାକୁ କିଛି ସମୟରେ ବିଛଣା ଉପରେ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ।
- ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ପୂର୍ବ ପରୀକ୍ଷା ରିପୋର୍ଟଗୁଡିକୁ ସାଇତି ରଖନ୍ତୁ। କାରଣ ଦରକାର ସମୟରେ ଏହା କାମରେ ଆସିପାରେ।
- ବ୍ୟାୟାମ ଶେଷ ହେବା ପରେ ପରେ ପାଣି ପିଅନ୍ତୁ ନାହିଁ। କିଛି ସମୟ ବିଶ୍ରାମ ନେବା ପରେ ପାଣି ପିଅନ୍ତୁ।
- ବର୍ଷାଦିନେ ନିଜର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଅଧିକ ନଜର ଦିଅନ୍ତୁ। କାରଣ ଏହି ଋତୁରେ ଅପରିଷ୍କାର ରହିଲେ ଚର୍ମଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।



# ବିଜ୍ଞାନ ପ୍ରଚାର ସମିତି: କୃତି ଓ କୀର୍ତ୍ତି

## ବିଜ୍ଞାନ ପ୍ରଚାର ସମିତିର ପ୍ଲାଟିନମ୍ ଜୁବିଲି ଅବସରରେ...



ଡା. ନିତ୍ୟାନନ୍ଦ ସ୍ୱାଇଁ

ଆମ ରାଜ୍ୟରେ ଲୋକପ୍ରିୟ ବିଜ୍ଞାନ ଲେଖକମାନେ ବିଜ୍ଞାନକୁ ଲୋକାଭିମୁଖୀ କରିବାରେ ଉଦ୍ୟମୀ ହେବାର ଯଥେଷ୍ଟ ପୂର୍ବରୁ ପାଠ୍ୟପୁସ୍ତକ ମାଧ୍ୟମରେ ବିଜ୍ଞାନ ଶିକ୍ଷା ପ୍ରଦାନ କରି ଜନସାଧାରଣଙ୍କୁ ବିଜ୍ଞାନ ସହ ପରିଚିତ କରାଇବାରେ ଭିତ୍ତି ସ୍ଥାପିତ ହୋଇସାରିଥିଲା। ପ୍ରଥମାବସ୍ଥାରେ ବିଜ୍ଞାନରେ କୌଣସି ଡିଗ୍ରୀ ନ ଥିବା ତଥା ସାଧାରଣ ବିଜ୍ଞାନ ଶିକ୍ଷାର ଭିତ୍ତିଭୂମି ନ ଥିବା ଓଡ଼ିଶାର ବହୁ ପ୍ରଥିତଯଶୀ, ସାହିତ୍ୟିକ ବିଜ୍ଞାନ ବିଷୟରେ ଲେଖାଲେଖି କରିଆସୁଥିଲେ। ଏପରିକି 'ପ୍ରଭାତ' (୧୯୦୯), 'ପଞ୍ଚାମୃତ' (୧୯୨୦) ଓ 'ଜହ୍ନମାମୁଁ' (୧୯୩୨) ଭଳି ଶିଶୁ ପତ୍ରିକାରେ ମଧ୍ୟ ପ୍ରକାଶ ପାଇଥିଲା ବିଜ୍ଞାନ ଲେଖା।

ତେବେ ଓଡ଼ିଶାରେ ବିଜ୍ଞାନକୁ ଜନପ୍ରିୟ କରାଇବାର ଧାରାକୁ ଏକ ଆନ୍ଦୋଳନର ରୂପ ଦେଇଥିଲେ ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ର। ଡ. ମହାପାତ୍ରଙ୍କ ପ୍ରଚେଷ୍ଟାରେ ୧୯୪୯ ଅଗଷ୍ଟ ୭ରେ ସ୍ଥାପିତ ହୋଇଥିଲା 'ବିଜ୍ଞାନ ପ୍ରଚାର ସମିତି' ନାମକ ଏକ ସାରସ୍ୱତ ଅନୁଷ୍ଠାନ। ନଅ ଜଣ ଉତ୍ସାହୀ ଅଧ୍ୟାପକ ଓ ଡାକ୍ତର ଥିଲେ ସମିତିର ପ୍ରତିଷ୍ଠାତା ସଭ୍ୟ। ବିଜ୍ଞାନ ପ୍ରଚାର ସମିତି ହିଁ ଥିଲା ଓଡ଼ିଶାର ଜନପ୍ରିୟ ବିଜ୍ଞାନ ଆନ୍ଦୋଳନର ପରିଚାଳନା ମଞ୍ଚ। ତେବେ କ'ଣ ଥିଲା ସମିତି ଗଠନର ପ୍ରଧାନ ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ? ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷିତ ଜନସାଧାରଣ ବୁଝିବା ଭଳି ଭାଷା ଓ ଶୈଳୀରେ ବିଜ୍ଞାନ ପ୍ରବନ୍ଧ ଓ ପୁସ୍ତକ ରଚନା କରିବା, ଅତି ସରଳ ଓ ମନଛୁଆଁ କରି ବିଜ୍ଞାନ ବିଷୟ ବକ୍ତୃତା ଓ ସେମିନାର ଆୟୋଜନ କରିବା ଏବଂ ବିଜ୍ଞାନ ଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ପତ୍ରିକାଟିଏ ପ୍ରକାଶ କରିବା ଥିଲା ସମିତିର ମୂଳ ଲକ୍ଷ୍ୟ। କିନ୍ତୁ ସମିତିର ଏହିସବୁ କାର୍ଯ୍ୟରେ ଓଡ଼ିଆ ଭାଷାକୁ ମାଧ୍ୟମରୂପେ ବ୍ୟବହାର କରିବା ଥିଲା ବାଧ୍ୟତାମୂଳକ।

ଏହି ଲକ୍ଷ୍ୟକୁ ଚରିତାର୍ଥ କରିବାରେ ବିଜ୍ଞାନ ପ୍ରଚାର ସମିତି ସାତ ଦଶକରୁ ଅଧିକ କାଳ ଧରି ନିରନ୍ତର ବ୍ରତୀ ରହିଆସିଛି। କୌଣସି ଏକ ସାରସ୍ୱତ ବିଜ୍ଞାନ ଅନୁଷ୍ଠାନ ନିରବଚ୍ଛିନ୍ନ ତଥା ସୁଶୃଙ୍ଖଳିତ ଭାବରେ ଏତେ ବର୍ଷ ଧରି ସକ୍ରିୟ ରହି କାର୍ଯ୍ୟରତ ରହିବା ଏକ ଅସାଧାରଣ କୃତିତ୍ୱ। ଏହି ସମିତିର ଆଜୀବନ ସଦସ୍ୟଙ୍କ ସଂଖ୍ୟା ୩୦୦ରୁ ଅଧିକ। ଓଡ଼ିଶାର ଅଧିକାଂଶ ଜନପ୍ରିୟ ବିଜ୍ଞାନ ଲେଖକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବିଜ୍ଞାନ ପ୍ରଚାର ସମିତି ସହ ସମ୍ପୃକ୍ତ। ସେମାନଙ୍କ ମଧ୍ୟରେ ଅଛନ୍ତି ଡାକ୍ତର, ଇଞ୍ଜିନିୟର, ବିଭିନ୍ନ ବିଜ୍ଞାନ ବିଷୟର ଅଧ୍ୟାପକ, କୃଷି ଓ ପଶୁପାଳନ ବିଶେଷଜ୍ଞ, ବିଜ୍ଞାନ ଶିକ୍ଷକ ଏବଂ ବିଜ୍ଞାନରେ ରୁଚି ରଖିଆସୁଥିବା ବୁଦ୍ଧିଜୀବୀ। ପ୍ରତି ମାସର ଦ୍ୱିତୀୟ ଓ ଚତୁର୍ଥ ରବିବାରର ଅପରାହ୍ନରେ ସମିତିର ଅଧିବେଶନ ବସି ବିଜ୍ଞାନ ପ୍ରବନ୍ଧମାନ ପଠିତ ହୁଏ। କେବେକେବେ ଆୟୋଜିତ ହୁଏ ବିଜ୍ଞାନ ବିଷୟକ ଜନପ୍ରିୟ ବକ୍ତୃତା। ସମିତିର ବାର୍ଷିକ ଅଧିବେଶନରେ ଅନୁଷ୍ଠିତ ହୁଏ ବିଜ୍ଞାନ ସେମିନାର। ଅଦ୍ୟାବଧି ଅନୁଷ୍ଠିତ ହୋଇଥିବା ଅଧିବେଶନ ସଂଖ୍ୟା ୧୮୦୦ରୁ ଅଧିକ ଓ ପଠିତ ପ୍ରବନ୍ଧଗୁଡିକର ସଂଖ୍ୟା ୪୦୦୦ରୁ ବେଶି। ସେହି ପ୍ରବନ୍ଧଗୁଡିକରୁ ଅଧିକାଂଶ ବିଭିନ୍ନ ଖବରକାଗଜ, ପତ୍ରପତ୍ରିକା ଓ ପୁସ୍ତକ ଆକାରରେ ପ୍ରକାଶିତ। ସମିତି ଦ୍ୱାରା ପ୍ରକାଶିତ ଜନପ୍ରିୟ ବିଜ୍ଞାନ ପୁସ୍ତକର ସଂଖ୍ୟା ୬୦ରୁ ବେଶି ଏବଂ ସମିତିର ସଦସ୍ୟମାନଙ୍କ ଦ୍ୱାରା ରଚିତ ଏବଂ ବ୍ୟକ୍ତିଗତ ସ୍ତରରେ ପ୍ରକାଶିତ ଏହି ପୁସ୍ତକର ସଂଖ୍ୟା ୧୦୦୦ରୁ ଅଧିକ। ବହୁ ବର୍ଷ ଧରି ସମିତି ପ୍ରକାଶ କରି ଆସୁଥିବା 'ବିଜ୍ଞାନାଲୋକ' ନାମକ ଏକ ଦ୍ୱିମାସିକ ପତ୍ରିକା କେତେକ ଅନିବାର୍ଯ୍ୟ କାରଣରୁ ସ୍ଥଗିତ ରହିଛି। ସମିତି ଅନୁକୂଲ୍ୟରେ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଆସୁଛି ବିଦ୍ୟାଳୟ ବିଜ୍ଞାନ ବକ୍ତୃତା କାର୍ଯ୍ୟକ୍ରମ। ଦାତାମାନଙ୍କର ଅର୍ଥର ସୁଧରୁ ପ୍ରତିବର୍ଷ ସମିତି ପ୍ରଦାନ କରିଆସୁଛି କୃତୀ ଛାତ୍ରୀଛାତ୍ର, ଜନପ୍ରିୟ ବିଜ୍ଞାନ ଲେଖକ, ବିଜ୍ଞାନ ଗବେଷକ, ପରିବେଶବିତ୍, ବିଜ୍ଞାନ ପୁସ୍ତକ ପ୍ରକାଶକ, ବିଜ୍ଞାନ-ବାଗ୍ମୀ, ବିଜ୍ଞାନ ଶିକ୍ଷକ ଇତ୍ୟାଦିଙ୍କୁ ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା। ବିଜ୍ଞାନ ବିଷୟକ ତର୍କ, ପ୍ରବନ୍ଧ, ରଚନା ଓ କୁଇଜରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଉଛି।



ଡ. ଗୋକୁଳାନନ୍ଦ ମହାପାତ୍ର

ସଂକ୍ଷେପରେ କହିଲେ, ବିଗତ ସାଢ଼େ ସାତ ଦଶକ ଧରି ବିଜ୍ଞାନ ପ୍ରଚାର ସମିତି ଓଡ଼ିଶା ବିଜ୍ଞାନ ଲେଖକ ଓ ବକ୍ତାମାନଙ୍କ ପାଇଁ ଏକ ଜନପ୍ରିୟ ବିଜ୍ଞାନ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭୂମିକା ନିର୍ବାହ କରିଆସିଛି। ଚଳିତ ବର୍ଷ ଅଗଷ୍ଟ ୭ ତାରିଖ (ଆଜି) ଏହି ସମିତି ପାଳନ କରୁଛି ତାହାର ପ୍ଲାଟିନମ ଜୁବିଲି ବା ୭୫ତମ ଜନ୍ମତିଥି। ସମୟାନୁକ୍ରମିକ ବୟସ ପରିପ୍ରେକ୍ଷୀରେ ବିଚାର କଲେ ଏହି ସମିତି ଏବେ 'ମଧ୍ୟବୟସ୍କ ବୃଦ୍ଧା'। ହେଲେ ସେ ରହିଆସିଛି ସତତ ସ୍ପନ୍ଦିତ, ସକ୍ରିୟ ଏବଂ ସଦା ପ୍ରଫୁଲ୍ଲ। ଓଡ଼ିଶାରେ ବିଜ୍ଞାନକୁ ସାର୍ବଜନୀନ ତଥା ସାମାଜିକୀକରଣ କରାଇବାରେ ସମିତିର ଅବଦାନ ଅପରିମେୟ। ଏହା ଅନସ୍ୱୀକାର୍ଯ୍ୟ ଯେ ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠାତା ଡ. ଗୋକୁଳାନନ୍ଦ ମହାପାତ୍ରଙ୍କର ମହନୀୟ ଦୂରଦର୍ଶିତା ତଥା ନବ୍ୟ ଚିନ୍ତନର ସମୁଜ୍ଜ୍ୱଳ ପରିପ୍ରକାଶ। ସମିତି ସ୍ୱାସ୍ଥ୍ୟବତୀ ରହୁ, ଆୟୁଷ୍ମତୀ ହେଉ।

-'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭



ମହିଳା ଫିଫା ବିଶ୍ୱକପରେ ଆମେରିକାକୁ ହରାଇବାପରେ ଉଲ୍ଲସିତ ସୁଇଡେନ ଖେଳାଳି।

# ସଡନ୍‌ଡେଥ୍‌ରେ ହାରିଲା ଚାମ୍ପିୟନ ଆମେରିକା

**ଫିଫା ମହିଳା ବିଶ୍ୱକପ୍**

**ଅନ୍ତିମ-୮ରେ ନେଦରଲାଣ୍ଡ୍ସ, ସୁଇଡେନ୍**

ସିଡ୍‌ନୀ,୬।୮(ପି.ଟି.)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ଫୁଟବଲ୍ ବିଶ୍ୱକପ୍‌ରେ ରବିବାର ଏକ ବଡ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ଯୁକ୍ତରାଷ୍ଟ୍ର ଆମେରିକାକୁ ବିଦା କରି ଅନ୍ତିମ-୮ରେ ସ୍ଥାନ ସୁରକ୍ଷିତ କରିଛି ସୁଇଡେନ୍। ଅନ୍ୟପକ୍ଷରେ ବିଗତ ସଂସ୍କରଣର ରନର ଅପ୍ ନେଦରଲାଣ୍ଡ୍ସ ୨-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି।

**ଡିଫେଣ୍ଡିଂ ଚାମ୍ପିୟନ ବିଦା :** ଡିଫେଣ୍ଡିଂ ଚାମ୍ପିୟନ ଆମେରିକାକୁ ସଡନ୍ ଡେଥ୍‌ରେ ୫-୪ ଗୋଲରେ ପରାସ୍ତ କରିଛି ସୁଇଡେନ୍ । ମ୍ୟାଚ୍‌ଟି ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ନିର୍ଦ୍ଧାରିତ ସମୟରେ ମ୍ୟାଚଟି ୦-୦ ରହିଥିଲା। ଅତିରିକ୍ତ ୩୦ ମିନିଟରେ ମଧ୍ୟ ଉଭୟ ଦଳ ପରସ୍ପର ବିପକ୍ଷରେ ସ୍କୋର କରିବାରେ ଅସମର୍ଥ ରହିଥିଲେ। ପେନାଲ୍ଟି ଶୁଟ୍ ଆଉଟକୁ ମ୍ୟାଚ ଯାଇଥିବା ବେଳେ ଏହା ମଧ୍ୟ ୩-୩ରେ ଅମୀମାଂସିତ ରହିଥିଲା। ସଡନ୍ ଡେଥ୍‌ରେ ମ୍ୟାଚ୍ ଫଇସଲା ହୋଇଥିବା ବେଳେ ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ସୁଇଡେନ୍ ବିଶ୍ୱ ମାନ୍ୟତାର ଏକ ନମ୍ବର ଦଳ ଆମେରିକାକୁ ପରାସ୍ତ କରିଛି। ପେନାଲ୍ଟି ଶୁଟ୍ ଆଉଟରେ ଆମେରିକା ପକ୍ଷରୁ ଆଣ୍ଡି ସୁଲିଭାନ୍, ଲିଣ୍ଡସେ ହୋରାନ୍, କ୍ରିଷ୍ଟି ମେଓ୍ୱିସ୍ ସ୍କୋର କରିଥିବା ବେଳେ ଷ୍ଟାର ଖେଳାଳି ମେଗାନ୍ ରାପିନୋ ଓ ସୋଫିଆ ସ୍ମିଥ୍ ବିଫଳ ହୋଇଥିଲେ। ସେହିପରି ସୁଇଡେନ୍ ପକ୍ଷରୁ ଫ୍ରିଡୋଲିନା ରୁଲ୍‌ଫୋ, ଏଲିନ୍ ରୁବେନ୍‌ସନ୍ ଓ ହାନ୍ନା ବେନିସନ୍ ସ୍କୋର କରିଥିବା ବେଳେ ନାତାଲି ବୋର୍ନ ଓ ରେବେକା ବ୍ଲୋମକୋଭେଷ୍ଟଙ୍କ ଶଟ୍ ପୋଷ୍ଟ ବାହାରକୁ ଯାଇଥିଲା। ସଡନ୍ ଡେଥ୍‌ରେ ଆମେରିକୀୟ ଗୋଲ୍‌କିପର ଆଲିସିଆ ନାହେର ସ୍କୋର କରିଥିବା ବେଳେ ସୁଇଡେନ୍ ପକ୍ଷରୁ ମାଗଡାଲେନା ଏରିକ୍‌ସନ୍ ସ୍କୋର କରିଥିଲେ। କେଲେଓ ହାରାଙ୍କ ଶଟ୍ ବାର୍‌ରେ ବାଜି ଫେରି ଆସିବାରୁ ଆମେରିକା ଶଟ୍ ମିସ୍ କରିଥିବା ବେଳେ ସୁଇଡେନ୍ ପକ୍ଷରୁ ବିଜୟ ସୂଚକ ଗୋଲ ଦେଇଥିଲେ ଲିନା ହର୍ଟିଗ୍। ନିର୍ଦ୍ଧାରିତ ସମୟର ଖେଳରେ ଆମେରିକା ୫୮ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ଆମେରିକା ଖେଳାଳି ୨୨ଟି ଶଟ୍ ମାରିଥିବା ବେଳେ ଏଥିରୁ ୧୧ଟି ଟାର୍ଗେଟରେ ମଧ୍ୟ ରହିଥିଲା। ତେବେ ସୁଇଡେନ୍ ଗୋଲକିପର ଜେକିରା ମୁସୋଭିକ୍ ଏହାକୁ ରୋକିବାରେ ସମର୍ଥ ହୋଇଥିଲେ। ସୁଇଡେନ୍ କ୍ୱାର୍ଟର ଫାଇନାଲରେ ଜାପାନକୁ ଭେଟିବ।




ପ୍ଲେୟର ଅଫ୍ ଦି ମ୍ୟାଚ ଟ୍ରଫି ସହ ସୁଇଡେନର ଜେକିରା ମୁସୋଭିକ୍।

**ଆମେରିକା ଇତିହାସର ଖରାପ ପ୍ରଦର୍ଶନ:** ଆମେରିକା ଫୁଟବଲ ଇତିହାସରେ ଏହା ସବୁଠାରୁ ଖରାପ ପ୍ରଦର୍ଶନ। ୪ ଥର ଟାଇଟଲ ଜିତି ସାରିଥିବା ଆମେରିକା ପ୍ରଥମ ଥର ପାଇଁ ସେମି ଫାଇନାଲ ପ୍ରବେଶରେ ବିଫଳ ହୋଇଛି।

**କ୍ୱାର୍ଟରରେ ନେଦରଲାଣ୍ଡ୍ସ:** ପ୍ରଥମ ଥର ନକ୍‌ଆଉଟରେ ପ୍ରବେଶ କରିଥିବା ଦକ୍ଷିଣ ଆଫ୍ରିକାକୁ ୨-୦ରେ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛି ନେଦରଲାଣ୍ଡ୍ସ। ଦଳ ପକ୍ଷରୁ ଜିଲ୍ ରୁର୍ଡ ମ୍ୟାଚ୍‌ର ନବମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଲିନେଥ୍ ବିରନ୍‌ଷ୍ଟେନ୍ ଦ୍ୱିତୀୟ ଗୋଲ ଦେଇଥିଲେ।

# ଭାରତ ଆସିବାକୁ ପାକିସ୍ତାନ କ୍ରିକେଟ ଦଳକୁ ଅନୁମତି

କରାଚୀ, ୬।୮ (ପି.ଟି.)

ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ୨୦୨୩ରେ ଖେଳିବା ପାଇଁ ପାକିସ୍ତାନ ସରକାର ରବିବାର ଦେଶର ସିନିୟର ପୁରୁଷ କ୍ରିକେଟ ଦଳକୁ ଭାରତ ଯିବା ଲାଗି ଅନୁମତି ପ୍ରଦାନ କରିଛି। ତେବେ ଦଳର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିବା ସହ ଏନେଇ ଆଇସିସି ଓ ବିସିସିଆଇର ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛି। ଭାରତରେ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ହେବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ମ୍ୟାଚ ଅକ୍ଟୋବର ୧୫ ପରିବର୍ତ୍ତେ ଅକ୍ଟୋବର ୧୪ରେ ଅହମଦାବାଦରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ହେଲେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଏପର୍ଯ୍ୟନ୍ତ ଏହା ସ୍ପଷ୍ଟ କରାଯାଇ ନାହିଁ। ବୈଦେଶିକ ମନ୍ତ୍ରଣାଳୟ ଏକ ପ୍ରେସ୍ ଇସ୍ତାହାରରେ କହିଛି, ଖେଳ ସହିତ ରାଜନୀତିକୁ ମିଶ୍ରଣ ନ କରିବା ଲାଗି ପାକିସ୍ତାନ ବାରମ୍ବାର କହିଆସିଛି। ଆଗାମୀ ବିଶ୍ୱକପ୍‌ରେ ଭାଗ ନେବାଲାଗି ଭାରତକୁ ଦଳ ପଠାଇବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତି ଅନ୍ତର୍ଜାତୀୟ କ୍ରୀଡ଼ା ସମ୍ବନ୍ଧୀୟ ଦାୟିତ୍ୱ ପୂରଣ କ୍ଷେତ୍ରରେ ଅନ୍ତରାୟ ନ ହେଉ। ଭାରତ ଗସ୍ତ ସମୟରେ ପାକିସ୍ତାନ ଦଳକୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ନିରାପତ୍ତା ଯୋଗାଇ ଦିଆଯିବ ବୋଲି ଆମେ ଆଶା କରୁଛୁ। ଏସିଆ କପ୍ ଖେଳିବା ଲାଗି ପାକିସ୍ତାନକୁ ଦଳ ପଠାଇବା ଲାଗି ଭାରତ ମନା କରିଦେଇଥିଲା। ଏହା ସତ୍ତ୍ୱେ ଭାରତକୁ ଦଳ ପଠାଇବା ଲାଗି ପାକିସ୍ତାନ ରାଜି ହେବା ଏକ ଗଠନମୂଳକ ନିଷ୍ପତ୍ତି ବୋଲି କୁହାଯାଉଛି। ୫୦ ଓଭର ବିଶିଷ୍ଟ ଇଭେଣ୍ଟରେ ଜାତୀୟ ଦଳର ଅଂଶଗ୍ରହଣ ନେଇ ଦୀର୍ଘ ସମୟ ଧରି ଦେଖା ଦେଇଥିବା ଅନିଶ୍ଚିତତାର ଅବସାନ ଘଟିଛି। ଏସିଆ କପ୍ ୨୦୨୩ ଖେଳିବା ପାଇଁ ପାକିସ୍ତାନ ଗସ୍ତ କରିବା ଲାଗି ଭାରତ ରାଜି ନ ହେବା ପରେ ଏହାର ପୂର୍ବତନ ଖେଳାଳି ତଥା ପିସିବି ମୁଖ୍ୟ ରମିଜ ରାଜା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଶ୍ୱକପ୍ ଖେଳିବା ଲାଗି ପାକିସ୍ତାନ ଭାରତ ଗସ୍ତରେ ଯିବ ନାହିଁ ବୋଲି ସେ ଧମକ ଦେଇଥିଲେ। ଫଳରେ ପାକିସ୍ତାନର ଅଂଶଗ୍ରହଣ ନେଇ ଅନିଶ୍ଚିତତା ଦେଖା ଦେଇଥିଲା। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି)ର ନିଷ୍ପତ୍ତି ଅନୁସାରେ ଏସିଆ କପ୍ ବର୍ତ୍ତମାନ ହାଇବ୍ରିଡ୍ ମଡେଲ ଅନୁସାରେ ଖେଳାଯିବ। ଏହା ଅଗଷ୍ଟ ୩୦ରେ ଆରମ୍ଭ ହେବ। ପାକିସ୍ତାନରେ ୪ଟି ମ୍ୟାଚ ଖେଳାଯିବାକୁଥିବା ବେଳେ ଫାଇନାଲ ସମେତ ଅବଶିଷ୍ଟ ୯ଟି ମ୍ୟାଚ ଶ୍ରୀଲଙ୍କାରେ ହେବ। କିଛି ଦିନ ତଳେ ପିସିବି ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନିକଟକୁ ପତ୍ର ଲେଖିଥିଲା। ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଖେଳିବା ଲାଗି ଭାରତ ଯିବା ପାଇଁ ଅନୁମତି ମାଗିଥିଲେ। ଏହାର ଏକ ନକଲ ଆଭ୍ୟନ୍ତରୀଣ ଓ ବୈଦେଶିକ ମନ୍ତ୍ରଣାଳୟ ନିକଟକୁ ମଧ୍ୟ ପଠାଯାଇଥିଲା। ପାକିସ୍ତାନ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବ କି ନା ସେ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଶରିଫ ବୈଦେଶିକ ମନ୍ତ୍ରୀ ବିଲାଓ୍ୱାଲ ଭୁଟ୍ଟୋଙ୍କ ଅଧ୍ୟକ୍ଷତାରେ ଏକ କଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ପାକିସ୍ତାନ ଶେଷ ଥର ପାଇଁ ୨୦୧୬ରେ ଆଇସିସି ଟି୨୦ ବିଶ୍ୱକପ୍ ଖେଳିବା ଲାଗି ଭାରତ ଗସ୍ତ କରିଥିଲା।







# ପ୍ରମୋଦଙ୍କୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ

**ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**



କୋଚ୍ ଶିବପ୍ରସାଦ ଦାସଙ୍କ ସହ ପ୍ରମୋଦ ଭଗତ ଓ ଦୀପ ରଞ୍ଜନ ବିଷୋୟୀ।

ଭୁବନେଶ୍ୱର, ୬।୮
(ତପନ ସ୍ୱାଇଁ)

ଇଂଲଣ୍ଡର ଶେଫିଲ୍ଡଠାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ସେ ପୁରୁଷ ଡବଲ୍ସରେ ସ୍ୱର୍ଣ୍ଣ ଏବଂ ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସରେ ରୌପ୍ୟ ପାଇଛନ୍ତି।

ପ୍ରମୋଦ ଓ ସୁକାନ୍ତ କଦମ ଯୋଡି ଡବଲ୍ସ ଫାଇନାଲରେ ନିଜ ଦେଶର ଦୀପ ରଞ୍ଜନ ବିଷୋଇ ଓ ମନୋଜ ସରକାରଙ୍କୁ ସିଧସଳଖ ୧୭-୨୧, ୧୭-୨୧ରେ ପରାସ୍ତ କରିଛନ୍ତି। ଫଳରେ ଓଡ଼ିଶାର ଦୀପ ରଞ୍ଜନ ଓ ମନୋଜ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ମନିଷା ରାମଦାସ ଯୋଡ଼ି ଇଣ୍ଡୋନେସିଆର ହିକମତ ରାମଦାନି ଓ ଲିଆନି ରାଟ୍ରି ଓକ୍‌ଟିଲାଙ୍କଠାରୁ ୧୭-୨୧, ୧୭-୨୧ରେ ହାରି ଯାଇଛନ୍ତି। ସେହିପରି ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡର ଡାନିଏଲ ବେଥେଲଙ୍କଠାରୁ ୮-୨୧,୧୦-୨୧ରେ ପରାସ୍ତ ହୋଇଛନ୍ତି। ଓଡ଼ିଶାର ଅନ୍ୟ ୨ ଖେଳାଳି ଦିଲେଶ୍ୱର ରାଓ ଓ ଶୁଭ୍ରଜିତ ମହାରଣା ଡବଲ୍ସର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ଓଡ଼ିଶାରୁ ୪ ଖେଳାଳିଙ୍କ ସହିତ କୋଚ୍ ଶିବ ପ୍ରସାଦ ଦାସ ଇଂଲଣ୍ଡ ଯାତ୍ରା କରିଥିଲେ।

# ଭାରତୀୟ ସୁଇମିଂ ଦଳ ଫାଇନାଲରେ

**ଓ୍ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

ଭୁବନେଶ୍ୱର, ୬।୮
(ତପନ ସ୍ୱାଇଁ)

ଚାଇନାର ଚେଙ୍ଗଡୁଠାରେ ଚାଲିଥିବା ଓ୍ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ପୁରୁଷ ସୁଇମିଂ ଦଳ ପ୍ରଭାବୀ ପ୍ରଦର୍ଶନ କରି ୪x୨୦୦ ମିଟର ଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତା ଇତିହାସରେ ଭାରତୀୟ ଦଳ ପ୍ରଥମଥରପାଇଁ ଏହି ସଫଳତା ପାଇଛି। ଶ୍ରୀହରି ନଟରାଜ, କ୍ରିଷ୍ଣା ରାଜେନ୍ଦ୍ର ଗଡଖ, ସୁନୀଲ କୁମାର ଗୌଡ଼ା ଅନିଶ ଓ କୁଶାଗ୍ର ରାଓ୍ୱତଙ୍କୁ ନେଇ ଭାରତୀୟ ସୁଇମିଂ ଦଳ ଗଠିତ। ତେବେ ଭାରତୀୟ ପୁରୁଷ ଫେନ୍‌ସିଂ ଦଳ ଇପି ଟିମ୍ ଇଭେଣ୍ଟରେ ନରୱେଠାରୁ ହାରିଯାଇ ବିଦାୟ ନେଇଛି। ସେହିପରି ପୁରୁଷ ଜାଭେଲିନ ଥ୍ରୋ ଫାଇନାଲ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ବିକ୍ରାନ୍ତ ମଲିକ ୭୦.୮୧ ମିଟର ସହ ୮ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ରବିବାର ଶେଷସୁଦ୍ଧା ଭାରତ ୧୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୦ ବ୍ରୋଞ୍ଜ ସହ ମୋଟ ୨୬ ପଦକ ପାଇ ତାଲିକାର ୬ଷ୍ଠ ସ୍ଥାନରେ ରହିଛି। ଚାଇନା ୮୯ ସ୍ୱର୍ଣ୍ଣ ସହ ୧୫୭, ଜାପାନ ୧୯ ସ୍ୱର୍ଣ୍ଣ ସହ ୭୮, ଦକ୍ଷିଣ କୋରିଆ ୧୭ ସ୍ୱର୍ଣ୍ଣ ସହ ୫୨, ପୋଲାଣ୍ଡ ୧୪ ସ୍ୱର୍ଣ୍ଣ ସହ ୩୭ ଓ ଇଟାଲି ୧୩ ସ୍ୱର୍ଣ୍ଣ ସହ ୪୫ ପଦକ ପାଇ ପ୍ରଥମ ୫ ସ୍ଥାନରେ ରହିଛନ୍ତି।




ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ସୁଇମିଂ ଦଳ।

## ପ୍ରଣୟ ଅଷ୍ଟ୍ରେଲିଆନ୍ ଓପନ ରନରଅପ୍

**ସିଡ୍‌ନୀ, ୬।୮ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ.ଏସ୍. ପ୍ରଣୟ ଅଷ୍ଟ୍ରେଲିଆନ ଓପନ ରନରଅପ୍ ହୋଇଛନ୍ତି। ରବିବାର ଏକ ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଚାଇନାର ୱେଙ୍ଗ୍ ହଙ୍ଗ୍ ୟାଙ୍ଗ୍ ତାଙ୍କୁ ବିଶ୍ୱର ୨୪ ନମ୍ବର ମାନ୍ୟତାପ୍ରାପ୍ତ ଚାଇନାର ୱେଙ୍ଗ୍ ହଙ୍ଗ୍ ୟାଙ୍ଗ୍‌ଙ୍କଠାରୁ ୯-୨୧, ୨୩-୨୧, ୨୦-୨୨ରେ ହାରିଯାଇଛନ୍ତି। ଏହି ମ୍ୟାଚ ୯୦ ମିନିଟ୍ ଧରି ଚାଲିଥିଲା। ୨୪ବର୍ଷୀୟ ୱେଙ୍ଗ୍ ଗତବର୍ଷ କୋରିଆ ଓପନ ଏବଂ ୨୦୧୯ରେ ଚାଇନା ମାଷ୍ଟର୍ସ ଜିତିଥିଲେ। ରବିବାର ପ୍ରଣୟଙ୍କ ବିପକ୍ଷରେ ବିଜୟ ଦ୍ୱାରା ସେ ଗତ ମେ'ରେ ଅନୁଷ୍ଠିତ ମାଲେସିଆ ମାଷ୍ଟର୍ସ ଫାଇନାଲ ପରାଜୟର ପ୍ରତିଶୋଧ ନେଇ ପାରିଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ